ISSN No. : 2583-147X (P)

ବାସ୍ତବତାର ପରିପ୍ରକାଶ

ପ୍ରାଚୀ

PRACHEE

ମଇ ୨୦୨୩

ମୂଲ୍ୟ : ୨୫ ଟଙ୍କା





ମୁଖ୍ୟ ଉପଦେଷ୍ଟା
କବି ଜୟନ୍ତ ମହାପାତ୍ର

ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ
ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ

ବାସ୍ତବତାର ପରିପ୍ରକାଶ

ପ୍ରାଚୀ

ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ

ଜୀବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଲିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ନବମ ବର୍ଷର ଦ୍ୱିତୀୟ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

ସଂପାଦକ

ଓଁ 'ପ୍ରାଚୀ'ର କଲମ ଌ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ....
- ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ ....
- ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି ....
- ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।
  କିନ୍ତୁ ପ୍ରଦୂଷଣ ଆଜି ମତେ ....
- ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ....
- ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ....
- ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା ....
- ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ....
- ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ....
- ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ....
- ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

ପ୍ରାଚୀ

Vol.- 9, May 2023, Issue No. II
ISSN NO. 2583-147X(P)
RNI No. : ODIODI/2015/64435
P.R. No. : CK(C)/96/2022-2024

ଉପଦେଷ୍ଟା ମଣ୍ଡଳୀ
ଡକ୍ଟର ପାବକ କାନୁନ୍‌ଗୋ
ଡକ୍ଟର ମନ୍ଦାକିନୀ ଦାସ
ଶ୍ରୀଯୁକ୍ତ କୃଷ୍ଣ ପ୍ରସାଦ ଦାସ
ସମୀକ୍ଷକ ମଣ୍ଡଳୀ
ପ୍ରଫେସର ବୈଷ୍ଣବ ଚରଣ ସାମଲ
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
ପ୍ରଫେସର ଆଦିକନ୍ଦ ସାହୁ
ଅବସରପ୍ରାପ୍ତ ପ୍ରଫେସର, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର
ପ୍ରଫେସର ମଣୀନ୍ଦ୍ର କୁମାର ମେହେର
ପ୍ରଫେସର, ଓଡ଼ିଆ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
ପ୍ରଫେସର ଶରତ କୁମାର ପଳିତା
ପ୍ରଫେସର, ଜୈବ ବିବିଧତା ଓ ପ୍ରାକୃତିକ ସଂସାଧନ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
ସଂପାଦକ
ଡକ୍ଟର ବିଭୂଦତ୍ତ ଖଣ୍ଡାୟତରାୟ
ସମ୍ପାଦନା ସହଯୋଗୀ :
ପ୍ରାଚୀ ପ୍ରଯୁକ୍ତା
ସଂପାଦନା ମଣ୍ଡଳୀ
ଡକ୍ଟର ନାରାୟଣ ମହାନ୍ତି-
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଦର୍ଶନ ବିଭାଗ
ଡକ୍ଟର ଆଦିତ୍ୟ ପ୍ରତାପ ଧଳ
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ
ପ୍ରଫେସର ଅଞ୍ଜୁମନ ଆରା
ହିନ୍ଦୀ ବିଭାଗ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ
ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ
ଅଧ୍ୟାପକ, ହିନ୍ଦୀ ବିଭାଗ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
ଡକ୍ଟର ଆଲୋକ ବରାଳ
ମୁଖ୍ୟ, ଓଡ଼ିଆ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
ଡକ୍ଟର ନେତାଜୀ ଅଭିନନ୍ଦନ
ସହାୟକ ପ୍ରଫେସର, ରାଜନୀତିବିଜ୍ଞାନ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ
ଡକ୍ଟର ଦିପକ କୁମାର ଦାଶ
ଅଧ୍ୟାପକ, ରାଜନୀତିବିଜ୍ଞାନ ବିଭାଗ,
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ର
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ
ଡକ୍ଟର ନୀରୋଦ କୁମାର ମନ୍ତ୍ରୀ
ଅଧ୍ୟାପକ, ଓଡ଼ିଆ ବିଭାଗ,
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ କଲେଜ
ଡକ୍ଟର ବିଦ୍ୟୁତପ୍ରଭା ରାଉତ
ଅଧ୍ୟାପିକା, ଓଡ଼ିଆ ବିଭାଗ,
ସିମୁଳିଗୁଡ଼ା ମହାବିଦ୍ୟାଳୟ, କୋରାପୁଟ
ଡକ୍ଟର ସୁମନ୍ତ ସ୍ୱାଇଁ
ସହାୟକ ପ୍ରଫେସର, ଆଇ.ଆଇ.ଏଚ୍.ଏମ୍.ଆର, ନୂଆଦିଲ୍ଲୀ
ଡକ୍ଟର ମମତା ଖଣ୍ଡାୟତରାୟ
ବିଭାଗୀୟ ମୁଖ୍ୟ, ରାଜନୀତିବିଜ୍ଞାନ ବିଭାଗ,
ପାରାଦୀପ କଲେଜ, ପାରାଦୀପ
ଡିଟିପି :
ପ୍ରଶାନ୍ତି ସାଇଁ
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
ବିଭୁପ୍ରସାଦ ନାୟକ
ଅଳଙ୍କରଣ :
ବିଜୟ କୁମାର ସାହୁ
ବିଜ୍ଞାପନ ଅଧିକାରୀ :
ଅବିନାଶ ଦାଶ
ବିତରଣ ଅଧିକାରୀ :
ରାଜେନ୍ଦ୍ର ବାରିକ
ମୁଦ୍ରଣ :
ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍
ନୂଆବଜାର, କଟକ - ୪

ଏଇ ସଂଖ୍ୟାରେ...

କାବ୍ୟର ପ୍ରେରଣା ଓ ପ୍ରୟୋଜନ
– ଡକ୍ଟର ଶରତ କୁମାର ଜେନା ୦୭

ଓଡ଼ିଶାର ଲୋକୋକ୍ତିରେ ଉଦ୍ଭିଦ ଜଗତ
– ଡକ୍ଟର ବସନ୍ତ କୁମାର ସାହୁ ୧୩

ଓଡ଼ିଆ ଆଦିବାସୀ ଉପନ୍ୟାସରେ ନାରୀ
– ବର୍ଷା ମିଶ୍ର ୨୦

ଦିଲ୍ଲୀଶ୍ୱରଙ୍କ ନାଟ୍ୟଜଗତ
– ଜ୍ୟୋତିସ୍ନିଗ୍ଧା ସାହୁ ୨୭

ନାଟ୍ୟକାର କମଳଲୋଚନ ମହାନ୍ତିଙ୍କ ନାଟ୍ୟଜଗତ
– ପ୍ରମୋଦିନୀ ସ୍ୱାଇଁ ୩୫

'ଆଗ୍ନେୟଗିରିରେ ବଣଭୋଜି' ଉପନ୍ୟାସରେ ଭ୍ରମଣ ପ୍ରସଙ୍ଗ
– ପବିତ୍ର ଦାସ ୪୯

PRACHEE MONTHLY ADVT. TARIFF

Back Cover (Colour)
Rs. 20,000/-

2nd Inner Cover (Colour)
Rs. 10,000/-

3rd Inner Cover (Colour)
Rs. 10,000/-

Ordinary Colour Page
Rs. 5000/-

Black & White (News Print)
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

For Space booking please contact The Advertising Manager
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011

ପ୍ରାଚୀର ନିୟମାବଳୀ

- "ପ୍ରାଚୀ" ଏକ ମାସିକ ଗବେଷଣାଧର୍ମୀ ISSN ସଂଯୁକ୍ତ ମାନକ Peer Reviewed ପତ୍ରିକା ଅଟେ ।
- "ପ୍ରାଚୀ" ର ସ୍ୱତନ୍ତ୍ର ଗବେଷଣା ବିଭାଗରେ ସାହିତ୍ୟ, ସମାଜ, ସଂସ୍କୃତି, କଳା, ଇତିହାସ,ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶିତ ହୋଇଥାଏ ।
- "ପ୍ରାଚୀ" ଯୁବପୀଢ଼ିଙ୍କର ଗବେଷଣାକୁ ଏକ ଉଚିତ ଦିଶା ଓ ଆଭିମୁଖ୍ୟ ପ୍ରଦାନ କରିବା ପାଇଁ ନିଜର ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି । ଲେଖାଗୁଡ଼ିକ ଗବେଷଣାର ଆଭିମୁଖ୍ୟ ଓ ସରଞ୍ଜନାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରି ପ୍ରେରଣା କରିବାକୁ ସମସ୍ତଙ୍କୁ ଅନୁରୋଧ । ଗବେଷଣାତ୍ମକ ଆଲେଖ୍ୟର ଆଦର୍ଶ, ନିୟମ ଓ ମୂଲ୍ୟବୋଧ ପ୍ରତି ସଚେତନ ରହି ସର୍ବଦା ଗବେଷଣାର ମୌଳିକତାକୁ ଦୃଷ୍ଟିରେ ରଖି ଲେଖକମାନେ ନିଜର ଲେଖା ପ୍ରେରଣ କରନ୍ତୁ ଏବଂ ଆବଶ୍ୟକସ୍ଥଳେ ଅନୁଷଙ୍ଗ ସୂଚୀର ସଂଯୋଗ କରନ୍ତୁ ।
- ଏହି ପତ୍ରିକାରେ ମଧ୍ୟ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ, ଭ୍ରମଣ କାହାଣୀ, ପରିବେଶଜନିତ ଲେଖା ଓ କବିତା ପରିପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିସ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡିଶା, ପିନ୍-୭୫୩୦୦୪ କିମ୍ବା ପାଠକ ପାଠିକାମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ । ଲେଖା ଗୁଡ଼ିକ ପେଜ୍ ମେକର ଫରମାଟ, ଆକୃତି ସାରଳା ଫଣ୍ଟରେ ଟାଇପ କରି ଦେବାକୁ ଅନୁରୋଧ ନଚେତ୍ ଲେଖା ଗ୍ରହଣଯୋଗ୍ୟ ହେବନାହିଁ ।**

ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!

କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ

ଶ୍ରୀମତୀ/ଶ୍ରୀ ....

ଠିକଣା .... ପିନ୍‌କୋର୍ଡ଼ ....

ମୋବାଇଲ୍ ନମ୍ବର .... ଇ-ମେଲ୍ ....

ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)

ଚେକ୍ ନମ୍ବର... ତାରିଖ..

ବ୍ୟାଙ୍କ୍... ସ୍ଥାନ..

ତାରିଖ.. ଦସ୍ତଖତ...

ବାସ୍ତବତାର ପରିପ୍ରକାଶ "ପ୍ରାଚୀ"

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheenews.com

ISSN -2583-147X(P), Vol.- 9, Issue No.II, May 2023
Bastabatara Pariprakash Prachee
Peer Reviewed and Referred Research Journal

କାବ୍ୟର ପ୍ରେରଣା ଓ ପ୍ରୟୋଜନ

ଡକ୍ଟର ଶରତ କୁମାର ଜେନା

କାବ୍ୟର ପ୍ରେରଣା କିଏ ଓ ଏହାର ପ୍ରୟୋଜନ କାହିଁକି ରହିଛି, ଏହି ପ୍ରଶ୍ନକୁ ନେଇ ଆଦିକାଳରୁ ଏଯାବତ୍ ଆଲୋଚକମାନଙ୍କ ମଧ୍ୟରେ ଦେଖାଦେଇଛି ବହୁ ବାଦବିବାଦ। ତଥାପି ଏହାର କୌଣସି ସ୍ପଷ୍ଟ ଉତ୍ତର ମିଳିପାରିନାହିଁ। କାରଣ ଅଧିକାଂଶ ଆଲୋଚକ 'ପ୍ରେରଣା' ଶବ୍ଦଟିକୁ ବୋଧହୁଏ ଠିକ୍ ଅର୍ଥରେ ଗ୍ରହଣ କରିନାହାନ୍ତି। ପ୍ରାୟତଃ ସେମାନେ 'ପ୍ରେରଣା' ଓ 'ପ୍ରୟୋଜନ'କୁ ଗୋଟିଏ ଅର୍ଥରେ ନେଇ ପ୍ରେରଣା ସମ୍ବନ୍ଧୀୟ ବିବେଚନକୁ ପ୍ରୟୋଜନ ସମ୍ବନ୍ଧୀୟ କଥାରେ ବ୍ୟକ୍ତ କରିଛନ୍ତି। 'ପ୍ରେରଣା'ର ସମ୍ବନ୍ଧ ସେହି ବ୍ୟକ୍ତି, ବସ୍ତୁ, ଘଟଣା ବା ଦୃଶ୍ୟରେ ରହିଥାଏ, ଯାହା କବିଙ୍କୁ କାବ୍ୟ ରଚନାରେ ପ୍ରବୃତ୍ତ କରିଥାଏ। ଅନ୍ୟ ପକ୍ଷରେ କାବ୍ୟର ପ୍ରୟୋଜନ ଯାହା ସେଥିରୁ ପ୍ରାପ୍ତ ଲାଭରୁ ହୋଇଥାଏ । ପ୍ରେରଣା ସହ ସମ୍ବନ୍ଧିତ ବିଷୟର ସ୍ଥିତି କାବ୍ୟ ରଚନାର ପୂର୍ବରୁ ରହିଥାଏ, କିନ୍ତୁ 'ପ୍ରୟୋଜନ' ସହ ସମ୍ବନ୍ଧ ରଖିବା ପଦାର୍ଥ କାବ୍ୟ ରଚନାରେ କବିଙ୍କ ଅନନ୍ତର ଉପଲବ୍ଧ ହୋଇଥାଏ। ବେଳେବେଳେ ପ୍ରେରଣା ଓ ପ୍ରୟୋଜନ ସମାନ ହୋଇଥାନ୍ତି। ଯେତେବେଳେ କବିର ପ୍ରେରଣା ସ୍ରୋତ ଆଉ କିଛି ନହୋଇ ତାଙ୍କ ରଚନାରେ ହେବାକୁ ଥିବା ଲାଭର ବିଚାର ହିଁ ହୋଇଥାଏ, ସେତେବେଳେ ସେଠାରେ କାବ୍ୟରଚନାର ପ୍ରେରଣାସ୍ରୋତ ଓ ଏହାର ପ୍ରୟୋଜନ ଦୁଇଟିକୁ ସମାନ ଭାବେ ଗଣନା କରାଯିବ। କିନ୍ତୁ ଏହି ବିଶେଷ ପରିସ୍ଥିତି ବ୍ୟତୀତ ଅନ୍ୟତ୍ର ଏହି ଦୁଇଟିର ପାରସ୍ପରିକ ପାର୍ଥକ୍ୟକୁ ଲକ୍ଷ୍ୟ କରିବା ଆବଶ୍ୟକ। ଦ୍ୱିତୀୟ କାରଣ ହେଉଛି, କାବ୍ୟ ପ୍ରେରଣା ଉପରେ ବିଚାର କରିବା ସମୟରେ କବି, ଆଲୋଚକ, ଦାର୍ଶନିକ ଓ ମନୋବିଜ୍ଞାନୀମାନଙ୍କ ପରସ୍ପର ବିରୋଧ ମନ୍ତବ୍ୟକୁ ବିଶ୍ଳେଷଣ ନକରି ଯଥାଯର୍ଥ ଦର୍ଶାଯାଉଛି, ଯୋଉଥିପାଇଁ ଏ ପ୍ରଶ୍ନ ସମାଧାନ ନ ହୋଇ ଅଧିକ କୌତୁହଳ ସୃଷ୍ଟି କରୁଛି। ତୃତୀୟତଃ, କବି ବା ସାହିତ୍ୟିକଙ୍କ ବ୍ୟକ୍ତିଗତ ରୁଚି ଓ ଦେଶ ଅନୁସାରେ ବି ତାଙ୍କର ପ୍ରେରଣା ସ୍ରୋତରେ ଭିନ୍ନତା ଦେଖାଦେଇଥାଏ। କିନ୍ତୁ ଏହାକୁ ମ୍ନ ଆଲୋଚକମାନେ ବିଶେଷ ସମ୍ମାନ ଦେଇନାହାନ୍ତି। ଚତୁର୍ଥତଃ, କାବ୍ୟର ବିଭିନ୍ନ ରୂପ ଓ ଶୈଳୀ ଅନୁସାରେ ମଧ୍ୟ ଏହାର ପ୍ରେରଣା ସ୍ରୋତ ପରସ୍ପର ଅଲଗା ହୋଇଯାଏ। ଏଣୁ କାହାଣୀ, ଉପନ୍ୟାସ, ନାଟକ ଆଦି ବିଭିନ୍ନ ପ୍ରକାର ରଚନାର ପଶ୍ଚାତ୍‌ରେ ସବୁଠି ଏକାଭଳି ପ୍ରେରଣାତତ୍ତ୍ୱ ଖୋଜିବା ଉଚିତ ନୁହେଁ । ଏ ସମ୍ପର୍କରେ ଥିବା ପ୍ରଶ୍ନକୁ ବିଚାରକମାନେ ଉପେକ୍ଷା କରିଯାଇଛନ୍ତି । ଏଣୁ କାବ୍ୟର ମୂଳ ପ୍ରେରଣାଗୁଡ଼ିକ ଉପରେ ସମ୍ୟକ ଭାବେ ବିଚାର କରିବା ନିମନ୍ତେ ଏହି ଚାରୋଟି ଅସାବଧାନତାରୁ ମୁକୁଳିବା ଆବଶ୍ୟକ।

ଆଦିକବି ବାଲ୍ମିକୀଙ୍କ ସମ୍ବନ୍ଧରେ କୁହାଯାଏ, କୌଞ୍ଚ ବଧ ଘଟଣାରୁ ତାଙ୍କୁ କାବ୍ୟ ରଚନାର ପ୍ରେରଣା ମିଳିଥିଲା। ଏକାକୀ ପକ୍ଷୀର ଶୋକ ବିହ୍ୱଳ ଅବସ୍ଥା ଦେଖି ଶୋକାନୁଭୂତିରେ ଉଦ୍‌ବେଳିତ ହୋଇଉଠିଥିଲା କବିଙ୍କ ହୃଦୟ ଓ ଅନାୟାସରେ ଉଚ୍ଚାରିତ ହୋଇଥିଲା ଦୁଇ ପଂକ୍ତିର ଶ୍ଳୋକ। ଏହି ସାକ୍ଷ୍ୟକୁ ଆଧାର କରି ଦୁଇଟି ନିଷ୍କର୍ଷରେ ପହଞ୍ଚାଯାଇପାରେ। ପ୍ରଥମତଃ, ଜୀବନରେ ଘଟିଥିବା ପ୍ରତ୍ୟକ୍ଷ ଘଟଣାରୁ ଓ ଦ୍ୱିତୀୟତଃ ଶୋକାନୁଭୂତିରୁ କାବ୍ୟରଚନା ନିମନ୍ତେ ପ୍ରେରଣା ମିଳିଥାଏ। ତେବେ ଏହି ଦୁଇଟି ନିଷ୍କର୍ଷରୁ କାହାକୁ ଅଧିକ ମହତ୍ତ୍ୱ ଦିଆଯିବ ? ଘଟଣାକୁ ନା ଅନୁଭୂତିକୁ ? ଘଟଣାର ଅଭାବରେ ଅନୁଭୂତିର ଉଦ୍ରେକ ହୁଏନାହିଁ ଓ ଅନୁଭୂତି ଉଦ୍ରେକ ବିନା ଘଟଣା ପ୍ରଭାବଶୂନ୍ୟ ମନେ ହୋଇଥାଏ। ଏଣୁ ଦୁଇଟିର ସମାନ ମହତ୍ୱ ରହିଛି। ଜୀବନରେ ଘଟଣା ତ ବହୁତ ଆସିଥାଏ, କିନ୍ତୁ ସବୁ ଘଟଣାରେ ଏମିତି ଅନୁଭୂତି ମିଳେ ନାହିଁ, ଯେଉଁଥିରେ କାବ୍ୟ ରଚନା ନିମନ୍ତେ ପ୍ରେରଣା ମିଳିବ।

ଏହି ଦୁଇଟି ଭିତରେ ସମନ୍ୱୟ ସ୍ଥାପିତ କରି କୁହାଯାଇପାରେ ଯେ, ମାର୍ମିକ ଘଟଣାର ଅନୁଭୂତି ହିଁ କାବ୍ୟ ରଚନାର ପ୍ରେରଣା ପ୍ରଦାନ କରିଥାଏ ।

ମହାକବି କାଳିଦାସଙ୍କ 'ମେଘଦୂତ'ର ପ୍ରେରଣା ସ୍ରୋତ ସ୍ୱୟଂ ପ୍ରିୟା ବିରହ ବୋଲି କୁହାଯାଏ । ଏଠାରେ ବି ଉପଯୁକ୍ତ କାରଣ ନିର୍ଣ୍ଣୟ କରାଯାଇପାରେ । ଗାଥାର ସପ୍ତଶତୀର ଲେଖକ ନିଜ କାବ୍ୟର ଆରମ୍ଭରେ କହିଥିଲେ ଯେ, ରସିକ ମାନଙ୍କୁ କାମଶିକ୍ଷା ପ୍ରଦାନ କରିବା କାବ୍ୟ ରଚନାର ହେତୁ ଯାହାକୁ ଆମେ ପ୍ରେରଣା ନ କହି 'ଉଦ୍ଦେଶ୍ୟ' ବୋଲି ଭାବିବା ଉଚିତ ହେବ । ଗୀତଗୋବିନ୍ଦକାର ଜୟଦେବ ମଧ୍ୟ ହରି ସ୍ମରଣ ଓ ବିଳାସ-କଳାର ଉତ୍ସୁକତା ଶାନ୍ତ କରିବା ନିଜ କାବ୍ୟର ଲକ୍ଷ୍ୟ ବୋଲି କହିଥିଲେ । ଏହା ମଧ୍ୟ କାବ୍ୟପ୍ରେରଣାର କାରଣ ନହୋଇ ଏହାର ପ୍ରୟୋଜନ ବା ଲକ୍ଷ୍ୟ ଅଟେ ।

ଓଡ଼ିଆ କାବ୍ୟକ୍ଷେତ୍ରକୁ ଲକ୍ଷ୍ୟ କଲେ ଜଣାଯାଏ, ପ୍ରାଚୀନ ଯୁଗରୁ ଆରମ୍ଭ କରି ଆଧୁନିକ ଯୁଗ ପର୍ଯ୍ୟନ୍ତ କବିମାନେ ଭିନ୍ନ ଭିନ୍ନ ଭାବରେ ପ୍ରେରିତ ହୋଇ କାବ୍ୟ ରଚନାରେ ମନୋନିବେଶ ହୋଇଛନ୍ତି । ଆଦିକବି ସାରଳା ଦାସ ନିଜ ଗ୍ରନ୍ଥମାନଙ୍କରେ ସର୍ବତ୍ର କହି ଆସିଛନ୍ତି ଯେ, ସେ କେବଳ ସାରଳାଙ୍କ ପ୍ରସାଦରୁ, ତାଙ୍କର ସ୍ୱପ୍ନାଦେଶରେ ନିଜର କୃତିମାନ ରଚନା କରିଛନ୍ତି । ସେହିପରି ବଙ୍ଗଳାରେ ସାରଳାଙ୍କ ସମସାମୟିକ କବି ବଡୁ ଚଣ୍ଡୀଦାସ ମଧ୍ୟ ତାଙ୍କ ଇଷ୍ଟଦେବୀ ବାସେଳୀଙ୍କ କୃପାରେ କବିତ୍ୱ ଲାଭ କରିଥିବା କଥା ବର୍ଣ୍ଣିତ ଅଛି । ମଧ୍ୟଯୁଗୀୟ ରମ୍ୟ ଓଡ଼ିଆ ସାହିତ୍ୟରେ ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥ ପ୍ରମୁଖ କବିମାନେ ନିଜ ନିଜ ଇଷ୍ଟଦେବୀଙ୍କଠାରୁ ପ୍ରେରଣା ଲାଭ କରିଥିବା ବିଷୟ ନିଜ କାବ୍ୟରେ ବର୍ଣ୍ଣନା କରିଯାଇଛନ୍ତି ।

ଉପରୋକ୍ତ ପର୍ଯ୍ୟାଲୋଚନାରୁ ସ୍ପଷ୍ଟ ବୁଝାଯାଏ ଯେ, ବିଭିନ୍ନ ଯୁଗରେ ତଥା ବିଭିନ୍ନ ବର୍ଗର କବିମାନଙ୍କ କାବ୍ୟପ୍ରେରଣାର ମୂଳାଧାର ମଧ୍ୟ ଭିନ୍ନ ଭିନ୍ନ ଅଟେ । ଏହାକୁ ନିମ୍ନୋକ୍ତ ପ୍ରକାରେ ବିଭାଜନ କରାଯାଇପାରେ । ଯଥା-

(୧) ବାହ୍ୟ ପ୍ରକୃତି ଓ ଜଗତର କୌଣସି ଦୃଶ୍ୟ, ଘଟଣା, ପରିସ୍ଥିତି ବା ଅବସ୍ଥାର ପ୍ରଭାବ

(୨) କୌଣସି ଅନ୍ୟ ବ୍ୟକ୍ତି, ଆଶ୍ରୟଦାତା, ଗୁରୁ, ଆଚାର୍ଯ୍ୟ ବା ମିତ୍ରର ପ୍ରେରଣା

(୩) କୌଣସି ବିଚାର ବା ଜୀବନଦର୍ଶନର ପ୍ରଭାବ

(୪) ଲୌକିକ ବା ଅଲୌକିକ ପ୍ରଣୟ, ବିରହ, ବା ଶୋକର ଅନୁଭୂତି ।

ବସ୍ତୁତଃ ପ୍ରଥମ ତିନୋଟି ବର୍ଗର ଉପାଦାନ ମଧ୍ୟ ସେହି ସ୍ଥିତିକୁ ପ୍ରଭାବିତ କରିଥାଏ, ଯେତେବେଳେ ସେଗୁଡ଼ିକ କବିର ଅନୁଭୂତିର ବିଷୟ ହୋଇଥାଏ । ଏଣୁ ନିଷ୍କର୍ଷରେ କୁହାଯାଇପାରେ ଯେ, ପ୍ରକୃତି, ଜଗତ, ବ୍ୟକ୍ତି ଆଦିର ସଂପର୍କକୁ ଉତ୍ପନ୍ନ ହେଉଥିବା କୌଣସି ବିଚାର ବା ଭାବର ଅନୁଭୂତି କାବ୍ୟପ୍ରେରଣାର ମୂଳସ୍ରୋତ ହୋଇଥାଏ ।

ଏଠାରେ ପ୍ରଶ୍ନ ଉଠେ ଯେ, ଆମର ସବୁ ଅନୁଭୂତିଗୁଡ଼ିକ କାହିଁକି କାବ୍ୟପ୍ରେରଣାର ରୂପ ଗ୍ରହଣ କରେ ନାହିଁ ? ଏହାର ଉତ୍ତର ହେବ ଯେ, ପ୍ରତ୍ୟେକ ବ୍ୟକ୍ତିର ଅନୁଭୂତି କାବ୍ୟ ପ୍ରେରଣା ହୋଇପାରିବ ନାହିଁ । ଯେଉଁ ବ୍ୟକ୍ତିଠାରେ କାବ୍ୟ ରଚନାର ପ୍ରତିଭା ଓ ଶକ୍ତି ଥାଏ ତାଙ୍କର ଅନୁଭୂତି ଗୁଡ଼ିକ କାବ୍ୟ ରଚନାର ପ୍ରେରଣା ହୋଇଥାଏ । ଏହାବ୍ୟତୀତ ଅନୁଭୂତି ଗୁଡ଼ିକର ସଘନତା ଓ ମାର୍ମିକତାର ପରିଣାମ ମଧ୍ୟ ମହତ୍ତ୍ୱପୂର୍ଣ୍ଣ ହୋଇଥାଏ । କିଛି ବିଶିଷ୍ଟ ବ୍ୟକ୍ତିଙ୍କ କିଛି ବିଶେଷ ସମୟର କିଛି ବିଶେଷ ମାର୍ମିକ ଅନୁଭୂତି ମଧ୍ୟ କବିଙ୍କ ହୃଦୟକୁ କାବ୍ୟ ରଚନା ନିମନ୍ତେ ପ୍ରେରିତ କରିଥାଏ, ଏହା ମଧ୍ୟ ଏକ କାରଣ ହୋଇପାରେ ।

ବିଭିନ୍ନ ବିଦ୍ୱାନମାନଙ୍କ ମତ :

କାବ୍ୟ ପ୍ରେରଣା ସମ୍ବନ୍ଧରେ ବହୁ ପାଶ୍ଚାତ୍ୟ ଓ ପ୍ରାଚ୍ୟ ବିଦ୍ୱାନ୍ ନିଜର ବିଚାର ବ୍ୟକ୍ତ କରିଛନ୍ତି । ପ୍ରସିଦ୍ଧ ଦାର୍ଶନିକ ସକ୍ରେଟିସ୍ ଦୈବୀପ୍ରେରଣାକୁ କାବ୍ୟର ପ୍ରେରଣା ଭାବେ ମାନିଥିଲେ । ତାଙ୍କର ବିଚାର ଥିଲା, ଯେତେବେଳେ ଈଶ୍ୱର ଜଗତର ମନୁଷ୍ୟମାନଙ୍କ ସହିତ କଥାବାର୍ତ୍ତା କରିବା ପାଇଁ ଚାହାନ୍ତି, ସେତେବେଳେ ସେ କବିଙ୍କ ବାଣୀ ମାଧ୍ୟମରେ ନିଜକୁ ବ୍ୟକ୍ତ କରୁଛନ୍ତି । ସମ୍ଭବତଃ ଏହି ବିଚାରରେ କବିମାନଙ୍କ ଓ ତାଙ୍କ କବିତାର ଗୌରବ ବୃଦ୍ଧି ହୋଇଥାଏ । କିନ୍ତୁ ଏଥିରୁ କାବ୍ୟ ପ୍ରେରଣା ସମ୍ବନ୍ଧୀୟ ପ୍ରଶ୍ନର କୌଣସି ଯଥାର୍ଥ ଉତ୍ତର ମିଳେ ନାହିଁ । ସବୁ କବିତାର ପଛରେ ଦୈବୀ ପ୍ରେରଣା ହୋଇଥାଏ, ତେବେ କାବ୍ୟ କ୍ଷେତ୍ରରେ ଅନେକ ଅଶ୍ଳୀଳ, ଅପବିତ୍ର ଏବଂ କାମୁକତାପୂର୍ଣ୍ଣ ଦୃଶ୍ୟ ଦୃଷ୍ଟିଗୋଚର ହୋଇ ନଥାନ୍ତା କିମ୍ବା କବିତା ନାମରେ ଅକବିତା ସୃଷ୍ଟି ହୋଇନଥାନ୍ତା । ସକ୍ରେଟିସ୍‌ଙ୍କ ଶିଷ୍ୟ ପ୍ଲାଟୋ ଓ ପ୍ରଶିଷ୍ୟ ଆରିଷ୍ଟଟଲ୍ ଅନୁକରଣ ବୃତ୍ତିକୁ କାବ୍ୟପ୍ରେରଣାର ଆଧାର ବୋଲି କହିଥିଲେ । ସମ୍ଭବତଃ ନାଟକ ସୃଷ୍ଟିମୂଳରେ ଅନୁକରଣ ପ୍ରବୃତ୍ତିକୁ ସ୍ୱୀକାର କରାଯାଇପାରେ, କିନ୍ତୁ

କାବ୍ୟର ଅନ୍ୟାନ୍ୟ ଅଙ୍ଗ ଯଥା, କବିତା, କାହାଣୀ, ଉପନ୍ୟାସ ଆଦି କ୍ଷେତ୍ରରେ ଏହା ଉଚିତ ମନେହୁଏ ନାହିଁ । ଅନୁକରଣ କୌଣସି ପ୍ରସ୍ତୁତ ବସ୍ତୁ, ରୂପ ବା ଧ୍ୱନିକୁ କରାଯାଏ । କାବ୍ୟକୃତିଗୁଡ଼ିକର ନିର୍ମାଣ କେବଳ ସବୁବେଳେ ମୌଳିକ ହୋଇଥାଏ । ଏଣୁ ଏହି ମତକୁ ମଧ୍ୟ ଗ୍ରହଣ କରାଯାଇନପାରେ ।

ପ୍ରସିଦ୍ଧ ବିଚାରକ ହେଗେଲ୍‌ଙ୍କ ମତରେ ସୌନ୍ଦର୍ଯ୍ୟ, ପ୍ରେମ ଓ ଆତ୍ମାଭିବ୍ୟକ୍ତିର ପ୍ରବୃତ୍ତି କାବ୍ୟରଚନାର ମୂଳପ୍ରେରଣା ହୋଇଥାଏ । ଅଭିବ୍ୟଞ୍ଜନାବାଦର ପ୍ରବର୍ତ୍ତକ କ୍ରୋଚେ ମଧ୍ୟ ଆତ୍ମାଭିବ୍ୟଞ୍ଜନାକୁ କାବ୍ୟପ୍ରେରଣା ଭାବେ ମାନିଥିଲେ । ସେହିପରି ଭାରତୀୟ ବିଦ୍ୱାନମାନଙ୍କ ମଧ୍ୟରେ ରବୀନ୍ଦ୍ରନାଥ ଟାଗୋର ଏହି ମତକୁ ସମର୍ଥନ କରି ଲେଖିଥିଲେ– "ଆମର ମନରେ ଓ ଭାବନାରେ ଥିବା ଏହି ସ୍ୱାଭାବିକ ପ୍ରବୃତ୍ତି, ଯାହା ଅନେକ ହୃଦୟରେ ନିଜକୁ ଅନୁଭୂତ କରୁଥାଏ । x x x ହୃଦୟ ଜଗତ ନିଜକୁ ବ୍ୟକ୍ତ କରିବା ନିମନ୍ତେ ଅହରହ ଆକୁଳ ହୋଇଥାଏ । ଏଣୁ ଚିରକାଳରୁ ମନୁଷ୍ୟର ହୃଦୟ ସାହିତ୍ୟର ବେଗ ହୋଇଥାଏ ।"

ହିନ୍ଦୀର ପ୍ରସିଦ୍ଧ ଆଲୋଚକ ଏବଂ ବିଦ୍ୱାନ ଶ୍ରୀ ନନ୍ଦଦୁଲାରେ ବାଜପେୟୀ ଏହି ପ୍ରଶ୍ନ ସମ୍ପର୍କରେ ବିସ୍ତାର ଭାବରେ ବିଚାର ବ୍ୟକ୍ତ କରି କହିଛନ୍ତି – 'କାବ୍ୟର ପ୍ରେରଣା ଅନୁଭୂତିରୁ ମିଳିଥାଏ । ଏହା ସ୍ୱତଃ ଏକ ଅନୁଭୂତ ତଥ୍ୟ ଅଟେ । ଗୋସ୍ୱାମୀ ତୁଳସୀ ଦାସ ରାମଚରିତ ମାନସ ରଚନା କରିବା ସମୟରେ ଲେଖିଥିଲେ– "ସ୍ୱାନ୍ତଃ ସୁଖାୟ ତୁଳସୀ ରଘୁନାଥଗାଥା ଭାଷାନିବନ୍ଧମତି-ମଞ୍ଜୁଳ-ମାତନୋତି ।" ସ୍ୱାନ୍ତଃ ସୁଖାୟ, ଅର୍ଥାତ୍ ଆତ୍ମାନୁଭୂତି ଯୋଉଥିରୁ କବିଙ୍କୁ ପ୍ରେରଣା ମିଳିଥାଏ । ରସବାଦୀମାନେ ବିଭାବ, ଅନୁଭବ ଓ ସଞ୍ଚାରୀ ଭାବରୁ କାବ୍ୟ ସୃଷ୍ଟି ହୁଏ ବୋଲି ମତବ୍ୟକ୍ତ କରିଛନ୍ତି ।

ଅତଏବ ଭିନ୍ନ ଭିନ୍ନ ଆଳଂକାରିକମାନେ କେତେବେଳେ ଆତ୍ମାଭିବ୍ୟଞ୍ଜନାକୁ, କେତେବେଳେ ଅନୁଭୂତିକୁ ପୁଣି କେତେବେଳେ ଆତ୍ମ ବିସ୍ତାରକୁ କାବ୍ୟର ପ୍ରେରଣା ଭାବେ ଗ୍ରହଣ କରି ଆସିଛନ୍ତି । ଏହି ତିନୋଟି ଶବ୍ଦ ପରସ୍ପର ମଧ୍ୟରେ ସ୍ଥୁଳ ଦୃଷ୍ଟିରେ ପ୍ରଭେଦ ଥିଲେ ମଧ୍ୟ ସୂକ୍ଷ୍ମ ଦୃଷ୍ଟିରେ ଗୋଟିଏ ଅର୍ଥର ଦ୍ୟୋତକ ହୋଇଥାନ୍ତି । ଅନୁଭୂତିରୁ ହିଁ ଆତ୍ମାଭିବ୍ୟକ୍ତି ହୋଇଥାଏ । କାରଣ ଅନୁଭୂତି ନଥିଲେ ଆତ୍ମାଭିବ୍ୟକ୍ତି କିପରି ହେବ ? ତେଣୁ ଭାବାନୁଭୂତି ଓ ଆତ୍ମାଭିବ୍ୟକ୍ତିରେ ହିଁ ହୃଦୟର ବିସ୍ତାର ହୋଇଥାଏ ଓ ଏହି ତିନୋଟି ମତ ଭାବାନୁଭୂତିର ପୋଷକ ହୋଇଥାନ୍ତି ।

ମନସ୍ତାତ୍ତ୍ୱିକମାନଙ୍କ ମତ :

କାବ୍ୟ ପ୍ରେରଣା ସମ୍ପର୍କରେ ବିଭିନ୍ନ ମନସ୍ତତ୍ତ୍ୱବିଦ ବହୁ ମୌଳିକ ବକ୍ତବ୍ୟ ପ୍ରଦାନ କରିଛନ୍ତି । ଫ୍ରୟେଡ୍ ଅତୃପ୍ତ କାମନା-ବାସନାକୁ ହିଁ କାବ୍ୟପ୍ରେରଣା ବୋଲି ମାନିଥିଲେ । ଆମ ହୃଦୟରେ ଥିବା ଅବଦମିତ କାମନା ନିଜ ବିକାଶର ମାର୍ଗ ଖୋଜି ଖୋଜି କାବ୍ୟ ବା କଳାସୃଷ୍ଟିରେ ସହାୟକ ହୋଇଥାଏ । ଫ୍ରୟେଡ୍‌ଙ୍କ ଶିଷ୍ୟ ଏଡ଼ଲର କହିଥିଲେ ଯେ- ହୀନମନ୍ୟତା ଭାବନା ହିଁ କାବ୍ୟପ୍ରେରଣାର ସ୍ରୋତ । ତାଙ୍କ ବିଚାର ଅନୁସାରେ ମଣିଷ ନିଜ ଅଭାବ ଓ ନ୍ୟୂନତାଗୁଡ଼ିକର ପୂର୍ତ୍ତି ସାହିତ୍ୟ ମାଧ୍ୟମରେ କରିଥାଏ । ୟଙ୍ଗ୍‌ଙ୍କ ବିଚାର ଅନୁସାରେ ମଣିଷର ସମ୍ପୂର୍ଣ୍ଣ କ୍ରିୟାଗୁଡ଼ିକର ଉଦ୍ଦେଶ୍ୟ ହେଉଛି ନିଜ ଅସ୍ତିତ୍ୱ ରକ୍ଷା କରିବା । ସାହିତ୍ୟ ହେଉଛି ମଣିଷର ଆତ୍ମରକ୍ଷା ପ୍ରବୃତ୍ତିର ପରିଣାମ । ବସ୍ତୁତଃ ଏହି ବିଦ୍ୱାନମାନେ ସାହିତ୍ୟକୁ ଗୋଟିଏ ସଙ୍କୁଚିତ ଦୃଷ୍ଟିକୋଣରେ ଦେଖି ନିଜ ମତ ସାବ୍ୟସ୍ତ କରିଛନ୍ତି । ଯଦି ଆମେ ସେମାନଙ୍କର ମାନ୍ୟତାଗୁଡ଼ିକୁ ବ୍ୟାପକ ଭାବରେ ଗ୍ରହଣ କରିବା, ତେବେ ସେମାନଙ୍କର ନିଷ୍କର୍ଷ ଠିକ୍ ଅର୍ଥର ଦ୍ୟୋତକ ହୋଇପାରିବ । ଫ୍ରୟେଡ୍ ଯାହାକୁ 'ଅତୃପ୍ତ ବାସନାଗୁଡ଼ିକର ତୃପ୍ତି' କହିଥିଲେ ତାକୁ ଯଦି ଅବ୍ୟକ୍ତ ଭାବନାର ଅଭିବ୍ୟକ୍ତି କୁହାଯାଏ କିମ୍ବା ଏଡ୍‌ଲରଙ୍କର 'ହୀନଭାବନା'ର ପୂର୍ତ୍ତି ସ୍ଥାନରେ 'ସଙ୍କୁଚିତ ଭାବନାର ବିସ୍ତାର' ଅଥବା ୟଙ୍ଗଙ୍କ 'ଆତ୍ମରକ୍ଷା' ରେ ଆତ୍ମାର ଅର୍ଥ 'ସୂକ୍ଷ୍ମ ଭାବଲୋକ' ଭାବରେ ଗ୍ରହଣ କଲେ ଏହାର ବ୍ୟାଖ୍ୟା ଠିକ୍ ହୋଇପାରିବ ବୋଲି ମନେହୁଏ ।

କାବ୍ୟର ବିଭିନ୍ନ ରୂପ ଓ କାବ୍ୟ ପ୍ରେରଣା :

ଲକ୍ଷ୍ୟକଲେ ଜଣାଯାଏ, ବିଭିନ୍ନ କବିଙ୍କ କାବ୍ୟପ୍ରେରଣାର ସ୍ଥୁଳ ଆଧାର ଗୁଡ଼ିକ ପରସ୍ପର ଅଲଗା ହୋଇଥାଏ । ସେମିତି କାବ୍ୟରୂପର ମୂଳ ପ୍ରେରଣା ଭୌତିକ ରୂପରେ ମଧ୍ୟ ଭିନ୍ନ ହୋଇଥାଏ । ଯେମିତିକି ପ୍ରବନ୍ଧ କାବ୍ୟଗୁଡ଼ିକ ମୁଖ୍ୟତଃ ନାୟକ ଚରିତ୍ରର ଗୁଣଗାନ ଦିଗରେ ପ୍ରେରିତ ହୋଇଥିବା ବେଳେ ମୁକ୍ତକ କାବ୍ୟ ଓ ଗୀତିକାବ୍ୟରେ ରଚୟିତାର ସ୍ୱାନୁଭୂତି ଗୁଡ଼ିକର ପ୍ରେରଣା ଅଧିକ ସଶକ୍ତ ହୋଇଥାଏ । ଉପନ୍ୟାସ ଓ କାହାଣୀରେ ଲେଖକର ଅନ୍ତର ଅପେକ୍ଷା ବାହ୍ୟ ଜଗତର ପ୍ରଭାବର ପ୍ରେରଣା ହୋଇଥିବା ବେଳେ ନିବନ୍ଧ ଓ ସମାଲୋଚନାରେ ନିଜ ବିଚାରବୋଧର ଲକ୍ଷ୍ୟ ମୁଖ୍ୟ ହୋଇଥାଏ । ଏଣୁ ବ୍ୟକ୍ତି ଓ ବିଷୟ ଅନୁସାରେ କାବ୍ୟ ପ୍ରେରଣାର ଅସଂଖ୍ୟ ସ୍ଥୁଳ ଆଧାର ଖୋଜା ଯାଇପାରେ, କିନ୍ତୁ ସୂକ୍ଷ୍ମ

ରୂପରେ ସମସ୍ତେ ଭାବାନୁଭୂତିକୁ ହିଁ ଖୋଜିଥାନ୍ତି । ଭାବନା ହେଉଛି କାବ୍ୟର ଶକ୍ତି ଓ ଏହି ଶକ୍ତିର ପ୍ରେରଣା ବିନା କୌଣସି ବିଚାର ବା ତର୍କ ଗତିଶୀଳ ହୋଇ କାବ୍ୟରୂପ ଧାରଣ କରିପାରେ ନାହିଁ । ଏଣୁ ମୋ ବିଚାର ଅନୁସାରେ ଯେ କୌଣସି ପ୍ରକାର ଭାବାନୁଭୂତି କବିଙ୍କୁ ଅଭିବ୍ୟକ୍ତି ନିମନ୍ତେ ପ୍ରେରଣା ଦେଇଥାଏ ଓ ତାଙ୍କର ଏହି ଅଭିବ୍ୟକ୍ତି ହିଁ କବିତାର ରୂପ ଧାରଣ କରିଥାଏ ।

କାବ୍ୟର ପ୍ରୟୋଜନ :

କାବ୍ୟର ପ୍ରୟୋଜନକୁ ନେଇ ଦୁଇ ପ୍ରକାର ଆଲୋଚନା କରାଯାଇପାରେ । କବି କାହିଁକି କାବ୍ୟ ରଚନା କରେ ଓ ପାଠକ କାହିଁକି କାବ୍ୟର ଅନୁଶୀଳନ କରିଥାଏ । ପ୍ରାୟତଃ ବିଦ୍ୱାନମାନେ ଏହା ସମ୍ପର୍କରେ ବିଚାର କରି ଦୁଇଟି ପକ୍ଷକୁ ମିଶେଇ ଦେଇଛନ୍ତି । କିନ୍ତୁ ଏହା ହୋଇନପାରେ । କବି ଓ ପାଠକ ଦୁହିଙ୍କର କାବ୍ୟ ପ୍ରୟୋଜନ କ୍ଷେତ୍ରରେ ଅନେକ କିଛି ପ୍ରଭେଦ ରହିଛି । ଏଣୁ ଆମେ କବିଙ୍କ ଦୃଷ୍ଟିକୋଣକୁ ବିଚାର କରିବା ଆବଶ୍ୟକ । 'କାବ୍ୟ ପ୍ରକାଶ'ର ରଚୟିତା ମମ୍ମଟ ନିଜ ଗ୍ରନ୍ଥରେ କାବ୍ୟ ନିର୍ମାଣର ପ୍ରୟୋଜନୀୟତା ସମ୍ପର୍କରେ କହିଛନ୍ତି:-

କାବ୍ୟଂ ଯଶସେଽର୍ଥକୃତେ
ବ୍ୟବହାରବିଦେ ଶିବେତରକ୍ଷତୟେ ।
ସଦ୍ୟଃ ପରନିର୍ବୃତୟେ କାନ୍ତା-
ମସ୍ମିତତୟୋପଦେଶୟୁଜେ ॥ (କାବ୍ୟପ୍ରକାଶ ୧/୨)

ଅର୍ଥାତ୍ ଯଶପ୍ରାପ୍ତି, ସମ୍ପତ୍ତି ଲାଭ, ସାମାଜିକ ବ୍ୟାବହାରିକ ଶିକ୍ଷା, ରୋଗାଦି ବିପତ୍ତିଗୁଡ଼ିକର ନାଶ, ତୁରନ୍ତ ହିଁ ଉଚ୍ଚକୋଟିର ଆନନ୍ଦର ଅନୁଭବ ଓ ପ୍ରେୟସୀ ଭଳି ମଧୁର ଉପଦେଶ ଦେବା ନିମନ୍ତେ କାବ୍ୟ ଉପାଦେୟ (ପ୍ରୟୋଜନୀୟ) ଅଟେ ।

ଉପରୋକ୍ତ ଶ୍ଳୋକକୁ ଆଧାର କରି କାବ୍ୟର ନିମ୍ନଲିଖିତ ପ୍ରୟୋଜନଗୁଡ଼ିକୁ ସ୍ୱୀକାର କରାଯାଇପାରେ ।

୧. ଯଶ ପ୍ରାପ୍ତି :

ପ୍ରାୟତଃ କବିମାନେ ଯଶପ୍ରାପ୍ତି ଉଦ୍ଦେଶ୍ୟରେ ହିଁ କାବ୍ୟ ରଚନାରେ ପ୍ରବୃତ୍ତି ହୋଇଥାନ୍ତି । କିଛି ମହାନ୍ କବି ଏମିତି ହୋଇଥାନ୍ତି, ଯେଉଁମାନଙ୍କର ଉଦ୍ଦେଶ୍ୟ ପ୍ରଥମରେ ହୁଏତ ଯଶପ୍ରାପ୍ତି ନିମନ୍ତେ ନ ହୋଇ ଥାଇପାରେ, କିନ୍ତୁ କାବ୍ୟ ରଚନା ଶେଷ ବେଳକୁ ସେ ନିଜ ରଚନାର ପ୍ରଶଂସା ଅବଶ୍ୟ ଚାହିଁଥାନ୍ତି । Aœ ûRûe Kþe ûAQò Fame is the last Infirmity of noble minds. (ପ୍ରସିଦ୍ଧି ବଡ଼ଲୋକମାନଙ୍କର ସବୁଠାରୁ ଶେଷ ଦୁର୍ବଳତା) ଏକଥା କବି ଓ ସାହିତ୍ୟିକମାନଙ୍କୁ ମଧ୍ୟ ଲାଗୁ ହୋଇଥାଏ ।

୨. ଅର୍ଥ ପ୍ରାପ୍ତି :

କାବ୍ୟର ଦ୍ୱିତୀୟ ମହତ୍ତ୍ୱପୂର୍ଣ୍ଣ ପ୍ରୟୋଜନ ହେଉଛି ଅର୍ଥ ବା ଧନ । ମଧ୍ୟଯୁଗରେ ଅଧିକାଂଶ ଦରବାରୀ କବିମାନେ ଧନପ୍ରାପ୍ତି ଉଦ୍ଦେଶ୍ୟରେ ହିଁ ନିଜର ଆଶ୍ରୟଦାତାଙ୍କୁ ପ୍ରଶଂସା କରି କାବ୍ୟ ଲେଖୁଥିଲେ । ହିନ୍ଦୀ କବି ବିହାରୀଲାଲ, ପ୍ରତ୍ୟେକ ଦୋହା ନିମନ୍ତେ ଗୋଟିଏ ସ୍ୱର୍ଣ୍ଣମୁଦ୍ରା ପାଉଥିଲେ । ଆଧୁନିକ ଯୁଗର ବହୁ କବିଙ୍କ ଉପରେ ଏହି କଥା ଲାଗୁ ହୋଇଥାଏ ।

୩. ବ୍ୟବହାର ଜ୍ଞାନ :

ଅନେକ କବି ନିଜର ନିକଟ ସମ୍ବନ୍ଧୀୟ, ମିତ୍ର ବା ପୁତ୍ରାଦିଙ୍କୁ ନୀତି ଓ ବ୍ୟାବହାରିକ ଶିକ୍ଷାଦେବା ନିମନ୍ତେ କାବ୍ୟ ରଚନା କରିଥାନ୍ତି ।

୪. ଲୋକହିତ:

ନିଜ ସମକାଳୀନ ଯୁଗ ଓ ସମାଜକୁ ଅନିଷ୍ଟରୁ ବଞ୍ଚାଇବା ନିମନ୍ତେ ମଧ୍ୟ କାବ୍ୟ ରଚନା କରାଯାଇଥାଏ । 'କୁରୁକ୍ଷେତ୍ର'ର ରଚୟିତା ଦିନକର ନିଜ କାବ୍ୟରେ ବିଶ୍ୱକୁ ଯୁଦ୍ଧ ଭଳି ଅନିଷ୍ଟରୁ ବଞ୍ଚାଇବା ନିମନ୍ତେ ଶାନ୍ତିର ସନ୍ଦେଶ ଦେଇଥିଲେ ।

୫. ଆତ୍ମଶାନ୍ତି :

କାବ୍ୟ ରଚନା ପରେ କବିମାନେ ଅପୂର୍ବ ଶାନ୍ତି ଓ ଆନନ୍ଦ ଅନୁଭବ କରିଥାନ୍ତି । ଏହାକୁ କାବ୍ୟର ପ୍ରୟୋଜନ ବୋଲି ସ୍ୱୀକାର କରାଯାଇପାରେ ।

୬. କାନ୍ତା-ସମ୍ମିତି ଉପଦେଶ :

ନିଜର ଉପଦେଶ, ବିଚାର ବା ସିଦ୍ଧାନ୍ତକୁ ମର୍ମସ୍ପର୍ଶୀ କରିବା ପାଇଁ କାବ୍ୟର ମାଧ୍ୟମ ନିଆଯାଇଥାଏ । କବୀର, ନାନକ ଆଦି ସନ୍ଥ କବିମାନେ ନିଜର ବିଚାରର ମାଧ୍ୟମ କବିତାରେ କରିଥିଲେ ।

କାବ୍ୟର ପ୍ରୟୋଜନ ସମ୍ପର୍କରେ ଭିନ୍ନଭିନ୍ନ କବି ଓ ଆଲୋଚକମାନେ ଭିନ୍ନ ଭିନ୍ନ ମତ ପୋଷଣ କରି ଆସିଛନ୍ତି । ସେମାନଙ୍କୁ ଦୁଇଟି ବର୍ଗରେ ବିଭାଜିତ କରାଯାଇପାରେ । ପ୍ରଥମତଃ, ବାସ୍ତବବାଦୀ ଦୃଷ୍ଟିକୋଣରୁ ବିଚାର କରୁଥିବା ଆଲୋଚକମାନେ କାବ୍ୟରେ କଣ ପ୍ରୟୋଜନ ଏହାକୁ ନେଇ ଆଲୋଚନା କରିଛନ୍ତି । ଦ୍ୱିତୀୟତଃ ଆଦର୍ଶବାଦୀ ଦୃଷ୍ଟିକୋଣରୁ ବିଚାର କରୁଥିବା ଆଲୋଚକମାନଙ୍କ ମତରେ କାବ୍ୟର ପ୍ରୟୋଜନ କ'ଣ ହେବା ଉଚିତ ? କବିଙ୍କର ପ୍ରୟୋଜନ କଣ ହୋଇଥାଏ ଓ କ'ଣ ହେବା

ଆବଶ୍ୟକ– ଏହା ଦୁଇଟି ଅଲଗା ଅଲଗା ପ୍ରଶ୍ନ । ପ୍ରଥମ ପ୍ରଶ୍ନର ଉତ୍ତରରେ ପ୍ରାୟତଃ ବିଦ୍ୱାନମାନେ ଏକମତ ହୋଇସାରିଛନ୍ତି । କିନ୍ତୁ ଦ୍ୱିତୀୟ ପ୍ରଶ୍ନକୁ ନେଇ ସନ୍ଦୀହାନ । କାରଣ ପ୍ରତ୍ୟେକ ପାଠକ ଓ ଆଲୋଚକ ସବୁବେଳେ ନିଜସ୍ୱ ଦୃଷ୍ଟିକୋଣକୁ ଗୁରୁତ୍ୱ ଦେଇଥାଏ । ଜଣେ ସମାଜ ସଂସ୍କାରକ ପାଠକ କବିଠାରୁ ସଂସ୍କାର କଥା ଆଶା କଲା ବେଳେ ଜଣେ ସାମ୍ୟବାଦୀ ସମର୍ଥକ କବିତାରେ ସାମାଜିକ କ୍ରାନ୍ତି ପ୍ରୟୋଜନ ବୋଲି ମନେ କରିବ । ଏହିଭଳି ବିଭିନ୍ନ ଧର୍ମ ସମ୍ପ୍ରଦାୟ ଓ ରାଜନୀତିକ ଦଳର ସଞ୍ଚାଳକମାନେ କବିଙ୍କୁ ନିଜ ନିଜ ଆବଶ୍ୟକତା ଅନୁରୂପ ପରାମର୍ଶ ଦେଇପାରନ୍ତି । ଏଣୁ ସାମଗ୍ରିକ ଭାବେ କୁହାଯାଇପାରେ ଯେ, କାବ୍ୟ ପ୍ରୟୋଜନ କ'ଣ ହେବା ଆବଶ୍ୟକ ? କେମିତି ହେବା ଆବଶ୍ୟକ ନୁହେଁ । ଅନ୍ତିମ ନିର୍ଣ୍ଣୟ ନେବା ପୂର୍ବରୁ ପାଶ୍ଚାତ୍ୟ ଆଲୋଚକମାନଙ୍କ ମନ୍ତବ୍ୟକୁ ଆଲୋଚନା କରାଯାଇପାରେ ।

ପାଶ୍ଚାତ୍ୟ ବିଦ୍ୱାନମାନଙ୍କ ମନ୍ତବ୍ୟ :

ପାଶ୍ଚାତ୍ୟ ଦେଶରେ କାବ୍ୟକୁ କଳା ଭାବରେ ଗ୍ରହଣ କରି ଏହାର ପ୍ରୟୋଜନ ସମ୍ବନ୍ଧରେ ବହୁ ଆଲୋଚକ ମତ ରଖିଛନ୍ତି । ସେଗୁଡ଼ିକ ହେଲା – (୧) କଳା ପାଇଁ କଳା, (୨) ଜୀବନ ପାଇଁ କଳା, (୩) ଜୀବନରୁ ପଳାୟନ ନିମନ୍ତେ କଳା, (୪) ଜୀବନରେ ପ୍ରବିଷ୍ଟ ହେବା ନିମନ୍ତେ କଳା, (୫) ସେବା ପାଇଁ କଳା, (୬) ଆତ୍ମାନୁଭୂତି ପାଇଁ କଳା, (୭) ଆନନ୍ଦ ପାଇଁ କଳା, (୮) ବିନୋଦ ପାଇଁ କଳା, (୯) ସର୍ଜନର ଅଦମ୍ୟ ଆବଶ୍ୟକତା ପୂର୍ତ୍ତି ନିମନ୍ତେ କଳା ।

'କଳା ପାଇଁ କଳା'– ଏହି ମତକୁ ସମର୍ଥନ କରୁଥିବା ପ୍ରବର୍ତ୍ତକମାନଙ୍କ ମଧ୍ୟରେ ଏ.ସି.ବ୍ରେଡ୍‌ଲେ, ଓସ୍କାର ୱାଇଲଡ୍, ଜି.ଇ.ସ୍ପିନ୍‌ଗାର୍ନ ପ୍ରମୁଖ ଅଟନ୍ତି । ସେମାନଙ୍କ ମତାନୁସାରେ କଳା ବା କଳାକାରର ଏକମାତ୍ର ଲକ୍ଷ୍ୟ ହେଉଛି ସୌନ୍ଦର୍ଯ୍ୟ ସୃଷ୍ଟି କରିବା । ଏଣୁ କଳାକାରଠାରୁ ନୀତି, ଧର୍ମ, ଉପଦେଶ ପ୍ରଦାନ ଆଦି ଆଶା କରିବା ଅନୁଚିତ । ଜି.ଇ.ସ୍ପିନ୍‌ଗାର୍ନଙ୍କ ମତରେ – "we have done with all moral judgiment of art. some said that poetry was mean to instuct, some merely to please. some to do both. Romantic Criticisn first enunciated the principle hat art has no aim except expression that its aim is complete when expression is complete, that beuaty has its own excuse for being." ଅର୍ଥାତ୍ କଳାକୁ ନୈତିକ ଦୃଷ୍ଟିରେ ପରୀକ୍ଷା କରିବାର ପରମ୍ପରାକୁ ଆମେ ସମାପ୍ତ କରିଦେଲୁ । କିଛି ଆଲୋଚକ କହୁଥିଲେ ଯେ, କବିତାର ଉଦ୍ଦେଶ୍ୟ କେବଳ ଶିକ୍ଷା ପ୍ରଦାନ କରିବା, ଆଉ କିଛିଙ୍କ ମତରେ କବିତା କେବଳ ଆନନ୍ଦ ପ୍ରଦାନ କରିବା ପାଇଁ ଉଦ୍ଦିଷ୍ଟ ଏବଂ ଆଉ କିଛି ଲୋକ ଏ ଦୁଇଟି ଉପରେ ଗୁରୁତ୍ୱ ଦେଉଥିଲେ । କିନ୍ତୁ ରୋମାଣ୍ଟିକ୍ ସମୀକ୍ଷା ପଦ୍ଧତି ସବୁଠାରୁ ପ୍ରଥମେ ଏହି ସିଦ୍ଧାନ୍ତ ସ୍ଥାପିତ କରିଥିଲା ଯେ, କଳାର ଲକ୍ଷ୍ୟ କେବଳ ଅଭିବ୍ୟକ୍ତି ଅଟେ । ଅଭିବ୍ୟକ୍ତି ପୂର୍ଣ୍ଣ ହେବାମାତ୍ରେ କଳାର ଲକ୍ଷ୍ୟ ପୂର୍ଣ୍ଣ ହୋଇଥାଏ । ଏହି ମତାନୁସାରେ ଜଣେ କଳାକାର ବା କବି ସମସ୍ତ ବାହ୍ୟ ବନ୍ଧନରୁ ମୁକ୍ତ । କଳାର ସର୍ବପ୍ରଥମ ଲକ୍ଷ୍ୟ କଳାକୁ ଗ୍ରହଣ କରାଯାଏ । ତଥାପି ଏହାର ସମ୍ବନ୍ଧ କିଛି ଅନ୍ୟାନ୍ୟ କଥାରେ ନିହିତ ଅଛି । ଜଣେ କଳାକାର ଯେତେବେଳେ କୌଣସି କଳାକୃତିକୁ ନିର୍ମାଣ କରେ, ତେବେ ତାହାର ଲକ୍ଷ୍ୟ ପୁରା ହୋଇଯାଏ । ତଥାପି ସେ ତାର ରଚନାକୁ ପ୍ରକାଶକଙ୍କ ପାଖକୁ ପଠେଇଥାଏ କାହିଁକି ? କବି ବା ଲେଖକ ନିଜ ରଚନାକୁ ନିଜ ଭିତରେ କାହିଁକି ସୀମିତ ରଖନ୍ତି ନାହିଁ ? ଅବଶ୍ୟ ଏଥିରେ ଯଶପ୍ରାପ୍ତି, ଧନପ୍ରାପ୍ତି ବା ଅନ୍ୟ କିଛି ପ୍ରାପ୍ତିର ଆଶା ରହିଥାଏ । ଏଣୁ କଳାର ପ୍ରୟୋଜନ କଳା ପାଇଁ ହେଲେ ମଧ୍ୟ, କଳାକାରର ପ୍ରୟୋଜନ ତାଠାରୁ ଟିକିଏ ଭିନ୍ନ ହୋଇଥାଏ । ଉଦାହରଣତଃ ଗୋଟିଏ ସଡ଼କରେ ଲକ୍ଷ୍ୟ ଦିଲ୍ଲୀ ହୋଇପାରେ, କିନ୍ତୁ ସେଇ ସଡ଼କରେ ଚାଲୁଥିବା ପଥିକର ଲକ୍ଷ୍ୟ ଦିଲ୍ଲୀ ନ ହୋଇ ସେଇ କାର୍ଯ୍ୟ ହୋଇଥାଏ ଯାହା ଦିଲ୍ଲୀରେ ହିଁ ସମ୍ପନ୍ନ ହୋଇଥାଏ । ଅତଏବ କଳାପାଇଁ 'କଳା'ର ଅର୍ଥ 'କଳା ପାଇଁ କଳାକାର' ନୁହେଁ । ଆମର ପ୍ରଶ୍ନ କଳାକାରର ପ୍ରୟୋଜନ ସମ୍ବନ୍ଧିତ, ଯାହାର ଉତ୍ତର ଏଠାରେ ମିଳେ ନାହିଁ ।

ଦ୍ୱିତୀୟ ମତ 'ଜୀବନ ପାଇଁ କଳା'ରେ ଜୀବନ କାହାର ? ଏହି ପ୍ରଶ୍ନ ଉଠେ । ଲେଖକର ନା ପାଠକର ? ଜୀବନର ସମ୍ବନ୍ଧ ଖାଦ୍ୟ, ବସ୍ତ୍ର ଓ ବାସଗୃହ ସହ ମଧ୍ୟ ରହିଛି, ଯାହା ଧନ ମାଧ୍ୟମରେ ପ୍ରାପ୍ତ ହୋଇଥାଏ । ତେବେ ଅପରପକ୍ଷରେ ଉଚ୍ଚକୋଟିର ବିଚାର, ଭାବନା ଓ ସୌନ୍ଦର୍ଯ୍ୟରେ ମଧ୍ୟ ମିଳିଥାଏ । ଅନେକ ପାଶ୍ଚାତ୍ୟ ବିଦ୍ୱାନ ଏସବୁ ଆଢୁଆଳରେ କବିତାର ଲକ୍ଷ୍ୟ ନୈତିକତା, ଉପଯୋଗିତା ଆଦି କଥା କହିଛନ୍ତି । ତେବେ ପ୍ରଶ୍ନ ହେଉଛି ସମାଜକୁ ନୀତିଶିକ୍ଷା ଦେଲେ କବିଙ୍କୁ କ'ଣ ମିଳିଥାଏ ? ବସ୍ତୁତଃ ଏହି ମତର ପ୍ରଚାରକ 'ଜୀବନ'ର ଅର୍ଥ 'ଜୀବନର କଷ୍ଟ' ମନେ କରନ୍ତି । ତାଙ୍କ ବିଚାର ଅନୁସାରେ, ଯେଉଁମାନେ ସଂସାରର ବିଷମତା ଓ କଠିନତାକୁ ସାମ୍ନା କରିପାରନ୍ତି ନାହିଁ, ସେମାନେ କାବ୍ୟ ଉପବନରେ ଶରଣ ନେଇଥାନ୍ତି କିମ୍ବା ଅଲଗା ଶବ୍ଦରେ ନିଜ ଦୁଃଖକୁ ଭୁଲିବା ପାଇଁ କାବ୍ୟ ରଚନା କରିଥାନ୍ତି । ଏହି ମତର ସମର୍ଥନରେ

ରାଧାମୋହନ ଗଡ଼ନାୟକଙ୍କ କବିତାକୁ ଲକ୍ଷ୍ୟ କରାଯାଇପାରେ-

କବି ହେବା ପାଇଁ ବାସନା ମୋହର
ପ୍ରବଳ ଭାରିରେ ପ୍ରବଳ ଭାରି
ନୀଳ ଆକାଶର ପକ୍ଷୀଟିଏ ସମ
ଉଡୁଥାଏ ସିଏ ଦରିଆ ପାରିରେ ଦରିଆ ପାରି ।
କିମ୍ବା
କବି ହେବା ପାଇଁ ବାସନା ମୋହର
କବିତା ଲେଖେ ମୁଁ କବିତା ଲେଖେ
କବିତା ପରମ ପ୍ରେୟସୀ ମୋର
କବିତା ପରମ ଶ୍ରେୟସୀ ମୋର
ଅନ୍ତରେ ତାର ମୂରତି ଦେଖେ ।

ଏହିଭଳି କବି ହୃଦୟରେ ଶହଶହ କଳ୍ପନା ସମୟ ସମୟରେ ଉଦ୍‌ବେଳିତ ହେଉଥାଏ । ତେଣୁ ଏସବୁକୁ କାବ୍ୟର ପ୍ରୟୋଜନ ବୋଲି ମନେକରିବା ଉଚିତ ନୁହେଁ । ଜଣେ କବି ସ୍ୱର୍ଗପ୍ରାପ୍ତିର ଆକାଂକ୍ଷା ବ୍ୟକ୍ତ କରିଥାଏ, ଅନ୍ୟ ଜଣେ ବୀରତ୍ୱ ଭାବନାର ଅଭିବ୍ୟକ୍ତି ପ୍ରଦାନ କଲାବେଳେ କେହି କେହି ଦୀନଦୁଃଖୀମାନଙ୍କର ଜୀବନ ଚିତ୍ର ବର୍ଣ୍ଣନା କରିଥାନ୍ତି । ଏହାର ତାତ୍ପର୍ଯ୍ୟ ନୁହେଁ ଯେ, ସେ କ୍ରମଶଃ ସ୍ୱର୍ଗପ୍ରାପ୍ତି ନିମନ୍ତେ କିମ୍ବା ଯୁଦ୍ଧ କରିବା ନିମନ୍ତେ କିମ୍ବା ଗରିବ ହେବା ପାଇଁ କାବ୍ୟ ରଚନା କରିଥାନ୍ତି । ଏହା ବ୍ୟତୀତ ସବୁ ରଚନାରେ ପଳାୟନ ମନୋବୃତ୍ତି ନଥାଏ । ଏଣୁ ସବୁ କବି ଯେ ଗୋଟିଏ ନିର୍ଦ୍ଦିଷ୍ଟ ବିଷୟକୁ ଭାବିବେ ଏହାର କୌଣସି ମାନେ ନଥାଏ ।

ଅନ୍ୟ କିଛି ବିଦ୍ୱାନଙ୍କ ମତରେ ସବୁବେଳେ କଳା ଜୀବନରେ ପ୍ରବିଷ୍ଟ ହେବା ନିମନ୍ତେ ଉଦ୍ଦିଷ୍ଟ । ତାକୁ ବିଶ୍ଳେଷଣ କଲେ ଜଣାଯାଏ । ମଣିଷ ଜନ୍ମଗ୍ରହଣ କରିବା ମାତ୍ରେ ହିଁ ଜୀବନରେ ପ୍ରବିଷ୍ଟ ହୋଇଥାଏ । ତେଣୁ ଏଠାରେ ଜୀବନର ଅର୍ଥ ଜୀବନର ସୌନ୍ଦର୍ଯ୍ୟ ବା ଜୀବନର ରହସ୍ୟ ।

'ସେବା ପାଇଁ କଳା'- ର ବ୍ୟାଖ୍ୟା କରି ଆଚାର୍ଯ୍ୟ ଗୁଲାବରାୟ କହିଥିଲେ- "ଡ଼ାକ୍ତରଖାନାରେ ରୋଗୀଙ୍କୁ କବିତା ଶୁଣାଇବା, ସଙ୍ଗୀତ ଶୁଣାଇବା କଳାର ସେବାପକ୍ଷ ହୋଇଥାଏ ।" ତେବେ ଏଥିପ୍ରତି ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୁଏ ଯେ କେବେ ରୋଗୀମାନଙ୍କ ପାଇଁ କବିତା ସୃଷ୍ଟି ହୁଏ । ଅବଶ୍ୟ ମୁମୂର୍ଷୁ ଅବସ୍ଥାରେ ବା ମୃତ୍ୟୁପୂର୍ବରୁ ଦୁଇ ଚାରିପଦ ଭାଗବତ ଶୁଣାଇଲେ କିମ୍ବା ଦେବାଦେବୀ ସ୍ତୁତି ଶୁଣାଇଲେ ଆତ୍ମା ମୋକ୍ଷପ୍ରାପ୍ତି ହୋଇଥାଏ ବୋଲି କୁହାଯାଏ । ତାହାର ଅର୍ଥ ନୁହେଁ ଯେ ଜଗନ୍ନାଥ ଦାସ 'ଭାଗବତ'କୁ ରୋଗୀମାନଙ୍କ ନିମନ୍ତେ ବା ସେବା ମନୋଭାବ ନେଇ ଲେଖିଥିଲେ ।

'ଆତ୍ମାନୁଭୂତି ନିମନ୍ତେ କଳା' ଓ 'ଆନନ୍ଦ ପାଇଁ କଳା'- ଏହି ଦୁଇଟି ବିଚାରରେ ପରସ୍ପର ମଧ୍ୟରେ ଏତେ ସାମ୍ୟ ଅଛି ଯେ, ଦୁଇଟିକୁ ଏକ ବୋଲି କୁହାଯାଇପାରେ । କଳାକାରକୁ ଆନନ୍ଦର ଅନୁଭୂତି ତ ହୋଇଥାଏ, ତେବେ ଏହାଠାରୁ ଭିନ୍ନ କୌଣସି ନା କୌଣସି ପ୍ରୟୋଜନ ଅବଶ୍ୟ ରହିଛି । ଅନ୍ୟଥା ସେ ନିଜର ସୃଷ୍ଟିକୁ ସେ ଅନ୍ୟମାନଙ୍କ ସମ୍ମୁଖରେ ପ୍ରସ୍ତୁତ କରିନଥାନ୍ତା । ଯେଉଁ ଆଲୋଚକମାନେ 'କଳା ମନୋବିନୋଦ ପାଇଁ' ବୋଲି ମନେ କରନ୍ତି, ସେମାନଙ୍କ କଥା ମଧ୍ୟ ଏହା ସହିତ ସମାନ । ମୋ ବିଚାରରେ ଆତ୍ମାନୁଭୂତି, ଆନନ୍ଦ, ମନୋବିନୋଦ ଆଦିର ସମ୍ବନ୍ଧ କଳାକାର ଅପେକ୍ଷା ପାଠକ ଉପରେ ଅଧିକ ହୋଇଥାଏ । ତେବେ ଏକଥା ମଧ୍ୟ ସ୍ୱୀକାର କରାଯାଇପାରେ ଯେ ଅନେକ କବି 'ସୃଜନର ଅବଶ୍ୟ ଆବଶ୍ୟକତା'କୁ ପ୍ରେରିତ ହୋଇ କାବ୍ୟ ରଚନା କରିଥାନ୍ତି । ଏହା ବ୍ୟତୀତ ସେମାନଙ୍କର ଆଉ କୌଣସି ପ୍ରୟୋଜନ ନଥାଏ ।

ଉପରୋକ୍ତ ମନ୍ତବ୍ୟଗୁଡ଼ିକୁ ବିଶ୍ଳେଷଣ କଲେ ଜଣାଯାଏ ଯେ, 'କଳା' କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ପ୍ରୟୋଜନ ନିମନ୍ତେ ସୃଷ୍ଟି ହୋଇନଥାଏ । ସବୁ କବିଙ୍କର ବିଚାରଧାରା ବି ଗୋଟିଏ ପ୍ରକାର ନଥାଏ । କିଛି କବି ସୃଜନର ଅଦମ୍ୟ ଆକାଂକ୍ଷାରେ ପ୍ରେରିତ ହୋଇ କବିତା ରଚନା କଲାବେଳେ; କିଛି ଯଶ, ଧନ ତଥା ମାନମର୍ଯ୍ୟାଦା ପ୍ରାପ୍ତି ଓ ଆଉ କିଛି ନିଜ ଇଷ୍ଟଦେବଙ୍କୁ ବା ଆଶ୍ରୟଦାତାଙ୍କ ସନ୍ତୁଷ୍ଟି ନିମନ୍ତେ ଓ ଅନ୍ୟକିଛି ନିଜ ମତ ବିଚାର ଓ ସିଦ୍ଧାନ୍ତକୁ ପ୍ରଚାର ଦୃଷ୍ଟିରୁ କାବ୍ୟ ରଚନା କରିଥାନ୍ତି ।

ଅଧ୍ୟାପକ, ଓଡ଼ିଆ ବିଭାଗ,
ବିଶ୍ୱଭାରତୀ, ଶାନ୍ତିନିକେତନ-୭୩୧୨୩୫(ପ.ବ)
ଦୂରଭାଷ : ୯୭୪୯୭୭୩୪୯୯

ISSN -2583-147X(P), **Vol.- 9, Issue No.II, May 2023**
Bastabatara Pariprakash Prachee
Peer Reviewed and Referred Research Journal

ଓଡ଼ିଶାର ଲୋକୋକ୍ତିରେ ଉଦ୍ଭିଦ ଜଗତ

ଡକ୍ଟର ବସନ୍ତ କୁମାର ସାହୁ

ସୃଷ୍ଟିରେ ମନୁଷ୍ୟ ସମାଜ ଉଦ୍ଭିଦ ଜଗତ ସହିତ ଓତଃପ୍ରୋତ ଭାବେ ଜଡ଼ିତ । ମଣିଷର ଧର୍ମ ବିଶ୍ୱାସ, ବସ୍ତୁ ସଂସ୍କୃତି ଓ ଅନ୍ୟାନ୍ୟ ସମସ୍ତ ଜୀବନଚର୍ଯ୍ୟାରେ ପ୍ରକୃତିର ବରଦ ହସ୍ତକୁ ଅନୁଭବ କରାଯାଇ ପାରେ । ପ୍ରକୃତିକୁ ଆଧାରକରି ସୃଷ୍ଟିରେ ମଣିଷ ନିଜର ସ୍ଥିତାବସ୍ଥା ବଜାୟ ରଖିପାରିଛି ।

ମଣିଷର କିଛିନା କିଛି ଉପକାରରେ ଉଦ୍ଭିଦ ପ୍ରକୃତି ଆସିଥାଏ । ଗଛବିନା ମଣିଷ ଜୀବନ ଅସମ୍ଭବ । ମଣିଷ ଜୀବନର ପ୍ରତ୍ୟେକ କାର୍ଯ୍ୟରେ ଗଛର ବା ଉଦ୍ଭିଦ ଜଗତର ଭୂମିକା ଅପରିହାର୍ଯ୍ୟ । ସେଥିପାଇଁ ଆମ ସମାଜରେ ଉଦ୍ଭିଦ ଜଗତକୁ ନେଇ ବିଭିନ୍ନ ପ୍ରସଙ୍ଗରେ ନାନା ଲୋକୋକ୍ତି ପ୍ରଚଳିତ ହୋଇଛି ।

ଭଲ ଶସ୍ୟ ହେବା ପ୍ରସଙ୍ଗ :

ଓଡ଼ିଶାରେ ଧାନ ହେଉଛି ପ୍ରଧାନ ଫସଲ । ଧାନରୁ ଚାଉଳ ହୁଏ, ଚାଉଳରୁ ଭାତ । ଓଡ଼ିଶାର ଲୋକେ ପ୍ରାୟ ୯୦ ପ୍ରତିଶତ କୃଷି କାର୍ଯ୍ୟ ଉପରେ ଆସ୍ଥା ରଖିଥାନ୍ତି ଓ ଧାନ ଚାଷକୁ ଭଲ ଭାବରେ କରିଥାନ୍ତି । ଧାନଚାଷସହିତ ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର ଫଳ, ପନିପରିବା ଫସଲ କରିଥାନ୍ତି ଏବଂ ନିଜର ଗୁଜୁରାଣ ମେଣ୍ଟାଇଥାନ୍ତି ।ଏହି ଫସଲ ଓ ଚାଷ ପ୍ରଣାଳୀ, ଗଛ ଲଗାଇବାର ପ୍ରଣାଳୀ ଇତ୍ୟାଦିକୁ ନେଇ ଅନେକ ଲୋକୋକ୍ତିର ପ୍ରୟୋଗ ଆମ ସାମାଜିକ ଜୀବନରେ ଦେଖାଯାଏ । ଯାହା ମଣିଷକୁ ସଚେତନ କରାଇଥାଏ, ଭଲ ଚାଷ କେମିତି ହେବ, କଣ କଲେ ଗଛରେ ଫଳ ଅଧିକ ହେବ, ଗଛ କେମିତି ବଢ଼ିବ ଇତ୍ୟାଦି ପାରଂପାରିକ ଜ୍ଞାନର ପ୍ରଭାବ ଗୋଟିଏ ପିଢିରୁ ଅନ୍ୟ ପୀଢିକୁ ଏଇ ଲୋକୋକ୍ତି ପରି ମୌଖିକ ପରଂପରାରୁ ଗଢ଼ି ଆସିଥାଏ ।

"ସାତ ପୁରି ଯାଉଛି ଖସି
ଇନ୍ଦ୍ର ମାଆ କାନ୍ଦେ ବାଡ଼ି ପଦାରେ ବସି
ଧାନ ଗଛ ଦେଉଛି ହସି ।"

ଭଲ ଧାନ ହେବାର ବିଧାନ ସୂଚକ ଏ ଲୋକୋକ୍ତି ମଣିଷର ପାରଂପରିକ ଜ୍ଞାନରୁ ଉଦ୍‌ଭବ । ଲୋକବିଶ୍ୱାସ ରହିଛି, ଭାଦ୍ରବ ମାସ ଶେଷ ବେଳକୁ କ୍ଷେତରେ ରୁଆ ଓ ବିହୁଡ଼ା କାର୍ଯ୍ୟ ସରି ଯାଇଥାଏ । ଏହି ସମୟରେ ଝିପି ଝିପି ବର୍ଷା ହେଲେ ଧାନ ଗଛ ଭଲ ବଢେ ଓ ଅଧିକ ଅମଳ ଦେଇଥାଏ । ଏଠି ଝିପିଝିପି ବର୍ଷାକୁ ଇନ୍ଦ୍ରମା କାନ୍ଦିବା ସହିତ ତୁଳନା କରାଯାଇଛି । ଇନ୍ଦ୍ରମା କାନ୍ଦିବା ଭଳି ଉପମା ପ୍ରୟୋଗ ମାଧ୍ୟମରେ ଲୋକକବିର କାବ୍ୟିକ ସୌନ୍ଦର୍ଯ୍ୟ ଦୃଷ୍ଟି ମଧ୍ୟ ନେଇ ଏ ଲୋକୋକ୍ତି ହୋଇପଡ଼ିଛି ପ୍ରଭାବଶାଳୀ ।

"ଆଗେ ବୁଣ୍ ପଛେ ବୁଣ୍
ଗର୍ଭଣାକୁ ଟୁଣ୍ ଟୁଣ୍ ।"

ପୂର୍ବ ଲୋକୋକ୍ତି ପରି ଏହା ମଧ୍ୟ ଚାଷ ସଂପର୍କୀୟ ଉକ୍ତି । ଲୋକବିଶ୍ୱାସ ରହିଛି ଧାନ ଆଗେ ବୁଣା ବା ପଛେ ବୁଣା କିମ୍ବା ରୁଆ ହୋଇଥିଲେ ମଧ୍ୟ ଗର୍ଭଣା ସଂକ୍ରାନ୍ତି ବେଳକୁ ସବୁ ଧାନଗଛରେ ଗର୍ଭସଂଚାର ହୋଇଥାଏ । ନୂଆ ଚାଷୀ ଏ ଲୋକୋକ୍ତିରୁ ଅଭିଜ୍ଞ ହୁଏ ।

"ଆଷାଢ଼ ମାସରେ ପଞ୍ଚଦିବସେ
ଧାନ୍ୟ ରୋପଣ ଯେ କରେ ହରଷେ
ତା'କ୍ଷେତେ ବହୁତ ଫଳଇ ଫଳ
ପରିପୂର୍ଣ୍ଣ ହୁଏ ଆଶା ସକଳ ।"

ଆଷାଢ଼ ମାସରେ ବିଲରେ ପାଣି ଲାଗିବା କ୍ଷଣି ଧାନ ରୋଇବା ବିଧେୟ । ଏହି ମାସରେ ଧାନ ରୋଇଲେ ଧାନଗଛ ବଢ଼ିବାକୁ ଯଥେଷ୍ଟ ସମୟ ପାଇଥାଏ । ତେଣୁ ଅଧିକ ଅମଳ ହେବା ସ୍ୱାଭାବିକ ବୋଲି ଲୋକୋକ୍ତିରୁ ପରାମର୍ଶ ମିଳିଥାଏ କୃଷକକୁ ।

"ଆଖୁବଙ୍କା ନ ବୁଡ଼େ ଡଙ୍କା
ଜଡ଼ା ବଙ୍କା ନ ବୁଡ଼େ ଟଙ୍କା ।"

ଏହା ଆଖୁ ଓ ଜଡ଼ା ଗଛ ସମ୍ବନ୍ଧୀୟ ଲୋକୋକ୍ତି, ଯାହା ଆଖୁ ଓ ଜଡ଼ା ଚାଷ କରିବାର ପ୍ରଣାଳୀ କୃଷକକୁ ଅବଗତ କରାଇ ଦେଇଥାଏ । ଅଖୁଚାଷ କଲାବେଳେ ଆଖୁ ଯଦି ବଙ୍କା ହୋଇ ବଢ଼ିଥାଏ ତାହେଲେ ତହିଁରୁ ଯଥେଷ୍ଟ ପରିମାଣରେ ରସ ବାହାରି ନଥାଏ । ଫଳରେ ଆଖୁଚାଷର ଲାଭ ବଦଳର କ୍ଷତି ହୋଇଥାଏ । ତେଣୁ ଆଖୁଚାଷ କଲାବେଳେ ସତର୍କତାର ସହ ତାର ଯତ୍ନ ନେବ ଏବଂ ତାକୁ ବଙ୍କା ହେବା ପାଇଁ ଦେବ ନାହିଁ । କିନ୍ତୁ ଜଡ଼ା ଚାଷ କଲାବେଳେ ଠିକ୍ ତାର ଓଲଟା । ଜଡ଼ା ଗଛ ବଙ୍କା ହୋଇ ବଢ଼ିଲେ ତହିଁରୁ ଅଧିକ ଶାଖା ପ୍ରଶାଖା ବାହାରି ପ୍ରଚୁର ଫଳ ହୋଇଥାଏ, ଫଳରେ ଚାଷୀର ପ୍ରଚୁର ଲାଭ ହୋଇଥାଏ ।

"ଫଗୁଣେ ଅଗ୍ନି ଚଇତ୍ରେ ମାଟି
ବାଉଁଶ କହେ ମୁଁ ଶୀଘ୍ର ଉଠି ।"

ଏଥିରେ ଚାଷ ସଂପର୍କୀୟ ଉପଦେଶ ରହିଛି । ଫାଲଗୁନ ମାସରେ ବାଉଶଁ ବଣର ମୂଳ ସଫାକରି ପୋଡ଼ିଦେଲେ ଓ ଚୈତ୍ର ମାସରେ ତା ମୂଳରେ ମାଟି ଦେଲେ ବାଶଁଗଜା ମାରି ଭଲ ବଢ଼ିଥାଏ । ବାଉଶଁ ମୂଳରୁ ଅନାବନା ପତ୍ର ସବୁ ପୋଡ଼ିଦେଲେ ତା'ପାଖରେ ଥିବା ଅନାବନା ଗଛସବୁ ପୋଡ଼ି ନଷ୍ଟ ହୋଇଯାଏ, ତା'ପରେ ମାଟି ତା ମୂଳରେ ଦେଲେ ବାଉଶଁ ଗଜା ସିଧା ହୋଇ ବଢ଼ିଥାଏ ।

ଅନୁରୂପ ଭାବରେ ରାଶି ବା ତିଳ ଚାଷ ସମ୍ବନ୍ଧରେ ଲୋକୋକ୍ତିରେ କୁହାଯାଇଛି:-

"ଫଗୁଣେ ଆଠ ଚୈତ୍ରେ ଆଠ
ସେହି ତିଳକୁ ଦାଆରେ କାଟ ।"

ଅର୍ଥାତ ଏଠାରେ ରାଶି ବା ତିଳ କେଉଁ ସମୟରେ ଚାଷ କଲେ ଅଧିକ ଅମଳହେବ ତା ବିଷୟରେ ଉପଦେଶ ଦିଆଯାଇଛି । ଫାଲଗୁନ ମାସ ଶେଷ ହେବାକୁ ଆଠଦିନ ବାକି ଥିବ ଓ ଚୈତ୍ରମାସ ଆରମ୍ଭ ହେବାର ଆଠଦିନ ମଧ୍ୟରେ ରାଶି ବୁଣିଲେ ରାଶି ପ୍ରଚୁର ପରିମାଣରେ ଫଳିଥାଏ । ଫଳରେ ଚାଷୀର ତିଳ ଅଧିକ ଅମଳ ହୋଇଥାଏ ଓ ସେ ଲାଭବାନ ହୋଇଥାଏ ।

"ମାଘ ଚକଟା
ଗୁଣ ଫଟା
ଚଇତି ଝାଞ୍ଜି
ତେବେ ସେ ଜାଣିବ
ମୁଗର ପାଞ୍ଜି ।"

ଏହା ମୁଗ ଚାଷ ସମ୍ବନ୍ଧୀୟ ଲୋକୋକ୍ତି । ମାଘ ମାସରେ ବର୍ଷା ହୋଇ ଜମି କାଦୁଅା କାଦୁଅା ହୋଇ ଓଦା ରହିଲେ ଫାଲଗୁନ ମାସରେ ଖରା ହୋଇ ଜମି ଫାଟିଗଲେ ଓ ଚୈତ୍ରମାସରେ ପାଗ ସୁଖିଲାରହି ଝାଞ୍ଜି ପିଟିଲେ ମୁଗ ଫସଲ ଭଲ ହୋଇଥାଏ ବୋଲି ଏହି ଲୋକୋକ୍ତିରୁ କୃଷକ ମାନଙ୍କ ଧାରଣା ଜନ୍ମି ଥାଏ ।

ସେହିଭଳି ଶରତ ଋତୁ ଶେଷ ଆଡ଼କୁ ସୋରିଷ ଚାଷ କଲେ ସୋରିଷ ଭଲ ଅମଳ ହୋଇଥାଏ ବୋଲି ଖନା ବଚନରୁ କୃଷକକୁ ଉପଦେଶ ମିଳିଥାଏ । ସେହି ବଚନରେ ସୋରିଷ କେଉଁ ସମୟରେ ଚାଷ କଲେ ଭଲ ଫଳ ହୁଏ ତାର ସୂଚନା ମିଳେ । ଯଥା:-

"ଖନା କହି ଚଷା ପୁଅ
ଶରତ ଶେଷରେ ସୋରିଷ ରୁଅ ।"

ଅନୁରୂପ ଭାବରେ,

"ପାନ ରୋପିଲେ ଶ୍ରାବଣେ
ଲାଭ ହୁଏ ଦ୍ୱିଗୁଣେ
ଖାଇଲେ ବୋହିଲେ
ନହୁଏ ଶେଷ
ଖନା ବୋଲେ ଘେନ
ଏ ଉପଦେଶ ।"

ପାନକୁ ଶ୍ରାବଣ ମାସରେ ଲଗାଇଲେ ପାନ ବହୁତ ହୋଇଥାଏ । ଯାହାକୁ ଖାଇଲେ ବା ବିକ୍ରିକଲେ ଶେଷ ହୁଏ ନାହିଁ । ଚାଷୀର ଦ୍ୱିଗୁଣ ଲାଭ ହୋଇଥାଏ । ତେଣୁ ପାନଚାଷ ପାଇଁ ଶ୍ରାବଣ ମାସ ଉପଯୁକ୍ତ ବୋଲି ଏହି ବଚନ ପାନ ଚାଷୀମାନଙ୍କୁ ସଚେତନ କରାଇ ଦିଏ ।

ଭଲ ପରିବା ଓ ଫଳ ହେବାର ପ୍ରସଙ୍ଗ :

ପନିପରିବା ଓ ଫଳମୂଳ ଉଭୟ ଗୃହ ପରିସରରେ ଓ କ୍ଷେତରେ କରାଯାଇଥାଏ । ଓଡ଼ିଆ ମୌଖିକ ପରମ୍ପରାରେ ଏ ସଂପର୍କୀୟ ଲୋକୋକ୍ତି କିଛି କମ ନାହିଁ । କୃଷି ଭିତ୍ତିକ ସମାଜରେ ଏହି ଜାତୀୟ ମୌଖିକ ରଚନାର ପ୍ରତୁଳତା ସ୍ୱାଭାବିକ ।

"ଆଠ ବିହୁଡ଼ା ଷୋଳ କୋଡ଼ା
ତେବେ ଦେଖିବ ବାଇଗଣ ପୋଡ଼ା ।"

ଏହା ବାଇଗଣ ଚାଷ ସଂପର୍କୀୟ ଲୋକୋକ୍ତି ଯେଉଁଥିରେ ବାଇଗଣ ଚାଷ କେମିତି କରାଯାଏ ତାର ପ୍ରଣାଳୀ କଥା କୁହା ଯାଇଛି । ବାଇଗଣ ଗଛକୁ ଆଠଥର ପାଣିମଡ଼ାଇ ଷୋଳଥର କୁଡ଼ିଲେ ବାଇଗଣ ଗଛ ଭଲ ହୃଷ୍ଟପୁଷ୍ଟ ହୋଇ ବଢିଥାଏ ଏବଂ ଭଲ ଫଳ ହୋଇଥାଏ ଯାହା ଫଳରେ ଚାଷୀ ଲାଭବାନ ହୋଇଥାଏ । ଏହି ଲୋକୋକ୍ତି ପୂର୍ବପୁରୁଷର ଅଭିଜ୍ଞତାରୁ ସୃଷ୍ଟ ଯାହା ନୂତନ ଚାଷୀମାନଙ୍କୁ ବାଇଗଣ ଚାଷ ସଂପର୍କରେ ସଚେତନ କରିବାରେ ସହାୟକ ହୋଇଥାଏ ।

ସେହିଭଳି ଲାଉ ଚାଷ ସଂପର୍କରେ ଲୋକୋକ୍ତି ରହିଛି:-

"ଲାଉ କାଉ
ଆଖି ଫିଟିଲେ
ନ ମରନ୍ତି ଆଉ ।"

ଲାଉ ଚାଷ କରିବାରେ ନିୟମ ଏଥିରେ ମିଳିପାରିବ । କାଉ ଓଡ଼ିଆ ଲୋକବିଶ୍ୱାସରେ ସୁଦୀର୍ଘଜୀବି ବା ଅମର । ଥରେ ତାର ଆଖି ଫିଟିଲେ ସେ ଆଉ ମରେ ନାହିଁ । ସେମିତି ଲାଉ ଗଛ ଥରେ ଲାଗିଗଲେ ପରେ ଯତ୍ନ ନ ନେଲେ ବି ତାହା ସହଜରେ ମରିବ ନାହିଁ ।

"ଷୋଳ ଚାଷେ ମୂଳା
ତାର ଅର୍ଦ୍ଧେକ ତୁଳା"
"ତାର ଅର୍ଦ୍ଧେକ ଧାନ
ବିନା ଚାଷେ ପାନ ।"

ଏଥିରେ ମୂଳା ଚାଷ ସମ୍ବନ୍ଧୀୟ ପାରମ୍ପରିକ ଅଭିଜ୍ଞତା ପ୍ରଦତ୍ତ । ମୂଳା ମାଟି ଭିତରେ ବଢୁଥିବାରୁ ମାଟି ଗୁଣ୍ଡ ହୋଇ ଫସଫସିଆ ରହିଲେ ମୂଳାର ଆକୃତି ବୃଦ୍ଧି ପାଇବା ସହଜ ହୋଇଥାଏ । ତେଣୁ ମୂଳାଚାଷ ଲାଗି ଅଧିକ ଓଡ଼ଚାଷ ଆବଶ୍ୟକ । ତୁଳା ଓ ଧାନ ଚାଷ ତା ତୁଳନାରେ କମ ହେଉଥିବା ସ୍ଥଳେ ବିନା ଚାଷରେ ପାନ ଫସଲ ହୋଇଥାଏ ବୋଲି ଲୋକକବି ଉପଦେଶ ଦେଇ ଯାଇଛନ୍ତି ।

ବିଭିନ୍ନ ଗଛ କେଉଁ ଋତୁ ବା କେଉଁ ମାସରେ ଲଗାଇଲେ ଅଧିକ ଫଳ ଦିଏ ତାର ଧାରଣା ମଣିଷର ସାମୂହିକ ଅଭିଜ୍ଞତାରୁ ମିଳିଥାଏ:

" ମାର୍ଗଶୀରେ ଯେବେ ନ ହୁଏ ବୃଷ୍ଟି
ଜାଣିବ ନ ହେବ ପଣଷ ସୃଷ୍ଟି । "

ଅର୍ଥାତ ଲୋକମାନଙ୍କର ବିଶ୍ୱାସ ରହିଛି ମାର୍ଗଶୀର ମାସରେ ଧରାପୃଷ୍ଟରେ ଯଦି ବର୍ଷା ନ ହୁଏ ତା'ହେଲେ ସେ ବର୍ଷ ଭଲ ପଣଷ ହୁଏ ନାହିଁ । ଏଥିରେ ପଣଷ କିଭଳି ଭଲ ହେବ ତାର ସୂଚନା ମଣିଷର ସଞ୍ଚିତ ଅଭିଜ୍ଞତାରୁ ଉପଦେଶ ଆକାରରେ କୃଷକକୁ ଜଣାଇଛି ଏବଂ କହିଛି ଭଲ ଫଳ ପାଇବାକୁ ହେଲେ ବର୍ଷାର ଆବଶ୍ୟକତା ଅଧିକ ରହିଛି । ଜଳବିନା କୌଣସି ଫସଲ ଭଲ ହୋଇପାରେନା ବୋଲି ସେ ଅନୁଭବ କରିପାରିଛି ।

ଅନୁରୂପଭାବେ ଏହି ଅଭିଜ୍ଞତାର ଅନ୍ୟଏକ ସ୍ଫୁରଣ:-

"କନ୍ୟେ କଦଳୀ
ମିଥୁନେ ଆମ୍ବ ।"

କଦଳୀ ଗଛ କନ୍ୟା (ଜ୍ୟେଷ୍ଠ) ମାସରେ ଲଗାଇବା ଉଚିତ । ଏହି ମାସରେ କଦଳୀଗଛ ଲଗାଇଲେ ଗଛ ଠିକ ଭାବରେ ବଢ଼ିପାରେ ଓ ଠିକ ସମୟରେ ଫଳ ଆସିଥାଏ । ଆମ୍ବଗଛ ମିଥୁନ ବା ଆଷାଢ ମାସରେ ଲଗା ଯିବା ଉଚିତ । କାହିଁକିନା ଆଷାଢ ମାସରେ ବର୍ଷା ହୋଇଥାଏ, ଫଳରେ ଆମ୍ବଗଛ ଲଗାଇଲେ ତାହା ଆଉ ଖରାରେ ନ ସୁଖି ଭଲ ଭାବେ ଲାଗିଯାଏ ଓ ଗଛ ଭଲ ବଢିଥାଏ । ଅନ୍ୟ ସମୟରେ ଲଗାଇଲେ ତାହା ହୁଏତ କୌଣସି କାରଣରୁ ମରି ଯାଇପାରେ ନ ହେଲେ ବର୍ଷା ଅଭାବରୁ ଗଛ ମରି ଯାଇପାରେ । ତେଣୁ ଆମ୍ବଗଛ ଆଷାଢ ମାସରେ ଲଗାଇବା ଉଚିତ । ଏହି ପରାମର୍ଶ ସାଧାରଣ ଚାଷୀ ପାଇଁ ହୁଏ ଅନୁକରଣୀୟ । ପୂର୍ବଜଙ୍କ ଅନୁଭବ ପରମ୍ପରା କ୍ରମେ ସୁଫଳ ଦାନ କରିଆସୁଛି ।

"ନଡ଼ିଆକୁ
ନ ଡିଆଁ ଛଡ଼ା ଲଗା ତାକୁ ।"

ନଡ଼ିଆ ଗଛ ରୋପଣ ସମ୍ବଂଧୀୟ ଉପଦେଶ । ନଡ଼ିଆ ଗଛ ଚାଷ କଲା ବେଳେ ଗୋଟିଏ ନଡ଼ିଆ ଗଛଠାରୁ ଅନ୍ୟ ନଡ଼ିଆ

ଗଛର ବ୍ୟବଧାନ ଅଠର ହାତ ବା ନ ଡିଆଁ ହେବା ଉଚିତ ବୋଲି ଏହି ଲୋକୋକ୍ତିରୁ ସୁଚନା ମିଳେ ନଡ଼ିଆ ଚାଷୀମାନଙ୍କୁ । ଏହା ଦ୍ୱାରା ନଡ଼ିଆ ଗଛ ଭଲ ବଢେ ଓ ନଡ଼ିଆ ପ୍ରଚୁର ପରିମାଣରେ ଫଳିଥାଏ ବୋଲି ବିଶ୍ୱାସ କରାଯାଇଥାଏ ।

ଭଲ ମଞ୍ଜିରେ ଭଲ ଗଛ ପ୍ରସଙ୍ଗ :

କେଉଁ ସମୟରେ କେଉଁ ମଞ୍ଜି ନେଲେ ଗଛ ଭଲ ହୋଇଥାଏ ଓ ଗଛରେ ଫଳ ଶୀଘ୍ର ଫଳିଥାଏ ତାହାକୁ ନେଇ କେତେକ ଲୋକୋକ୍ତି ଗଢି ଉଠିଛି ।

"ଢ଼େଙ୍ଗି ନଡ଼ିଆ
ବାଙ୍ଗର ଗୁଆ
ମଝି ମଝିକିଆ ତାଳ
ମଞ୍ଜି ଲଗାଇ
ଗଛ କଲେ
ଫଳୁଥିବ କାଳ କାଳ ।"

ଏଥିରେ ନଡ଼ିଆ, ତାଳ ଓ ଗୁଆ ମଞ୍ଜି ସମ୍ପର୍କରେ ପରାମର୍ଶ ଦିଆଯାଇଛି । ଢ଼େଙ୍ଗା ବା ବୁଢା ନଡ଼ିଆ ଗଛରୁ ନଡ଼ିଆ ନେଇ ଚାରା କଲେ ନଡ଼ିଆ ଶୀଘ୍ର ଫଳିଥାଏ । ସେହିଭଳି ଅଳ୍ପ ବୟସର ଗୁଆ ଗଛରୁ ଗୁଆ ନେଇ ଚାରା କଲେ ଗୁଆ ଶୀଘ୍ର ଫଳିଥାଏ । ସେମିତି ମଝାଲ ବୟସର ତାଳ ଗଛରୁ ତାଳ ମଞ୍ଜି ନେଇ ଗଛ କଲେ ତାଳ ଶୀଘ୍ର ଫଳିଥାଏ ବୋଲି ଲୋକବିଶ୍ୱାସ ରହିଛି । ବହୁତ ପାକଳ ଗଛ ବୁଢା ହେବା ଯାଏ ଫଳୁଥାଏ । ଏଥିରେ ପୂର୍ବଜମାନେ ନିଜ ଅଭିଜ୍ଞତାରୁ ଉତ୍ତମ ମଞ୍ଜି ସର୍ମ୍ପକରେ ପରାମର୍ଶ ଦେଇଯାଇଛନ୍ତି, ଯାହା ନୂତନ ପିଢିର ଚାଷୀମାନଙ୍କ ପାଇଁ ସହାୟକ ହେଉଛି ।

"କଦଳୀର ପୁଅ ବାଉଁଶର ନାତି
ଆପଣା ଇଚ୍ଛାରେ ବଢାନ୍ତି ଜାତି ।"

ଅର୍ଥାତ କଦଳୀ ଓ ବାଉଁଶ ଗଛର ମଞ୍ଜି ନ ଥାଏ ବୋଲି ଏଥିରୁ ସୂଚିତ ହୁଏ । ସେହି ଗଛଗୁଡ଼ିକ ଆପେ ଆପେ ସେମାନଙ୍କର ବଂଶ ବୃଦ୍ଧି କରିଥାନ୍ତି । କଦଳୀଗଛ ଚେରରୁ ତାର ପୁଆ ବାହାରି ନୂଆ କଦଳୀଗଛ ହୁଏ । ସେହିଭଳି ବାଉଁଶ ଗଛକୁ କାଟିଦେଲେ ମଧ ତା ଚେରରୁ ନୂଆଁ ବାଉଁଶ ଗଜାହୋଇ ନିଜର ବଂଶ ବିସ୍ତାର କରିଥାଏ । ଏହି ଦୁଇ ବୃକ୍ଷର ମଞ୍ଜି ନ ଥାଏ ବୋଲି ଏବଂ ତା ସହିତ କିଆ ଗଛର ମଞ୍ଜି ନ ଥାଏ ବୋଲି ଲୋକେ ବିଶ୍ୱାସ କରନ୍ତି । ଏଇ ଦୁଇ ବୃକ୍ଷଭଳି କିଆ ଗଛ ମଧ ତା'ର ଚେରରୁ ବଂଶ ବିସ୍ତାର କରିଥାଏ । ଏହି ଗଛ ତ୍ରୟ ମଧ ତାଙ୍କ ପାଖରେ ଥିବା ଗଛରୁ ସାର ଓ ଔଷଧ ସଂଗ୍ରହ କରି ବଢିଥାନ୍ତି । ସେମାନଙ୍କୁ ସେଥିପାଇଁ ପରଖିଆ ବୃକ୍ଷ ବୋଲି କୁହାଯାଏ ।ଯାହା ଆମ ସମାଜରେ ପ୍ରଚଳିତ ଲୋକୋକ୍ତିରୁ ମିଳିଥାଏ, ଏହି ତିନିବୃକ୍ଷ ଉଦ୍ଦେଶ୍ୟରେ:

"କଦଳୀ ବାଉଁଶ କିଆ
ସଂସାର ଭିତରେ ଆଉ କେହି ନାହିଁ
ଯାଙ୍କ ଠାରୁ ପରଖିଆ ।"

ଉଦ୍ଭିଦ କୈନ୍ଦ୍ରିକ ଶୁଭ ଅଶୁଭ ପ୍ରସଙ୍ଗ :

ପାରମ୍ପରିକ ଧାରଣାରେ ଉଦ୍ଭିଦ ସହିତ ଶୁଭଅଶୁଭ ପ୍ରସଙ୍ଗ ଜଡ଼ିତ ହୋଇଯାଇଛି । ଉଦ୍ଭିଦ ସଂପୃକ୍ତ ଏହି ଶୁଭାଶୁଭ 'ଲାଭ ବର୍ତ୍ତମାନ ହୁଏତ ଏକ ପ୍ରଶ୍ନବାଚୀ ହୋଇପାରେ ମାତ୍ର ଏକଦା ଆମ ସମାଜରେ ଏହାର ଥିଲା ଯଥେଷ୍ଟ ପ୍ରଭାବ । ଏଗୁଡ଼ିକର ବୈଜ୍ଞାନିକ ଭିତ୍ତିକୁ ମଧ୍ୟ ଅନ୍ୱେଷଣ କରିବାର ସମୟ ଆସିଛି ।

"ଘର ଆଗରେ ନରୋପିବ
ବେତ ତେନ୍ତୁଳି ତାଳ
ଦକ୍ଷିଣେ ରୋପିବ ନିମ
ଉତ୍ତରେ ରୋପିଲେ କଦଳୀ ସଜନା
ସମୟକୁ ଦେବ କାମ ।"

ଏହି ଛଟାଟି ଉଦ୍ଭିଦ ସମ୍ବନ୍ଧୀୟ ଶୁଭ ଅଶୁଭର ପରାମର୍ଶ ଦେଉଛି । କେଉଁ ଗଛ ଶୁଭ ଓ କେଉଁ ଗଛ ଘର ପାଇଁ ଅଶୁଭ ଏଥିରୁ ସୂଚନା ମିଳେ । ଅର୍ଥାତ ଘର ଆଗରେ ବେତ, ତେନ୍ତୁଳି ଓ ତାଳଗଛ ରୋପଣ କରିବା ଅନୁଚିତ । ଏ ଗଛଗୁଡ଼ିକ ଘର ପାଇଁ ଅଶୁଭଙ୍କର ହୁଏ ଏବଂ ଘର ମୁରବି ଉପରକୁ ବିପତ୍ତି ମାଡ଼ିଆସେ ବୋଲି ଲୋକ ବିଶ୍ୱାସ ରହିଛି । କିନ୍ତୁ କେତେକ ଉଦ୍ଭିଦ ରହିଛି ଯାହାକୁ ଲଗାଇଲେ ଘରର ଉନ୍ନତି ଓ ଶୁଭଙ୍କର ହୋଇଥାଏ । ଦକ୍ଷିଣରେ ନିମ ଗଛ ଓ ଉତ୍ତରରେ କଦଳୀ ଓ ସଜନା ଗଛ ଲଗାଇଲେ ଅନେକ ସମୟରେ କାମ ଦେଇଥାଏ । ତେଣୁ ଏ ଗଛଗୁଡ଼ିକୁ ଶୁଭଙ୍କର ମନାଯାଇଥାଏ ।

"ଆଗେ ତେନ୍ତୁଳି ପଛେ ତାଳ
ଘର ଗୁସିଆଁର ପୁରିଲା କାଳ ।"

ଅର୍ଥାତ ଘର ଆଗରେ ଯାହାର ତେନ୍ତୁଳି ଗଛ ଥାଏ ଓ ପଛରେ ତାଳ ଗଛ ଥାଏ ସେ ଘରେ ମୁରବୀ ଉପରକୁ ବିପଦ ମାଡ଼ିଆସେ ବୋଲି ଏ ଲୋକୋକ୍ତି ମଣିଷକୁ ପରାମର୍ଶ ଦେଇଛି । ତେଣୁ ଘର ଆଗରେ ତେନ୍ତୁଳି ଗଛ ଓ ଘର ପଛରେ ତାଳ ଗଛ ଲଗାଇବା ଅନୁଚିତ କାରଣ ଏ ଦୁଇ ବୃକ୍ଷ ଘରପାଇଁ ଅଶୁଭ ସୂଚକ ଅଟନ୍ତି । ତାହା ଛଡ଼ା ବାଡ଼ିରେ ତାଳ ଗଛ ରହିଲେ ଘରର ମାଲିକ ଅପୁତ୍ରକ ହୁଏ ବୋଲି ମ୍ଭ ବିଶ୍ୱାସ କରାଯାଇଥାଏ । ଏହା ବ୍ୟତିତ ତାଳଗଛରେ ସାଧାରଣତଃ ଶାଗୁଣାମାନେ ବାସ କରନ୍ତି । ଯାହା ଆମ ହିନ୍ଦୁ ପରମ୍ପରାରେ ଏକ ଅଶୁଭ ପକ୍ଷୀଭାବେ ପରିଗଣିତ ହୁଏ । ତେଣୁ ବାଡ଼ିରେ ବା ଘର ପଛରେ ତାଳ କିମ୍ବା ତେନ୍ତୁଳି ଗଛ ନ ରହିବା ଉଚିତ ।

ଅନୁରୂପ ଭାବରେ–

"ଆଣି ପୋତିଲି ତାଳ
ସେ ହେଲା ମୋତେ କାଳ ।"

ଘର ପାଖରେ ତାଳଗଛ ଲଗାଇଲେ ବିପଦ ମାଡ଼ି ଆସେ ବୋଲି ଲୋକବିଶ୍ୱାସ ରହିଛି । ତାଳଗଛ ଅଶୁଭ ସୂଚକ ଘର ପାଇଁ । ଘର ପାଖରେ ତାଳ ଗଛ ନ ଲଗାଇବା ଉଚିତ । ସେମିତି ଜଣେ ଆତ୍ମୀୟଙ୍କୁ ପାଖରେ ଆଣି ରଖିଲେ ସେ ବେଳେ ବେଳେ ନିଜ ପାଇଁ ଅନିଷ୍ଟର କାରଣ ସାଜେ । ସେମିତି ତାଳଗଛ ଘର ପାଖରେ ରହିଲେ ଘରକୁ ବିପଦ ମାଡ଼ି ଆସିବାର ଆଶଙ୍କା ରହିଥାଏ । ଏହି ଛଟାରେ ତାଳଗଛ ଯେ ଘର ପାଇଁ ଅଶୁଭ ଫଳଦିଏ ତାହା ପରାମର୍ଶ ଦେଇଛି ମନୁଷ୍ୟକୁ ।

"କଦଳୀ ଲଗାଇ ଭାଦ୍ରବ ମାସେ
ନାଶଗଲା ଲଙ୍କାପତି ସବଂଶେ ।"

ଏଠାରେ କଦଳୀ ବୃକ୍ଷ ସମ୍ବନ୍ଧରେ କୁହାଯାଇଛି । ସାଧାରଣତଃ ଆମ ହିନ୍ଦୁ ପରମ୍ପରାରେ କଦଳୀଗଛକୁ ଶୁଭ ବୋଲି କହନ୍ତି । କିନ୍ତୁ କଦଳୀ ଗଛ ଲଗାଇବାର ମାସ ଯଦି ଠିକ ନ ହୁଏ ତାହା ଅଶୁଭ ହୋଇଥାଏ ବୋଲି ଏହି ଲୋକୋକ୍ତି ମଣିଷକୁ ସଚେତନ କରାଇଛି । ଅର୍ଥାତ ଭଦ୍ରବ ମାସରେ କଦଳୀ ଲଗାଇଲେ ତାହା ଅଶୁଭଦାୟକ ହୁଏ । କଦଳୀ ଗଛକୁ ଜ୍ୟେଷ୍ଠ ମାସରେ ଲଗାଯାଇଥାଏ । ବିଶ୍ୱାସ କରାଯାଏ ଲଙ୍କାପତି ରାବଣ ଭାଦ୍ରବମାସରେ କଦଳୀଗଛ ଲଗାଇଥିଲା ବୋଲି ତାର ବଂଶ ନାଶ ଯାଇଥିଲା । ଏଥିରୁ ଜଣାଗଲା ଯେ କଦଳୀ ଗଛକୁ ଭାଦ୍ରବ ମାସରେ ନ ଲଗାଇ ଜ୍ୟେଷ୍ଠ ଆଷାଢରେ ଲଗାଇଲେ ଏହା ଘର ପାଇଁ ଶୁଭଙ୍କର ହୋଇଥାଏ ଓ ତାହା ସହିତ ଗଛ ଭଲ ବଢିଥାଏ ।

ଅନୁରୂପ ଭାବେ–

"କପା ଲଗାଇଲେ ଭାଦ୍ରବମାସେ
ନିର୍ବଂଶ ହୁଏ ସବଂଶେ ।"

କପା ଗଛ ସମ୍ବନ୍ଧରେ ମଧ୍ୟ ରହିଛି ଲୋକବିଶ୍ୱାସ । କପା ଗଛକୁ ଭାଦ୍ରବ ମାସରେ ଲଗାଇଲେ ନିର୍ବଂଶ ହେବାକୁ ପଡ଼େ ବୋଲି ଏହି ଲୋକକ୍ତିରୁ ସୂଚନା ମିଳେ । ତେଣୁ କପା ଗଛ ଭାଦ୍ରବ ମାସରେ ଲଗାଇବା ଉଚିତ ନୁହେଁ ବୋଲି ପୂର୍ବଜମାନେ ତାଙ୍କ ଅଭିଜ୍ଞତାରୁ ଏହି ଉପଦେଶ ଦେଇ ଯାଇଛନ୍ତି ।

"ରାଶି ଚାଷେ
ମୁଣ୍ଡ ଖସେ ।"

ଏଥିରେ ରାଶି ଚାଷ ସମ୍ବନ୍ଧୀୟ ଅଶୁଭତାର ସୂଚନା ଦିଆଯାଇଛି । ଯେଉଁ ଘରେ ପ୍ରଥମ କରି ରାଶି ଚାଷ କରନ୍ତି ତାଙ୍କ ଘରେ ଜଣଙ୍କର ମୃତ୍ୟୁ ଘଟିଥାଏ ବୋଲି ଲୋକବିଶ୍ୱାସ ରହିଛି । ଅର୍ଥାତ ପ୍ରଥମେ ରାଶିଚାଷ କରିବା ନିଷେଧ । ହୁଏତ ଏହା ପରବର୍ତ୍ତୀ ଫସଲ ବା ଚାଷ ପାଇଁ ମାଟିକୁ ଉପଯୁକ୍ତ କରୁନଥିବ ବା ଅନ୍ୟ କିଛି ଭିତ୍ତି ଥାଇପାରେ । ତେଣୁ 'ମୃତ୍ୟୁ ଘଟିବା' ପ୍ରସଂଗ ଯୋଡ଼ି ଏହାକୁ ନିଷେଧାତ୍ମକ କରାଯାଇଛି ।

ଔଷଧୀୟ ଗୁଣବାଚକ ଉଦ୍ଭିଦ :

କେତେକ ଉଭିଦ ରହିଛି ଯାହାର ଔଷଧୀୟ ଗୁଣ ମନୁଷ୍ୟକୁ ରୋଗମୁକ୍ତ କରିବାରେ ସହାୟକ ହୋଇଥାଏ । ମଣିଷ ସୁସ୍ଥ, ସୁନ୍ଦର ଜୀବନ ବଞ୍ଚିବା ପାଇଁ ସୁଯୋଗ ଯୋଗାଇଥାଏ ଏହି ଔଷଧୀୟ ବୃକ୍ଷ । ଆମ ସମାଜରେ ଔଷଧୀୟ ବୃକ୍ଷର ନମୁନା ଲୋକୋକ୍ତିରେ ଦେଖିବାକୁ ମିଳେ ।

"ଅପାମାରଗର ଅପାର ଗୁଣ
ଯଦି ଘଷିବ ମୂଳେ
ତହିଁରୁ ଘଷିବ ଫାଳେ
ଚୂତ ପତର ଯେ ଲକ୍ଷ୍ମୀଦାୟକ
ପାଚି ପଡ଼ିଥିଲେ ତଳେ
ସାହାଡ଼ା କାଠି ଯେ ଭୋରିଭୋଜନ
ତହିଁରୁ ଘଷିବ ଡ଼ାଳେ ।"

ଏହି ଲୋକୋକ୍ତିଟି ଦାନ୍ତକାଠିର ଉପକାରିତା ସମ୍ପର୍କରେ ପରାମର୍ଶ ଦିଏ । ଏହି ଦାନ୍ତକାଠି ଘଷିଲେ ମଣିଷର କଣ ଉପକାର ହୁଏ ତାହା ଏଥିରେ ଦର୍ଶାଯାଇଛି । ଅପାମାରଗର ମୂଳ ଘଷିଲେ ବହୁତ ଉପକାର ମିଳେ ବୋଲି ବିଶ୍ୱାସ ରହିଛି । ଏହି ବୃକ୍ଷ ମୂଳକୁ ଦାନ୍ତକାଠି ରୂପେ ବ୍ୟବହାର କରାଯାଇଥାଏ । କୁମ୍ଭାଟୁଆ ଦାନ୍ତକାଠି ରାଜପ୍ରିୟ । ପାଚିଲା ଆମ୍ବପତ୍ର ଘଷିଲେ ଧନସମ୍ପଦ ବଢେ ଓ ସାହାଡ଼ା ଦାନ୍ତକାଠି ଶରୀର ପକ୍ଷେ ହିତକାରକ ଓ ସେହି ଦାନ୍ତକାଠି ଘଷିଲେ ଭୋରିଭୋଜନ ବା ସୁସ୍ୱାଦୁ ଖାଦ୍ୟ ମିଳିଥାଏ ବୋଲି ଲୋକବିଶ୍ୱାସ ରହିଛି ।

ଅନୁରୂପ ଭାବେ ଏସବୁ ବୃକ୍ଷର ଉପକାରିତା ସହ ଶାଳଗଛ ଓ ମୁତରି ଗଛର ଉପକାରିତା ମଣିଷ ପାଇଁ ହିତ କାରକ । ଏ ଦୁଇଟିକୁ ମଧ୍ୟ ଦାନ୍ତକାଠି ରୂପେ ବ୍ୟବହାର କରାଯାଏ । ଏହା ମଧ୍ୟ ଆମେ ଲୋକୋକ୍ତିରୁ ଦେଖିବାକୁ ପାଉଁ:

"ସ୍ୱର୍ଗୀ କାଠିରେ ଯେ ସ୍ୱର୍ଗଲାଭ
ଯଦି କରୁଥିବ ଡାଳେ
ମୁତରୀ କାଠିରେ ଖାତିର ମିଳେ
ଯଦି କରୁଥିବ ଫାଳେ ।"

ଅର୍ଥାତ ଏଠି ସ୍ୱର୍ଗୀମାନେ ଶାଳଗଛକୁ ବୁଝାଏ । ଅର୍ଥାତ ଶାଳଗଛକୁ ମଧ୍ୟ ସ୍ୱର୍ଗୀ କୁହାଯାଏ ।ଏହି ଦାନ୍ତକାଠିରେ ଘଷିଲେ ସ୍ୱର୍ଗ ଲାଭ ମିଳିଥାଏ ବୋଲି ପୂର୍ବଜମାନେ ତାଙ୍କ ଅଭିଜ୍ଞତାରୁ କହିଯାଇଛନ୍ତି । ସେହିଭଳି ମୁତରୀ ଏକ ପ୍ରକାର କଣ୍ଟକୀଲତା ଯାହାକୁ ଦାନ୍ତକାଠି ରୂପେ ବ୍ୟବହାର କରାଯାଏ । ଏହାକୁ ଘସିଲେ ଖାତିର ମିଳିଥାଏ ବୋଲି କୁହାଯାଏ ।

"ନିମ ପିତା ଦେହକୁ ହିତା ।"

ହିନ୍ଦୁ ପରମ୍ପରା ଅନୁସାରେ ଲିମ୍ବ ଗଛକୁ ଦାରୁବ୍ରହ୍ମ ରୂପେ ପୂଜା କରନ୍ତି, କାହିଁକିନା ନିମ କାଠରେ ଜଗନ୍ନାଥଙ୍କର ମୂର୍ତ୍ତି ତିଆରି କରାଯାଏ । ଏହି ଗଛର ପତ୍ର ଅତ୍ୟନ୍ତ ପିତା । ଏହାକୁ ଖାଇଲେ ଦେହରେ ଥିବା କୃମି ମରିଯାନ୍ତି । ଦେହରେ ହିତ ସାଧନ ହୋଇଥାଏ । ତେଣୁ ମଣିଷ ଦେହରେ ଏହା ଔଷଧ ଭାବରେ କାର୍ଯ୍ୟକରି ମଣିଷକୁ ରୋଗମୁକ୍ତ କରାଇଥାଏ । ଏହା ମଧ୍ୟ ଏକ ଔଷଧୀୟ ଗୁଣଯୁକ୍ତ ଉଦ୍ଭିଦ ଅଟେ ।

ବସ୍ତୁସଂସ୍କୃତିରେ ଉଦ୍ଭିଦ ଜଗତ :

ରିଚାର୍ଡ ଏମ.ଡରସନ ତାଙ୍କର ଲୋକବିଦ୍ୟା (Folklore)ର ବିଭାଗୀ କରଣରେ Material Cultur ର ବା ବସ୍ତୁ ସଂସ୍କୃତିକୁ ଅନ୍ୟତମ ବିଭାଗ ଭାବେ ନିର୍ବାଚିତ କରି ଏହାର ଗୁରୁତ୍ୱ ବଢାଇଛନ୍ତି । ମଣିଷର ସାଂସ୍କୃତିକ ଜୀବନରେ ଏହି ବସ୍ତୁ ସଂସ୍କୃତି ମଧ୍ୟରେ ତାର ଲୋକବିଶ୍ୱାସ, ଧର୍ମବୋଧ, ଆଦି ନାନା ଭାବେ ଫୁଟି ଉଠିଥାଏ । ଓଡ଼ିଶୀ ସାଂସ୍କୃତିକ ଜୀବନରେ ଏହି ବସ୍ତୁ ସଂସ୍କୃତିରେ ଉଦ୍ଭିଦ ଜଗତର ଭୂମିକାକୁ ଲୋକୋକ୍ତିର ଆଲୋକରେ ନିମ୍ନ ରୂପେ ବିଚାର କରାଯାଇପାରେ :

"ଉଭା ତାଳ
ପୋତା ଶାଳ
ରୁଅ ହେନ୍ତାଳ
ଗଣ୍ଡି ବେତାଳ
ଘରଣୀ ଚେତାଳ
ତେବେ ସେ ଘର ରହେ
ଅପାର କାଳ"

ଏହି ଢଗରେ ମାଟିଘର ବା ଚାଳଛପର ଘର କେଉଁ କେଉଁ ଉଦ୍ଭିଦର କାଠରେ ତିଆରି ହେବା ଉଚିତ ତାର ପରାମର୍ଶ ଦିଆଯାଇଛି । ତାଳ ପୋତା ସହେନାହିଁ ତାକୁ ମାଟି ଖାଇଯାଏ ତେଣୁ ତାକୁ ରୁଅ ବା ଶେଣୀ ଭାବେ ବ୍ୟବହାର କରିବା ଭଲ । ଶାଳ କାଠକୁ ଶୀଘ୍ର ମାଟି ଖାଇପାରେ ନାହିଁ ତାକୁ ଖୁଣ୍ଟ ହିସାବରେ ପୋତା ଯିବା ଦରକାର । ତା ଛଡ଼ା ଶାଳ କାଠ ଶକ୍ତ ହୋଇଥିବାରୁ ଘରର ଭାରକୁ ସେ ସମ୍ଭାଳି ରଖେ କେବେ ଭୁସୁଡ଼ି ପଡ଼ିବାର ଭୟ ରହେନାହିଁ । ହେନ୍ତାଳ ଗଛର ରୁଅ ଓ ଚେତ ଗଛର ନଇ ବ୍ୟବହାର କରି ଘର ତୁଲିଲେ ଘରର ଆୟୁଷ ଅଧିକ ହୋଇଥାଏ ବୋଲି ବିଶ୍ୱାସ କରାଯାଏ ।

ଅନୁରୂପ ଭାବେ:

"ଶିଶୁ କାଠର ଖଟ
ଶୁଭଙ୍କର ନୁହେଁ ।"

ଅର୍ଥାତ ଶିଶୁ କାଠର ଖଟରେ ଶୋଇଲେ ମଣିଷ ବିପଦରେ ପଡ଼େ, ତେଣୁ ତାହାକୁ ଅଶୁଭ ବୋଲି ବିଶ୍ୱାସ କରାଯାଏ ।

"ଏକ ଶହସ୍ର ବତା
ଦୁଇ ସହସ୍ର କତା
ତିନିସହସ୍ର ଗଣ୍ଡି
ଏ ନାଟି ଯେ କହିବ
ତାକୁ ଦେବି ସୁନା କଣ୍ଠି ।"

ଏଥିରେ ଚାଳ ଘର ଛିଆଣିରେ ଯେଉଁ ଉଦ୍ଭିଦ ବ୍ୟବହାର କରାଯାଏ ତାର ସୂଚନା ଦିଆଯାଇଛି । ବତା ଯାହା ବାଉଁଶ ଗଛରେ ତିଆରି ହୁଏ । ଦୁଇ ସହସ୍ର କତା ଯାହା ତାଳଗଛ ବାଉଁଙ୍ଗାରେ ତିଆରି ନଇ, ବତାକୁ ନଇରେ ବାନ୍ଧି କୁଟାଛିଆଣି କଲେ ଆଉ ବର୍ଷା ହୁଏନାହିଁ । ଘରର କାମରେ ଉଦ୍ଭିଦମାନଙ୍କର ଗୁରୁତ୍ୱ ବେଶୀ ରହିଛି । ଏହି ନାଁ ଦିଆଟି ଘର ବ୍ୟବହାର ଉଦ୍ଭିଦର କଥାକହେ ।

ଉଦ୍ଭିଦ ସମ୍ବନ୍ଧୀୟ ଧର୍ମ ବିଶ୍ୱାସ :

ପୁଣ୍ୟଭୂମି ଓଡ଼ିଶାର ଲୋକେ ଧର୍ମବିଶ୍ୱାସୀ ଅଟନ୍ତି । ଏହି ନ୍ୟାୟରେ କେତେକ ଉଦ୍ଭିଦ ଅଛି ଯାହାକୁ ବିଶ୍ୱାସ କରି ଲୋକେ ନିଜର ମଙ୍ଗଳ କାମନା କରିଥାନ୍ତି ଯଥା ବେଲ, ନିମ୍ବ ଓ ତୁଳସୀ ଇତ୍ୟାଦି ଗଛ ଆମ ଧର୍ମ ପରମ୍ପରାରେ ସ୍ଥାନ ପାଇଛି । ଏଗୁଡ଼ିକୁ ନେଇ ଆମ ଲୋକୋକ୍ତି କହେ :

"ଗଙ୍ଗା ତୁମ ମୂଳେ ବ୍ରହ୍ମା
ତୁମ ଡାଳ ପତ୍ରେ ଦେବତାଙ୍କ ବାସ
ଶୂନ୍ୟରେ ଅନାଦି ପୁରୁଷ ବିଜୟେ
ମାୟାରେ କଲେ ନିବାସ
ଲୋ ମାତ ତୁଳସୀ ଦେବୀ
ତୋତେ ତିନିପୁର ଲୋକେ ସେବି
ଲୋ ମାତ ତୁଳସୀ ଦେବୀ ।"

ତୁଳସୀ ବୃକ୍ଷ ହିନ୍ଦୁ ଧର୍ମରେ ଏକ ପବିତ୍ର ବୃକ୍ଷ ବୋଲି ବିଚାର ବା ବିଶ୍ୱାସ କରାଯାଏ । ସ୍ୱୟଂ ବିଷ୍ଣୁ ଏହାକୁ ମସ୍ତକରେ ଧାରଣ କରିଥାନ୍ତି । ସମସ୍ତ ଦେବତା ମଧ୍ୟ ତୁଳସୀ ବୃକ୍ଷରେ ବାସ କରନ୍ତି ବୋଲି ବିଶ୍ୱାସ କରାଯାଏ । ଆହୁରି ମଧ୍ୟ ପୁଣ୍ୟଭୂମି ଓଡ଼ିଶାର ବଡ଼ଠାକୁରଙ୍କର ଭୋଗରେ ତୁଳସୀ ପତର ଭୋଗ ହୁଏ ।ସେଥିପାଇଁ ତୁଳସୀ ବୃକ୍ଷକୁ ପ୍ରତ୍ୟେକ ହିନ୍ଦୁନାରୀ ପ୍ରତ୍ୟହ ସଞ୍ଜ ସକାଳ ପୂଜା କରିଥାନ୍ତି । ପ୍ରାୟ ସମସ୍ତଙ୍କ ଘର ଆଗରେ ତୁଳସୀ ଚଉରାଟିଏ ରହିଥାଏ । ଏଥିରି ପ୍ରମାଣିତ ହୁଏ ତୁଳସୀ ଦେବୀଙ୍କୁ ସମସ୍ତେ ବିଶ୍ୱାସ କରିଥାନ୍ତି । ତାହା ଛଡ଼ା ତୁଳସୀ ବୃକ୍ଷର ଔଷଧୀୟ ଗୁଣ ସ୍ୱାସ୍ଥ୍ୟପ୍ରତି ବେଶ ହିତକର । ତୁଳସୀ ପତ୍ର ସହ ମହୁ ମିଶାଇ ଖାଇଲେ କାଶ, ଥଣ୍ଡା ଇତ୍ୟାଦି ରୋଗ ଭଲ ହୋଇଥାଏ ।

ଅନୁରୂପ ଭାବେ କୁହାଯାଇଛି

"ତୁଳସୀ ରାଣୀ
ଜାଣି ନଜାଣି ମୁଁ ଦେଉଛି ପାଣି
ତୁ ନଉଥା ମୋତେ ଟାଣି ।"

ଅର୍ଥାତ ପ୍ରତ୍ୟେକ ହିନ୍ଦୁନାରୀ ତୁଳସୀ ଗଛମୂଳରେ ନିତି ଗାଧୋଇ ପାଣିଦିଏ ଓ ନିଜର ଦୁଃଖ ଜଣାଇ ମୁଣ୍ଡିଆମାରେ ଏବଂ ସୁଫଳ ପାଇଥାଏ ।

"ଖାଇବୁ ନିମ ପିତା
ହୋଇବୁ ଜଗତ ଜିତା ।"

ନିମ ଗଛର ପିତା ଖାଇଲେ ମଣିଷ ରୋଗମୁକ୍ତ ହୋଇଥାଏ । ପିତା ଖାଇବା ଦ୍ୱାରା ଶରୀରରେ ଥିବା ଜୀବାଣୁ ଓ କୃମି ମରିଯାଇଥାନ୍ତି । ଫଳରେ ଦେହ ସୁସ୍ଥ ଓ ନିରାମୟ ରହେ । ତାହାଛଡ଼ା ନିମ୍ବ ଗଛକୁ ହିନ୍ଦୁ ସଂସ୍କୃତିରେ ପୂଜା କରାଯାଏ । କାରଣ ନିମ୍ବଗଛ କାଠରେ ଓଡ଼ିଶାର ବଡ଼ଠାକୁର ଶ୍ରୀ ଜଗନ୍ନାଥଙ୍କର ମୂର୍ତ୍ତି ତିଆରିକରାଯାଏ ତା'ର ଅନ୍ୟନାମ ଦାରୁବୃକ୍ଷ ବୋଲି ମଧ୍ୟ କୁହାଯାଏ ।

"ତୁଳସୀ ଗଛ
ଖତ କୁଢ଼ରେ ଥିଲେ ମଧ୍ୟ ଶୁଦ୍ଧ ।"

ତୁଳସୀ ବୃକ୍ଷ ଯେଉଁଠି ଥିଲେ ମଧ୍ୟ ତାହା ପୂଜନୀୟ । ସମସ୍ତେ ତାହାକୁ ପୂଜା କରନ୍ତି । ତୁଳସୀ ବୃକ୍ଷକୁ ତୁଳସୀ ଦେବୀ ବୋଲି ଲୋକେ କହନ୍ତି ।

ମଣିଷ ଚିରକାଳ ପ୍ରକୃତି ନିର୍ଭର । ନିଃସର୍ଗର କୋଳରେ ମଣିଷର ଜନ୍ମ ଓ ବିକାଶ । ମଣିଷ ନିଜର ବିକାଶ ପାଇଁ ଉପଯୁକ୍ତ ମତେ ପ୍ରକୃତିକୁ ଉପଯୋଗ କରିଚି । ସେଇ ଉପଯୋଗର ପ୍ରକ୍ରିୟା ପରଂପରା କ୍ରମେ ମଣିଷ ଶିଖିଚି ନିଜ ଅଭିଜ୍ଞତାରୁ । କେବଳ ଶିଖିନାଇଁ ସେଇ ଶିଖିବାର କ୍ରମବିବର୍ତ୍ତନ ମଧ୍ୟ ଘଟାଉଛି । ଏପରିଭାବେ ପ୍ରାଣି ଓ ଉଦ୍ଭିଦ ଜଗତର ସମଭିବ୍ୟାହାରରେ ମଣିଷ ନିଜକୁ ଓ ନିଜର ଜୀବନ ଯାପନକୁ ସମୃଦ୍ଧ କରୁଛି । ଉଦ୍ଭିଦ ଜଗତ ସହିତ ଆପଣାର ନୈକଟ୍ୟର ନାନା ନମୁନା ମଣିଷର ଲୋକୋକ୍ତି ମାଧ୍ୟମରେ ପ୍ରକାଶିତ ହୋଇଛି । ଏଇ ଲୋକୋକ୍ତିଗୁଡ଼ିକ ଉଦ୍ଭିଦର ନାନାନୁ ଉପଯୋଗିତା, ତତ୍‌କୈନ୍ଦ୍ରିକ ମାନୁଷିକ ବିଶ୍ୱାସ ଆଦିକୁ ଧାରଣ କରି ଓଡ଼ିଆ ମୌଖିକ ପରମ୍ପରାକୁ ଯଥେଷ୍ଟ ସମୃଦ୍ଧ କରିଛି ।

ଅଧ୍ୟାପକ, ଓଡିଆ ଭାଷା ଓ ସାହିତ୍ୟ ବିଭାଗ
ଖଇରା ମହାବିଦ୍ୟାଳୟ,ଖଇରା,ବାଲେଶ୍ୱର
ଦୂରଭାଷ : ୯୦୭୮୯୨୭୫୦୦, ୮୦୯୩୫୯୭୮୪୫

ISSN -2583-147X(P), **Vol.- 9, Issue No.II, May 2023**
Bastabatara Pariprakash Prachee
Peer Reviewed and Referred Research Journal

ଓଡ଼ିଆ ଆଦିବାସୀ ଉପନ୍ୟାସରେ ନାରୀ

ବର୍ଷା ମିଶ୍ର

ଓଡ଼ିଶା ଏକ ଆଦିବାସୀ ବହୁଳ ରାଜ୍ୟ । ଏ ରାଜ୍ୟର ଆଦିମ ଅଧିବାସୀଙ୍କୁ ଆଦିବାସୀ କୁହାଯାଏ । ଏମାନେ ସଭ୍ୟ ସମାଜଠୁଁ ବିଚ୍ଛିନ୍ନ ହୋଇ ଅରଣ୍ୟ, ପାହାଡ, ପର୍ବତରେ ବସବାସ କରନ୍ତି । ପ୍ରକୃତି ଏମାନଙ୍କ ଜୀବନଯାପନର ମାଧ୍ୟମ । ଓଡ଼ିଶାରେ ବାଷଠି ପ୍ରକାରର ଆଦିବାସୀ ସଂପ୍ରଦାୟ ଦେଖାଯାନ୍ତି । ପ୍ରତ୍ୟେକ ସଂପ୍ରଦାୟରେ କେତେକ ସାମାଜିକ ଓ ସାଂସ୍କୃତିକ ବିବିଧତା ରହିଛି । ଏହା ସତ୍ତ୍ୱେ ଏମାନଙ୍କ ମଧ୍ୟରେ କେତେକ ସାଧାରଣ ସମାନତା ଦେଖାଯାଏ । ଏହି ବିଶେଷତା ସେମାନଙ୍କ ପ୍ରତି ଦୃଷ୍ଟି ଆକର୍ଷଣ କରାଏ । ଏମାନଙ୍କ ସମାଜରେ ନାରୀର ଭୂମିକା ତାତ୍ପର୍ଯ୍ୟପୂର୍ଣ୍ଣ । ସଭ୍ୟ ସମାଜରେ ନାରୀ ନିଜର ଅଧିକାର ପାଇଁ ସଂଗ୍ରାମରତ ଥିବା ବେଳେ ଏମାନଙ୍କ ସମାଜରେ ନାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ । ମାନବ ଇତିହାସରେ ନାରୀ ପରାଧିନତାର ବେଷ୍ଟନୀରେ ଆବଦ୍ଧ ଥିବାବେଳେ ଆଦିବାସୀ ନାରୀ ସେମାନଙ୍କ ସମାଜ ଓ ସଂସ୍କୃତିର ପ୍ରତି'ଳନ ସାଜିଛି । ଯଥାର୍ଥରେ କହିଲେ ନାରୀର ସ୍ଥିତି, ଭୂମିକା, ପ୍ରତିଷ୍ଠା, ମର୍ଯ୍ୟାଦାର ଆଲୋଚନା ମାଧ୍ୟମରେ ହିଁ ସେମାନଙ୍କ ସମାଜ ଓ ସଂସ୍କୃତିକୁ ସୂଚାରୁ ରୂପେ ଜାଣି ହେବ ।

ସଂପ୍ରତି ଆଧୁନିକତାର ପ୍ରଭାବରେ ଏମାନଙ୍କ ସମାଜ ବହୁ ଦିଗରେ ପରିବର୍ତ୍ତିତ ହେବାରେ ଲାଗିଛି । ଆଦିବାସୀ ନାରୀର ପାରଂପାରିକତା ସଂପୂର୍ଣ୍ଣ ଲୋପ ନ ପାଇଲେ ମଧ୍ୟ ବଦଳିବାରେ ଲାଗିଛି । ସଭ୍ୟ ସମାଜର ସଂସ୍ପର୍ଶରେ ସେମାନଙ୍କ ପରଂପରା, ରୀତି, ନୀତି, ବିଧିବିଧାନ, ସଂସ୍କୃତି, ଐତିହ୍ୟ ଏବଂ ସାମାଜିକ ଜୀବନ ପ୍ରଭାବିତ ହେବାରେ ଲାଗିଛି । ଆଦିବାସୀ ନାରୀର ବେଶପୋଷାକ, ଜନ୍ମ ମୃତ୍ୟୁ, ପରିବାରରେ ସେମାନଙ୍କ ଭୂମିକା, ସମାଜରେ ସେମାନଙ୍କ ସ୍ଥାନ, ବୈବାହିକ ଜୀବନ, ମାତୃତ୍ୱ, ପ୍ରେମ ଆଦିରୁ ସେମାନଙ୍କ ପାରଂପରିକ ଜୀବନଧାରା ସଂପର୍କରେ ଜାଣିହୁଏ । ବାସ୍ତବ ଜୀବନରେ କେବଳ ନୁହେଁ ସାହିତ୍ୟ କ୍ଷେତ୍ରରେ ମଧ୍ୟ ନାରୀର ଗୁରୁତ୍ୱ ରହିଛି । ସଂପ୍ରତି ସାହିତ୍ୟର ବହୁ ବିଭାଗରେ ନାରୀର ଗୁରୁତ୍ୱ ସଂପର୍କରେ ଆଲୋଚନା କରାଯାଉଛି । ଓଡ଼ିଆ ଆଦିବାସୀ ଉପନ୍ୟାସମାନଙ୍କରେ ନାରୀ ଭିନ୍ନ ରୂପରେ ଆସିଛି । ଭିନ୍ନ ଭିନ୍ନ ସମୁଦାୟର ନାରୀ ଉପନ୍ୟାସ ମଧ୍ୟରେ ସେମାନଙ୍କ ସମାଜ ଓ ସଂସ୍କୃତିକୁ ଦର୍ଶାଇଛନ୍ତି । ଏଣୁ ନାରୀକୁ ଗୁରୁତ୍ୱ ପ୍ରଦାନ କରାଯାଇ ରଚିତ ହୋଇଥିବା ଆଦିବାସୀ ଉପନ୍ୟାସକୁ ଆଧାର କରି ଏ ସଂପର୍କରେ ଆଲୋଚନା କରାଯାଇପାରିବ ।

୧୯୭୫ ମସିହା ପୂର୍ବବର୍ତ୍ତୀ ଓଡ଼ିଆ ଆଦିବାସୀ ଉପନ୍ୟାସରେ ନାରୀ :

୧୯୭୫ ମସିହା ପୂର୍ବରୁ ଆଦିବାସୀ ସମାଜ ସଭ୍ୟ ସମାଜଠାରୁ ବିଚ୍ଛିନ୍ନ ଭାବରେ ବସବାସ କରୁଥିଲେ । ଆଧୁନିକ ସଭ୍ୟତାର କୌଣସି ଛାପ ଏମାନଙ୍କ ସମାଜରେ ନଥିଲା । ନିଜସ୍ୱ ପରଂପରା ଏବଂ ସଂସ୍କୃତି ମଧ୍ୟରେ ଏମାନେ ଆବଦ୍ଧ ଥିଲେ । ଫଳରେ ଏମାନଙ୍କ ନିଜସ୍ୱତା ପ୍ରକାଶ ପାଉଥିଲା । ଏଣୁ ୧୯୭୫ ପୂର୍ବବର୍ତ୍ତୀ ଆଦିବାସୀ ଉପନ୍ୟାସ ମଧ୍ୟରେ ବିଶେଷତଃ ସଂସ୍କୃତିର ସ୍ୱରୂପ ପରିଲକ୍ଷିତ ହୁଏ । ଆଦିବାସୀ ସଂସ୍କୃତି ସଭ୍ୟ ମଣିଷର ସଂସ୍କୃତିଠାରୁ ଭିନ୍ନ । ଅଣଆଦିବାସୀ ମଣିଷ ମନରେ ଏମାନଙ୍କ ସଂସ୍କୃତି ପ୍ରତି ସର୍ବଦା କୌତୁହଳ ସୃଷ୍ଟି ହୋଇଛି । ଏଣୁ ଆଦିବାସୀ ଉପନ୍ୟାସ ମ୍ନରୁ ଏହି ସମ୍ବନ୍ଧୀୟ ଧାରଣା ପ୍ରାପ୍ତ କରିହୁଏ । ଆଦିବାସୀ ସମାଜରେ ନାରୀକୁ ପାରଂପାରିକ ସଂସ୍କୃତିର ପ୍ରତୀକ ଭାବରେ ଗ୍ରହଣ କରାଯାଇପାରେ । 'ପରଜା'(୧୯୪୫), 'ଅମୃତର ସନ୍ତାନ'(୧୯୪୯), 'ବନ ଗହନର ତଳେ'(୧୯୪୭) ଆଦି

ଉପନ୍ୟାସରେ ନାରୀର ସଂସ୍କୃତିଗତ ରୂପ ପ୍ରକାଶିତ । କନ୍ଧ, ପରଜା ଇତ୍ୟାଦି ସମ୍ପ୍ରଦାୟରେ ନାରୀର ଗୁରୁତ୍ୱ, ବେଶଭୂଷା, ଖାଦ୍ୟପେୟ, ପର୍ବପର୍ବାଣି, ପ୍ରେମ, ବିବାହ, ଜନ୍ମମୃତ୍ୟୁ, କର୍ତ୍ତବ୍ୟ ଆଦିର ବର୍ଣ୍ଣନା ଏଥିରେ ଦେଖାଯାଏ ।

ଉପନ୍ୟାସ ମଧ୍ୟରେ ସ୍ଥାନ ପାଇଥିବା ନାରୀ ଚରିତ୍ରଙ୍କୁ ମୁଖ୍ୟ, ଗୌଣ, ସରଳ-ବର୍ତ୍ତୁଳ ଆଦି ଭେଦରେ ଭାଗ କରାଯାଇପାରେ । ପ୍ରାୟ ସମସ୍ତ ଉପନ୍ୟାସର ମୁଖ୍ୟ ନାରୀଚରିତ୍ର ଆଦିବାସୀ ସଂପ୍ରଦାୟର । ଏମାନଙ୍କ ମଧ୍ୟରେ କେତେକ ପ୍ରତିନିଧି ଶ୍ରେଣୀୟ ଚରିତ୍ର ମଧ୍ୟ ଅଛନ୍ତି । 'ପରଜା' (୧୯୪୫)ର ଜିଲି, 'ଅମୃତର ସନ୍ତାନ' (୧୯୪୯)ର ପୁୟୁ, 'ବନଗହନର ତଳେ'(୧୯୪୭)ର ସୁନା, ଲତା ଆଦି ଚରିତ୍ର ଏହି ସ୍ଥାନୀୟ । ଚରିତ୍ର ଦୃଷ୍ଟିରୁ ନାରୀକୁ ଶୋଷିତା ବା ନିର୍ଯାତିତା, ପ୍ରତିବାଦୀ, ଶିକ୍ଷିତା, ନାରୀର ମନସ୍ତାତ୍ତ୍ୱିକ ଦିଗ ଓ ପ୍ରତିନିଧିଶ୍ରେଣୀୟ ନାରୀ ପ୍ରଭୃତି ଦୃଷ୍ଟିରୁ ବିଚାର କରାଯାଇପାରେ ।

ଦୁର୍ବଳା ଚିରକାଳ ଶୋଷିତା । ଆଦିବାସୀ ସମାଜରେ ଦୃଷ୍ଟିଗୋଚର ହେଉଥିବା ଶୋଷଣ ମଧ୍ୟରେ ନାରୀ ଶୋଷଣ ଅନ୍ୟତମ । ଗ୍ରାମରେ ବାସ କରୁଥିବା ଜମିଦାର, ସାହୁକାର କିମ୍ବା ଅନ୍ୟାନ୍ୟ ଉଚ୍ଚପଦସ୍ଥ ବ୍ୟକ୍ତି ଏ ଶୋଷଣ ପାଇଁ ଦାୟୀ । ନାରୀମାନେ ନିଜ ସମାଜରେ ମିଳିମିଶି ଚଳୁଥିବା ଡମ, ବାରିକ ପ୍ରଭୃତି ବ୍ୟକ୍ତିବିଶେଷଙ୍କ ଦ୍ୱାରା ମଧ୍ୟ ଶୋଷିତ ହୋଇଛନ୍ତି । ଆଦିବାସୀ ନାରୀ ସରଳ ବିଶ୍ୱାସୀ ଏବଂ ଛନ୍ଦ କପଟହୀନ । ଏଣୁ ସେ ବାରଂବାର ନିର୍ଯାତିତା ହୋଇଛି । 'ପରଜା'(୧୯୪୫), 'ଅମୃତର ସନ୍ତାନ' (୧୯୪୯) ଆଦି ଉପନ୍ୟାସରେ ଏହି ଶୋଷଣର ନିଚ୍ଛକ ଚିତ୍ର ପରିଦୃଷ୍ଟ । ଏଥିସହିତ ନାରୀର ସୁରକ୍ଷିତ ଓ ଅସୁରକ୍ଷିତ ଅବସ୍ଥାର ଚିତ୍ର ମଧ୍ୟ ଉପନ୍ୟାସରେ ସ୍ଥାନିତ ।

ଏହି କାଳର ଉପନ୍ୟାସଗୁଡ଼ିକରେ ଆଦିବାସୀ ନାରୀ ଏକ ପରଂପରାଗତ ଜୀବନ ବଂଚିଛି । ସେ ଜମିଦାର, ସାହୁକାର ଏବଂ ନିଜ ସମାଜର ଲୋକଙ୍କ ଦ୍ୱାରା ଶୋଷିତା ଓ ନିର୍ଯାତିତା । ଶୋଷଣର ଯନ୍ତ୍ରଣାରେ ଯଦିଓ ତା ଭିତରେ ବିଦ୍ରୋହର ସ୍ୱର ସୃଷ୍ଟି ହୋଇଛି । ମାତ୍ର ସେ ପ୍ରତିବାଦ କରିବାର ସାହସ କରିପାରି ନାହିଁ । ଯେପରି 'ପରଜା' (୧୯୪୫)ର ଜିଲି ସାହୁକାର ଦ୍ୱାରା ଶୋଷଣର ଶିକାର ହୋଇଛି କିନ୍ତୁ ପ୍ରତିବାଦ କରିପାରିନି । ଏହା ଉକ୍ତ ସମୟରେ ନାରୀର କ୍ଷମତାକୁ ସୂଚିତ କରେ । 'ଅମୃତର ସନ୍ତାନ' (୧୯୪୯)ରେ ପୁୟୁ ନିଜ ସ୍ୱାମୀ ଦ୍ୱାରା ପରିତ୍ୟକ୍ତା ଓ ମାନସିକ ସ୍ତରରେ ସେ ନିର୍ଯାତିତା । ଏଣୁ ସେ ନିଜ ସ୍ୱାମୀ ଓ ସଉତୁଣୀଠାରୁ ବିଚ୍ଛିନ୍ନ ସ୍ୱାଧୀନ ଜୀବନ ବଚିଂବାର ସ୍ୱପ୍ନ ଦେଖିଛି । ଯାହା ତାର ସ୍ୱାଭିମାନ ଲାଗି ପ୍ରତିବାଦର ସ୍ୱର ସଦୃଶ । ପୁୟୁଠାରୁ ଏହି ପ୍ରତିବାଦର ରୀତି ଆରମ୍ଭ ହୋଇ ଆଦର୍ଶର ରୂପ ନେଇଛି 'ଆୟାମାର୍ଗାରେଟ' (୧୯୭୧)ର ମାର୍ଗାରେଟ ଚରିତ୍ର ମୂଳରେ । ମାର୍ଗାରେଟ ଖ୍ରୀଷ୍ଟଧର୍ମ ଗ୍ରହଣକରି ନିଜ ଆଦିବାସୀ ସମାଜର ସେବା ଓ ତ୍ୟାଗକୁ ନିଜ ଭିତରେ ଧରିରଖିଛି । ଆଧୁନିକ ଶିକ୍ଷା ଓ ମାନବୀୟ ଗୁଣ ତାର ପ୍ରତିବାଦର କ୍ଷମତାକୁ ବଳିଷ୍ଠ କରିଛି । 'ପରଜା'ଠୁଁ 'ଆୟାମାର୍ଗାରେଟ' ପର୍ଯ୍ୟନ୍ତ ଉପନ୍ୟାସରେ ନାରୀର ପ୍ରତିବାଦୀ ସ୍ୱରୂପ ଧିରେ ଧିରେ ବଳିଷ୍ଠ ରୂପ ନେଇଛି ।

ଆଦିବାସୀ ସମାଜର ଅଗ୍ରଗତିରେ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଶିକ୍ଷାଲାଭ କରିବା ଦ୍ୱାରା ଆଦିବାସୀମାନେ ନିଜ ଅଂଚଳର ଉନ୍ନତି ବିଧାନ କରିପାରିବେ । ନାରୀ ପରିବାରର ଅନ୍ୟତମ ଅର୍ଥ ଉପାର୍ଜନକାରିଣୀ । ଏଣୁ ନାରୀଶିକ୍ଷା ଆଦିବାସୀ ସମାଜରେ ଅତ୍ୟନ୍ତ ଜରୁରୀ । ସରକାରଙ୍କ ବହୁ ଯୋଜନା ଏବଂ ସ୍ୱତନ୍ତ୍ର ପ୍ରକଳ୍ପ ସତ୍ତ୍ୱେ ଓଡ଼ିଶାରେ ଆଦିବାସୀ ନାରୀଶିକ୍ଷାର ପ୍ରସାର ଘଟିପାରିନାହିଁ । ୧୯୭୫ ପୂର୍ବବର୍ତ୍ତୀ ଆଦିବାସୀ ଉପନ୍ୟାସରେ ନାରୀର ବୁଦ୍ଧିମତ୍ତା, ଧୀଶକ୍ତି, କର୍ମକୁଶଳତାର ପରିଚୟ ମିଳେ । କିନ୍ତୁ ଶିକ୍ଷା କ୍ଷେତ୍ରରେ ଏମାନଙ୍କର କୌଣସି ଅଗ୍ରଗତିର ସୂଚନା ମିଳେନାହିଁ । 'ଆୟାମାର୍ଗାରେଟ'(୧୯୭୧) ଉପନ୍ୟାସଟି ମୂଳରେ ମାର୍ଗାରେଟ ଚରିତ୍ରଟି ଶିକ୍ଷା କ୍ଷେତ୍ରରେ ବ୍ୟତିକ୍ରମ ସାଜିଛି । ସେ ଖ୍ରୀଷ୍ଟଧର୍ମ ଗ୍ରହଣ କରିବା ପରେ ତାକୁ ବିଦ୍ୟାଶିକ୍ଷା ଓ ବିଦେଶ ଯିବାପାଇଁ ସୁଯୋଗ ମିଳିଛି । ଫଳରେ ସେ ତ୍ୟାଗ, ସେବା, ଧୈର୍ଯ୍ୟ ଆଦି ମାନବୀୟ ଗୁଣର ଅଧିକାରିଣୀ ହୋଇ ନିଜ ସମୁଦାୟର ଅଗ୍ରଗତି ନିମନ୍ତେ କାର୍ଯ୍ୟ କରିଛି । ଏହି କାଳଖଣ୍ଡରେ ରଚିତ ଉପନ୍ୟାସମାନଙ୍କରେ ଶିକ୍ଷିତା ନାରୀ ଚରିତ୍ର ଯଦିଓ ସ୍ଥାନ ପାଇନାହାଁନ୍ତି, ତଥାପି ମାର୍ଗାରେଟ ଚରିତ୍ରଟି ଶିକ୍ଷିତ ।

ଏହି ପର୍ଯ୍ୟାୟରେ ରଚିତ ଉପନ୍ୟାସ ମଧ୍ୟରେ କେତେକ ନାରୀ ଚରିତ୍ର ଆଦିବାସୀ ମାନସିକତାର ପ୍ରତିନିଧିତ୍ୱ କରନ୍ତି । 'ପରଜା'(୧୯୪୫)ର ଜିଲି ଚରିତ୍ରଟି ନିର୍ଯାତିତା ନାରୀ ମାନଙ୍କର ପ୍ରତିନିଧିତ୍ୱ କରେ । ସେହିପରି 'ଆୟାମାର୍ଗାରେଟ'(୧୯୭୧)ର ମାର୍ଗାରେଟ ଚରିତ୍ରଟି ଆଦର୍ଶ ନାରୀମାନଙ୍କର ଏବଂ 'ଅମୃତର ସନ୍ତାନ'(୧୯୪୯)ର ପୁୟୁ ଚରିତ୍ରଟି ଆତ୍ମନିର୍ଭରଶୀଳା ଓ ସ୍ୱାଭିମାନୀ

ନାରୀମାନଙ୍କର ପ୍ରତିନିଧିତ୍ୱ କରେ । ଏହି ନାରୀ ଚରିତ୍ରମାନେ ଏକ ନିର୍ଦ୍ଦିଷ୍ଟ ସମୟର ନାରୀମାନଙ୍କର ପ୍ରତିନିଧିତ୍ୱ କରିଛନ୍ତି । ଏହାଦ୍ୱାରା ଉକ୍ତ ସମୟର, ନାରୀମାନଙ୍କର ବିଶେଷ ପରିଚୟ ଏଥିରୁ ମିଳେ ।

ମଣିଷର ମନ ଆଶା, ଆକାଂକ୍ଷା, କାମନା, ବାସନା ଆଦିର ଗନ୍ତାଘର । ଫ୍ରଏଡଙ୍କ ମତରେ, ମଣିଷର ଚେତନ ମନ ସ୍ୱତନ୍ତ୍ର ନୁହେଁ , ବରଂ ଏହା ଅବଚେତନ ମନ ଦ୍ୱାରା ପରିଚାଳିତ ହୋଇଥାଏ । ଏହି ସମୟର ଉପନ୍ୟାସରେ ଔପନ୍ୟାସିକମାନେ ନାରୀର ଅବଚେତନ ମନ ତଳର ଭାବାନ୍ତରକୁ ଚମତ୍କାର ରୂପ ଦେଇଛନ୍ତି । 'ଅମୃତର ସନ୍ତାନ' (୧୯୪୯)ର ପୁୟୁ ଚରିତ୍ରଟି ଏ କ୍ଷେତ୍ରରେ ସାର୍ଥକ ଉଦାହରଣ । ଜଣେ ନାରୀ ପତ୍ନୀ, ମା' ଭାବରେ ତା ମନରେ ସୃଷ୍ଟି ହୋଇଥିବା କ୍ରିୟା, ପ୍ରତିକ୍ରିୟା, ଭାବାନ୍ତରକୁ ଏହି ଉପନ୍ୟାସରେ ନିଖୁଣ ଭାବରେ ଚିତ୍ରଣ କରାଯାଇଛି । ନିଜର ସ୍ୱାଭିମାନ ଏବଂ ଆତ୍ମସମ୍ମାନ ଲାଗି ସେ ମନ ଭିତରେ ବିଦ୍ରୋହ କରିଉଠିଛି । ଏଥିପାଇଁ ସେ ପରଂପରାର ସୀମା ମଧ୍ୟ ଟପି ଯିବାକୁ ଚିନ୍ତନ କରିଛି । 'ପରଜା' (୧୯୪୫)ର ଜିଲି, 'ବନଗହନର ତଳେ'(୧୯୪୭)ର ସୁନା ମନତଳର ଆଲୋଡନକୁ ମନ ଭିତରେ ମାରି ଦେଇଥିବା ବେଳେ ପୁୟୁ, ମାର୍ଗାରେଟ ଚରିତ୍ର ଏହାର ବ୍ୟତିକ୍ରମ ସାଜିଛନ୍ତି । ଏମାନେ ନିଜ ଭାବନାକୁ ବାସ୍ତବ ରୂପ ଦେବାକୁ ପ୍ରଚେଷ୍ଟା କରିଛନ୍ତି ।

୧୯୭୫ ମସିହା ପୂର୍ବବର୍ତ୍ତୀ ଆଦିବାସୀ ଉପନ୍ୟାସରେ ନାରୀର କେତେକ କ୍ଷେତ୍ରରେ ସ୍ୱାଧୀନତା ରହିଥିଲେ ହେଁ ସେ ଏକ ପରାଧୀନ ସମାଜରେ ବାସ କରିଛି । ବହୁ ଶୋଷଣ ଓ ନିର୍ଯାତନାର ଶିକାର ହେବାପରେ ମଧ୍ୟ ସେ ପ୍ରତିବାଦ କରିପାରିନି । ଏହି କାଳର ନାରୀକୁ ଅନ୍ୱେଷଣ କଲେ ଆଦିବାସୀ ସମାଜର ସଂସ୍କୃତିକୁ ଜାଣିହୁଏ । ଆଦିବାସୀ ନାରୀର ମୂଳରୂପ ଏହି ଉପନ୍ୟାସଗୁଡ଼ିକରୁ ବୁଝିହୁଏ ।

୧୯୭୫ ମସିହା ପରବର୍ତ୍ତୀ ଓଡ଼ିଆ ଆଦିବାସୀ ଉପନ୍ୟାସରେ ନାରୀ : ୧୯୭୫ ମସିହା ପୂର୍ବବର୍ତ୍ତୀ କାଳର ଉପନ୍ୟାସରେ ବହୁ ନିତୀନିୟମ ମଧ୍ୟରେ ନିଜର ଅଧିକାର ପାଇଁ ନାରୀ କେବେ ମୁହଁ ଖୋଲିନଥିଲା । ବହୁ କ୍ଷେତ୍ରରେ ନାରୀର ସ୍ୱତନ୍ତ୍ରତା ରହିଥିଲା ମାତ୍ର ତାହା ତା ନିଜ ସମାଜ ମଧ୍ୟରେ ସୀମିତ ଥିଲା । ୧୯୭୫ ପରବର୍ତ୍ତୀ କାଳର ଉପନ୍ୟାସରେ ନାରୀର ସଂସ୍କୃତି, ପୋଷାକ - ପରିଚ୍ଛେଦ, ଖାଦ୍ୟପେୟ, ଜୀବନଯାପନ ଶୈଳୀରେ ପରିବର୍ତ୍ତନ ସ୍ପଷ୍ଟ ପରିଦୃଷ୍ଟ । ଏହି ସମୟର ଉପନ୍ୟାସରେ ଆଦିବାସୀ ପରଂପରା ଓ ସଂସ୍କୃତିର ଚିତ୍ର ବିଶେଷ ଦେଖାଯାଇ ନାହିଁ । ଏହା ମଧ୍ୟରେ ନାରୀର ସଂସ୍କୃତିଗତ ରୂପ ବଦଳରେ ଆଧୁନିକ ରୂପ ଦେଖିବାକୁ ମିଳେ । ଫଳରେ ନାରୀର ନିତିଦିନିଆ ଜୀବନ ମଧ୍ୟରେ ସଂସ୍କୃତି ଦୃଷ୍ଟିରୁ ଆଦିବାସୀ ନାରୀର ଜନ୍ମମୃତ୍ୟୁ, ବେଶପୋଷାକ, ଖାଦ୍ୟପେୟ, ପର୍ବପର୍ବାଣି, ପ୍ରେମ, ବିବାହ, ପରିବାର ଆଦି ମଧ୍ୟରେ ଆସିଥିବା ପରିବର୍ତ୍ତନ ଦେଖିବାକୁ ମିଳେ । ପୁନଶ୍ଚ ଚରିତ୍ର ଦୃଷ୍ଟିରୁ ନାରୀ ମୁଖ୍ୟ, ଗୌଣ, ସରଳ, ବର୍ତ୍ତୁଳ, ଖଳ ଆଦି ରୂପରେ ଆସିଛି । ଉପନ୍ୟାସ ମଧ୍ୟରେ ନାରୀର ଶୋଷଣ, ପ୍ରତିବାଦ, ଶିକ୍ଷା, ଅବକ୍ଷୟ ଆଦି ଦିଗ ସଂପର୍କରେ ଦୃଷ୍ଟି ପ୍ରଦାନ କରାଯାଇପାରେ ।

ଏହି ସମୟର ଉପନ୍ୟାସରେ ନାରୀ ଶୋଷଣର ମାତ୍ରା ବୃଦ୍ଧି ପାଇଥିବା ଦେଖିବାକୁ ମିଳେ । ଜମିଦାର, ସାହୁକାର, ପ୍ରଶାସନିକ ଅଫିସର, ଅଣଆଦିବାସୀ ମଣିଷ ପ୍ରଭୃତିଙ୍କ ଦ୍ୱାରା ଆଦିବାସୀ ନାରୀ ନିର୍ଯାତିତା ଓ ଶୋଷିତା । 'ଆଦିମ ଅରଣ୍ୟ' (୧୯୯୫)ର ଧାନୀ, 'କାହାଣୀ ସବୁଜ ଉପତ୍ୟକା' (୧୯୮୫)ର ଗୁରୁବାରୀ, 'ପଲସା' (୨୦୧୫)ର ପଲସା ଓ ସୁଲି, 'ଜଙ୍ଗଲୀ'ର ଝିଲି, 'ଡାଲିମ୍ ବୋଲି ଝିଅଟିଏ' (୨୦୦୧)ର ଡାଲିମ୍, 'ଆମେ କୁଆଡେ ଯିବା ଶକୁନ୍ତଳା ?' (୨୦୦୩)ର ଶକୁନ୍ତଳା, 'କାହାଣୀ ଏକ ଆଦିମ ପରିବାରର' (୨୦୧୩)ର ପଦ୍ମା, ରୂପା ପ୍ରଭୃତି ନାରୀ ଚରିତ୍ର ଶୋଷଣର ଶିକାର ହୋଇଥିବା ଦେଖିବାକୁ ମିଳେ । ଏହି ଶୋଷଣ ପାଇଁ ଦାୟୀ କିଏ ? ସରକାରଙ୍କର ବହୁ ଯୋଜନା ଓ ପ୍ରକଳ୍ପ ସତ୍ତ୍ୱେ ନାରୀମାନେ କାହିଁକି ଯେ ଶୋଷଣର ଶିକାର ହେଉଛନ୍ତି ତାହା ଉପନ୍ୟାସ ମାନଙ୍କରେ ଦେଖିବାକୁ ମିଳେ ।

୧୯୭୫ ପରବର୍ତ୍ତୀ ଉପନ୍ୟାସରେ ଶୋଷଣ ଓ ନିର୍ଯାତନାର ବୃଦ୍ଧି ଘଟିଛି । ଏଣୁ ଏହି ସମୟର ନାରୀ ମ୍ମରେ ପ୍ରତିବାଦୀ ସ୍ୱରୂପ ଦେଖିବାକୁ ମିଳେ । 'ରକ୍ତର ରଙ୍ଗ' (୧୯୯୭), 'ପଲସା'(୨୦୧୫), 'ଜଙ୍ଗଲୀ' (୨୦୧୧), 'ଲାସୁ' (୧୯୧୮), 'ଅରଣ୍ୟର ଅରୁନ୍ଧତୀ' (୨୦୧୧) ଇତ୍ୟାଦି ଉପନ୍ୟାସରେ ନାରୀର ପ୍ରତିବାଦୀ ରୂପ ପରିଲକ୍ଷିତ । କେତେକ ଉପନ୍ୟାସ ମଧ୍ୟରେ ଏହି ନାରୀ ଚରିତ୍ରମାନେ ନିଜର ଆତ୍ମରକ୍ଷା ଲାଗି ପ୍ରଶାସନିକ ଅଫିସର, ଜମିଦାର, ସାହୁକାର କିମ୍ବା ନିଜର କୌଣସି ବନ୍ଧୁ ଓ ସଂପର୍କୀୟଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି । ଅନ୍ୟପକ୍ଷରେ ଆଉ କେତେକ ଉପନ୍ୟାସରେ ଏମାନେ ନିଜ ସଂପ୍ରଦାୟ ଲାଗି ସରକାରଙ୍କ ବିପକ୍ଷରେ ନେତୃତ୍ୱ ନେଇଛନ୍ତି ।

ଏହି ଦିଗରୁ ପ୍ରତିବାଦୀ ନାରୀ ଚରିତ୍ରମାନଙ୍କୁ ସାମୂହିକ ଏବଂ ବ୍ୟକ୍ତିବିଶେଷ ଭେଦରେ ଗ୍ରହଣ କରାଯାଇପାରିବ । ଆଦିବାସୀ ନାରୀ ସରଳ ଏବଂ ସହନଶୀଳ । ମାତ୍ର ଶୋଷଣ ଓ ନିର୍ଯାତନାର ବୃଦ୍ଧି ଘଟିଲେ ସେ ପ୍ରତିବାଦ କରିବାର ସାମର୍ଥ୍ୟ ମଧ୍ୟ ରଖେ । ଏହାର ନିଚ୍ଛକ ଚିତ୍ର ଏହି କାଳର ଉପନ୍ୟାସ ମାନଙ୍କରେ ଦେଖିବାକୁ ମିଳେ ।

ଜଣେ ଶିକ୍ଷିତା ନାରୀ ବହୁ ପରିବର୍ତ୍ତନ ଓ ଅଗ୍ରଗତିର ସାମର୍ଥ୍ୟ ରଖେ । ନିଜ ସମାଜର ବିକାଶ କ୍ଷେତ୍ରରେ ସେ ନେତୃତ୍ୱ ନେଇପାରେ । ନାରୀ ଶିକ୍ଷା ପାଇଁ ସରକାରଙ୍କର ବହୁ ଯୋଜନା ରହିଛି । ମାତ୍ର ଆଦିବାସୀ ସମାଜରେ ଏହି ଯୋଜନା ବା ପ୍ରକଳ୍ପର କାର୍ଯ୍ୟକାରୀ ହେବା ଲକ୍ଷ୍ୟ କରାଯାଉନାହିଁ । ୧୯୭୫ ପରବର୍ତ୍ତୀ ଆଦିବାସୀ ଉପନ୍ୟାସରେ ନାରୀଶିକ୍ଷାର କୌଣସି ଅଗ୍ରଗତି ଲକ୍ଷ୍ୟ କରାଯାଏ ନାହିଁ । 'ରକ୍ତର ରଙ୍ଗ' (୧୯୯୭)ର କଲ୍ୟାଣୀ, 'ଆମେ କୁଆଡେ ଯିବା ଶକୁନ୍ତଳା ?' (୨୦୦୩)ର ଶକୁନ୍ତଳା ପ୍ରଭୃତି ଚରିତ୍ର ନିଜ ସମୁଦାୟଠାରୁ ବିଚ୍ଛିନ୍ନ ରହି ବିଦ୍ୟାର୍ଜନ କରିଛନ୍ତି । ନିଜ ସମାଜ ମଧ୍ୟରେ ରହି କୌଣସି ନାରୀ ଶିକ୍ଷିତା ହୋଇଥିବାର ଚିତ୍ର ଉପନ୍ୟାସରେ ଦେଖାଯାଏ ନାହିଁ । ଆଦିବାସୀ ସମାଜର ବିକାଶ କ୍ଷେତ୍ରରେ ନାରୀଶିକ୍ଷା ନିତାନ୍ତ ଆବଶ୍ୟକ । କଲ୍ୟାଣୀ, ଶକୁନ୍ତଳା ଆଦି ଚରିତ୍ର ଶିକ୍ଷିତା ହେବାପରେ ନିଜ ସମାଜର ଅଗ୍ରଗତି ଦିଗରେ କାର୍ଯ୍ୟ କରିଛନ୍ତି । ଏହା ଦ୍ୱାରା ନାରୀଶିକ୍ଷାର ଗୁରୁତ୍ୱକୁ ଜାଣିହୁଏ ।

ଏହି ସମୟର ଆଦିବାସୀ ଉପନ୍ୟାସରେ ବିସ୍ଥାପନ ଏକ ମୁଖ୍ୟ ସମସ୍ୟା । ନିଜର ଭିଟାମାଟି, ସଂସ୍କୃତି, ଆତ୍ମୀୟସ୍ୱଜନଙ୍କ ଠାରୁ ବିଚ୍ଛିନ୍ନ ହୋଇ ଆଦିବାସୀ ମଣିଷର ଅସ୍ମିତା ଲୋପ ପାଏ । ସରକାରଙ୍କର ଏଥିପ୍ରତି ଅବହେଳା ଯୋଗୁଁ ଦେଖାଦିଏ ଆଦିବାସୀ ବିଦ୍ରୋହ, ମାଓବାଦ ଓ ନକ୍ସଲବାଦ । ଓଡ଼ିଆରେ ବିସ୍ଥାପନ କୈନ୍ଦ୍ରିକ ବହୁ ଆଦିବାସୀ ଉପନ୍ୟାସ ରଚିତ । ଏହି ଉପନ୍ୟାସମାନଙ୍କରେ ବିସ୍ଥାପିତା ନାରୀର ଚିତ୍ର ଦେଖାଯାଇଛି । 'ଆଦିମ ଅରଣ୍ୟ' (୧୯୯୫)ର ଧାନୀ, 'ପଲସା' (୨୦୧୫)ର ପଲସା ଓ ସୁଲି, 'ଡାଲିମ୍ ବୋଲି ଝିଅଟିଏ' (୨୦୦୧)ର ଡାଲିମ୍ ପ୍ରମୁଖ ନାରୀ ଚରିତ୍ର ବିସ୍ଥାପିତ ହେବା ପରେ ନାନା ସମସ୍ୟା ଓ ଶୋଷଣର ଶିକାର ହୋଇଛନ୍ତି । ନିଜ ସଂପ୍ରଦାୟଠାରୁ ବିଚ୍ଛିନ୍ନ ସଭ୍ୟ ମଣିଷଙ୍କ ଗହଣରେ ଆଦିବାସୀ ନାରୀଟିଏ କାହିଁକି ଏବଂ କିପରି ଅସୁରକ୍ଷିତ ତାହା ପଲସା, ଚିନି, ସୁଲି, ଡାଲିମ୍ ପ୍ରଭୃତି ଚରିତ୍ର ମଧ୍ୟରେ ଫୁଟିଉଠିଛି ।

୧୯୭୫ ପୂର୍ବବର୍ତ୍ତୀ ଆଦିବାସୀ ଉପନ୍ୟାସରେ ନାରୀ ଏକ ପାରଂପାରିକ ସମାଜର ପ୍ରତିନିଧିତ୍ୱ କରୁଛି । ସେହିପରି ୧୯୭୫ ପରବର୍ତ୍ତୀ ସମୟର ଆଦିବାସୀ ଉପନ୍ୟାସରେ ମଧ୍ୟ ବହୁ ପ୍ରତିନିଧି ଶ୍ରେଣୀୟ ନାରୀଚରିତ୍ର ଦେଖାଯାନ୍ତି । ଡାଲିମ୍, ଶକୁନ୍ତଳା ପ୍ରମୁଖ ଚରିତ୍ର ନିର୍ଯାତିତା ନାରୀମାନଙ୍କର ପ୍ରତିନିଧିତ୍ୱ କରନ୍ତି । ପଲସା, ଝିଲି ପ୍ରମୁଖ ନାରୀଚରିତ୍ର ମାନେ ପ୍ରତିବାଦୀ ନାରୀମାନଙ୍କର ଏବଂ ନାରୀର ସ୍ୱାଭିମାନ, ଆଦର୍ଶ, ଆତ୍ମମର୍ଯ୍ୟାଦାର ପ୍ରତିନିଧିତ୍ୱ କରିଛନ୍ତି । 'ରକ୍ତର ରଙ୍ଗ' (୧୯୯୭)ର କଲ୍ୟାଣୀ, 'ଅରଣ୍ୟର ଅରୁନ୍ଧତୀ' (୨୦୧୧)ର ସଉରୀ ପ୍ରମୁଖ ନାରୀ ଚରିତ୍ରମାନେ ଆଦିବାସୀ ସମାଜର ବିକାଶ ଏବଂ ପରିବର୍ତ୍ତନର ଭାର ଉଠାଇଛନ୍ତି । ଏଣୁ ଏମାନେ ସାମାଜିକ ବିକାଶ କ୍ଷେତ୍ରରେ ଅଗ୍ରଭାଗରେ ନେତୃତ୍ୱ ନେଉଥିବା ନାରୀମାନଙ୍କର ପ୍ରତିନିଧିତ୍ୱ କରନ୍ତି । ଏ ନାରୀ ଚରିତ୍ରମାନେ ଏହି କାଳର ଉପନ୍ୟାସରେ ପରିବର୍ତ୍ତିତ ସମୟର ସୂତ୍ରଧର ସାଜିଛନ୍ତି । ଉପନ୍ୟାସରେ ଏମାନଙ୍କ ସଂସ୍କୃତିଗତ ଚିତ୍ର ନଥିଲେ ହେଁ ନାରୀ ବିକାଶର ଚିତ୍ର ବହୁ ପରିମାଣରେ ଦେଖାଯାଏ ।

ଦାରିଦ୍ର୍ୟ ଏବଂ ଶୋଷଣ ହିଁ ଆଦିବାସୀମାନଙ୍କର ଚାରିତ୍ରିକ ବୈଶିଷ୍ଟ୍ୟକୁ କ୍ଷୁର୍ଣ୍ଣ କରିବାର ମୁଖ୍ୟ କାରଣ । ଓଡ଼ିଆ ଆଦିବାସୀ ଉପନ୍ୟାସ ମଧ୍ୟରେ ବହୁ ନାରୀ ଚରିତ୍ରଙ୍କ ଚାରିତ୍ରିକ ବୈଶିଷ୍ଟ୍ୟର ଅବକ୍ଷୟ ଘଟିଥିବା ଦେଖାଯାଏ । ଭାଗୀରଥି ନେପାକଙ୍କ 'ରାଉରକେଲାର ସ୍ମୃତି'(୧୯୮୩)ରେ ଦାରିଦ୍ର୍ୟର ବଶବର୍ତ୍ତୀ ହୋଇ ଓରାଓଁ ଯୁବତୀମାନେ ନିଜର ଦେହ ବିକ୍ରି କରିଛନ୍ତି । ଡାଲିମ, ଶକୁନ୍ତଳା ପ୍ରମୁଖ ଚରିତ୍ରମାନେ ଦାରିଦ୍ର୍ୟର ଦୂରୀକରଣ ପାଇଁ ନିଜ ସମାଜଠାରୁ ବିଚ୍ଛନ୍ନ ହୋଇ ସଭ୍ୟ ସମାଜରେ ବସବାସ କରିଛନ୍ତି । ନାରୀ ଚରିତ୍ରମାନଙ୍କ ଅସହାୟ ଅବସ୍ଥା ଯୋଗୁଁ ହିଁ ସେମାନଙ୍କର ଅବକ୍ଷୟ ଘଟିଛି । ଫଳରେ ଏମାନଙ୍କର ଜୀବନ ପ୍ରତି ମୋହ, ପରିଶ୍ରମ ମନୋବୃତ୍ତି, ନୈତିକ ମୂଲ୍ୟବୋଧ ଇତ୍ୟାଦି ହ୍ରାସ ପାଇଛି । ଏହି କାଳର ଉପନ୍ୟାସମାନଙ୍କରେ ଆଦିବାସୀ ନାରୀର ଅବକ୍ଷୟୀ ସ୍ୱରୂପ ଏକ ଆକର୍ଷଣ ସୃଷ୍ଟିକରେ ।

୧୯୭୫ ପରବର୍ତ୍ତୀ ଓଡ଼ିଆ ଆଦିବାସୀ ଉପନ୍ୟାସରେ ନାରୀର ପରିବର୍ତ୍ତିତ ସ୍ୱରୂପ ଦେଖିବାକୁ ମିଳେ । ଉପନ୍ୟାସରେ ତାର ସଂସ୍କୃତିଗତ ରୂପ ଦେଖାଯାଇନାହିଁ ବରଂ; ଖାଦ୍ୟପେୟ, ବେଶପୋଷାକ, ପ୍ରେମ, ବିବାହ, ପରିବାର, ସମାଜ, ଜୀବନଯାପନ ଶୈଳୀରେ ଆଧୁନିକ ସଭ୍ୟତାର ଛାପ ସ୍ପଷ୍ଟ ବାରିହୁଏ । ଏହି

ପରିବର୍ତ୍ତନ 'ଲରେ ୧୯୭୫ ପୂର୍ବବର୍ତ୍ତୀ ଏବଂ ପରବର୍ତ୍ତୀ କାଳର ନାରୀ ମୂଳସ୍ଥ ବିବିଧତା ସ୍ପଷ୍ଟ ଜାଣିହୁଏ ।

ଆଦିବାସୀ ଉପନ୍ୟାସରେ ଅଣଆଦିବାସୀ ନାରୀ :

ଆଦିବାସୀ ହେଉ କିମ୍ବା ଅଣଆଦିବାସୀ, ପ୍ରତ୍ୟେକ ସମାଜରେ ନାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ । ନାରୀକୁ କେବଳ ମା, ଭଉଣୀ, ଝିଅ, ସ୍ତ୍ରୀ ଦୃଷ୍ଟିରୁ ବିଚାର ନକରି ବରଂ ତାର ପ୍ରତ୍ୟେକଟି ସୂକ୍ଷ୍ମ ଦିଗ ପ୍ରତି ସମ୍ମାନ ଦେବା ଆବଶ୍ୟକ । ଉପନ୍ୟାସ ମଧ୍ୟରେ ନାରୀ ମୁଖ୍ୟ, ଗୌଣ, ଖଳ ଆଦି ବହୁ ରୂପରେ ଆସିଛି । ନିଜର ସାମର୍ଥ୍ୟ ଅନୁଯାୟୀ ସେ କର୍ତ୍ତବ୍ୟ କରିଛି । ୧୯୭୫ ପୂର୍ବବର୍ତ୍ତୀ ଆଦିବାସୀ ଉପନ୍ୟାସରେ ପ୍ରାୟତଃ ଅଣଆଦିବାସୀ ନାରୀ ଚରିତ୍ର ଦେଖାଯାନ୍ତି ନାହିଁ । ସେତେବେଳର ଆଦିବାସୀ ସମାଜ ସଭ୍ୟ ସମାଜର ସଂସ୍ପର୍ଶରେ ବିଶେଷ ଆସିନଥିଲା । ହୁଏତ ଏହା ହିଁ କାରଣ ଯେ ଏହିକାଳର ଉପନ୍ୟାସରେ ଅଣଆଦିବାସୀ ନାରୀ ଚରିତ୍ର ସ୍ଥାନ ପାଇନାହାଁନ୍ତି । ୧୯୭୫ ପରବର୍ତ୍ତୀ ସମୟର ଉପନ୍ୟାସରେ ଏହି ରୀତିର ବ୍ୟତିକ୍ରମ ଲକ୍ଷ୍ୟ କରାଯାଏ । ପ୍ରତ୍ୟେକ ଆଦିବାସୀ ଉପନ୍ୟାସ ମଧ୍ୟରେ ଉଭୟ ଆଦିବାସୀ ଓ ଅଣଆଦିବାସୀ ନାରୀ ଚରିତ୍ର ଦେଖାଯା'ନ୍ତି । ଏହି ଅଣଆଦିବାସୀ ନାରୀ ଚରିତ୍ରମାନେ କେତେକ ସ୍ଥାନରେ ଆଦିବାସୀ ସମାଜର ବିକାଶ ସାଧନରେ ସହାୟକ ହୋଇଛନ୍ତି ଓ ଗୁରୁତ୍ୱପୂର୍ଣ୍ଣ ଭୂମିକା ମଧ୍ୟ ନେଇଛନ୍ତି । 'ପଲସା'(୨୦୧୫)ର ମାଲା, 'କାହାଣୀ ସବୁଜ ଉପତ୍ୟକା'ର ଯମୁନା, 'ଡାଲିମ୍ ବୋଲି ଝିଅଟିଏ'ର ତନିମା ପ୍ରଭୃତି ଚରିତ୍ର ଆଦିବାସୀ କଲ୍ୟାଣ ଦିଗରେ କାର୍ଯ୍ୟ କରିଛନ୍ତି । 'ଜଙ୍ଗଲୀ'ର ସୁଦୀପ୍ତା, କାହାଣୀ ଏକ ଆଦିମ ପରିବାରର'ର ଉମା ପ୍ରଭୃତି ନାରୀ ଚରିତ୍ର ଆଦିବାସୀ ସମାଜରେ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି । 'ଆଦିମ ଅରଣ୍ୟ'ର ମେଘମାଳା, 'ଆମେ କୁଆଡେ ଯିବା ଶକୁନ୍ତଳା ?'ର ରୀତା ସିଂ ପ୍ରଭୃତି ନାରୀ ଚରିତ୍ର ଖଳ ଭୂମିକାରେ ଦେଖାଦେଇଛନ୍ତି । ଏମାନେ ଆଦିବାସୀ ସଂସ୍କୃତି ବିରୋଧରେ କାର୍ଯ୍ୟ କରିଛନ୍ତି । ଆଦିବାସୀ ସମାଜରେ ନାରୀର ସ୍ୱତନ୍ତ୍ର ସ୍ଥାନ ରହିଛି । ଏହା ଅଣଆଦିବାସୀ ସମାଜରେ ଦେଖାଯାଏନାହିଁ । କେତେକ ସ୍ଥାନରେ ଆଦିବାସୀ ନାରୀ ବିନା ବାଛବିଚାରରେ ଚଳୁଥିବା ବେଳେ ଅଣଆଦିବାସୀ ନାରୀଟିଏ ସଂକୋଚ କରିଥାଏ । ସେହିପରି ସଭ୍ୟ ସମାଜରେ ଆଦିବାସୀ ନାରୀଟିଏ ବହୁ ସ୍ଥାନରେ ଚଳିବାରେ ସଂକୋଚ କରେ । ଉପନ୍ୟାସ ମଧ୍ୟରେ ଉଭୟ ସମାଜର ନାରୀଙ୍କ ଭିତରେ ନାନା ସମାନତା ଓ ବିବିଧତା ଦେଖାଯାଏ । ଯେପରିକି, ଆଦିବାସୀ ନାରୀ ସହନଶୀଳା ଏବଂ ଅନ୍ୟର ଖୁସି ପାଇଁ ସେ ତ୍ୟାଗ କରିପାରେ । ଅଣଆଦିବାସୀ ନାରୀ କେତେକ ସ୍ଥଳରେ ନିଜର ଖୁସି ପାଇଁ ଅନ୍ୟକୁ କଷ୍ଟ ଦେଇଛି । ଆଦିବାସୀ ନାରୀ ଲାଗି ତାର ଆତ୍ମସମ୍ମାନ ମୁଖ୍ୟ । ମାତ୍ର ଅଣଆଦିବାସୀ ନାରୀ ଆବଶ୍ୟକ ସ୍ଥଳେ ନିଜର ସ୍ୱାଭିମାନକୁ ଭୁଲି ଯାଇଛି । ଆଦିବାସୀ ନାରୀ ପାଖରେ ସଂପର୍କର ମୂଲ୍ୟ ବହୁତ ବେଶୀ ମାତ୍ର; ଏହା ଅଣଆଦିବାସୀ ନାରୀ ପାଖରେ ପ୍ରାୟତଃ ଦେଖାଯାଇ ନାହିଁ । ସେହିପରି ସମାନତା ଭାବରେ ଦେଖା ଦେଇଛି, ଆଦିବାସୀ ଓ ଅଣଆଦିବାସୀ ନାରୀ ଉଭୟେ ଆଦିବାସୀ ସମାଜର ବିକାଶ ନିମନ୍ତେ କାର୍ଯ୍ୟ କରିଛନ୍ତି । ଆଦିବାସୀ ନାରୀ ଶୋଷଣର ଶିକାର ହେଉଥିବା ବେଳେ ଉଭୟ ସମାଜର ନାରୀ ମିଳିମିଶି ପ୍ରତିବାଦ କରିଛନ୍ତି । ଆଦିବାସୀ ସମାଜର କେତେକ ବିଶ୍ୱାସ, ତନ୍ତ୍ରମନ୍ତ୍ର ଆଦିକୁ ଅଣଆଦିବାସୀ ନାରୀ ମଧ୍ୟ ଗ୍ରହଣ କରିଛି । ଆବଶ୍ୟକ ସ୍ଥଳେ ଉଭୟେ ସମାଜର ନାରୀ ନିଜନିଜ ସମାଜର ବିରୁଦ୍ଧରେ ସ୍ୱରୋତ୍ତଳନ କରିଛନ୍ତି । ଉପନ୍ୟାସ ମଧ୍ୟରେ ଅଣଆଦିବାସୀ ନାରୀ ବହୁ ରୂପରେ ଆସିଛି । କେତେକ ସ୍ଥାନରେ ତାର ଭୂମିକା ଆଦିବାସୀ ନାରୀ ଠୁଁ ବେଶୀ ଗୁରୁତ୍ୱପୂର୍ଣ୍ଣ ମନେହୁଏ । କେତେକ ସ୍ଥାନରେ ତାର ଖରାପ ଦିଗକୁ ମଧ୍ୟ ଦେଖାଇ ଦିଆଯାଇଛି । ଯାହାଦ୍ୱାରା ଉଭୟ ସମାଜର ନାରୀଙ୍କୁ ଚିହ୍ନିବା ସହଜ ମନେହୁଏ ।

ପ୍ରତ୍ୟେକ ସାହିତ୍ୟିକ କୃତି ରଚିତ ହେବା ପଛରେ କେତେକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ନିହିତ ଥାଏ । ସାହିତ୍ୟିକ କୌଣସି ନିର୍ଦ୍ଦିଷ୍ଟ ଇଚ୍ଛା ରଖି ବିଚାରଶକ୍ତିର ପ୍ରୟୋଗ କରିଥାନ୍ତି । କାହାଣୀ, ଚରିତ୍ର, ପରିବେଶ, ଭାଷା ଇତ୍ୟାଦି ସମ୍ମାନର ସହିତ ଗୋଟିଏ କାନ୍‌ଭାସରେ ଉତାରି ଥା'ନ୍ତି । ସମାଜରେ ଘଟୁଥିବା ବିଭିନ୍ନ ଘଟଣା, ସମସ୍ୟା, ମଣିଷର ଜୀବନଶୈଳୀ ଆଦିକୁ ସାଧାରଣ ମଣିଷମାନଙ୍କ ପାଖରେ ଉପସ୍ଥାପନ କରିବା ହିଁ ଔପନ୍ୟାସିକର ଉଦ୍ଦେଶ୍ୟ ହୋଇଥାଏ । ଏହା ଦ୍ୱାରା ସେ ସମାଜରେ ସଂସ୍କାର ଆଣିବାକୁ ଏବଂ ବାର୍ତ୍ତା ଦେବାର ପ୍ରୟାସ କରିଥାନ୍ତି । ଓଡ଼ିଆ ଆଦିବାସୀ ଉପନ୍ୟାସରେ ଔପନ୍ୟାସିକମାନେ ଆଦିବାସୀମାନଙ୍କ ଜୀବନଶୈଳୀ, ସଂସ୍କୃତି, ସମସ୍ୟା, ସମାଜ ଆଦି ସଂପର୍କରେ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

ଆଦିବାସୀମାନଙ୍କ ଶିକ୍ଷା, ଭାଷା, ପ୍ରଗତି ପ୍ରଭୃତି କାହିଁକି ବାଧାପ୍ରାପ୍ତ ଏବଂ ଏଥିପ୍ରତି ସରକାରଙ୍କର କି କି ଯୋଜନା ରହିଛି ତାହା ଉପନ୍ୟାସରେ ଦେଖାଇ ଦିଆଯାଇଛି । ଫଳରେ ଆଦିବାସୀ ସମାଜ ସଂପର୍କୀତ ଏକ ଧାରଣା ସାଧାରଣ ମଣିଷ ପାଇପାରୁଛି । କେତେକ ଉପନ୍ୟାସରେ ଔପନ୍ୟାସିକମାନେ ନାରୀ ଚରିତ୍ରଙ୍କୁ ଗୁରୁତ୍ୱ ଦେଇଛନ୍ତି । ସେହି ଚରିତ୍ରମାନଙ୍କ ମାଧ୍ୟମରେ ସମାଜରେ ସଂସ୍କାର ଆଣିବାର ବାର୍ତ୍ତା ପ୍ରଦତ୍ତ । ନାରୀକୁ ଗୁରୁତ୍ୱ ପ୍ରଦାନ କରାଯାଇ ପ୍ରାୟ ପଚିଶଟି ଆଦିବାସୀ ଉପନ୍ୟାସ ରଚିତ । ଏଥିରେ ନାରୀଚରିତ୍ରମାନଙ୍କୁ ଗୁରୁତ୍ୱ ଦେବା ପଛରେ ଔପନ୍ୟାସିକମାନଙ୍କର କେତେକ ଉଦ୍ଦେଶ୍ୟ ନିହିତ । ସେଥିମଧ୍ୟରେ ରହିଛି ଆଦିବାସୀ ନାରୀ ଚରିତ୍ରର ସାଂସ୍କୃତିକ ଏବଂ ଚାରିତ୍ରିକ ବୈଶିଷ୍ଟ୍ୟ ପ୍ରତିପାଦନ । ଆଦିବାସୀ ନାରୀର ସମସ୍ୟା, ଶୋଷଣ, ବିସ୍ଥାପନ ଇତ୍ୟାଦି ଦିଗପ୍ରତି ଦୃଷ୍ଟି ଆକର୍ଷଣ । ନାରୀର ଉନ୍ନତି କ୍ଷେତ୍ରରେ ଶିକ୍ଷାର ଆବଶ୍ୟକତା । ଆଦିବାସୀ ସମାଜର ବିକାଶ ଏବଂ ଅପରାଧ ପ୍ରବଣ ଆଦିବାସୀ ସଂପ୍ରଦାୟର (ଲୋଧା) ପରିବର୍ତ୍ତନରେ ନାରୀର ଭୂମିକା । ପୁରୁଷ ଏବଂ ନାରୀ ମନ୍ରେ ଥିବା ସ୍ୱାତନ୍ତ୍ର୍ୟ ପ୍ରତି ଦୃଷ୍ଟି ଆକର୍ଷଣ । ଆଦିବାସୀ ଏବଂ ଅଣଆଦିବାସୀ ସମାଜରେ ନାରୀର ସ୍ୱରୂପ । ଆଦିବାସୀ ନାରୀର ଅସ୍ମିତା ଲୋପର କାରଣ ପ୍ରତି ଦୃଷ୍ଟି ଆକର୍ଷଣ ।

ସମାଜ ପାଇଁ ଏହି ଚରିତ୍ରମାନଙ୍କର ପ୍ରୟୋଜନିୟତା ସଂପର୍କରେ ଉପନ୍ୟାସମାନଙ୍କରୁ ସ୍ପଷ୍ଟ ବୁଝାପଡେ । 'ଆଦିଭୂମି' (୧୯୯୩), 'ଜଙ୍ଗଲୀ', 'ଡାଲିମ୍ ବୋଲି ଝିଅଟିଏ' (୨୦୦୧) ଉପନ୍ୟାସ ତ୍ରୟ ନାରୀ ଔପନ୍ୟାସିକାଙ୍କ ଦ୍ୱାରା ରଚିତ । ଜଣେ ନାରୀ ଦୃଷ୍ଟିରେ ଅନ୍ୟ ସମାଜର ନାରୀ କିପରି ତାହା ଏହି ଉପନ୍ୟାସ ତ୍ରୟରେ ରୂପ ପାଇଛି, ଏବଂ ଉକ୍ତ ନାରୀ ଚରିତ୍ରମାନଙ୍କର ବୈଶିଷ୍ଟ୍ୟ, ପ୍ରୟୋଜନ ଇତ୍ୟାଦି ସଂପର୍କରେ ଏଥିରୁ ଜାଣିହୁଏ । ମନୁଷ୍ୟ ସମାଜରେ ଆଦିବାସୀ ସମାଜ ଏକ ବଳିଷ୍ଠ ସମାଜ । ଏମାନେ ନିଜର ପ୍ରଥା, ପରଂପରା ଏବଂ ସଂସ୍କୃତିକୁ ସମ୍ମାନ କରିଥାନ୍ତି । ଏମାନଙ୍କ ଜୀବନଶୈଳୀ ଅନ୍ୟମାନଙ୍କଠାରୁ ଭିନ୍ନ । ସାଧାରଣତଃ ଆଦିବାସୀମାନେ ଗୋଷ୍ଠୀଗତ ଜୀବନ ଅତିବାହିତ କରିଥାନ୍ତି । ଏମାନଙ୍କ ସମାଜରେ ନାରୀର ପ୍ରାଧାନ୍ୟ ଅଧିକ । ସାମାଜିକ, ସାଂସ୍କୃତିକ, ଆର୍ଥନୀତିକ କ୍ଷେତ୍ରକୁ ସୁଦୃଢ଼ କରିବାରେ ଏହି ନାରୀମାନଙ୍କର ବଳିଷ୍ଠ ଭୂମିକା ରହିଥାଏ । ଓଡ଼ିଆ ସାହିତ୍ୟରେ ଆଦିବାସୀ ନାରୀ ଜୀବନ କୈନ୍ଦ୍ରିକ ପ୍ରାୟ ପଚିଶରୁ ଉର୍ଦ୍ଧ୍ୱ ଉପନ୍ୟାସ ରଚିତ ହୋଇସାରିଛି । ଏଗୁଡ଼ିକ ପାଠକଙ୍କୁ ଆଦିବାସୀ ସମାଜ ଓ ସଂସ୍କୃତିର ନିକଟତର କରାଏ ।

ପ୍ରଥମ ଆଦିବାସୀ ଉପନ୍ୟାସ 'ଭୀମା ଭୂୟାଁ' (୧୯୦୮)ରେ ଔପନ୍ୟାସିକ ଗୋପାଳବଲ୍ଲଭ ଦାସ ଭୂୟାଁ ସଂପ୍ରଦାୟର ଜୀବନ ସଂପର୍କରେ ଗୁରୁତ୍ୱାରୋପ କରିଛନ୍ତି । ମାତ୍ର ଏଥିମଧ୍ୟରେ ଆଦିବାସୀ ନାରୀକୁ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଇନାହିଁ । ଏହାର ପରବର୍ତ୍ତୀ କାଳରେ ଗୋପୀନାଥ ମହାନ୍ତିଙ୍କ 'ପରଜା' (୧୯୪୫), 'ଅମୃତର ସନ୍ତାନ' (୧୯୪୯) ଆଦି ଉପନ୍ୟାସ ପାଠକଙ୍କୁ ଆଦିବାସୀ ନାରୀର ଜୀବନ ସହିତ ପରିଚିତ କରାଇଛି । ଏହି ଉପନ୍ୟାସରେ ନାରୀ ପ୍ରତି ସାହୁକାରର ଅତ୍ୟାଚାର, ନାରୀର ସ୍ୱାଭିମାନୀ ରୂପ ଏବଂ ନାରୀର ନିଜ ସମାଜରେ ଥିବା ଭୂମିକା ଦେଖିବାକୁ ମିଳେ । ଆଦିବାସୀ ନାରୀର ଜୀବନଶୈଳୀକୁ ଏହି ଉପନ୍ୟାସ ଦ୍ୱୟରୁ ବୁଝି ହୁଏ । ଏ ରୀତି ଏଯାବତ ଚଳିଆସୁଛି । ଫଳରେ ନାରୀକୁ ଭିନ୍ନ ଭିନ୍ନ ରୂପରେ ଉପନ୍ୟାସ ମଧ୍ୟରେ ଚିତ୍ରଣ କରାଯାଉଛି । ପ୍ରକୃତରେ ଏହି ନାରୀ ଚରିତ୍ରମାନେ ହିଁ ଉପନ୍ୟାସଗୁଡ଼ିକୁ ଅଧିକ ଜୀବନ୍ତ କରି ଗଢ଼ିତୋଳନ୍ତି । ୧୯୪୫-୨୦୨୦ ମଧ୍ୟରେ ରଚିତ ଆଦିବାସୀ ଉପନ୍ୟାସରେ ନାରୀ ଚରିତ୍ରମାନେ ନିଜର ସମାଜିକ, ସାଂସ୍କୃତିକ ଓ ଆର୍ଥନୀତିକ କର୍ତ୍ତବ୍ୟକୁ ନିଖୁଣ ଭାବରେ ସଂପାଦନ କରିଛନ୍ତି । ସମାଜ ଓ ଗୋଷ୍ଠୀ ସହିତ ଏମାନଙ୍କ ନିବିଡ଼ ସଂପର୍କ ରହିଛି । ପ୍ରଥା ପରଂପରାକୁ ସମ୍ମାନ ପ୍ରଦର୍ଶନ କରି ଏମାନେ ନୀତିନିୟମ ଅନୁସାରେ ଚଳିବାକୁ ଚେଷ୍ଟା କରିଛନ୍ତି । କିନ୍ତୁ ଅର୍ଥନୀତି କ୍ଷେତ୍ରରେ ନାରୀମାନଙ୍କ ଉପରେ ଆଦିବାସୀ ପରିବାର ବିଶେଷ ନିର୍ଭର କରିଥାଏ । ଏଣୁ ନାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଔପନ୍ୟାସିକମାନେ କେତେକ ନାରୀଚରିତ୍ର ମଧ୍ୟରେ ପରିବର୍ତ୍ତନ ଆଣିବାକୁ ପ୍ରୟାସ କରିଥିଲେ ହେଁ ଏହି ଚରିତ୍ରମାନେ ନିଜ ପରଂପରାରୁ ଉର୍ଦ୍ଧ୍ୱକୁ ଯାଇ ସଂପୂର୍ଣ୍ଣ ସ୍ୱତନ୍ତ୍ର ରୂପ ଧାରଣ କରିପାରିନାହାଁନ୍ତି । ସଭ୍ୟ ସମାଜର ସଂସ୍ପର୍ଶରେ ଏମାନଙ୍କ ସମାଜିକ, ସାଂସ୍କୃତିକ, ଆର୍ଥନୀତିକ ଜୀବନରେ କେତେକ ପରିବର୍ତ୍ତନ ଲକ୍ଷ୍ୟ କରାଯାଇପାରେ । ଏମାନଙ୍କ ବେଶଭୂଷା, ଖାଦ୍ୟପେୟ, ଜୀବନଶୈଳୀରେ ପରିବର୍ତ୍ତନ ଆସିଛି । ମାତ୍ର ଏମାନେ ଅଣଆଦିବାସୀ ମଣିଷଙ୍କ ଦ୍ୱାରା ପ୍ରତାରିତ ହୋଇଛନ୍ତି ଏବଂ ପ୍ରତିବାଦ

ମଧ୍ୟ କରିଛନ୍ତି । ଏହା ସତ୍ତ୍ୱେ ମଧ୍ୟ ଏହି ନାରୀ ଚରିତ୍ରମାନେ ନିଜ ସମାଜ ଓ ସଂସ୍କୃତିଠାରୁ ବିଚ୍ଛିନ୍ନ ହୋଇ ବେଶୀ ଦୂର ଯାଇପାରି ନାହାନ୍ତି । ଯଥାର୍ଥରେ ଆଦିବାସୀ ନାରୀ ସମଗ୍ର ନାରୀ ଜାତି ପାଇଁ ଉଦାହରଣ ସାଜିପାରେ ତାହା ଅସ୍ୱୀକାର କରାଯାଇ ନପାରେ ।

ସହାୟକ ଗ୍ରନ୍ଥସୂଚୀ :

ଓଡ଼ିଆ ସମାଲୋଚନାତ୍ମକ ଗ୍ରନ୍ଥସୂଚୀ

୧. ଚାନ୍ଦ, ଶ୍ରୀମତୀ ଅଳକା, ଆରଣ୍ୟକର ଇତିବୃତ୍ତ : ଆଦିବାସୀ ଜୀବନ ଓ ସଂସ୍କୃତି, ଇମେଜ ପବ୍ଲିକେଶନ୍ସ, ୪୩୨୩ ସି, ଲୁଇସ୍ ରୋଡ୍, ଭୁବନେଶ୍ୱର–୭୫୧୦୦୨, ପ୍ରଥମ ପ୍ରକାଶନ – ୨୦୦୨ ।

୨. ଦାସ, ଡ. ସୁଲୋଚନା, ଓଡ଼ିଆ ଉପନ୍ୟାସରେ ଆଦିବାସୀ ଜୀବନଚର୍ଯ୍ୟା, ବିଦ୍ୟାପୁରୀ, ବାଲୁବଜାର, କଟକ, ପ୍ରଥମ ପ୍ରକାଶ- ୨୦୧୫ ।

୩. ପ୍ରଧାନ, ସବିତା, ଉପନ୍ୟାସର ଅବବୋଧ, ଅଗ୍ରଦୂତ, କଟକ, ପ୍ରଥମ ପ୍ରକାଶ -୨୦୦୪ ।

୪. ହେମ୍ବ୍ରମ୍, ଲିପି, ଗୋପୀନାଥ ଉପନ୍ୟାସରେ ଆଦିବାସୀ ନାରୀର ଜୀବନଚର୍ଯ୍ୟା, ଓଡ଼ିଶା ବୁକ୍ ଷ୍ଟୋର, ବିନୋଦବିହାରୀ, କଟକ, ପ୍ରଥମ ପ୍ରକାଶ – ୧୯୯୩ ।

ଇଂରାଜୀ ସମାଲୋଚନାତ୍ମକ ଗ୍ରନ୍ଥସୂଚୀ

1. Chaudhary, S.N., Tribal Women Yesterday, Today And Tomorrow, Rawat Publications, Satyam Apts, Sector 3, Jawahar Nagar, Jaipur 302004 (India), 2015.

2. De, Debasree, A History of Adivasi Women in Post – Independence Eastern India, Saga Publications Inc, Los Angeles, London, New Delhi, First Published 2018.

ଓଡ଼ିଆ ପତ୍ରପତ୍ରିକା :

ଓଡ଼ିଶାର ଆଦିବାସୀ (The Tribes of Odissa), କୋରାପୁଟ ଜିଲ୍ଲା ସାମ୍ବାଦିକ ସଂଘ, ଅଗଷ୍ଟ ୧୨, ୨୦୦୪ ।

ଗବେଷିକା

ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,

ବିଶ୍ୱଭାରତୀ, ଶାନ୍ତିନିକେତନ, ପଶ୍ଚିମବଙ୍ଗ

ISSN -2583-147X(P), **Vol.- 9, Issue No.II, May 2023**
Bastabatara Pariprakash Prachee
Peer Reviewed and Referred Research Journal

ଦିଲ୍ଲୀଶ୍ୱରଙ୍କ ନାଟ୍ୟଜଗତ

ଜ୍ୟୋତିସ୍ମିତା ସାହୁ

୧୯୬୦ ମସିହା ପରବର୍ତ୍ତୀ ସମୟରେ ପାଶ୍ଚାତ୍ୟ ନାଟ୍ୟଧାରାର ପ୍ରଭାବରେ ଓଡ଼ିଆ ନାଟ୍ୟ ପରମ୍ପରାର ଆଙ୍ଗିକ ଓ ଆତ୍ମିକ କ୍ଷେତ୍ରରେ ବିଭିନ୍ନ ପରିବର୍ତ୍ତନର ସୂତ୍ରପାତ ଆରମ୍ଭ ହେଲା । ପାରମ୍ପରିକ ନାଟ୍ୟଧାରାକୁ ପରିହାରକରି ଆଲୋଚ୍ୟ କାଳର ନାଟ୍ୟକାରଗଣ ନୂତନତାର ଆବାହନରେ ନିଜକୁ ନିୟୋଜିତ କଲେ । ଆମ ନାଟ୍ୟ ସାହିତ୍ୟକୁ ଆନ୍ତର୍ଜାତିକ ସୀମା ସରହଦ ଛୁଆଁଇବାକୁ ଚେଷ୍ଟାକରି ଆଲୋଚ୍ୟକାଳର ନାଟ୍ୟକାରଗଣ ଇଚ୍ଛାକୃତ ଭାବରେ ନୂତନ ଭାବଧାରାକୁ ନାଟକରେ ଅନୁପ୍ରବେଶ କରାଇଲେ । ଫଳତଃ ଆଧୁନିକ ମଣିଷର ଜୀବନ ଯନ୍ତ୍ରଣା ଏହି ସମୟର ନାଟ୍ୟ ସୃଷ୍ଟିରେ ବୌଦ୍ଧିକତା ମଧ୍ୟରେ ଆତ୍ମପ୍ରକାଶ କଲା । ନାଟକ କେବଳ ମନୋରଞ୍ଜନ ସାଧନ ନହୋଇ ମାନସ ମନ୍ଥନର ପର୍ଯ୍ୟାୟକୁ ଉନ୍ନୀତ ହେଲା । ଉତ୍ତର ଅଶୀ କାଳର ଜଣେ କୃତବିଦ୍ୟ ନାଟ୍ୟକାର ଭାବରେ ଦିଲ୍ଲୀଶ୍ୱର ମହାରଣାଙ୍କ ସାଧନା ଓଡ଼ିଆ ନାଟ୍ୟ ସାହିତ୍ୟର ଦିଗ୍‌ବଳୟକୁ ସଂପ୍ରସାରିତ ତଥା ଦେଦୀପ୍ୟମାନ କରିବାରେ ସହାୟକ ହୋଇଛି । ସାଂପ୍ରତିକ କାଳରେ ଜଣେ ପ୍ରତିଷ୍ଠିତ ନାଟ୍ୟକାର ଭାବରେ ସେ ଅଶେଷ ସିଦ୍ଧିର ଅଧିକାରୀ ।

ସ୍ରଷ୍ଟା ସହ ସୃଷ୍ଟିର ସମ୍ପର୍କ ଅବିଚ୍ଛେଦ୍ୟ । ସୃଷ୍ଟି ଦର୍ପଣରେ ସ୍ରଷ୍ଟାର ଭାବ-ଭାବନା, ଚିନ୍ତାଚେତନା ପ୍ରଭୃତି ପ୍ରତିଫଳିତ ହୋଇଥାଏ । ଏଣୁ ନାଟ୍ୟ ସ୍ରଷ୍ଟା ଦିଲ୍ଲୀଶ୍ୱର ମହାରଣାଙ୍କ ନାଟ୍ୟକଳା ସମ୍ପର୍କରେ ବିଚାର କରିବା ପୂର୍ବରୁ ତଦୀୟ ବ୍ୟକ୍ତିଗତ ତଥା ସାରସ୍ୱତ ଜୀବନୀ ସହ ପରିଚିତ ହେବା ସର୍ବାଦୌ ବାଞ୍ଛନୀୟ ।

ନାଟ୍ୟକାର ଶ୍ରୀଯୁକ୍ତ ମହାରଣା ଓଡ଼ିଆ ନାଟ୍ୟ ସାହିତ୍ୟ ଜଗତର ଏକ ଅମ୍ଲାନ ପ୍ରତିଭା । ନାଟ୍ୟ ରଚନା ଠାରୁ ଆରମ୍ଭ କରି ଅଭିନୟ, ମଞ୍ଚପରିଚାଳନା, ସଂଯୋଜନା, ନିର୍ଦ୍ଦେଶନା ପ୍ରତିଟି କ୍ଷେତ୍ରରେ ତାଙ୍କର ବ୍ୟକ୍ତିତ୍ୱ ପ୍ରସ୍ଫୁଟିତ ହୋଇପାରିଛି । ବିଦ୍ୟାଳୟର ଛାତ୍ର ଜୀବନରୁ ନାଟକ ପ୍ରତି ତାଙ୍କର ଗଭୀର ଆନ୍ତରିକତା ରହିଛି ଯାହା ତାଙ୍କୁ ଆଣିଦେଇଛି ଅନେକ ସଫଳତା କେବଳ ନାଟ୍ୟ ରଚନା ନୁହେଁ ନାଟ୍ୟ ନିର୍ଦ୍ଦେଶନା କ୍ଷେତ୍ରରେ ମଧ୍ୟ ସେ ସ୍ୱତନ୍ତ୍ରତା ଓ ମୌଳିକତା ଆନୟନରେ ପ୍ରୟାସ କରିଛନ୍ତି ତଥା ସା'ଲ୍ୟ ଅର୍ଜନ କରିଛନ୍ତି । ଓଡ଼ିଶାର ନାଟକକୁ ସେ ଓଡ଼ିଆ ମାଟିରୁ ଜାତୀୟ ସ୍ତରକୁ ଘେନିଯାଇଛନ୍ତି । ତାଙ୍କ ମହାର୍ଘ ଅବଦାନ ଯୋଗୁଁ ସେ ଓଡ଼ିଆ ତଥା ଜାତୀୟ ସ୍ତରରେ ଲାଭ କରିଛନ୍ତି ଅନେକ ପୁରସ୍କାର ଓ ସମ୍ବର୍ଦ୍ଧନା । ଜଣେ ନିବିଷ୍ଟ ଶିଳ୍ପୀ ମୂର୍ତ୍ତି ଗଢିବା ପରି ନାଟ୍ୟକାର ମହାରଣା ଅବିଶ୍ରାନ୍ତ ରୀତିରେ ଗୋଟିଏ ପରେ ଗୋଟିଏ ନାଟକ ସୃଷ୍ଟି କରି ଓଡ଼ିଆ ନାଟ୍ୟ ସାହିତ୍ୟକୁ ସମୃଦ୍ଧଶାଳୀ କରିଛନ୍ତି । ସତେ ଯେପରି ତାଙ୍କ ଲେଖନୀର ବିରାମ ନାହିଁ । ବାସ୍ତବରେ ମଞ୍ଚ ହେଉଛି ତାଙ୍କ ପ୍ରାଣ । ଓଡ଼ିଶାର ରଙ୍ଗମଞ୍ଚ ମଧ୍ୟରୁ ସେ ପାଇଛନ୍ତି ଅଫୁରନ୍ତ ଜୀବନ ଶକ୍ତି । ତାହା ତାଙ୍କ ଲେଖନୀକୁ ଦେଇଛି ଅମିତ ଶକ୍ତି ଓ ପ୍ରତ୍ୟୟ । ତାଙ୍କ ଅମୃତ ଲେଖନୀରୁ ଯେଉଁ ଉପାଦାନ ସୃଷ୍ଟି ହୋଇଛି, ତାହା ଓଡ଼ିଶାର ପ୍ରତିଟି ନାଟ୍ୟ ସହୃଦୟ ଜୀବନକୁ କରିଛି ରୋମାଞ୍ଚିତ ଓ ଉଲ୍ଲସିତ । ଯେଉଁଠି ସ୍ରଷ୍ଟା ପ୍ରାଣ ସୃଷ୍ଟି ଭିତରେ ନିମଜ୍ଜିତ ହୋଇଯାଏ, ସେଠାରେ ହିଁ କଳ-ନିନାଦିନୀ ସ୍ରୋତସ୍ୱିନୀ ପରି ଅମୃତର ଧାରାରେ ଭସାଇ ନିଏ ସମଗ୍ର ଜଗତକୁ । ସେଇ ସୃଷ୍ଟି ଭିତରେ ପୃଥିବୀର ମଣିଷ ଆପଣାକୁ ଆବିଷ୍କାର କରେ । ନାଟକରେ ସ୍ରଷ୍ଟା ପ୍ରାଣର ଆତ୍ମନିମଜ୍ଜମାନତା ନ ରହିଲେ ତାହା ଦର୍ଶକ ହୃଦୟରେ ପ୍ରାଣ-ସ୍ପନ୍ଦନ ସୃଷ୍ଟି କରିପାରେ ନାହିଁ । ନାଟ୍ୟକାର ଦିଲ୍ଲୀଶ୍ୱର ମହାରଣା ଅନୁରୂପ ଏକ ଆତ୍ମ-ନିମଜ୍ଜମାନ ସ୍ରଷ୍ଟା ।

ଏହି ମହାନ୍ ସ୍ରଷ୍ଟା ଜନ୍ମ ଗ୍ରହଣ କରିଥିଲେ ଢେଙ୍କାନାଳ ଜିଲ୍ଲାର ଗୋଡ଼ିଡ଼ିହ ଗ୍ରାମରେ ୧୯୪୭ ମସିହା ନଭେମ୍ବର ୫ ତାରିଖରେ । ପିତା ଟଙ୍କଧର ମହାରଣା, ମାତା ଇନ୍ଦୁମତୀ ମହାରଣାଙ୍କର ଏକ ମାତ୍ର ପୁତ୍ର ସନ୍ତାନ । ଶ୍ରୀଯୁକ୍ତ ମହାରଣାଙ୍କ ବାଲ୍ୟ ଶିକ୍ଷା ଜୀବନ ଆରମ୍ଭ ହୋଇଥିଲା ବଳରାମ ପ୍ରସାଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଢେଙ୍କାନାଳରେ ଯାହା ତାଙ୍କ ଗ୍ରାମଠାରୁ ଅଧ କିଲୋମିଟର ଦୂରରେ ଅବସ୍ଥିତ । ପରବର୍ତ୍ତୀ ସମୟରେ ଧଳପୁର ମଧ୍ୟ ଇଂରାଜୀ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ଅଧ୍ୟୟନ କରନ୍ତି । ସପ୍ତମ ଶ୍ରେଣୀ ପାସ୍ କଲାପରେ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବ୍ରଜନାଥ ବଡଜେନା ହାଇଅର ସେକେଣ୍ଡାରି ସ୍କୁଲରେ ସେ ପଢିଲେ । ସେ ସମୟରେ ନବମ ଶ୍ରେଣୀରୁ ପିଲାଙ୍କୁ କଳା, ବିଜ୍ଞାନ ଅନୁସାରେ ଅଲଗା କରିଦିଆଯାଉଥିଲା । ନାଟ୍ୟକାର ବିଜ୍ଞାନର ଛାତ୍ର ଥିଲେ । ଦ୍ୱାଦଶ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବାପରେ ଢେଙ୍କାନାଳ ପି.ପି. (ପି. ପ୍ରଫେସିନାଲ) ପଢିଲେ । ଏହାକୁ ପାସ୍ କଲାପରେ ଅନୁଗୁଳ କଲେଜରେ ଗଣିତକୁ ସମ୍ମାନ ଭାବରେ ରଖି ଅଧ୍ୟୟନ କଲେ । ଏହାପରେ ଆଇନ ପଢ଼ିବା ପାଇଁ କଟକ ଆସିଲେ ମାତ୍ର ଭାଗ୍ୟର ବିଡ଼ମ୍ବନା ଯୋଗୁଁ ବାପାଙ୍କ ବ୍ୟବସାୟରେ କ୍ଷତି ହେବାରୁ ବାଧ୍ୟ ହୋଇ ଆଇନ ପଢାକୁ ମଝିରୁ ବନ୍ଦ କରିବାକୁ ପଡିଲା । ମାତାଙ୍କ କଥାନୁସାରେ ପରିବାରର ଆର୍ଥିକ ଅବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ ପାଠପଢା ଛାଡ଼ି ଚାକିରିରେ ଯୋଗ ଦେଲେ । ଓଡ଼ିଶା ସମବାୟ ବିଭାଗରେ ନିଜ ବୃତ୍ତିଗତ ଜୀବନର ଆରମ୍ଭ କଲେ । ବୃତ୍ତିଗତ ଜୀବନ ସହିତ ଅନୁରୂପ ଭାବରେ ନାଟକ ରଚନା ମଧ୍ୟ ଚାଲିଲା । ଚାକିରୀରୁ ଅବସର ଗ୍ରହଣ କରି ମଧ୍ୟ ଏ ପର୍ଯ୍ୟନ୍ତ ତାଙ୍କ ଲେଖନୀ ବିଶ୍ରାମ ନେଇ ନାହିଁ ।

ସେ ଦିନ ଆସୁଛି, ସୁଅ, ଉତ୍ତର ପୁରୁଷ, ବାଉଁଶ ଠେଙ୍ଗାରେ ସ୍ୱାଧୀନତା, ଆସନ୍ନ ପ୍ରଳୟ, ବାର୍ତ୍ତା, ନ୍ୟାୟ, ସିଦ୍ଧାନ୍ତ, ରାଜାଘର ଖେଳ, ଆପଣ ସାକ୍ଷୀ ରହିଲେ ହଜୁର, ଶେଷ ଠିକଣା, ଅସ୍ଥି, ଅସମାପ୍ତ, ଭାଇ ଭାଇ, ଭଲପାଇବାର ରଙ୍ଗ, ସୂର୍ଯ୍ୟ ପରାଗ, ସୂର୍ଯ୍ୟ ପରାଗ, ଦ୍ୱିତୀୟ ଈଶ୍ୱର, ଚକେଗଲେ ବାର ହାତ, ସୂର୍ଯ୍ୟ ଉଦୟର ବେଳ, କୁମାର କୁଳ ଚନ୍ଦ୍ରମା, ତତକାଳ ସମାଧାନ, ଏ ମଙ୍ଗଳ ମହୁରୀର ତାନ ଆଦି ନାଟକ ସେ ରଚନା କରିଛନ୍ତି ।

ନାଟ୍ୟକାରଙ୍କ ସମଗ୍ର ନାଟକକୁ ବିଭାଗୀକରଣ କରି ନିମ୍ନରେ ଆଲୋଚନା କରାଯାଇପାରେ ।

ଐତିହାସିକ ନାଟକ :

'ବାଉଁଶ ଠେଙ୍ଗାରେ ସ୍ୱାଧୀନତା' ନାଟ୍ୟକାରଙ୍କ ଲେଖନୀର ସର୍ବୋତ୍କୃଷ୍ଟ ସୃଷ୍ଟି । ୧୯୮୯ରେ ଇତିହାସରୁ ଏହାର ପଞ୍ଜରଟିକୁ ସଂଗ୍ରହ କରାଯାଇ ନାଟ୍ୟକାର ଏଥିରେ ରକ୍ତ ମାଂସ ଭରିଥିଲେ । ୧୯୩୯ ମସିହାରେ ଓଡ଼ିଶାର ଏକ ଅନ୍ଧାରିମୂଳକ ରଣପୁର ଗଡଜାତର କେତେଜଣ ମଣିଷରୂପୀ ମେଣ୍ଢା ପ୍ରବଳ ପରାକ୍ରାନ୍ତ ବିଦେଶୀଶାସକଙ୍କର ଚଳନ୍ତି ପ୍ରତିମା ପଲିଟିକାଲ ଏଜେଣ୍ଟ ପଦବୀଧାରୀ ପ୍ରଜାକଣ୍ଟକ ମାନବିକତାର ଅପମାନକାରୀ ଶ୍ୱେତଚର୍ମଧାରୀ ବେଜେଲଗେଟକୁ ବାଉଁଶ ଠେଙ୍ଗାରେ ପିଟିପିଟି ଯେଉଁଭଳି ଅପମାନର ପୁଞ୍ଜିଭୂତ କ୍ରୋଧ ଉପଶମ କରି ସମଗ୍ର ବିଶ୍ୱରେ ଆଲୋଡ଼ନ ସୃଷ୍ଟି କରିଥିଲେ ସେଇ ଲୋମହର୍ଷକ ବିବରଣୀ ନାଟକରେ ସ୍ଥାନ ପାଇଛି । ଶୁଣାଯାଏ ଯେ ବ୍ରିଟିଶ ପାର୍ଲିଆମେଣ୍ଟ ନରସଂହାରକାରୀ ଏହି ଅଦ୍ଭୁତ ଅସ୍ତ୍ରଟିକୁ ଦେଖିବାକୁ ଚାହିଁଲାରୁ ଜାହାଜରେ ଟ୍ରକ ଭର୍ତ୍ତି କରି ଠେଙ୍ଗା ବିଲାତକୁ ରପ୍ତାନୀ କରାଯାଇଥିଲା ।

ବିଦ୍ରୋହୀ ଦଳର ନେତୃତ୍ୱ ନିଅନ୍ତି ଦୁଇଜଣ ତରୁଣ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ା । ବିଦ୍ରୋହ ଦମନ ପରେ ବିଚାରର ଏକ ପ୍ରହସନ କରାଯାଇ ୧୯୪୧ ମସିହା ଏପ୍ରିଲ ୪ ତାରିଖରେ ନରହତ୍ୟା ଅପରାଧରେ ଏ ଦୁଇ ଜଣଙ୍କୁ ଫାଶୀ ଦଣ୍ଡ ଦିଆଯାଏ । ନାଟକରେ ଏହି କାହାଣୀଟିକୁ ବର୍ଣ୍ଣନା କରାଯାଇଛି । ଗୋଟିଏ ହେଉଛି ବେଜେଲଗେଟ ହତ୍ୟା ଓ ଅନ୍ୟଟି ହେଉଛି ତା'ର ପରିମାଣ ସ୍ୱରୂପ ରଘୁ ଓ ଦିବାକରଙ୍କୁ ଫାଶୀ ଦଣ୍ଡ । ପନ୍ଦରଟି ପାଦ ବା ଦୃଶ୍ୟରେ ନାଟକଟିକୁ ବର୍ଣ୍ଣନା କରାଯାଇଛି । ପ୍ରଥମ କେତୋଟି ଦୃଶ୍ୟରେ ରଣପୁରକୁ ବେଜେଲଗେଟର ଆଗମନର ପୃଷ୍ଠଭୂମି ରୂପରେ ଦୁର୍ବଳ ଏବଂ ପଙ୍ଗୁ ରାଜାର ଶିକାର ଛଳରେ ନିରୀହ ପ୍ରଜାହତ୍ୟା, ଧନ ଜୀବନର ସଂଶୟ, ରାଜପୁତ୍ରର ପାଶବିକ ଅତ୍ୟାଚାରରେ ନିରୀହା ଯୁବତୀର ଆତ୍ମହତ୍ୟା, ରାଜକର୍ମଚାରୀ ମାନଙ୍କର ଲୁଣ୍ଠନ ଓ ଅତ୍ୟାଚାର ବିରୋଧରେ ପ୍ରଜା ଅସନ୍ତୋଷ ଏବଂ ରଘୁ ଦିବାକରଙ୍କ ନେତୃତ୍ୱରେ ପ୍ରତିବାଦ, ବିଦ୍ରୋହ ଦମନ ନିମନ୍ତେ ବେଜେଲଗେଟର ଆଗମନ, ନିରୀହ ପ୍ରଜାହତ୍ୟା, କ୍ରୁଦ୍ଧ ଗ୍ରାମବାସୀଙ୍କ ଠେଙ୍ଗା ମାଡରେ ତା'ର ମୃତ୍ୟୁ ଏବଂ ଶେଷରେ ରଘୁ ଦିବାକରଙ୍କ ଫାଶୀ ଏହି ଘଟଣା ବର୍ଣ୍ଣନା କରାଯାଇଛି । ଘଟଣାର ଯୋଗସୂତ୍ରକାରୀ ରୂପେ ଏହି ନାଟକରେ ଏକ ଘୋଷକ

ଚରିତ୍ରର ପରିକଳ୍ପନା କରାଯାଇଛି, ଯାହାକୁ କୁହାଯାଇପାରେ ଏକ ସୂତ୍ରଧର । ସେ ନାଟକର ପ୍ରଥମ ଅଂଶରେ ଘଟଣାର ଅବତାରଣା କରି ବିଦାୟ ନେଇଛି ।

ରାଜନୀତିକ ଚେତନା :

'ରାଜାଘର ଖେଳ'ଏହା ଏକ ରାଜନୈତିକ ନାଟକ । ନାଟକର ରଚନା କାଳ ୧୯୯୭ ମସିହା । ସ୍ୱାଧୀନତା ପରବର୍ତ୍ତୀ ଗଣତନ୍ତ୍ର ଭାରତର ରାଜନୀତି ଉପରେ ଏହା ଏକ ସୁଆଙ୍ଗ । ଏହି ନାଟକରେ ନାଟ୍ୟକାର ତତ୍କାଳୀନ ସମୟର ରାଜନୈତିକ ବ୍ୟବସ୍ଥାର ବ୍ୟଙ୍ଗ କରିଛନ୍ତି । ନାଟ୍ୟକାର ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କଠାରୁ ଆରମ୍ଭ କରି ଇନ୍ଦିରା ଗାନ୍ଧୀ, ରାଜୀବ ଗାନ୍ଧୀ, ଦେବ ଗୌଡ଼ା ପର୍ଯ୍ୟନ୍ତ ସମସ୍ତଙ୍କୁ ବ୍ୟଙ୍ଗ କରିଛନ୍ତି । ଗୋଟିଏ ବଂଶର ତିନି ପୀଢ଼ିର ଶାସନରେ ଦେଶର ହାଲ, ଦକ୍ଷିଣୀ ଶାସନ ମୁଖ୍ୟଙ୍କର ସର୍ବଗ୍ରାସୀ ଲୋଭର ବହ୍ନିରେ ଦେଶ ସର୍ବସ୍ୱାନ୍ତ ହୋଇଯିବା ପ୍ରସଙ୍ଗକୁ ନାଟ୍ୟକାର ଚମତ୍କାର ନାଟକୀୟ ଶୈଳୀରେ ପରିବେଷଣ କରିଛନ୍ତି । ରାଜନେତାଙ୍କ ପ୍ରକୃତ ସ୍ୱରୂପ କିଭଳି ଲୁଚି ରହିଥାଏ ତାହା ଏଥିରେ ବର୍ଣ୍ଣିତ ।

ମନସ୍ତାତ୍ତ୍ୱିକ ନାଟକ :

'ସୂର୍ଯ୍ୟ ପରାଗ' ନାଟକର ରଚନା କାଳ ୨୦୧୪ ମସିହା । ନାଟକରେ ଘଟଣା ଉପରେ ଗୁରୁତ୍ୱ ନଦେଇ ନାଟ୍ୟକାର ମାନବୀୟ ଭାବକୁ ବିଶ୍ଳେଷଣ କରିବା ଦିଗରେ ଦୃଷ୍ଟି ପକେଇଛନ୍ତି । ଅତ୍ୟନ୍ତ ଜଟିଳ ମଣିଷ ମନର ରହସ୍ୟ ଉନ୍ମୋଚନ ନିମନ୍ତେ ନାଟ୍ୟକାରଙ୍କର ଇଏ ହେଉଛି ଏକ କଳାତ୍ମକ ପଦକ୍ଷେପ । ଓଡ଼ିଆ ନାଟକରେ ଅଚେତନ ମନକୁ ବିଷୟ ରୂପେ ଗ୍ରହଣ କରାଯାଇଛି ସେଇ ୧୯୫୦ ମସିହାରୁ । ମନୋରଞ୍ଜନ ଦାସ ଏହାର ପ୍ରୟୋଗ କରି ସଫଳତା ପାଇବାପରେ ତାଙ୍କର ସମସାମୟିକ ଅନ୍ୟ ପ୍ରୟୋଗବାଦୀ ନାଟ୍ୟକାରମାନେ ମଧ୍ୟ ଏହି ଶୈଳୀକୁ ଗ୍ରହଣ କଲେ । ଗତ ଶତକର ଶେଷ ପାଦରେ ସୂର୍ଯ୍ୟ ପରାଗ ନାଟକରେ ଏହି ଶୈଳୀର ପ୍ରୟୋଗ ଏକ ପୁନରାବୃତ୍ତି ମାତ୍ର ।

ବିଷୟ ଚୟନ ନିମନ୍ତେ ନାଟ୍ୟକାର ଏଥିରେ ବାହାର ଦୁନିଆ ଆଡୁ ଆଖି ଫେରାଇ ସମାଜର ମୁଖ୍ୟସ୍ତମ୍ଭ ପରିବାର ଆଡେ ନଜର ଦେଇଛନ୍ତି । ସନ୍ଦେହ ବା ସଂଶୟ ହେଉଛି, ସମ୍ପର୍କ ପକ୍ଷରେ ଏକ ଘାତକ ଅସ୍ତ୍ର ସ୍ୱରୂପ । ଥରେ ତାହା ମନ ଭିତରେ ପ୍ରବେଶ କରିଗଲେ, ପରିବାରରେ ନିଆଁ ଜଳେ । ନାଟକରେ ଏହି ଜଟିଳ ସମସ୍ୟାଟିକୁ ଗ୍ରହଣ କରାଯାଇଛି ଏବଂ ଗୋଟିଏ ସୁଖୀ ପରିବାର ହୋଇଛି ଏହାର ଅବଲମ୍ବନ । ଏହି ନାଟକରେ ନାଟ୍ୟକାର ତପନ ଚରିତ୍ରରେ ପୁରୁଷର ମନସ୍ତତ୍ତ୍ୱର ବିଶ୍ଳେଷଣ କରିଛନ୍ତି ଜଣେ ସ୍ୱାମୀ ହୋଇ ଏକ ପୁରୁଷ ଭାବରେ ନିଜର ଘନିଷ୍ଠ ବନ୍ଧୁ ଆଲୋକ ସହିତ ନିଜ ପତ୍ନୀ ଶୀଳାର ମିଳାମିଶାକୁ ସେ ପସନ୍ଦ କରିନି ଉପରେ ମୁହଁ ଖୋଲି ନକହିଲେ ମଧ୍ୟ ଭିତରେ ଭିତରେ ସେ ତାହାକୁ ଗ୍ରହଣ କରିପାରିନି ସର୍ବଦା ସେମାନଙ୍କ ସମ୍ପର୍କକୁ ସେ ସନ୍ଦେହ ଦୃଷ୍ଟିରେ ଦେଖିଛି । ମାତ୍ର ଅମର ଶେଷରେ ସବୁ ସନ୍ଦେହର କଳା ବାଦଲକୁ ହଟେଇଦେଇଛି ।

ମାର୍କ୍ସବାଦୀ ଚିନ୍ତାଧାରା ସମ୍ବଳିତ ନାଟକ :

ଆଧୁନିକ ବିଶ୍ୱ ଚିନ୍ତାଜଗତ ଯଶସ୍ୱୀ ଦାର୍ଶନିକ କାର୍ଲ ମାର୍କ୍ସଙ୍କ ଦ୍ୱାରା ପ୍ରବର୍ତ୍ତିତ ଚିନ୍ତାଧାରା ସାଧାରଣତଃ ମାର୍କ୍ସବାଦୀ ଚିନ୍ତାଧାରା ରୂପେ ପରିଚିତ । ନାଟ୍ୟକାର ଦିଲ୍ଲୀଶ୍ୱର ମହାରଣାଙ୍କ ନାଟକରେ ମ୍ଭ ଏହି ଚିନ୍ତାଧାରାର ପ୍ରୟୋଗ ଦେଖିବାକୁ ମିଳେ । ବାର୍ତ୍ତା, ଉତ୍ତର ପୁରୁଷ, ସୁଅ ନାଟକରେ ଏହି ଚିନ୍ତାଧାରାର ପ୍ରୟୋଗ ଆମକୁ ଦେଖିବାକୁ ମିଳେ । 'ଉତ୍ତର ପୁରୁଷ' ନାଟକର ରଚନା କାଳ ୧୯୮୯ ମସିହା । ଏହି ନାଟକରେ ଏକ ଗମ୍ଭୀର ସମସ୍ୟାକୁ ବିଷୟରୂପେ ଗ୍ରହଣ କରାଯାଇଛି । କଳାତ୍ମକ ପରିବେଷଣ ରୀତି ନିମନ୍ତେ ନାଟକଟି ବହୁବାର ମଞ୍ଚସ୍ଥ ହୋଇ ଦର୍ଶକମାନଙ୍କ ଦ୍ୱାରା ପ୍ରଶଂସିତ ତଥା ପୁରସ୍କୃତ ହୋଇଛି । ନାଟକରେ ସମସାମୟିକତାର ଏକ ବିଶେଷ ଦିଗ- ସମାଜର ଅବକ୍ଷୟୀ ଏବଂ ସହଜିଆ ରୂପଟି ଯେଉଁଠି ଅତ୍ୟନ୍ତ ସ୍ପଷ୍ଟ ତାହାହିଁ ଦେଖାଇଦିଆଯାଇଛି । ଭୋଗବାଦ ହେଉଛି ଶିଳ୍ପ ସଂସ୍କୃତିର ଏକ ବିଶେଷ ପ୍ରବୃତ୍ତି ଏବଂ ଅସୁରକ୍ଷା ଭାବନା, ଅନିଶ୍ଚିତତା, ଅସ୍ଥିରତା, ବ୍ୟକ୍ତିକୈନ୍ଦ୍ରିକତା, ଅଧିକାର ବୋଧ ପ୍ରଭୃତି ଅନେକ ଉପାଦାନ ଏହାକୁ ଉତ୍ତେଜିତ କରେ । ନୈତିକତା, ଆଦର୍ଶ, ପାପପୁଣ୍ୟ ବିଷୟକ ଅବବୋଧ ଏ ସବୁ ବଳିଦେଇ ଆଜିର ମଣିଷ ଅନ୍ଧ ଭାବରେ କାମନା ପୂରଣ ନିମନ୍ତେ ସହଜ ପନ୍ଥାଟିକୁ ବାଛିନିଏ । ଯାହା ତା'ର ଦରକାର ବୋଲି ସେ ମନେ କରେ ତାକୁ ସେ ବଳପୂର୍ବକ ସମାଜଠାରୁ ଆଦାୟ କରିନିଏ । ଆଜିର ରାଜନୀତି ଏହି ପେଶୀ ଶକ୍ତିର ବଳ ଉପରେ ନିର୍ଭରଶୀଳ । ପ୍ରୋତ୍ସାହନ ଆସେ ସେଇଠୁ; ସମାଜ ଶୃଙ୍ଖଳା ଭାଙ୍ଗିପଡେ । ଅରାଜକତା ବ୍ୟାପେ । ପାପ ପୁଣ୍ୟ, ନ୍ୟାୟ ଅନ୍ୟାୟ, ନୀତିଅନୀତି ମଧ୍ୟରେ ଥିବା ପାଚେରୀ ଭାଙ୍ଗିପଡ଼େ । ତାହାରି ଭିତରେ ଥାଆନ୍ତି

କେହି ଯେକି ଦୁର୍ନୀତିର ମହାପ୍ଲାବନରେ ଉବେଇ ଟୁବେଇ ହେଉଥିବା ବେଳେ ଶେଷକୁ କୁଟାଖିଅ ଭଳି ନୀତିକୁ ଧରିଥାଆନ୍ତି । ଦୁଇ ବିପରୀତ ଶକ୍ତି ମଧ୍ୟରେ ଯେଉଁ ତୀବ୍ର ଦ୍ୱନ୍ଦ ମୂଲ୍ୟବୋଧର ଅବକ୍ଷୟ ରୋକିବାକୁ ଯେଉଁ ପ୍ରଚଣ୍ଡ ସଂଘର୍ଷ ଉତ୍ତର ପୁରୁଷ ହେଉଛି ତାହାର ମାତ୍ର ନାଟ୍ୟ ରୂପ ।

'ବାର୍ତ୍ତା' ଆତଙ୍କବାଦ ଉପରେ ଏହି ନାଟକଟି ଆଧାରିତ । ନାଟକର ରଚନା କାଳ ୧୯୯୩ ମସିହା । ଆତଙ୍କବାଦୀ ସମାଜର ଏକ ଦୁଷ୍ଟ ବ୍ରଣ- ତା'ର ଅଗ୍ରଗତି ପଥର କଣ୍ଟକ । ତେବେ ଯନ୍ତ୍ରଣା, ନୈରାଶ୍ୟ ଏବଂ ବ୍ୟର୍ଥତା ମଧ୍ୟରୁ ଯେ ତାଙ୍କର ସୃଷ୍ଟି ହୁଏ, ତାହା କେହି ଜାଣନ୍ତି ନାହିଁ କିମ୍ବା ଅଳ୍ପ କେତେକ ଜାଣନ୍ତି । ଏହି ନାଟକରେ ତାହାର ମୂଳ ଉତ୍ସ ନିକଟରେ ପହଞ୍ଚିବାକୁ ଚେଷ୍ଟା କରାଯାଇଛି ।

'ସୁଅ' ନାଟକର ରଚନା କାଳ ୧୯୮୪ ମସିହା । ନାଟକରେ ସମସ୍ତ ପ୍ରତିଭାର ଅଧିକାରୀ ହୋଇ ମଧ୍ୟ ଯେତେବେଳେ ଜଣେ ସରକାରୀ ଚାକିରୀଟିଏ ପାଏ ନାହିଁ । ଶେଷରେ ପଇସା ଦେଇ ବେସରକାରୀ ଚାକିରୀ କରେ ଯାହାକୁ ପରେ ଚକ୍ରାନ୍ତ କରି ମଧ୍ୟ ତା'ଠାରୁ ଛଡାଇ ନିଆଯାଏ; ସେଇ ସରଳ ମଣିଷର ସହିବାର ସବୁ ସୀମା ସେତେବେଳେ ଅତିକ୍ରାନ୍ତ ହେଇଯାଏ ଯେତେବେଳେ ତା ପରିବାର ଉପରେ ଖରାପ ନଜର ପଡ଼େ ସେତେବେଳେ ସେ ହିଂସ୍ର ହୋଇଉଠେ ଯାହା ଏହି ନାଟକରେ ଗୋପୀ ଚରିତ୍ର ମାଧ୍ୟମରେ ଦର୍ଶାଇ ଦିଆଯାଇଛି ।

ସାମାଜିକ ନାଟକ :

'ସେଦିନ ଆସୁଛି' ଏହା ନାଟ୍ୟକାରଙ୍କ ରଚିତ ପ୍ରଥମ ନାଟକ । ନାଟକଟି ପ୍ରଥମେ ୧୯୮୩ ମସିହାରେ ମଞ୍ଚସ୍ଥ ହୋଇଥିଲା । ଏହା ଛୁଆଁ ଅଛୁଆଁ ଭେଦଭାବକୁ ନେଇ ରଚିତ । Untouchability is a crime against mankind and god ଗାନ୍ଧିଜୀଙ୍କର ଏହି ବାର୍ତ୍ତାଟି ନାଟ୍ୟକାର ଏହି ନାଟକ ମୂଳରେ ଦେଇଛନ୍ତି । ନାଟକର ଆରମ୍ଭରେ ସୂତ୍ରଧର ଦୁଇ ଜଣଙ୍କ ପ୍ରବେଶ ଘଟେ, ଦୁଇଜଣ ଗୀତ ଗାଇ ଗାଇ ହାରମୋନିୟମ, ମୃଦଙ୍ଗ ଓ କିଛି ଚଟି ବହି ସହ ମଞ୍ଚରେ ପ୍ରବେଶ କରନ୍ତି ଓ ଗୀତ ମାଧ୍ୟମରେ ବଉଦପୁର ଗ୍ରାମର ପଞ୍ଚୁଆ ନାଏକ ଦଳିତ କୁଳରେ ଜନ୍ମ ହୋଇ ନିଜ ଝିଅକୁ ଉଚ୍ଚ ଶିକ୍ଷିତ କରିଥିବାରୁ କିପରି ଅନେକ କଷଣ ପାଇଛି ସେ ବିଷୟର ଅବତାରଣା କରିଛନ୍ତି । ଛୁଆଁ ଅଛୁଆଁ ଭେଦଭାବ, ସବର୍ଣ୍ଣ ଜମିଦାରମାନଙ୍କର ଅସବର୍ଣ୍ଣ ହରିଜନମାନଙ୍କ ଉପରେ କଷଣ ଆଦିର ଚିତ୍ର ଆମକୁ ଏହି ନାଟକରେ ଦେଖିବାକୁ ମିଳିଥାଏ ।

'ଆସନ୍ନ ପ୍ରଳୟ' ଏହା ଏକ ମନୋରଞ୍ଜନଧର୍ମୀ ଲଘୁରସର ନାଟକ । ନାଟକର ରଚନା କାଳ ୧୯୯୩ ମସିହା । ଗୋଟିଏ ଦିଗରେ ଏଥିରେ ସାଂପ୍ରତିକ ରାଜନୀତି ନିୟନ୍ତ୍ରିତ ସମାଜ ବ୍ୟବସ୍ଥାକୁ ବ୍ୟଙ୍ଗ କରାଯିବା ସହିତ ଅନ୍ୟ ଏକ ଦିଗରେ ପାରମ୍ପରିକ ସୃଷ୍ଟି ବ୍ୟବସ୍ଥା ଉପରେ ବିଜ୍ଞାନୀ ମଣିଷର ଅଯଥା ହସ୍ତକ୍ଷେପ ଫଳରେ ଯେଉଁ ବିଭ୍ରାଟ ସୃଷ୍ଟି ହେଉଛି, ତାହାର କଟୁ ସମାଲୋଚନା କରାଯାଇଛି । ନାଟକରେ ପାରମ୍ପରିକ ଶୈଳୀର 'ପ୍ରସ୍ତାବନା'ଟିଏ ରଖାଯାଇ ତହିଁରେ ହିନ୍ଦୁ ଦର୍ଶନର 'ପଞ୍ଚଭୂତ'କୁ ଚରିତ୍ର ରୂପରେ ମଞ୍ଚକୁ ଅଣାଯାଇଛି । ନାଟକଟି କାଳ୍ପନିକ ହେଲେ ମଧ୍ୟ 'ମିଥଧର୍ମୀ' । ଦେବତା ଆଉ ମଣିଷ ଏଉଭୟ ନାଟକର ଚରିତ୍ର ରୂପରେ ଦେଖାଯାଉଛନ୍ତି । ନାଟକର ଏକ ତୀବ୍ର ସାମାଜିକ ଆବେଦନ ମଧ୍ୟ ରହିଛି ।

'ନ୍ୟାୟ' ନାଟକର ରଚନା କାଳ ୧୯୯୩ ମସିହା । ନାଟକରେ ନାଟ୍ୟକାରଙ୍କର ନାଟ୍ୟବିଳାସୀ ମନ ପୁଣି ବହିର୍ମୁଖୀ ହୋଇଛି । ସ୍ୱାର୍ଥ ସର୍ବସ୍ୱ ମଣିଷ ନିଜକୁ ବଞ୍ଚାଇବାକୁ ଯେ, ଯେକୌଣସି ସ୍ତରକୁ ଚାଲିଯାଇପାରେ, ନାଟକରେ ଏଇ ତତ୍ତ୍ୱଟିକୁ ବ୍ୟାଖ୍ୟା କରାଯାଇଛି । ବ୍ୟକ୍ତିକୈନ୍ଦ୍ରିକତା ହେଉଛି ଯୁଦ୍ଧୋତ୍ତର କାଳ ଏବଂ ଶିଳ୍ପ ସଂସ୍କୃତି ପ୍ରଭାବିତ ସାଂପ୍ରତିକ ସମୟର ଏକ ଭୟଙ୍କର ଅବଦାନ । ମଣିଷ ଯେ ଇତି ପୂର୍ବରୁ ସ୍ୱାର୍ଥପର ନଥିଲା, ତାହା ନୁହେଁ ତେବେ ଯୁଦ୍ଧ ପରବର୍ତ୍ତୀ ସମୟରେ ତାର ଅସୁରକ୍ଷା ଭାବନାଟି କ୍ରମଶଃ ତୀବ୍ରତର ହେଉଥିବାରୁ ଏବଂ ଅସ୍ଥିରତା ମଧ୍ୟରେ ସମୟ କଟୁଥିବାରୁ ଅଧିକାରବୋଧ ଚେତନାଟି ପ୍ରବଳ ହୋଇଛି । ଶିଳ୍ପ ସଂସ୍କୃତିର ପ୍ରଧାନ ଅବଦାନ ହେଉଛି ତୀବ୍ରଭୋଗ ସ୍ପୃହା ଏହାର ବିଭିନ୍ନ ଉପାୟ ମଧ୍ୟରୁ ଦେହ-କାମନା ହେଉଛି ମୁଖ୍ୟ । ଭଲ ଦେହଟିଏ ଦେଖିଲେ ତାକୁ ଯେକୌଣସି ଉପାୟରେ ଅଧିକାର କରିବାର ଆସ୍ପୃହା ମଣିଷର ଚିନ୍ତା ଜଗତକୁ ଓଲୋଟପାଲଟ କରିଦିଏ । ଆଜିର ଅଧିକାଂଶ ସମସ୍ୟା ସୃଷ୍ଟି ହେଉଛି ଏହାକୁ କେନ୍ଦ୍ର କରି ।

ନ୍ୟାୟ ନାଟକରେ ମଧ୍ୟ ଏହିଭଳି ଏକ ସମସ୍ୟାକୁ ବିଶ୍ଳେଷଣ କରାଯାଇଛି । ଭୋଗର ବିଶେଷ କରି ଦେହଭୋଗର ଏକ ପରିଣତି ଥାଏ ଏବଂ ସ୍ୱାଭାବିକ କାରଣରୁ ତା'ର ଦାୟିତ୍ୱ ନନେଇ ଭୋଗ

କରାଯିବା ହେଉଛି ତା'ର ଆଦିମ ପ୍ରବୃତ୍ତି । ସେ ଯୁଗର ରାଜା ମହାରାଜାମାନେ ଏହା କରୁଥିଲେ ଏ ଯୁଗର ଚତୁର ମଣିଷ ମଧ୍ୟ ସେୟା କରୁଛି । ଅନ୍ତତଃ ଦାୟିତ୍ୱଟିକୁ ନିଜ କାନ୍ଧଠାରୁ ଦୂରରେ ରଖିବାକୁ ପ୍ରାଣପଣେ ଚେଷ୍ଟାକରୁଛି । ସୂଚିତ ନାଟକର ସମସ୍ୟାର ଅବତାରଣ କରାଯାଇଛି ।

'ଆପଣ ସାକ୍ଷୀ ରହିଲେ ହଜୁର' ନାଟକର ରଚନା କାଳ ୧୯୯୭ ମସିହା । ନାଟକରେ ଏକ ସାମାଜିକ ସମସ୍ୟାର ବିଶ୍ଳେଷଣ କରାଯାଇଛି । ସମସ୍ୟାଟି ହେଉଛି ସ୍ୱେଚ୍ଛା ବିବାହ ସମ୍ପର୍କିତ ପରିବର୍ତ୍ତିତ ସଂସ୍କୃତିରେ ପାତ୍ରପାତ୍ରୀ ଆଉ ପରିବାର ନିର୍ବାଚିତ ବିବାହ ପାଇଁ ପ୍ରାୟ ରାଜି ନହୋଇ ଦାୟିତ୍ୱଟିକୁ ନିଜ ଉପରକୁ ନେଇଯିବାକୁ ପସନ୍ଦ କରୁଛନ୍ତି । ସାଂପ୍ରତିକ ମୁକ୍ତ ସମାଜରେ ନାରୀମାନେ ଆଉ ପୂର୍ବଭଳି ଚାରିକାନ୍ଥ ଭିତରେ ନିଜକୁ ଆବଦ୍ଧ ନ ରଖି ଖୋଲା ଦୁନିଆରେ ବିଚରଣ କରୁଥିବାରୁ ପୁରୁଷ ପକ୍ଷ ସହିତ ସେମାନଙ୍କର ଯୋଗାଯୋଗର ସୁଯୋଗ ଯଥେଷ୍ଟ ପରିଚୟରୁ ଘନିଷ୍ଠତା ଯାହାକୁ କୁହାଯାଉଛି ପ୍ରେମ । ପ୍ରେମ ଗୃହ ତ୍ୟାଗ ଏବଂ ବିବାହରେ ପରିଣତ ହେବାକୁ ବିଳମ୍ବ ହେଉ ନାହିଁ, ଯେଉଁଭଳି ବିଳମ୍ବ ହେଉ ନାହିଁ ବିବାହ ଭାଙ୍ଗିବାରେ । ତେବେ ଏ ଧରଣର ବିବାହରେ ସମ୍ପୃକ୍ତ ଅଭିଭାବକ ପକ୍ଷ ରାଜି ନ ହେବାରୁ ଅଧିକାଂଶ କ୍ଷେତ୍ରରେ ସମସ୍ୟା ସୃଷ୍ଟି ହେଉଛି । ସୂଚିତ ନାଟକରେ ଏହିଭଳି ଏକ ସମସ୍ୟା ସ୍ଥାନ ପାଇଛି । ଶ୍ରୀକାନ୍ତ ଏବଂ ପଦ୍ମା ପରସ୍ପରକୁ ଭଲ ପାଇ ବିବାହ କରୁଛନ୍ତି । ପ୍ରତିବାଦ କରାଯାଉଛି ଦୁଇ ପରିବାରରୁ । ତେବେ ବିବାହ ହୋଇଯାଉଛି । କନ୍ୟା ପିତା ଗୌରାଙ୍ଗ କନ୍ୟା ଅପହରଣ ଅଭିଯୋଗ କରି, ଶ୍ରୀକାନ୍ତ ନାଁରେ ପୋଲିସ୍ ଅଭିଯୋଗ କରୁଛନ୍ତି । ଶ୍ରୀକାନ୍ତ ବିଚରା ଗିରଫ ହୋଇଯାଉଛି ପଦ୍ମା କୋର୍ଟରେ ଘୋଷଣା କରୁଛି ଯେ ସେ ସାବାଳିକା ହୋଇଥିବାରୁ ସ୍ୱେଚ୍ଛା ବିବାହରେ ତା'ର ଅଧିକାର ଅଛି ଏବଂ ସେ ଶ୍ରୀକାନ୍ତକୁ ବିବାହ କରିସାରିଛି । ଗୌରାଙ୍ଗ ସ୍ୱୀକାର କରିଛି ଏ ବିବାହ ସମ୍ବାଦ ତା'ର ଅଜ୍ଞାତ ନୁହଁ ବସ୍ତୁତଃ, ବରପିତା ଏ ବିବାହରେ ଖଳ ନାୟକ ଭୂମିକାରେ ଓହ୍ଲାଇ ପଡିବାରୁ ବାଧ୍ୟ ହୋଇ ସେ ପ୍ରଣୟୀ ଯୁଗଳକୁ ଘରୁ ପଳାଇଯାଇ ବିବାହ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପାତ୍ରପାତ୍ରୀ ଦୁହେଁ ସାବାଳକ ହୋଇଥିବାରୁ ଖଳନାୟକର ଅତ୍ୟାଚାର ବିରୋଧରେ ଅନ୍ତତଃ କୋର୍ଟର ସହାୟତା ମିଳିଯିବ ଏହାହିଁ ହେଉଛି ତା' ଚିନ୍ତାଧାରା । କୋର୍ଟର ବିଚାରକ ଦୁଇ ପ୍ରେମୀଯୁଗଳଙ୍କୁ ଖଲାସ୍ କରି ଦେଇ ଦୁଇ ପକ୍ଷକୁ ଏ ବିବାହ ମାନିନେବା ନିମନ୍ତେ ପରାମର୍ଶ ଦେଉଛନ୍ତି ।

ଶେଷ ଠିକଣା'ଏହି ନାଟକଟି ଗାଳ୍ପିକ ତଥା ଓଡ଼ିଶା ସାହିତ୍ୟ ଅକାଦମୀ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ନାଟ୍ୟକାର ଆନନ୍ଦ ଚନ୍ଦ୍ର ପହୀଙ୍କ ଗଳ୍ପ 'ପଣବନ୍ଦୀ'ର କଥାବସ୍ତୁ ସହିତ କିଛି ନୂତନ ଚରିତ୍ର ଏବଂ ହାସ୍ୟ ରସର ମିଶ୍ରଣରେ ନାଟ୍ୟକାର ଦିଲ୍ଲୀଶ୍ୱର ଏହାକୁ ନାଟ୍ୟରୂପ ଦେଇଛନ୍ତି । ପ୍ରଥମେ ଏହି ନାଟକର ନାମ ଥିଲା 'ବୁଢାବାପର ଶେଷ ଠିକଣା' ପରବର୍ତ୍ତୀ ସମୟରେ ରାଉରକେଲାର ପ୍ରମୁଖ ନାଟ୍ୟାନୁଷ୍ଠାନ 'ପ୍ରତିଧ୍ୱନି'ର ସଂଯୋଜକ ତଥା ନାଟ୍ୟ ନିର୍ଦ୍ଦେଶକ ଶରତ ଦାସଙ୍କ ପରାମର୍ଶ କ୍ରମେ ନାଟକର ନାମକୁ 'ଶେଷ ଠିକଣା'ରେ ପରିବର୍ତ୍ତନ କରାଯାଇ ପ୍ରଥମେ ପ୍ରତିଧ୍ୱନି ସଂସ୍ଥା ଦ୍ୱାରା ମଞ୍ଚସ୍ଥ କରାଯାଇଥିଲା ।

ଏହା ଏକ ସାମାଜିକ ନାଟକ । ନାଟକଟିରେ କିପରି ଉଚ୍ଚ ଶିକ୍ଷିତ ପୁଅବୋହୂମାନେ ନିଜ ବୁଢା ବାପାମାଙ୍କୁ ବୋଝ, ଅଲୋଡା ଅଦରକାରୀ ଭାବନ୍ତି ତାହା ବର୍ଣ୍ଣନା କରାଯାଇଛି ।

'ଭୋଳାନାଥ ଦାସ ହାଜିର ହେ' ନାଟକର ରଚନା କାଳ ୨୦୦୦ ମସିହା । ନାଟକରେ ପରିବର୍ତ୍ତିତ ମୂଲ୍ୟବୋଧ ଭିତ୍ତିକ ଅବକ୍ଷୟୀ ସମାଜରେ ସମ୍ପର୍କର କ୍ଷୀୟମାଣ ରୂପକୁ ଦେଖାଇ ଦିଆଯାଇଛି । ସାଂପ୍ରତିକ ଯୁବମାନସ ଭୋଗବାଦର ଅଜଗରୀ ଗ୍ରାସରେ ଥାଇ ନିଜ ପାଇଁ ପୃଥିବୀର ଯାବତୀୟ ଐଶ୍ୱର୍ଯ୍ୟ କାମନା କରୁଛି । ଯଦି ତାକୁ ଏହାର ସୀମା ସମ୍ପର୍କରେ ପଚରାଯାଏ, ତେବେ ତା'ର ସ୍ପଷ୍ଟ ଉତ୍ତର ହେବ sky is the limit । ଏହାର ପରିମାଣ ଆମେ ଦେଖୁଛୁ । ସୂଚିତ ନାଟକରେ ଏଭଳି ଏକ ସମସ୍ୟାର ବିଚାର କରାଯାଇଛି ।

'ଅସମାପ୍ତ' ନାଟକର ରଚନା କାଳ ୨୦୦୪ ମସିହା । ବଉଦପୁରରେ ଚୋରା ମଦ କାରବାରକୁ ନେଇ ସାମ୍ବାଦିକ ସତ୍ୟପ୍ରକାଶ ସମ୍ବାଦ ପ୍ରକାଶ କରିଛନ୍ତି; ଯାହା ସେହି ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ଏହି ସମ୍ବାଦ ତାଙ୍କ ଉପରେ ତଥା ତାଙ୍କ ପରିବାର ଉପରେ ବିପଦ ହୋଇପଡିଛି । ସାମ୍ବାଦିକ ଆଇନର ଦ୍ୱାରସ୍ଥ ହୋଇଛନ୍ତି କିନ୍ତୁ ପରିଣାମ କିଛି ଭଲ ହୋଇନାହିଁ । କାରଣ ପୋଲିସ ଠାରୁ ଆରମ୍ଭ କରି ରାଜନେତା ପର୍ଯ୍ୟନ୍ତ ସମସ୍ତେ ମିଟୁ ସିଂ ପରି ପଇସାବାଲା ମଦ ବ୍ୟବସାୟୀମାନଙ୍କ ହାତର ଖେଳଣା

ପାଲଟିଛନ୍ତି, ସମାଜର ଏହି ବାସ୍ତବ ଚିତ୍ରକୁ ନାଟ୍ୟକାର ଏହି ନାଟକ ମାଧ୍ୟମରେ ଦର୍ଶାଇଛନ୍ତି ।

'ଭାଇ ଭାଇ'ଏହା ମଧ୍ୟ ଏକ ହାସ୍ୟ ବ୍ୟଙ୍ଗର ନାଟକ । ଏହି ନାଟକଟି ୨୦୦୫ ମସିହାରେ କଳାପରିଷଦ ନାଟ୍ୟସଂସ୍ଥା ଦ୍ୱାରା ସର୍ବପ୍ରଥମେ ମଞ୍ଚସ୍ଥ ହୋଇଥିଲା । ଏହି ନାଟକରେ ସମାଜରେ ଘଟୁଥିବା ବାସ୍ତବ ଘଟଣାଟିକୁ ହାସ୍ୟରସାତ୍ମକ ଭାବରେ ପରିବେଷଣ କରାଯାଇଛି । ଥାନାର ବଡ଼ବାବୁମାନେ ବଡ଼ ବଡ଼ ଚୋରା ବେପାରୀଙ୍କ ପାଖରୁ ନେଇଛି; ତା' ତଳ ବାବୁ ଡକାୟତମାନଙ୍କଠାରୁ ନେଉଛି, ଏସ୍.ପି. ଠାରୁ ଆରମ୍ଭ କରି ଡି.ଜି. ପର୍ଯ୍ୟନ୍ତ ସମସ୍ତେ ନେଉଛନ୍ତି ସମସ୍ତେ ଶୋଷଣରେ ଲିପ୍ତ ଏହି ଚିତ୍ରକୁ ହାସ୍ୟରସାତ୍ମକ ଭାବରେ ବର୍ଣ୍ଣନା କରାଯାଇଛି ।

'ସିଦ୍ଧାନ୍ତ' ହାସ୍ୟ ବିରାମଯୁକ୍ତ ସିରିଓ କମିକ୍ ଶ୍ରେଣୀର ନାଟକ । ଏହି ନାଟକଟି ୧୯୯୪ ମସିହାରେ ରଚିତ । ପ୍ରଥମ ଥର ପାଇଁ ଏହା ନାଟ୍ୟମ ଅନୁଗୋଳ ଆୟୋଜିତ ରାଜ୍ୟସ୍ତରୀୟ ନାଟ୍ୟ ପ୍ରତିଯୋଗିତାରେ କଳା ପରିଷଦ, ଢେଙ୍କାନାଳ ଶିଳ୍ପୀମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା । ଏହି ନାଟକରେ ମଧ୍ୟ ବୃଦ୍ଧ ପିତା ପ୍ରତି ପିଲାମାନଙ୍କର ବ୍ୟବହାର ଯାହା ବାସ୍ତବରେ ସମାଜରେ ଘଟୁଛି ତାହାର ବର୍ଣ୍ଣନା କରାଯାଇଛି ।

'ତତ୍କାଳ ସମାଧାନ' ଏହା ଏକ ହାସ୍ୟରସଯୁକ୍ତ ମନୋରଞ୍ଜନ ଧର୍ମୀ ନାଟକ । ନାଟକର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଦର୍ଶକ ଆନନ୍ଦ ଲାଭ କରିଥାଏ ।

'ଭଲପାଇବାର ରଙ୍ଗ' ଏହା ସମାଜ ଜୀବନରେ ଗୋଟିଏ ସାଧାରଣ ସମସ୍ୟାକୁ ନେଇ କଳ୍ପିତ ଏକ ଲଘୁ ନାଟକ । ଏହାର ନାୟକ ହେଉଛି ଶୁଭେନ୍ଦୁ ଯିଏ ବିବାହ ପ୍ରତି ବୀତସ୍ପୃହ ଜଣେ ଯୁବକ । ସଂସାର ଧର୍ମ ପାଳନ ନିମନ୍ତେ ଗର୍ଭଧାରିଣୀଙ୍କର ସମସ୍ତ ଆବେଦନକୁ ଏଡ଼ାଇ ଯାଇ ସହରରେ ଚାକରଟିଏ ନେଇ ସେ ତା'ର ଭଲରେ ଥାଏ । ତେବେ ତା'ର ଏହି ମନୋଭାବକୁ ବଦଳେଇବା ପାଇଁ ନିଧି ମଉସା, ବନ୍ଧୁ ଭବାନୀ, ତା'ର ମାଆ ଯେଉଁ ଚକ୍ରାନ୍ତ କରନ୍ତି, ତହିଁରୁ ସୃଷ୍ଟ ନାଟ୍ୟଦ୍ୱନ୍ଦ ସମଗ୍ର ନାଟକଟିକୁ ଗତିମୁଖର କରିଛି । ବନ୍ୟା ନିଜର ଆଚରଣ, କାର୍ଯ୍ୟଦ୍ୱାରା ଧୀରେ ଧୀରେ ବିବାହ– ବିତୃଷ୍ଣପାତ୍ର ଶୁଭେନ୍ଦୁର ମନ ଭିତରେ ନିଜ ପାଇଁ ସ୍ଥାନ କରିନେଉଛି, ଯାହାର ପରିଣତି ହେଉଛି ବିବାହ ।

'ଦ୍ୱିତୀୟ ଈଶ୍ୱର' ବିଜ୍ଞାନର ଅପପ୍ରୟୋଗ ଦ୍ୱାରା କିଭଳି ଜଟିଳ ସମସ୍ୟା ସୃଷ୍ଟି ହୋଇପାରେ, ତାହାରି ସମ୍ଭାବନାକୁ ନେଇ ରଚିତ ସ୍ୱତନ୍ତ୍ର ସ୍ୱାଦର ଏକ କାଳ୍ପନିକ ନାଟକ । ମଣିଷ ନିଜକୁ ସର୍ବଶକ୍ତିମାନ ମନେ କରୁଥିଲେହେଁ ଏବଂ ବିଜ୍ଞାନର ସହାୟତାରେ ନିଜର ପାରଙ୍ଗମତାକୁ ବହୁଗୁଣରେ ବର୍ଦ୍ଧିତ କରିପାରିଥିଲେ ହେଁ, ସୃଷ୍ଟିର ରହସ୍ୟଭେଦ କରିବା ଯେ ତଥାପି ତା' ପକ୍ଷରେ ସମ୍ଭବ ହୋଇପାରି ନାହିଁ । ଏହି ନାଟକରେ ତାହା ଦେଖାଇଦିଆଯାଇଛି ।

'ସୂର୍ଯ୍ୟ ଉଇଁବାର ବେଳ' ଏହା ଏକ ସାମାଜିକ ସମସ୍ୟାମୂଳକ ନାଟକ । ନାଟକରେ ଅଖିଳବାବୁଙ୍କ ଝିଅ ପଦ୍ମା ରୂପବତୀ, ଗୁଣବତୀ ଏବଂ ଶିକ୍ଷିତ ହୋଇ ବି.ଏ. ପଢିଥିଲେ ମଧ୍ୟ ତାହାର ବିବାହ ପ୍ରସ୍ତାବ ବାରମ୍ବାର ଭାଙ୍ଗି ଯାଉଛି; ଏହି ପ୍ରସ୍ତାବ ଭାଙ୍ଗିବାର କାରଣ ହେଉଛନ୍ତି ତା' ନିଜ ମାଆ । ମାଆଙ୍କ ମୁହଁର ଧଳା ଛଉ ଦାଗ ହିଁ ତା' ସମସ୍ତ ବିବାହ ପ୍ରସ୍ତାବ ଭାଙ୍ଗିବାର କାରଣ । ଏହି ନାଟକରେ ଏହି ଅନ୍ଧବିଶ୍ୱାସକୁ ଦୂର କରିବାପାଇଁ ନାଟ୍ୟକାର ଚେଷ୍ଟା କରିଛନ୍ତି ।

'କୁମାର କୁଳ ଚନ୍ଦ୍ରମା' ନାଟକର ରଚନା କାଳ ୧୯୮୪ ମସିହା । ଏହି ନାଟକରେ ବିବାହକୁ ନେଇ ଏକ ଗୋଲକ ଧନ୍ଦା ଦେଖାଦେଇଛି । ବିଶିଷ୍ଟ ଶିଳ୍ପପତି ଦେବେନ୍ଦ୍ର ରାୟଚୌଧୁରୀଙ୍କ ପୁଅ ମନୋଜ ରାୟ ଚୌଧୁରୀର ବିବାହ ନିମନ୍ତେ ନିଜର ବାଲ୍ୟବନ୍ଧୁଙ୍କ ଝିଅ ସହିତ ବାହାଘର କରିବାକୁ ସ୍ଥିର କରିଛନ୍ତି; ଏବଂ ମନୋଜଙ୍କୁ ତାଙ୍କ ବନ୍ଧୁମାନଙ୍କ ସହ ରାଉରକେଲା ଯାଇ ଝିଅଟିକୁ ଦେଖି ଆସିବାକୁ ନିର୍ଦ୍ଦେଶ ଦେଇଛନ୍ତି; କିନ୍ତୁ କୁମାର କୁଳ ଚନ୍ଦ୍ରମା ମନୋଜ ବାପା ଠିକ୍ କରିଥିବା ପ୍ରସ୍ତାବରେ ରାଜି ହୋଇନାହାନ୍ତି କାରଣ ସେ ଏକ ଝିଅକୁ ଭଲ ପାଇ ତାକୁ ବିବାହ କରିବେ ବୋଲି ପୂର୍ବରୁ ପ୍ରତିଶ୍ରୁତି ଦେଇଛନ୍ତି । ନାଟକ ଶେଷରେ ସବୁ ଦ୍ୱନ୍ଦର ସମାଧାନ ଘଟି ଏକ ସୁଖଦ ପରିଣତି ଘଟିଛି ।

'ଏ ମଙ୍ଗଳ ମହୁରୀର ତାନ' ନାଟକର ରଚନା କାଳ ୨୦୦୮ ମସିହା । ଏହା ଏକ ସଂପୂର୍ଣ୍ଣ ହାସ୍ୟରସର ନାଟକ । ଭୁବନାନନ୍ଦ ତରାଇଙ୍କ ମଧ୍ୟସ୍ଥତାରେ ସରୋଜ ବାବୁ ଏବଂ ରେଣୁ ଦେବୀଙ୍କ କନ୍ୟା ଗାୟତ୍ରୀ ସହିତ ବନମାଳୀ ଏବଂ ସୁଭଦ୍ରା ଦେବୀଙ୍କ ପୁଅର ବିବାହ ପ୍ରସ୍ତାବ ଠିକ୍ ହୁଏ । ବିବାହକୁ ନେଇ ପରସ୍ପରମ୍ଭରେ ସାମାନ୍ୟ ବିଭ୍ରାଟ ସୃଷ୍ଟି ହୋଇଛୁ । ନାଟକ ଶେଷରେ ସବୁ ବିଭ୍ରାଟର

ସମାଧାନ ହୋଇଯାଇଛି ଏବଂ ଦୁଇ ପରିବାର ବିବାହରେ ସହମତି ପ୍ରକାଶ କରିଛନ୍ତି ।

'ଚକେ ଗଲେ ବାର ହାତ' ମଣିଷର ଚରିତ୍ରର ଆଉ ଏକ ଅନ୍ଧକାର ଦିଗ ଉପରେ ଆଲୋକପାତ କରାଯାଇଛି ଏହି ନାଟକରେ ବାଟ ଚାଲୁ ଚାଲୁ ମଣିଷ ଆଗରେ କେତେ ସମସ୍ୟା ଦେଖାଦିଏ । ଉପସ୍ଥିତ ବୁଦ୍ଧି ସାହାଯ୍ୟରେ ସମସ୍ୟାକୁ କୌଣସି ମତେ ଟାଳିଦେଲେ, ପୁଣି ଚାଲିଯାଏ କିଛି ଦିନ । ଆଉ ଥରେ ସେଇ ସମସ୍ୟା ଆସିଲେ ନୂଆ ଉପାୟ ଖୋଜିବାକୁ ପଡେ । କଟିଯାଏ କିଛି ଦିନ । ଏମିତି ଛିଣ୍ଡା ସୂତ୍ରକୁ ଯୋଡି ଫଟା ଘଟଣା ଉପରେ ତାଳି ପକାଇ କିଛି ମଣିଷ ଜୀବନ କଟାଇ ଦିଅନ୍ତି । ସୂଚିତ ନାଟକରେ ଏହି ଭଳି ଜଣେ ମଣିଷକୁ ନାଟ୍ୟକାର ଖୋଜି ବାହାର କରିଛନ୍ତି । ମଧୁସୂଦନ ସହରରେ ବିଦ୍ୟାଧରଙ୍କ ଘରେ ଭଡାରେ ରହନ୍ତି । ଭଡା ଦିଅନ୍ତି ନାହିଁ କି ଘର ଛାଡନ୍ତି ନାହିଁ । ଶେଷରେ ଦିନେ ବିଦ୍ୟାଧର ତାଙ୍କୁ ଘର ଛାଡିବାକୁ ଏକ ପ୍ରକାର ବାଧ କରନ୍ତି । ପରିବାର ଧରି ନୂଆ ଭଡାଟିଆ ମଧ୍ୟ ଆସି ପହଞ୍ଚିଯାଏ । ଉପସ୍ଥିତ ବିପଦ ଟାଳିବା ପାଇଁ ମଧୁସୂଦନ ହଠାତ ଆରମ୍ଭ କରିଦିଅନ୍ତି ଏକ ନୂତନ କାହାଣୀ । ସେ ଆଗନ୍ତୁକଙ୍କୁ ବୁଝାଇ ଦିଅନ୍ତି ଘରଟି ନିତ୍ୟାନ୍ତ ଅଶୁଭ । ଏଇ ଘରେ ତାଙ୍କର ସ୍ତ୍ରୀଙ୍କର ମୃତ୍ୟୁ ହାଇଥିଲା ଏବଂ ଆହୁରି ତିନି ମୁଣ୍ଡ ଆହୁରି ଗଡ଼ି ବ ବୋଲି ଜ୍ୟୋତିଷ କହିଛନ୍ତି । ଏ କଥା ଶୁଣି ସାରି କେଉଁ ସଂସାରୀ ସେ ଘରେ ରହିବାକୁ ମନ ବଳାଇବ ? ଆଗନ୍ତୁକ ଯେମିତି ସେହି ଘରେ ରହିବାକୁ ଆସିଥିଲେ ଠିକ୍ ସେମିତି ମଧ ପଳାଇଗଲେ, ଧୂର୍ତ୍ତ ମଧୁସୂଦନ ଦାନ୍ତ ଚିପି ଚିପି ହସିଉଠନ୍ତି କାରଣ ପୁଣି କିଛି ଦିନ ସେ ଘରେ ରହିପାରିବେ ।

ଓଡିଆ ନାଟ୍ୟ ସାହିତ୍ୟର ପ୍ରଲମ୍ବିତ ଗତିପଥରେ ନାଟ୍ୟକାର ଗୋପାଳ ଛୋଟରାୟ (ନାଟକ- ଅର୍ଦ୍ଧାଙ୍ଗିନୀ), ପ୍ରାଣବନ୍ଧୁ କର(ନାଟକ- ଅଶାନ୍ତ) ଓ ବ୍ୟୋମକେଶ ତ୍ରିପାଠୀ(ନାଟକ- ଏକ,ଦୁଇ,ତିନି) ଯେଉଁ ନୂତନତାର ଶୁଭାରମ୍ଭ କରିଥିଲେ, ତାହା ମନୋରଞ୍ଜନ ଦାସ, ବିଶ୍ୱଜିତ ଦାସ, ରମେଶ ପ୍ରସାଦ ପାଣିଗ୍ରାହୀ ଓ ବିଜୟ ମିଶ୍ର ପ୍ରମୁଖଙ୍କ ପରୀକ୍ଷା ଓ ପ୍ରୟୋଗର ଧାରାରେ ନବନାଟକର ସ୍ୱର ସ୍ପଷ୍ଟତର ହେବାକୁ ଲାଗିଲା । ଓଡିଆ ନବନାଟ୍ୟଧାରାର ନାଟକରେ ଉଭୟ ଆଙ୍ଗିକ ଓ ଆତ୍ମିକ କ୍ଷେତ୍ରରେ ବିଭିନ୍ନ ପରୀକ୍ଷା ନିରୀକ୍ଷା କରାଯିବାରୁ ବହୁବିଧ ପରିବର୍ତ୍ତନକୁ ଲକ୍ଷ୍ୟ କରିହୁଏ । ପାଶ୍ଚାତ୍ୟ ନାଟ୍ୟ-ଦର୍ଶନରେ ଅନୁପ୍ରାଣିତ ହୋଇ ନବନାଟକର ପ୍ରମୁଖ ସ୍ରଷ୍ଟାଗଣ ସେମାନଙ୍କ ନାଟକରେ ଯୁଦ୍ଧୋତ୍ତର ମଣିଷର ନୈରାଶ୍ୟବୋଧ, ଅବଚେତନର ରହସ୍ୟ ଉଦ୍ଘାଟନ, ସାମାଜିକ ସମସ୍ୟା ପରିବର୍ତ୍ତେ ମନସ୍ତାତ୍ତ୍ୱିକ ସମସ୍ୟାର ଚିତ୍ରଣ, ଫ୍ରଏଡଙ୍କ ଯୌନତତ୍ତ୍ୱ, ମାର୍କ୍ସଙ୍କର ସାମ୍ୟବାଦ ଦର୍ଶନ, ଅଙ୍କବିହୀନ ଗୋଟିଏ ସେଟର ନାଟକ, ସଂଳାପରେ ଅବ୍ସ୍ଡ୍ ଦର୍ଶନ, କଣ୍ଠ ସଙ୍ଗୀତ ପରିବର୍ତ୍ତେ ଯନ୍ତ୍ର ସଙ୍ଗୀତ, ସଙ୍କେତ ଧର୍ମୀ ମଞ୍ଚ କୌଶଳ ପ୍ରଭୃତିକୁ ସ୍ଥାନିତ କଲେ । 'ଳତଃ ନାଟକ କ୍ରମଶଃ ସାଧାରଣ ଦର୍ଶକଙ୍କ ପାଇଁ ଦୁର୍ବୋଧ ହୋଇ ପଡିଲା । ନାଟକ ଦର୍ଶକମାନଙ୍କୁ ମନୋରଞ୍ଜନ ଯୋଗାଇ ପାରିଲା ନାହିଁ । ନବନାଟକରେ ବୌଦ୍ଧିକତା ନାମରେ ତଥାକଥିତ ଆବସର୍ଡଟିର କସରତ ଚାଲିଲା । ପାଶ୍ଚାତ୍ୟ ନାଟ୍ୟ ସାହିତ୍ୟର ପ୍ରଭାବରେ ଓଡିଆ ନାଟ୍ୟଧାରାରେ ଏବଂବିଧ ପରିବର୍ତ୍ତନ ଫଳରେ କଳାପ୍ରିୟ ଓଡ଼ିଶୀ ଦର୍ଶକ ଏହି ନାଟକ ପ୍ରତି ମୁହଁ ମୋଡିବାକୁ ଆରମ୍ଭକଲା । ଓଡିଶାରେ ବ୍ୟବସାୟିକ ରଙ୍ଗମଞ୍ଚର ପାଦ ପ୍ରଦୀପ କ୍ରମେ ନିର୍ବାପିତ ହେଲା ।

ଓଡିଆ ନବନାଟ୍ୟ ଧାରାର ଏହି ପରିବର୍ତ୍ତିତ ପରିସ୍ଥିତିରେ ଅର୍ଥାତ ଉତ୍ତର ଅଶୀ କାଳରେ ତରୁଣ ନାଟ୍ୟକାର ଦିଲ୍ଲୀଶ୍ୱର ମହାରଣାଙ୍କ ନାଟ୍ୟସୃଷ୍ଟି ଓଡିଆ ନାଟ୍ୟ ସାହିତ୍ୟ ପାଇଁ ବିପୁଳ ସମ୍ଭାବନାର ସଙ୍କେତ ସୃଷ୍ଟି କରିବାରେ ସମର୍ଥ ହୁଏ । ଆଲୋଚ୍ୟ କାଳରେ ନିଜକୁ ସୁପ୍ରତିଷ୍ଠ କରାଇ ପାରିବାରେ ତାଙ୍କର ଅସାଧାରଣ ଦକ୍ଷତା ପ୍ରଦର୍ଶନ କରିଛନ୍ତି । ତାଙ୍କର ପ୍ରତ୍ୟେକ ନାଟକରେ ରହିଛି ସମାଜ ପାଇଁ କିଛି ବାର୍ତ୍ତା ।

ନାଟ୍ୟକାର ଦିଲ୍ଲୀଶ୍ୱର ମହାରଣା ସଙ୍ଗୀତ, ଚିତ୍ରାଙ୍କନ, କବିତା, ଅଭିନୟ, ନାଟ୍ୟନିର୍ଦ୍ଦେଶନା ଓ ନାଟ୍ୟରଚନା ଭଳି ବହୁବିଧ ସୃଜନାତ୍ମକ କଳାବିଭବରେ ନିଜର ଦକ୍ଷତା ଜାହିର କରି ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ତାଙ୍କର ପ୍ରତ୍ୟେକ ନାଟକରେ ରହିଥାଏ ସମାଜ ପାଇଁ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା । ହାସ୍ୟରସାତ୍ମକ ନାଟକ ହେଲେ ମଧ୍ୟ ସେଥିରେ ରହିଥାଏ ମନୋରଞ୍ଜନର ବିଭିନ୍ନ ଉପାଦାନ । ସେଦିନ ଆସୁଛି ନାଟକରେ ଅସ୍ପୃଶ୍ୟତା ନିବାରଣ, ଚକେ ଗଲେ ବାର ହାତ ନାଟକରେ ଅନ୍ଧବିଶ୍ୱାସ ଉପରେ ବିଶ୍ୱାସ କଲେ କିପରି ପରିଣତି ହୁଏ, ବାର୍ତ୍ତା ନାଟକରେ ସନ୍ତ୍ରାସବାଦ ପରି କାମରୁ ଦୂରେଇ ରହି, ଦଙ୍ଗା, ହିଂସା ଆଦି ନକରି ଜୀବନକୁ ଉପଭୋଗ କରିବାର ବାର୍ତ୍ତା ରହିଛି । ପୁନଶ୍ଚ ଅସମାପ୍ତ, ନ୍ୟାୟ, ଭାଇ ଭାଇ, ସୁଅ ଆଦି ନାଟକରେ

ଗଣତନ୍ତ୍ର ଶାସନରେ କିପରି ଜନତାଙ୍କ ରକ୍ଷାକର୍ତ୍ତା ପୋଲିସ ଠାରୁ ଆରମ୍ଭ କରି ରାଜନେତା ପର୍ଯ୍ୟନ୍ତ ସମସ୍ତେ ଦୁର୍ନୀତିରେ ଲିପ୍ତ ରହି ନିଜ ନିଜ ସ୍ୱାର୍ଥ ସାଧନରେ ବିବ୍ରତ ତାହାର ଚିତ୍ର ରହିଛି । ତାଙ୍କ ନାଟକରେ ସମାଜରେ ଯାହା ଘଟୁଛି ତାହାର ବାସ୍ତବ ଚିତ୍ର ଚିତ୍ରିତ କରନ୍ତି । ଏତଦବ୍ୟତୀତ ଆଧୁନିକ ସମାଜରେ ଉଚ୍ଚ ଶିକ୍ଷିତ ପୁଅ ବୋହୁ କିପରି ବୃଦ୍ଧାବସ୍ଥାରେ ନିଜ ବାପାମାଙ୍କୁ ଅତ୍ୟାଚାର କରନ୍ତି, ଅଦରକାରୀ ମନେ କରନ୍ତି ତାହାର ମ୍ନ ଚିତ୍ର ରହିଛି ଅସ୍ଥି, ସିଦ୍ଧାନ୍ତ ପରି ନାଟକରେ । ମୋଟ ଉପରେ କହିବାକୁ ଗଲେ ତାଙ୍କ ନାଟକରେ ରହିଛି ସମାଜ ପରିବର୍ତ୍ତନର ବାର୍ତ୍ତା । ଈଶ୍ୱରଙ୍କ ସୃଷ୍ଟିକୁ ଉପଭୋଗ କରିବାର ନିର୍ଦ୍ଦେଶ । ସର୍ବୋପରି ସମାଜ ପାଇଁ ବଳିଷ୍ଠ ବାର୍ତ୍ତା ଯାହା ତାଙ୍କ ପ୍ରତ୍ୟେକ ନାଟକରେ ଆମେ ଦେଖିବାକୁ ପାଇବା ।

ବସ୍ତୁତଃ ନାଟ୍ୟକାର ମହାରଣା ସମକାଳୀନ ସମାଜକୁ ଗଭୀର ଅନ୍ତର୍ଦୃଷ୍ଟି ନିକ୍ଷେପ କରି ଦେଖିଛନ୍ତି, ପଢିଛନ୍ତି, ଆଉ ଅନୁଭବ ମଧ୍ୟ କରିଛନ୍ତି । ଏଣୁ ସେସବୁ ହିଁ ତଦୀୟ ନାଟ୍ୟକୃତିରେ Photographic ଭାବରେ ପ୍ରତିବିମ୍ବିତ ହୋଇଛି । ସେସବୁ ବୌଦ୍ଧିକତାର ଆବରଣ ମଧ୍ୟରେ ନରଖି ନାଟ୍ୟ ସୃଷ୍ଟିରେ ରୂପାୟିତ କଳାତ୍ମକତାକୁ ଅକ୍ଷୁର୍ଣ୍ଣ ରଖି ସତ୍ୟର ଉଦ୍‌ଘୋଷଣା କରିଛନ୍ତି । ଗଣତନ୍ତ୍ରର ବିକଳ ବିଧୃତ ରୂପ ପ୍ରଦାନ କରି ଆମ ସମାଜ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ଲଗାଇଦେବାରେ କୁଣ୍ଠାବୋଧ କରିନାହାନ୍ତି ନାଟ୍ୟକାର ।

ଉଲ୍ଲେଖ କରିବା ନଷ୍ପ୍ରୟୋଜନ ଯେ ନାଟ୍ୟକାର ଦିଲ୍ଲୀଶ୍ୱର ମହାରଣାଙ୍କ ଲେଖନୀ ଏବେ ନୀରବ ହୋଇଯାଇ ନାହିଁ, ବରଂ ତାଙ୍କର ଲେଖନୀ ନାଟ୍ୟ ସୃଷ୍ଟିରେ ଏବେ ମଧ୍ୟ ସଜ୍ଜନଶୀଳ । ଏଣୁ ଜଣେ ସଜ୍ଜନଶୀଳ ନାଟ୍ୟସ୍ରଷ୍ଟାଙ୍କ ସମ୍ପର୍କରେ ଏବେଠାରୁ ଶେଷ ସିଦ୍ଧାନ୍ତ ପ୍ରଦାନ କରିବା ଧୃଷ୍ଟତା ବୋଲି ବିଚାର କରିବା ସମୀଚୀନ ମନେହୁଏ । ଦର୍ଶକ ଏବଂ ପାଠକ ଏବେ ମଧ୍ୟ ଅପେକ୍ଷା କରିରହିଛନ୍ତି ତାଙ୍କର ଆଗାମୀ ନାଟକ । ଏଣୁ ଆମକୁ ମଧ୍ୟ ଅପେକ୍ଷା କରିରହିବାକୁ ହେବ ଆଗାମୀ ଭବିଷ୍ୟତକୁ । ତେବେ ଉତ୍ତର ଅଶୀ କାଳରେ ନାଟ୍ୟକାର ଦିଲ୍ଲୀଶ୍ୱର ମହାରଣାଙ୍କ ନାଟ୍ୟସାଧନା, ନାଟ୍ୟ ସୃଷ୍ଟିରେ ଆମ ନାଟ୍ୟ ଭଣ୍ଡାରକୁ ଉଭୟ ପରିମାଣାତ୍ମକ ଏବଂ ଗୁଣାତ୍ମକ ଦୃଷ୍ଟିରୁ ବିଭବବନ୍ତ କରିଛନ୍ତି, ଏଥିରେ ସନ୍ଦେହ ନାହିଁ । ଓଡିଆ ନାଟ୍ୟାକାଶକୁ ବର୍ଣ୍ଣୋଜ୍ୱଳ କରିଥିବା ଏହି ନାଟ୍ୟ ସ୍ରଷ୍ଟା ଉତ୍କଳ ଭୁବନରେ କାଳଜୟୀ ହୋଇ ରହିବେ ।

କଳାଭୂଷଣ ଗବେଷିକା
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

ISSN -2583-147X(P), **Vol.- 9, Issue No.II, May 2023**
Bastabatara Pariprakash Prachee
Peer Reviewed and Referred Research Journal

ନାଟ୍ୟକାର କମଲଲୋଚନ ମହାନ୍ତିଙ୍କ ନାଟ୍ୟଜଗତ

ପ୍ରମୋଦିନୀ ସ୍ୱାଇଁ

ସ୍ୱାଧୀନତା ପ୍ରାପ୍ତିର ପରବର୍ତ୍ତୀ କାଳରେ ରଚିତ ଓଡ଼ିଆ ନାଟକ ସମୂହରେ କେତେକେ ବିଶେଷତ୍ୱ ପରିଲକ୍ଷିତ ହୁଏ । ସ୍ୱାଧୀନତା ପ୍ରାପ୍ତି ପୂର୍ବରୁ କବି, ଔପନ୍ୟାସିକ ଓ ନାଟ୍ୟକାରମାନଙ୍କର ପ୍ରଧାନ ଲକ୍ଷ୍ୟ ଥିଲା ଲୋକମାନଙ୍କ ମଧ୍ୟରେ ଦେଶାତ୍ମବୋଧ ଓ ଜାତୀୟତା ଭାବର ଉଦ୍‌ବୋଧନ ଦେବା ଓ ପ୍ରଚାର ଏବଂ ପ୍ରସାର କରିବା । ଦେଶରେ ଦେଖା ଦେଇଥିବା ଆନ୍ନାଭାବ ଓ ଅର୍ଥାଭାବ ଉପରେ ଗୁରୁତ୍ୱ ଦେଇ ବହୁ ସ୍ରଷ୍ଟା ଲେଖନୀ ଚାଳନା କରିଥିଲେ । ମୁଖ୍ୟତଃ ସାହିତ୍ୟକୁ ମାଧ୍ୟମ କରି ସମ୍ପ୍ରଦାୟିକତା ଓ ମାନବୀୟ ସମସ୍ୟାର ବିଭିନ୍ନ ରୂପ ପ୍ରକାଶିତ ହୋଇଥିଲା । ଏହାର ପ୍ରଭାବରେ ତତ୍କାଳୀନ ସମୟର ନାଟ୍ୟକାରମାନେ ମଧ୍ୟ ଅନୁରୂପ ବିଷୟ ପ୍ରତି ଗୁରୁତ୍ୱାରୋପ କରି ନିଜର କଳା କୌଶଳକୁ ଲୋକଲୋଚନକୁ ଆଣିଥିଲେ । ସ୍ୱାଧୀନତା ପରବର୍ତ୍ତୀ ସମୟରେ ଓଡ଼ିଆ ନାଟକର ବିକାଶଧାରାରେ ଦୁଇଟି ଶ୍ରେଣୀୟ ନାଟ୍ୟଶୈଳୀ ଦୃଷ୍ଟିଗୋଚର ହୋଇଥାଏ । ପ୍ରଥମଟି ହେଉଛି ପାରମ୍ପରିକ ନାଟ୍ୟଶୈଳୀ ଓ ଦ୍ୱିତୀୟଟି ହେଉଛି ପରୀକ୍ଷାଧର୍ମୀ ନାଟ୍ୟଶୈଳୀ । ଏହି ସମୟରେ ପରୀକ୍ଷାଧର୍ମୀ ନାଟକର ଜନକ ରୂପେ ପରିଚିତି ଲାଭ କରିଥିବା ସ୍ୱନାମଧନ୍ୟ ନାଟ୍ୟକାର ହେଉଛନ୍ତି ଶ୍ରୀଯୁକ୍ତ ମନୋରଞ୍ଜନ ଦାସ । ପ୍ରଥମତଃ ସ୍ୱାଧୀନତା ପୂର୍ବରୁ ସେ ପ୍ରଚଳିତ ନାଟ୍ୟଧାରାକୁ ସମ୍ମାନ ଦେବାକୁ ଯାଇ କେତେକ ପାରମ୍ପରିକ ଶୈଳୀର ନାଟକ ସୃଷ୍ଟି କରିଥିଲେ । ପରବର୍ତ୍ତୀ ସମୟରେ ବିଭିନ୍ନ ପାଶ୍ଚାତ୍ୟ ନାଟ୍ୟକାରମାନଙ୍କ ନାଟ୍ୟଶୈଳୀରେ ଅନୁପ୍ରାଣିତ ହୋଇ ପରୀକ୍ଷାଧର୍ମୀ ନାଟକ ଉପରେ ଗୁରୁତ୍ୱ ଦେଇ ବହୁଗୁଡ଼ିଏ ନାଟକ ରଚନା କରିଥିଲେ । ନାଟ୍ୟକାର ଶ୍ରୀଯୁକ୍ତ ଦାସଙ୍କ ଦ୍ୱାରା ପ୍ରଭାବିତ ହୋଇ ଏହି ସମୟରେ ବହୁ ନାଟ୍ୟକାର ପରୀକ୍ଷାଧର୍ମୀ ନାଟ୍ୟଶୈଳୀକୁ ଆପଣେଇ ନେଇ ଗୌରବ ଅର୍ଜନ କରିଥିଲେ । ସେମାନଙ୍କ ମଧ୍ୟରେ ବିଶ୍ୱଜିତ୍ ଦାସ, ବିଜୟ ମିଶ୍ର, ରତ୍ନାକର ଚଇନି ରମେଶ ପାଣିଗ୍ରାହୀ ପ୍ରମୁଖ ଅନ୍ୟତମ ।

ଏହି ସମୟରେ ଜଣେ ଲବ୍ଧ ପ୍ରତିଷ୍ଠିତ ନାଟ୍ୟକାର ରୂପେ ପରିଚୟ ବହନ କରିଥିବା ସାରସ୍ୱତ ବ୍ୟକ୍ତି ହେଉଛନ୍ତି ନାଟ୍ୟକାର କମଲଲୋଚନ ମହାନ୍ତି । ଶ୍ରୀଯୁକ୍ତ ମହାନ୍ତି ଥିଲେ ପରମ୍ପରାର ସାର୍ଥକ ପୂଜାରୀ । ପାଶ୍ଚାତ୍ୟ ନାଟ୍ୟଶୈଳୀକୁ ସଂପୂର୍ଣ୍ଣ ଭାବେ ପରିହାର କରି ସେ ତାଙ୍କ ନାଟ୍ୟସୌଧକୁ ସରସ ସୁନ୍ଦର କରି ନିର୍ମାଣ କରିଥିଲେ । ଯେଉଁ ସମୟରେ ସମଗ୍ର ଓଡ଼ିଆ ନାଟ୍ୟସାହିତ୍ୟରେ ପରୀକ୍ଷାଧର୍ମୀ ନାଟ୍ୟଧାରାର ପ୍ରଚଳନ ଥିଲା, ସେହି ସମୟରେ ନାଟ୍ୟକାର ମହାନ୍ତିଙ୍କ ଆବିର୍ଭାବ ହୋଇଥିଲେ ମଧ୍ୟ ସେ ପାରିପାର୍ଶ୍ୱିକ ପରିସ୍ଥିତିକୁ ଗୁରୁତ୍ୱ ଦେଇ ପରମ୍ପରା ପ୍ରତି ସମ୍ମାନ ପ୍ରଦର୍ଶନ କରି ବହୁ ନାଟକ ରଚନା କରିଯାଇଛନ୍ତି । ସେ ଉତ୍ତୀର୍ଣ୍ଣ ପଚାଶର ଜଣେ ଦକ୍ଷ ନାଟ୍ୟକାର ଭାବେ ପରିଚିତ । ନାଟକକୁ ସେ ଲୋକଶିକ୍ଷାର ବାହକ ଭାବରେ ବ୍ୟବହାର କରିଛନ୍ତି । ଜଣେ ସମାଜ ସଚେତକ ସ୍ରଷ୍ଟା ଭାବେ ସମାଜ ଗର୍ଭରୁ ହିଁ ବିଷୟବସ୍ତୁକୁ ସଂଗ୍ରହ କରିଛନ୍ତି । ତତ୍କାଳୀନ ସମାଜରେ ଦେଖାଦେଇଥିବା ବିଭିନ୍ନ ସାମାଜିକ ସମସ୍ୟା, ସମାଜ ଜୀବନରେ ରହିଥିବାଦୋଷ ଦୁର୍ବଳତା, ତ୍ରୁଟି-ବିଚ୍ୟୁତିକୁ ନାଟକ ମାଧ୍ୟମରେ ଲୋକଲୋଚନକୁ ଆଣିବା ତାଙ୍କର ଉଦ୍ଦେଶ୍ୟ । ସ୍ୱାଧୀନତା ପରବର୍ତ୍ତୀ ସମୟରେ ଉତ୍କଳୀୟ ଜନଜୀବନରେ ଯାହା ଉଭୟ ନଗର ଓ ପଲ୍ଲୀ ଅଞ୍ଚଳରେ ସୁଲଭ ଥିଲା, ତାହାର ଯଥାର୍ଥ ରୂପ ଦେଖିବାକୁ ମିଳିଥାଏ କମଲଲୋଚନଙ୍କ ନାଟକରେ । ତାଙ୍କ

ନାଟକରେ ଦେଶକାଳ, ପରିବେଶ, ପାତ୍ରପାତ୍ରୀ ଏବଂ ଘଟଣା ଏ ସମସ୍ତ ପ୍ରାକୃତର ଯବନିକା ଦ୍ୱାରା ଏଭଳି ଭାବରେ ଆଦୃତ ଯାହା ସମାଜର ଏକ ବାସ୍ତବ ଅଙ୍ଗ ଭଳି ମନେହୁଏ । ବହୁ ନାଟକର ସ୍ରଷ୍ଟା କମଳଲୋଚନଙ୍କ ଆଭିମୁଖ୍ୟ ତଥା ପ୍ରତିପାଦ୍ୟ କଥାବସ୍ତୁର ବାର୍ତ୍ତା ପ୍ରାୟ ଏକ ସମାଜରେ ଚଳାଚଳ କରୁଥିବା ମଣିଷର ପ୍ରବୃତ୍ତି ଓ କ୍ଷୁଦ୍ର ମନସ୍ତତ୍ତ୍ୱଭିତ୍ତିକ କଥା ବଳିଷ୍ଠ ସଂଳାପ ମଧ୍ୟରେ ପ୍ରକାଶ କରିବା ନାଟ୍ୟକାରଙ୍କ ଲେଖନୀର ବୈଶିଷ୍ଟ୍ୟ । ସ୍ୱାଧୀନତା ପରବର୍ତ୍ତୀ ସମୟର ମଣିଷର ଘାତ ପ୍ରତିଘାତ ରାଜନୈତିକ ଦୁର୍ନୀତି, ସ୍ୱାଧୀନୋତ୍ତର ମଣିଷର ସମସ୍ୟା ତଥା ଅସହାୟତା ଓ ଅତ୍ୟାଚାରକୁ ଲୋକଲୋକଲୋଚନକୁ ଆଣିଥିଲେ ସେମାନଙ୍କ ମଧ୍ୟରେ କମଳଲୋଚନ ଥିଲେ ଅନ୍ୟତମ । ତାଙ୍କ ନାଟକରେ ମୁଖ୍ୟ ଉପଜୀବ୍ୟ ଥିଲା, ଶାସନର ଶୋଷଣକାରୀ ଟାଉଟର ନେତା, ଅମଲାତାନ୍ତ୍ରିକ ଶୋଷଣ ଓ ପୋଷଣର ଚିତ୍ର । ସେଥିପାଇଁ ତାଙ୍କ ସଂଳାପରେ ଥିଲା ଏମାନଙ୍କ ପ୍ରଚୁର ବ୍ୟଙ୍ଗ ଓ ବିଦ୍ରୂପ । ଉନ୍ନତ ତଥା ସୃଜନାତ୍ମକ ଶୈଳୀ, ଚରିତ୍ର ଉପଯୋଗୀ ସଂଳାପ, ଉଚ୍ଚମାନର ଚରିତ୍ର ଚିତ୍ରଣ ଓ ଉତ୍କଣ୍ଠା-ବର୍ଦ୍ଧକ ଦୃଶ୍ୟ ସଜ୍ଜା ହିଁ ନାଟ୍ୟକାର କମଳଲୋଚନଙ୍କ ବୈଶିଷ୍ଟ୍ୟ । ସଂସାରରେ ନିତିଦିନିଆ ସମସ୍ୟା ସବୁକୁ ନେଇ ଗଢ଼ି ଉଠିଛି ତାଙ୍କ ନାଟକର କଥାବସ୍ତୁ-ସରଳ ଭାଷାର ଲାଳିତ୍ୟରେ ସେ ଅନେକ କ୍ଲିଷ୍ଟ ଓ ନୀରସ କଥାବସ୍ତୁକୁ ସରସ କରି ରଙ୍ଗମଞ୍ଚରେ ବାଢ଼ି ପାରିଛନ୍ତି, ଏହାହିଁ ଥିଲା ତାଙ୍କର ବିଶେଷତ୍ୱ । ନାଟକ ମାଧ୍ୟମରେ ସାମାଜିକ ଚେତନା ସୃଷ୍ଟି ଏବଂ ମାନବିକ ମୂଲ୍ୟବୋଧର ପ୍ରତିଷ୍ଠା ଥିଲା ତାଙ୍କ ନାଟ୍ୟଜୀବନର ମୂଳମନ୍ତ୍ର ।

ବାଲ୍ୟଜୀବନରୁ ହିଁ ସାହିତ୍ୟ ପ୍ରତି ଅନୁରାଗ କମଳଲୋଚନଙ୍କୁ ଜଣେ ପ୍ରତିଷ୍ଠିତ ସାହିତ୍ୟସ୍ରଷ୍ଟା କରିପାରିଥିଲା । ସ୍କୁଲ୍‌ରେ ପ୍ରକାଶ ପାଉଥିବା ମଗାଜିନ୍‌ରେ କବିତା ଲେଖାରୁ ଆରମ୍ଭ ହୋଇଥିଲା ତାଙ୍କର ସାହିତ୍ୟିକ ଜୀବନ । ପରେ ପରେ ସେ ଉପନ୍ୟାସ, ଗଳ୍ପ, କୃଷିସାହିତ୍ୟ, ଶିଶୁସାହିତ୍ୟ, ଅନୁବାଦ ଓ ନାଟକ ଆଦି ରଚନା କରି ଆପଣାର ସାହିତ୍ୟିକ ଜୀବନର ପରାକାଷ୍ଠା ପ୍ରଦର୍ଶନ କରିପାରିଥିଲେ । ନାଟକ ରଚନା ହିଁ ସବୁଠାରୁ କମଳଲୋଚନଙ୍କୁ ସର୍ବଶ୍ରେଷ୍ଠ ସିଦ୍ଧି ପ୍ରଦାନ କରିପାରିଥିଲା । ଚଳଚ୍ଚିତ୍ରର ସଂଳାପ ରଚନା, ଏକାମ୍ର ଥିଏଟରର ସଂଗଠନ ଓ ବହୁ ସାହିତ୍ୟିକଙ୍କ ଉପରେ ପରିକ୍ରମା ପ୍ରକାଶନ ତାଙ୍କୁ ଓଡ଼ିଆ ସାହିତ୍ୟରେ ଅନେକ ଲୋକପ୍ରିୟ କରିପାରିଛି । ଓଡ଼ିଆ ସାହିତ୍ୟର ଅନେକ ବିଭବରେ ଲେଖନୀ ଚାଳନା କରିଥିଲେ ମଧ୍ୟ କମଳଲୋଚନ ଜଣେ ସଫଳ ନାଟ୍ୟକାର ଭାବରେ ପ୍ରକାଶିତ ଓ ପ୍ରଚାରିତ ହୋଇଥିଲେ । ତାଙ୍କ ନାଟକ ଗୁଡ଼ିକ ହେଲା- ସମାଧାନ (୧୯୫୪), ଅଭ୍ୟୁଦୟ (୧୯୫୬), ଗାଁ ମାଟି (୧୧୫୭), କିରାଣୀ (୧୯୫୮), ସ୍ୱାମୀ ସ୍ତ୍ରୀ (୧୯୫୯), ଡାକବଙ୍ଗଳା (୧୯୬୦), ମାତୃମଙ୍ଗଳ କେନ୍ଦ୍ର (୧୯୬୧), ଆଜାଦୀ (୧୯୬୧), ଭାଇଭଉଣୀ (୧୯୬୨), ମଣିଷ (୧୯୬୩) ସନ୍ତାନ (୧୯୬୪), ମଣିକାଞ୍ଚନ (୧୯୬୫), ସାବତ ମା (୧୯୬୫) ଅମାବାସ୍ୟାର ଜହ୍ନ (୧୯୬୬), ସୁବର୍ଣ୍ଣପୁର (୧୯୬୭), ପିପାସା (୧୯୬୮), ପାପପୂଣ୍ୟ (୧୯୬୮), ମିସ୍ ମଲ୍ଲିକ (୧୯୬୮), ରାମ ରହିମ (୧୯୬୯), ଆମ ଗାଁ (୧୯୭୧), ଭାରତ ଆବିଷ୍କାର (୧୯୭୨), ଘର ବାହୁଡ଼ା (୧୯୭୩), ସୁମିତ୍ରାର ସଂସାର (୧୯୭୪) ଓ ଜୀବନ (୧୯୮୩) । କମଳଲୋଚନଙ୍କ ଏହି ନାଟକ ଗୁଡ଼ିକରେ ସେ ସମାଜରେ ଚଳପ୍ରଚଳ କରୁଥିବା ବିଭିନ୍ନ ଚରିତ୍ର, ଘଟଣା, ରାଜନୈତିକ ପ୍ରେକ୍ଷାପଟର ଦୃଶ୍ୟକୁ ତାଙ୍କର ନାଟକରେ ଚମତ୍କାର ଶୈଳୀରେ ରୂପାୟିତ କରିଛନ୍ତି । ତାଙ୍କର ସାମଗ୍ରିକ ନାଟ୍ୟକୃତି ଓଡ଼ିଆ ବାଣୀଭଣ୍ଡାର ନାଟକ ବିଭାଗକୁ ସମୃଦ୍ଧ କରିଛି । ତାଙ୍କ ରଚିତ ବିଭିନ୍ନ ନାଟକ ସମ୍ପର୍କରେ ସଂକ୍ଷେପରେ ଆଲୋଚନା କରାଯାଇପାରେ ।

'ସମାଧାନ' ନାଟକଟି ମିଲ୍‌ମାଲିକ ଓ ଶ୍ରମିକ ମଧ୍ୟରେ ସଂଘର୍ଷକୁ ନେଇ ଦେଶର ଅର୍ଥନୈତିକ ସମସ୍ୟା ଉପରେ ଆଧାରିତ ନାଟ୍ୟକାର କମଳଲୋଚନଙ୍କ ପ୍ରଥମ ନାଟକ । ଇଂରେଜୀମାନଙ୍କ ଆଗମନ ପରେ ଓଡ଼ିଶାରେ ପାରମ୍ପରିକ ସମାଜ ବ୍ୟବସ୍ଥାରେ ତଥା ଇଂରାଜୀ ଶିକ୍ଷା ପ୍ରଣାଳୀର ଫଳରେ ସମାଜ ଜୀବନରେ ବିପୁଳ ପରିବର୍ତ୍ତନ ଦେଖାଗଲା । ନ'ଅଙ୍କ ଦୁର୍ଭିକ୍ଷର କରାଳ ଗ୍ରାସ ଦେଶର ଅର୍ଥନୀତିକୁ ଯେତେ ରୁଗ୍‌ଣ କରିନଥିଲା, ଟାଉଟର ଜମିଦାର, ଶୋଷକ ଗୋଷ୍ଠୀଙ୍କ ଶୋଷଣ ଓ ନିର୍ଯାତନରେ ସରଳ ନିରୀହ ଗ୍ରାମୀୟ ଜୀବନ ସେତିକି ଅନ୍ତସାର ଶୂନ୍ୟ ହେଲା । ରକ୍ତ ଦେଇ ଆଣିଥିବା ସ୍ୱାଧୀନତା ଯେ ଶାସକଗୋଷ୍ଠୀଙ୍କ ମନମୁଖି ଶାସନ ଏବଂ ସ୍ୱାର୍ଥ ସର୍ବସ୍ୱ ହୋଇପଡ଼ିବ ଏହା ଥିଲା ସାଧାରଣ ଜନତାଙ୍କ ଚିନ୍ତାର ବାହାରେ ।

ଶିଳ୍ପ ବିପ୍ଳବରେ ପ୍ରଭାବିତ ଇଂରେଜୀ ଶାସକମାନେ ଇଂରେଜ ଶାସକମାନେ ଭାରତ ଭୂମିରେ ମିଲ୍ ମାଲିକ ଓ ଶ୍ରମିକ ମାନଙ୍କ ସଂଘର୍ଷର ଜୀବନଯାପନ କରି ଦେଇଥାନ୍ତି ତାକୁ ପ୍ରତିରୋଧ କରି ମହାତ୍ମାଗାନ୍ଧୀ 'କୁଟି ଖାଓ କାଟି ପିନ୍ଧ' ମନ୍ତ୍ରବାଣୀ ଶୁଣାଇଥିଲେ । ନାଟ୍ୟକାର କମଲଲୋଚନ ମହାନ୍ତି ମଧ୍ୟ ଏହି ମନ୍ତ୍ରରେ ଦୀକ୍ଷିତ ହୋଇ ପୁଞ୍ଜିପତି ଓ ଶ୍ରମିକମାନଙ୍କର ବିବାଦର ସମାଧାନକୁ ନାଟକ ମାଧ୍ୟମରେ ଦର୍ଶାଇଛନ୍ତି । ତତ୍କାଳୀନ ସମୟରେ ସୃଷ୍ଟି ହୋଇଥିବା ସଂକଟମୟ ପରିସ୍ଥିତିର ଆଶୁ ପ୍ରତିକାର ଦର ସଂଚୟ ସମାଧାନର ସୂତ୍ରକୁ ଉପସ୍ଥାପିତ କରିଥିବାରୁ ନାଟକ ପ୍ରଚାରଧର୍ମୀ ହୋଇପଡ଼ିଛି । ଏହି ନଟକାର ପ୍ରଥମ ମଞ୍ଚସ୍ଥରେ ଅନୁଭୂତି ସମ୍ପର୍କରେ ନାଟ୍ୟକାର ଉପସ୍ଥାପନ କରନ୍ତି– "କିଛିଦିନ ପରେ କଟକରୁ ଗୋଟିଏ ଟେଲିଗ୍ରାମ ପାଇଲି । ମୋ ପାଖକୁ ତେଲେଙ୍ଗାବଜାର ପୋଷ୍ଟମାଷ୍ଟର ଗୋଲୁକୋଦା ଟେଲିଗ୍ରାମ କରିଛନ୍ତି । ଓଡ଼ିଶା ପୋଷ୍ଟାଲ ଟେଲିଗ୍ରାଫ ରକ୍ରେସନ କ୍ଲବ 'ସମାଧାନ' ନାଟକ ମଞ୍ଚସ୍ଥ କରୁଛି । ଅନୁମତି ସହ ବ୍ୟକ୍ତିଗତ ଭାବରେ ଉପସ୍ଥିତ ହେବାପାଇଁ ଅନୁରୋଧ । ଭାରି ଆନନ୍ଦିତ ହେଲି" ।(୧) କାରଣ ପେଷାଦାରୀ ରଙ୍ଗମଞ୍ଚ ପ୍ରସ୍ତୁତି କ୍ରମରେ ଏହା ଥିଲା ନାଟ୍ୟକାରଙ୍କର ପ୍ରଥମ ନାଟକ ।

ତାଙ୍କର 'ଅଭ୍ୟୁଦୟ' ନାଟକଟି ଗ୍ରାମ୍ୟଗୋଷ୍ଠୀ ଯୋଜନାର ପ୍ରଚାର ଉଦ୍ଦେଶ୍ୟରେ ରଚିତ । ତେଣୁ ଏହାକୁ ଏକ ପ୍ରୋପାଗଣ୍ଡା ପ୍ଲେ' ବା ପ୍ରଚାରଧର୍ମୀ ନାଟକ ମଧ୍ୟ କୁହାଯାଇପାରେ । କିନ୍ତୁ ପ୍ରୋପାଗଣ୍ଡା ଉଦ୍ଦେଶ୍ୟରେ ରଚିତ ହୋଇଥିଲେ ମଧ୍ୟ ନାଟ୍ୟକାରଙ୍କର ଲେଖନୀର ଯାଦୁସ୍ପର୍ଶରେ ଏହା ହୋଇଉଠିଛି ଖୁବ୍ ଜୀବନ୍ତ ଓ ସମାଜଧର୍ମୀ । ଏହି ନାଟକରେ ତତ୍କାଳୀନ ସମଜରେ ବିଧବାର ସମସ୍ୟାବର୍ଣିତ । ନାଟକରେ ପଣ୍ଡିତଙ୍କ ଷୋହଳ ବର୍ଷର ଝିଅ ଚିତ୍ରା ବିଧବା । 'ବିଧବା' ଶବ୍ଦ ତା'ର ଆଗକୁ ବଢୁଥିବା ପ୍ରତି ପଦକ୍ଷେପ ଉପରେ ଶିକୁଳୀ ଟାଣିଦିଏ । ଗାଁ ର ନକୁଳା ବାକୁଳା ସବୁ ମଟରେ ପୋକ ପକାଇଲା ପରି ଚିତ୍ରାର ଚରିତ୍ରକୁ ଅଙ୍ଗୁଳି ନିର୍ଦ୍ଦେଶ କରନ୍ତି । ଗାଁର ଜମିଦାର ପର୍ଶୁରାମଙ୍କ ପୁଅ ରତିକାନ୍ତ ସବୁବେଳେ ଗାଁର ଉନ୍ନତି ପାଇଁ ଚିନ୍ତିତ । ଗ୍ରାମରେ ବସବାସ କରୁଥିବା ଲୋକ ମାନଙ୍କର ଶିକ୍ଷାର ଅଭାବ ତା ସହିତ ପୁଣି ଗାଁକୁ ଗମନାଗମନର ସୁବିଧା ନହିଁ । ବିଭିନ୍ନ ପ୍ରକାର ମାରାତ୍ମକ ରୋଗ ତଥା ମ୍ୟାଲେରିଆ, ହଇଜା, ମହାମାରୀ ଇତ୍ୟାଦିରେ ପୀଡ଼ିତ ହୋଇ ଗାଁର ଲୋକେ ଯନ୍ତ୍ରଣା ଭୋଗୁଛନ୍ତି । ଏହି ସବୁ ସମାଧାନ ନିମନ୍ତେ ଚେଷ୍ଟା କରିଛି ରତିକାନ୍ତ । ମାତ୍ର ରତିକାନ୍ତ ଜମିଦାର ବଂଶରେ ଉତ୍ତରଦାୟଦ ହୋଇଥିବାରୁ ତାର ପିତା ପର୍ଶୁରାମ ଏଥିରେ ତାଙ୍କୁ ବାଧାଦେଇଛନ୍ତି । ଜମିଦାର ନକୁଳ ବକୁଳଙ୍କ କଥାରେ ବିଶ୍ୱାସ କରି ଅନ୍ଧବିଶ୍ୱାସର ବଶବର୍ତ୍ତୀହୋଇଛି । କିନ୍ତୁ ରତିକାନ୍ତ ବନ୍ଧୁ ଧନଞ୍ଜୟ ଏ ଅନ୍ଧବିଶ୍ୱାସୀ ଲୋକଙ୍କୁ ରୋଗଦାଉରୁ ରକ୍ଷା କରିବା ଲାଗି ଅଣ୍ଟା ଭିଡ଼ିଛନ୍ତି । ରତିକାନ୍ତଙ୍କ ଉଦ୍ୟମରେ ଜମିଦାରଙ୍କ ମାନସିକ ପରିବର୍ତ୍ତନ ହୁଏ । ସମସ୍ତ ଧାନ ଚାଉଳ ଗରିବ ଲୋକଙ୍କୁ ବାଣ୍ଟି ଦିଅନ୍ତି । ଗାଁରେ ନାଇଟ ସ୍କୁଲର ପ୍ରତିଷ୍ଠା ହୋଇଛି । ଗାଁରେ ଥିବ ଟାଉଟରଙ୍କ ସମସ୍ତ କୁଟକ୍ରାନ୍ତ ହାର ମାନିଛି । ଶେଷରେ ନିଜର ଭୁଲକୁ ସ୍ୱୀକାର କରିଛନ୍ତି ଏବଂ ଖଟିକିଆମୂଲିଆଙ୍କ ଜୀବନର ଅଭ୍ୟୁଦୟ ଆସିଛି । ସରକାର ଙ୍କର କଲ୍ୟାଣକର ଯୋଜନାର ଫଳ ଗ୍ରାମବାସୀମାନେ ଭୋଗ କରିଛନ୍ତି । ଗ୍ରାମ୍ୟଗୋଷ୍ଠୀ ଉନ୍ନୟନ ଯୋଜନାର ସୁଫଳକୁ ପ୍ରଚାର କରିବା ଉଦ୍ଦେଶ୍ୟରେ ନାଟକଟି ରଚିତ ହୋଇଥିଲେ ହେଁ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଗ୍ରାମୀଣ ସଭ୍ୟତାରେ ଦେଖା ଦେଇଥିବା ବିଭିନ୍ନ ସମସ୍ୟା ସହିତ ସାମାଜିକ ଜୀବନର ଏକ ସ୍ୱଷ୍ଟ ଚିତ୍ର ପ୍ରତିଫଳିତ । ନାଟକଟି ତିନିଅଙ୍କ ଏବଂ କୋଡ଼ିଏଟି ଦୃଶ୍ୟ ସମ୍ବଳିତ ଏକ ପ୍ରଚାରଧର୍ମୀ ନାଟକ ହୋଇଥିଲେ ମଧ୍ୟ ନାଟ୍ୟକାରଙ୍କର ଉଚ୍ଚକୋଟିର ଚିନ୍ତାଶକ୍ତି ହେତୁ ଏହା ଅତ୍ୟନ୍ତ ଜୀବନ୍ତ ଓ ସମାଜଧର୍ମୀ ହୋଇଛି ।

ଅଭ୍ୟୁଦୟ ଓ ସମାଧାନ ନାଟକ ପରି 'ଗାଁ ମାଟି ମଧ୍ୟ କମଳ ଲୋଚନଙ୍କର ଏକ ପଲ୍ଲୀ ବିକାଶମୂଳକ ନାଟକ । ଏଥିରେ ଚାଷୀର ସମସ୍ୟା, ଅନ୍ଧବିଶ୍ୱାସ ଦୂରୀକରଣ, ନାରୀ ଜାଗରଣ, କୁଟୀରଶିଳ୍ପର ବିକାଶ, ପୌଢ ଶିକ୍ଷା ଓ ଉନ୍ନତ କୃଷି ପ୍ରଣାଳୀ ଅବଲମ୍ବନ ପ୍ରଭୃତି ଉପରେ ଗୁରୁତ୍ୱ ଦିଆଯାଇଛି । ଏହି ନାଟକଟି ୧୯୫୭ ରେ ଓଡ଼ିଶା ଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ନାଟକ ପ୍ରତିଯୋଗୀତାରେ ଶ୍ରେଷ୍ଠ ନାଟକ ଭାବେ ପୁରସ୍କୃତ ହୋଇଥିଲା । ଫଳସ୍ୱରୂପ ଏହି ପୁରସ୍କାର ହିଁ ନାଟ୍ୟକାରଙ୍କୁ ଆହୁରି ଅଧିକ ନାଟକ ଲେଖିବା ପାଇଁ ଉତ୍ସାହ ପ୍ରଦାନ କରିଥିଲା । ଏହି ସମ୍ପର୍କରେ ନାଟ୍ୟକାର କହନ୍ତି:– "ଘଟଣାକ୍ରମେ ପୌଢ଼ଶିକ୍ଷା ବିଭାଗ ତରଫରୁ ମୋତେ ଏକ ଉପନ୍ୟାସ ଲେଖିବା ପାଇଁ ଡ.ମାୟାଧର ମାନସିଂହ ଓ ରାଧାମୋହନ ଗଡ଼ନାୟକଙ୍କ ତରଫରୁ ଅନୁରୋଧ କରଯାଇଥିଲା । ପ୍ରତିଯୋଗିତାରେ ଉପନ୍ୟାସଟି ୨୫୦ ପୃଷ୍ଠା ଓ ନାଟକଟି ୧୨୫ ପୃଷ୍ଠା ହୋଇଥିବାରୁ ସମୟର ସ୍ୱଳ୍ପତା ଯୋଗୁଁ ମୁଁ ଉପନ୍ୟାସ ନ

ଲେଖି ନାଟକ ଲେଖି ପ୍ରତିଯୋଗିତାରେ ଯୋଗ ଦେଇଥିଲି । ପ୍ରତିଯୋଗିତାରେ 'ଗାଁ ମାଟି' ଶ୍ରେଷ୍ଠ ହୋଇଥିବାରୁ ଅନପୂର୍ଣ୍ଣା 'ବି' ଗ୍ରୁପ୍‌ର ଶ୍ରୀଯୁକ୍ତ ସାମୁଏଲ ସାହୁ, ସ୍ୱର୍ଗତ ଲିଙ୍ଗରାଜ ମିଶ୍ର, ପ୍ରିୟନାଥ ମିଶ୍ରଙ୍କ ଅନୁରୋଧ କ୍ରମେ ପେଷାଦାର ରଙ୍ଗମଞ୍ଚରେ ନାଟକ ଲେଖିବାପାଇଁ ବ୍ରତୀ ହେଲି ।"(୨) ନାଟକଟି ତିନି ଅଙ୍କ ଏବଂ ତେଇଶିଟି ଦୃଶ୍ୟକୁ ନେଇ ପରିକଳ୍ପିତ । ଯେଉଁଥିରେ ଏକ ଚାଷୀର ବିଭିନ୍ନ ସମସ୍ୟା, ଅନ୍ଧବିଶ୍ୱାସ, ନାରୀ ଜାଗରଣ, କୁଟୀରଶିଳ୍ପର ବିକାଶ, ପୌଢ଼ଶିକ୍ଷା ଇତ୍ୟାଦି ବିଷୟ ଉପରେ ଗୁରୁତ୍ୱ ଦିଆଯାଇଛି ।

ଉକ୍ତ ନାଟକରେ ସ୍ୱାଧୀନତା ପରବର୍ତ୍ତୀ ସମାଜରେ ଅନ୍ଧବିଶ୍ୱାସ କିପରି ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି ତାହା ଦେଖିବାକୁ ମିଳେ । ତତ୍କାଳୀନ ସମାଜରେ ଗାଁଗଣ୍ଡା ଗୁଡ଼ିକରେ ସାମାଜିକ, ରାଜନୈତିକ, ଅର୍ଥନୈତିକ ଓ ସଂସ୍କୃତିକ କ୍ଷେତ୍ରରେ ଅନଗ୍ରସର ଥିଲା । ଏକ ସାମାଜିକ ପରିବେଶ ଭିତରେ ଗ୍ରାମର ବିକାଶ ନିମନ୍ତେ ଯେଉଁ ସବୁ ପଦକ୍ଷେପ ନିଆଯିବ ଉଚିତ୍, ନାଟ୍ୟକାର ସେହି ଭାବଭୂମି ଉପରେ ଉପରେ ଗାଁ ମାଟି ନଟକାର ବିଷୟବସ୍ତୁ ଉପସ୍ଥାପନା କରିଛନ୍ତି । ଅନ୍ଧବିଶ୍ୱାସ ଓ କୁସଂସ୍କାରଗ୍ରସ୍ତ ଗ୍ରାମୀଣ ସମାଜରେ ବ୍ୟାପୀ ଥିବା ହଇଜା ମହାମାରୀକୁ ବାଡ଼ିଠାକୁରାଣୀ ବୋଲି କହିଥାନ୍ତି । ବିଭିନ୍ନ ଉପାୟରେ ପୂଜାଅର୍ଚ୍ଚନା କରିଥାନ୍ତି ଏବଂ ତା ବିରୁଦ୍ଧରେ ଇଞ୍ଜେକ୍ସନ ନେଲେ, ସେ କାହାକୁ ଛାଡ଼ିବେ ନାହିଁ ବୋଲି ସ୍ୱାର୍ଥନ୍ୱେଷୀ ଲୋକେ ଗାଁରେ ସମସ୍ୟା ସୃଷ୍ଟି କରିଛନ୍ତି । ମାତ୍ର ଗ୍ରାମବାସୀଙ୍କୁ ରକ୍ଷା କରିବା ପାଇଁ ନାଟ୍ୟକାର ନାୟକ ଉଚ୍ଚଶିକ୍ଷିତ ଶ୍ୟାମସୁନ୍ଦର ତାଙ୍କ ବନ୍ଧୁମାନଙ୍କ ସହିତ ମିଶି ପରିବେଶ ପରିଚ୍ଛନ୍ନତା, ଇଞ୍ଜେକ୍ସନ ପ୍ରଦାନ ଏବଂ ଶୁଦ୍ଧ ଜଳପାନ ଉପରେ ଗୁରୁତ୍ୱ ଦେଉଥିବା ବେଳେ ଜଟିଆ, ହଟିଆ, ନେଡି ପରି ମୂର୍ଖ ତଥା ସ୍ୱାର୍ଥପରମାନେ ଏହାକୁ ବାଡ଼ିଠାକୁରାଣୀ କହି ପ୍ରଚାର କରିଛନ୍ତି । ପରବର୍ତ୍ତୀ ସମୟରେ ହେଲ୍ଥ ଇନ୍ସପେକ୍ଟର ଆସି ଜବରଦସ୍ତ ଇଞ୍ଜେକ୍ସନ ଦେଇଛନ୍ତି । ଉନ୍ନତ ପ୍ରଣାଳୀରେ ଚାଷ, ପୌଢ଼ଶିକ୍ଷା, ପଶୁ ସୁରକ୍ଷା, ରାସ୍ତାଘାଟ ନିର୍ମାଣ ଏବଂ ମାଛଚାଷ ଇତ୍ୟାଦି ଦ୍ୱାରା ଗ୍ରାମର ବିକାଶ ହେବ କଥା ବର୍ଣ୍ଣିତ । ବାସ୍ତବରେ ଗାଁରେ ବସତି ସ୍ଥାପନ କରୁଥିବା ସମସ୍ତ ଶ୍ରେଣୀର ବ୍ୟକ୍ତିଙ୍କ ଅକ୍ଳାନ୍ତ ଉଦ୍ୟମରେ ଗାଁ ମାଟିକୁ ସମୃଦ୍ଧ କରିବାର ବାର୍ତ୍ତା ଏହି ନାଟକର ଅନ୍ତସ୍ୱର ।

କମଳଲୋଚନଙ୍କର 'କିରାଣୀ' ନାଟକ ଏକ ଅନ୍ୟତମ ସଫଳ ନାଟକ । ନାଟ୍ୟକାର କିରାଣୀ ଜୀବନର ଯେଉଁ ମର୍ମନ୍ତୁଦ ନିବେଦନା ମହଜୁଦ କରାଇ 'କିରାଣୀ' ନାଟକର ପର୍ଯ୍ୟାୟ ପରିସରରେ ତଥା ପର୍ଯ୍ୟାୟ ପରିମାଣରେ, କିରାଣୀଟିକୁ କଡ଼ା କ୍ରାନ୍ତିରେ ହିସାବ-ନିକାଶରେ ନିଖାରିଛନ୍ତି, ଉଖାରିଛନ୍ତି, ତାହାହିଁ ପ୍ରତ୍ୟେକ ଦର୍ଶକ ତଥା ପରବର୍ତ୍ତୀ ପର୍ଯ୍ୟାୟର ପ୍ରତ୍ୟେକ ଆଦର୍ଶ ପାଠକ-ପ୍ରାଣକୁ ଯେପରି ଦ୍ରବୀଭୂତ କରାଏ, ସେପରି ସ୍ତମ୍ଭୀଭୂତ କରାଏ । ତାହାହିଁ 'କିରାଣୀ' ନଟକାର ପ୍ରତି ପୃଷ୍ଠାର କରୁଣ କାର୍ଯ୍ୟକ୍ରମ । ଏଥିରେ ଏକ ମଧ୍ୟବିତ୍ତ କିରାଣୀ ଜୀବନର ଦୁଃସ୍ଥ ଅର୍ଥନୈତିକ ବ୍ୟବସ୍ଥାର ବାସ୍ତବ ବର୍ଣ୍ଣନା ଦେଖିବାକୁ ମିଳେ । ଏଥିରେ ଶାସନତନ୍ତ୍ରର ମେରୁଦଣ୍ଡ ରୂପେ ବିବେଚିତ କିରାଣୀ ଜୀବନର ଦୁଃଖ ଓ ନିର୍ଯାତନାର ଏକ ନଗ୍ନ ଓ ବାସ୍ତବ ଚିତ୍ର ପ୍ରଦତ୍ତହୋଇଅଛି । ଦୁନିଆର ବଡ଼ଦାଣ୍ଡରେ ଧର୍ମକୁ ସାକ୍ଷୀରଖି ଯିଏ ନିଜ କର୍ତ୍ତବ୍ୟ ପଥରେ ଆଗେଇବ ତାକୁ ନାନା ଦୁଃଖ କଷ୍ଟ ସହିବାକୁ ପଡ଼ିଥାଏ ଯାହାକି ନାଟକରେ 'ଗୁରୁପଦ' ଚରିତ୍ର ମାଧ୍ୟମରେ ଦର୍ଶାଯାଇଛି । ଗୁରୁପଦ ବାବୁ ସମାଜ ଆଖିରେ ବଡ଼ବାବୁ ହେଲେ ମଧ୍ୟ ଦାରିଦ୍ର୍ୟର କଷାଘାତରେ ତାଙ୍କ ପରିବାରକୁ ଉପବାସ ରହିବାକୁ ପଡେ । ଏ ଉପବାସ କେବେ ଗୁରୁପଦ ବାବୁଙ୍କ ନୁହେଁ ସମଗ୍ର କିରାଣୀ ଜୀବନର । ଅଭାବ ଅନଟନରେ କିରାଣୀ ସନ୍ତୁଳିତ ହେଉଥିଲେ ମଧ୍ୟ ଅନ୍ୟ ପାଖରେ ନିଜର ବ୍ୟକ୍ତିତ୍ୱକୁ ଜଳାଞ୍ଜଳି ଦିଏ ନାହିଁ । ପୁଅ ରମେଶ ବାପାଙ୍କର ଅଭାବ ଓ ବଞ୍ଚିବା ପାଇଁ ସଂଘର୍ଷ ରମେଶର ମନକୁ କାବୁ କରିପାରି ନାହିଁ । କଳାକାର ରମେଶ ଚରିତ୍ର ମାଧ୍ୟମରେ ନାଟ୍ୟକାର ଶିଳ୍ପୀ ସମାଜକୁ ଚେତାବନୀ ଶୁଣାଇଛନ୍ତି । ନିଜର ତଥା ପରିବାରର ସୁଖକୁ ବିସ୍ମୃତି ଗର୍ଭରେ ହଜାଇ ଦେଇ ଗଦାଗଦା ଫାଇଲ ମଧ୍ୟରେ ବୁଡ଼ି ରହିଛନ୍ତି ଗରିବ କିରାଣୀ, କିନ୍ତୁ ଉପର ହାକିମର ଇଚ୍ଛା ମୁତାବକ ଜଗି ନ ଚଳିଲେ ଅଫିସରର ବିଷ ଦୃଷ୍ଟିର ପାତ୍ର ହୁଏ ସେ । ଏହି ନଗ୍ନ ଘଟଣାକୁ ନାଟ୍ୟକାର ଦୁର୍ନୀତି ବିଭାଗର ମୁଖ୍ୟ ଅଫିସର ଅଜିତଙ୍କର ମୁଖା ଖୋଲିଦେଇ ଅସଲ ରୂପକୁ ବାହାରେ ପ୍ରକାଶ କରି ଦେଇଛନ୍ତି ।

ନାଟ୍ୟକାର ଏହି ନାଟକ ରଚନା ସମ୍ପର୍କରେ କୁହନ୍ତି:- "ଶିକ୍ଷିତ, ଅର୍ଦ୍ଧଶିକ୍ଷିତ, ଅଶିକ୍ଷିତ ଯୁବକଯୁବତୀଙ୍କୁ ସାମୁଏଲ ଲେଖକର କଞ୍ଚା, ଦଦରା, ଶୁଣା, ଅଶୁଣା ପିଣ୍ଡକୁ ନେଇ ରୂପ ଦିଅନ୍ତି, ଜୀବନ ଦିଅନ୍ତି, ସରସ କରନ୍ତି, ଦର୍ଶକ ମନରେ ସୃଷ୍ଟି କରନ୍ତି ହସ କାଣ୍ଡର

ଅଲେଖ୍ୟ । ଜାତିର ରଙ୍ଗମଞ୍ଚ ସମୃଦ୍ଧ ହୁଏ । ଲେଖକ ସୃଷ୍ଟି ହୁଅନ୍ତି । ଲୋକେ ଉପଭୋଗ କରନ୍ତି । କିନ୍ତୁ ରୁହନ୍ତି ସେମାନେ ଦର ଉପବାସୀ । ଅଥଚ ରୋଲ୍ ସରଏ କାର୍ ଚଢ଼ି 'ଫଇଭଫିଫ୍ଟି ସିଗାରେଟ ଟାଣି ଆମ ଦେଶର ଧନୀଲୋକେ 'ଫ୍ରାନ୍ସରେ ଆଗ ସିଟଗୁଡ଼ିକ ମଣ୍ଡନ କରି ପରିବାର ସହିତ ଉପଭୋଗ କରନ୍ତି । ଆମ ଦେଶରେ ଏହିଭଳି ଏକ ଶିଳ୍ପୀ ସଂଗଠନ ପାଇଁ ଲେଖିଲି 'କିରାଣୀ' ।"(୩) ତେଣୁ ଯେଉଁ ଅଫିସର ଶହ ଶହ କିରାଣୀ ଜୀବନର ଭାଗ୍ୟ ଡୋରିକୁ ଧାରଣ କରି କଣ୍ଢେଇ ଖେଳ ଆରମ୍ଭ କରେ, ଦୁର୍ନୀତି ନିବାରଣ ଅଫିସର ମୁଖ୍ୟ ହୋଇ ଦୁର୍ନୀତିର ଚରମସୀମାରେ ପହଞ୍ଚିପାରେ, କଳାବଜାରୀମାନଙ୍କୁ ଉତ୍ସାହିତ କରି ବେଶ୍ ହାତଛଡ଼ା ପାଏ । ନିରୀହ କିରାଣୀ ମାନଙ୍କର ଝିଅର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ଆଦିମ ପିପାସାକୁ ଚରିତାର୍ଥ କରେ ତା'ର ମୃତ୍ୟୁ ଅଜିତ ଅଫିସର ଭଳି ହେବା ଉଚିତ୍ ।

'ସ୍ୱାମୀ ସ୍ତ୍ରୀ' ନାଟକଟି ଏକ ପାରିବାରିକ ନାଟକ । ସର୍ବୋପରି ନାରୀ ଜୀବନକୁ କେନ୍ଦ୍ରକରି ନାଟକ ପରିକଳ୍ପନା କରାଯାଇଛି । ସନ୍ତାନବତୀ ହେବାପାଇଁ ବନ୍ଧ୍ୟାନାରୀର ଆକୁଳ ଆର୍ତ୍ତନାଦ ଏହି ନାଟକକୁ ଏକାନ୍ତ ଜୀବନ୍ତ କରିଛି । 'ସ୍ୱାମୀ ସ୍ତ୍ରୀ' ନାଟକରେ ବିଷୟବସ୍ତୁରେ ଅଭିନବତ୍ୱ ରକ୍ଷାକରି ଏହାର ପ୍ରଖ୍ୟାପନରେ ଭାରତୀୟ ପରଂପରା ଓ ହିନ୍ଦୁ ବୈବାହିକ ଜୀବନର ଆଦର୍ଶ ପ୍ରତି ଚମତ୍କାର ଭାବେ ଏକ ଚରମ ଲକ୍ଷ୍ୟ ହେଲା ଏକ ପତ୍ନୀ-ବ୍ରତ । ହିନ୍ଦୁ ଦାମ୍ପତ୍ୟ ଜୀବନର ସମସ୍ତ ସୁଖ-ସମ୍ଭୋଗ-ଐଶ୍ୱର୍ଯ୍ୟ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ପରସ୍ପର ପ୍ରତି ସ୍ନେହ ସୌହାର୍ଦ୍ଦ୍ୟ ଉପରେ ନିର୍ଭର କରେ । ଏହି କାରଣରୁ ହିନ୍ଦୁ ଧର୍ମରେ ସ୍ୱାମୀକୁ ଦେବତା ରୂପେ କଳ୍ପନା କରାଯାଇଛି । ଗୋଟିଏ ସ୍ତ୍ରୀ ପାଇଁ ଦୁଇଟି ବା ଗୋଟିଏ ସ୍ୱାମୀ ପାଇଁ ଦୁଇଟି ସ୍ତ୍ରୀ, ଏକ ଆଦର୍ଶ ଦାମ୍ପତ୍ୟ ଜୀବନ ପାଇଁ ଆଦୌ ସ୍ପୃହଣୀୟ ନୁହେଁ । ଦାମ୍ପତ୍ୟ ଜୀବନର ବିଭ୍ରାଟ, ସଂଘର୍ଷ ଓ ବିପର୍ଯ୍ୟୟ ପାଇଁ ଯେତେ କାରଣ ଦାୟୀ ତା'ମଧ୍ୟରେ ଅନ୍ୟତମ କାରଣ ହେଲା ପୁରୁଷର ଏକପତ୍ନୀ-ଗ୍ରହଣ । ପ୍ରଥମ ଅଙ୍କ ଦ୍ୱିତୀୟ ଦୃଶ୍ୟରେ ନିଃସନ୍ତାନବତୀ ସ୍ତ୍ରୀ ରାଗିଣୀ ଗୋଟିଏ ସନ୍ତାନ ନିମନ୍ତେ ଦ୍ୱିତୀୟ ପତ୍ନୀ ଗ୍ରହଣ ପାଇଁ ନିଜ ସ୍ୱାମୀ ସୁକାନ୍ତକୁ ଯେଉଁ ପରାମର୍ଶ ଦେଇଛନ୍ତି, ତା'ର ଉତ୍ତରରେ ନାଟ୍ୟକାର ସୁକାନ୍ତର ମୁଖରେ ଯାହା କହିଛନ୍ତି ତାହା ବାସ୍ତବ ଅଟେ । ଦ୍ୱିତୀୟ ପତ୍ନୀର ଉପସ୍ଥିତିରେ ଦାମ୍ପତ୍ୟ ଜୀବନର କି ଭୟାବହ ପରିସ୍ଥିତି ସୃଷ୍ଟି ହେବ ସେ ସମ୍ପର୍କରେ ସତର୍କ କରାଇ ଦେଇ ସୁକାନ୍ତ କହିଛି:-

"ଆଉଥରେ ବିବାହ କରି ଏ ଘରକୁ ଗୋଟିଏ ସଉତୁଣୀ ଆଣିବ ? ରାଗୀ ଶୁଣିଚ, ଦଶରଥଙ୍କ ଅବସ୍ଥା ? ଜାଣିଛ, ରାମଚନ୍ଦ୍ରଙ୍କ ବନବାସ କଥା ? ସଉତୁଣୀ ଜ୍ୱାଳାରେ ଦୁନିଆ ଜାଳିଯାଏ ରାଗୀ... ! ସବୁ ପୋଡ଼ି ଭସ୍ମ ହୋଇଯାଏ ।"(୪) ଶେଷରେ ବଂଶରକ୍ଷା ପାଇଁ ରାଗିଣୀ ଜିଦ୍ ଧରି ବସିଛି । ତେଣୁ ଅନିଚ୍ଛା ସତ୍ତ୍ୱେ ସୁକାନ୍ତ ପୁଷ୍ପାକୁ ଦ୍ୱିତୀୟ ପତ୍ନୀ ରୂପେ ଗ୍ରହଣ କରିଛି ।

ଉକ୍ତ ନାଟକରେ ନାଟ୍ୟକାରଙ୍କର ନାଟ୍ୟାଦର୍ଶ ଲକ୍ଷ୍ୟକଲେ ଦେଖିବା ଯେ, ଦାମ୍ପତ୍ୟ ଜୀବନର ବିପର୍ଯ୍ୟୟ ଓ ଭୟାବହତାକୁ ଚମତ୍କାର ଭାବେ ରୂପ ଦେଇଛନ୍ତି । ଦୁଃଖ ବିହୁନେ ସୁଖର ବା ଅନ୍ଧକାର ଅଭାବରେ ଆଲୋକର ଚମତ୍କାରିତା ଉପଲବ୍ଧି କରିହେବ ନାହିଁ । ଏହି ବିପରୀତଧର୍ମୀ ଅନୁଭୂତି ସାହାଯ୍ୟରେ ସୁଖ ଓ ଦୁଃଖ, ଆଲୋକ ଓ ଅନ୍ଧାର ମଧ୍ୟରେ ଥିବା ପାର୍ଥକ୍ୟକୁ ଉପଲବ୍ଧି କରିହୁଏ । ତେଣୁ ନାଟ୍ୟକାର କମଳଲୋଚନ, ସୁକାନ୍ତର ଜୀବନରେ ଏକପତ୍ନୀ ଏବଂ ଦୁଇପତ୍ନୀ ସମ୍ବଳିତ ଦାମ୍ପତ୍ୟ ଜୀବନର ଏକ ତୁଳନାତ୍ମକ ଚିତ୍ର ପ୍ରଦାନ କରି ନିଜର ଆଭିମୁଖ୍ୟ ଓ ଆଦର୍ଶକୁ ସାବ୍ୟସ୍ତ କରିଛନ୍ତି । ଏହି ଦୃଷ୍ଟିରୁ ଓଡ଼ିଆ ନାଟ୍ୟକଳାର ସମସ୍ତ ବିଭବକୁ ବହନ କରି 'ସ୍ୱାମୀ ସ୍ତ୍ରୀ' ନାଟକ ଯେ ଓଡ଼ିଆ ନାଟ୍ୟ ଜଗତରେ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଛି ତାହା ମୁକ୍ତ କଣ୍ଠରେ ସ୍ୱୀକାର କରିବାକୁ ହେବ ।

କମଳଲୋଚନଙ୍କ 'ଡାକବଙ୍ଗଳା' ଏକ ପ୍ରଖ୍ୟାତ ରାଜନୈତିକ ଚେତନା ମୂଳକ ନାଟକ । ଗଣତାନ୍ତ୍ରିକ ରାଷ୍ଟ୍ରରେ ପ୍ରତି ପାଞ୍ଚବର୍ଷରେ ହେଉଥିବା ନିର୍ବାଚନ, ନିର୍ବାଚନ ବେଳେ କ୍ଷମତାସୀନ ରାଜନୈତିକ ଦଳର ମନ୍ତ୍ରୀମାନଙ୍କର ପ୍ରତିଶ୍ରୁତି ଏବଂ ସେହି ପ୍ରତିଶ୍ରୁତିରେ ଆସ୍ଥା ରଖି ଦେଶର ଜନତା ସେମାନଙ୍କୁ ଭୋଟ ଦେଇ କ୍ଷମତାସୀନ କଲାପରେ ଯେପରି ଭାବେ ପ୍ରତାରିତ ହେଉଛନ୍ତି, ତା'ରି ଏକ ନିଛକ ଚିତ୍ର ସେ ଡାକବଙ୍ଗଳା ନାଟକରେ ଦେଖାଦେଇଛି । 'ଡାକବଙ୍ଗଳା' ସରକାରୀ ଅଫିସରମାନଙ୍କର ଏକ ବିଶ୍ରାମଗାର ସତ କିନ୍ତୁ ସାଂପ୍ରତିକ ରାଜନୈତିକ ନେତା, ଟାଉଟର, ଯୁବନେତା, ଠିକାଦାର ମାନଙ୍କର ଏକ ମିଳନ ସ୍ଥଳ । ସାଧାରଣତଃ ଏଠାରେ ରାଜନୈତିକ ତଥା ବ୍ୟକ୍ତିଗତ ସ୍ୱାର୍ଥସାଧନ ପାଇଁ ନାନା

ହୀନଚିନ୍ତା କରାଯିବ ସହିତ ତାକୁ କାର୍ଯ୍ୟକାରୀ କରାଇବାରେ ଉପାୟ ସ୍ଥିରୀକୃତ ହୋଇଉଠେ ଯାହାକୁ କି ଅତି ଚମତ୍କାର ଭାବରେ ନାଟ୍ୟକାର ଲୋକଲୋଚନାକୁ ଆଣିଛନ୍ତି । ଆଜିର ଦୁନିଆରେ ଗଣତନ୍ତ୍ର ବ୍ୟକ୍ତିତନ୍ତ୍ରରେ ପରିଣତ ହୋଇଛି । ନିର୍ବାଚନ ସମୟରେ ନେତାମାନେ ସାଧାରଣ ଜନତାଙ୍କୁ କେତେକ ଫମ୍ପା ପ୍ରତିଶ୍ରୁତି ଶୁଣାଇଥାନ୍ତି । ଭୋଟ ପୂର୍ବରୁ ଜନସାଧାରଣଙ୍କୁ ଦେଇଥିବା ସାହାଯ୍ୟ ଓ ସହଯୋଗର ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତି ହୋଇ ରହିଯାଏ । ଏପଟେ ସାଧାରଣ ଲୋକମାନେ ଅବହେଳିତ ହେଉଥିବା ବେଳେ ଗାଁର ଟାଉଟରମାନେ ନିଜକୁ ସମାଜର ବଡ଼ପଣ୍ଡା ମନେକରି ମନ୍ତ୍ରୀମାନଙ୍କର ନିକଟତର ହୋଇ ବେଶ୍ ଅର୍ଥ, କ୍ଷମତା ତଥା ପ୍ରିୟାପ୍ରୀତିଠାରୁ ଆରମ୍ଭ କରି ଯାବତୀୟ ଫାଇଦା ଉଠାଇବାରେ ଲାଗିପଡ଼ିଥାନ୍ତି । ଏହି ଧରଣର ନଗ୍ନଚିତ୍ରର ସଫଳ ରୂପାୟନ ହୋଇଛି 'ଡାକବଙ୍ଗଳା' ନାଟକରେ ।

ଶ୍ରୀଯୁକ୍ତ ମହାନ୍ତି ଏହି ନାଟକଟିକୁ ଲେଖିଥିଲେ ୧୯୫୮ରେ । ଅଥଚ ସେତେବେଳେ କ୍ଷମତାସୀନ ମନ୍ତ୍ରୀ ଗୋଷ୍ଠୀ ଯାହା କରୁଥିଲେ, ଏବେବି ସେହି ଦଳର ଉତ୍ତରାଧିକାରୀମାନେ କମା ଫୁଲ୍‌ଷ୍ଟପ୍ ସହିତ ତାକୁଇ ଅବୃତ୍ତି କରି ଚାଲିଛନ୍ତି । ପୁଣି ଏ ପୁନରାବୃତ୍ତି ଯେ ପୁରୁଷାନୁକ୍ରମେ ଆଗାମୀ ଶହ ଶହ ନିର୍ବାଚନ ପାଇଁ କ୍ଷମତାସୀନ ଦଳର ଏକ ଅଭ୍ୟାସଗତ ନିର୍ବାଚନରେ ପରିଣତ ନ ହେବ, ତା' ବା କିଏ କହିବ ? ଡ.ମାୟାଧର ମାନସିଂହ ଏହାକୁ ଏକ ଜାତୀୟ ଘା' ବୋଲି କହିଛନ୍ତି:- "ଡାକବଙ୍ଗଳାରେ ସେ ଏକ ବ୍ୟାପକ ସାମାଜିକ ବ୍ୟାଧିକୁ ରୂପରେଖ ଦେବାକୁ ଚେଷ୍ଟା କରିଛନ୍ତି । ଯଥେଷ୍ଟ ଭାବରେ ସିଦ୍ଧିଲାଭ କରିଛନ୍ତି ସେ ଦିଗରେ । ଦୁର୍ନୀତି ଓ ଦୁଃଶାସନରେ ଦେଶ ଦୁର୍ଗନ୍ଧମୟ ହୋଇ ଉଠିଲାଣି ବୋଲି କୁହାଯାଉଛି । ବ୍ୟକ୍ତି ଓ ଦଳର ସୁବିଧା ପାଇଁ ସମଗ୍ର ଜନତାର ଦୈନନ୍ଦିନ ଜୀବନ ଆଜି ଜଞ୍ଜାଳମୟ । ତରୁଣ କମଳଲୋଚନ ଯେ ସାହସର ସହିତ କେତୋଟି ଜାତୀୟ ଘା' ଉପରେ ଆଙ୍ଗୁଠି ରଖି, କଦର୍ଯ୍ୟ ପୂଜରକ୍ତର ଅବସ୍ଥିତି ସମ୍ବନ୍ଧରେ ଆମକୁ ଜାଗ୍ରତ କରିବାକୁ ଅବସର ଦେଲେ, ସେଥିପାଇଁ ସେ ପ୍ରକୃତରେ ଧନ୍ୟବାଦର ପାତ୍ର ।"(୫) ପ୍ରଖ୍ୟାତ ଟାଉଟର ବିଶି ଦାସ ଓ କାନଗୋଇ ଉଭୟ ଶାସକ ଓ ବିରୋଧିଦଳଙ୍କଠାରୁ ପର୍ଯ୍ୟାପ୍ତ ଫାଇଦା ଉଠାଇଛନ୍ତି । ସାଂପ୍ରତିକ ଯୁଗରେ ଗରିବ ଝିଅ ସମସ୍ତଙ୍କ ଲୋଲୁପ ଦୃଷ୍ଟିର ଶିକାର ହୋଇଥାଏ । ମନ୍ତ୍ରୀମାନଙ୍କର ବଢୁଥିବା ଦୁର୍ନୀତିକୁ ଲଗାମ ଦେବାପାଇଁ ସାଧାରଣ ଜନତାଙ୍କ ମୁହଁରେ ବିପ୍ଳବର ବାଣୀ ଶୁଣାଇଛନ୍ତି । ମନ୍ତ୍ରୀଙ୍କର ଅଭିଭାଷଣକୁ ସେହି ସଭାସ୍ଥଳରେ ବିଦ୍ରୂପ କରି ସମବେତ ଶ୍ରୋତା ମଣ୍ଡଳୀକୁ ଶୁଣେ ଶୁଣେଇ ଆଦର୍ଶ ଚରିତ୍ର ବିବେକା କହିଛି:- "ଓହୋ ଏଗୁଡ଼ା କଣ ଅତଡ଼ା ପକାଇଦେଲେ । କିହୋ, ଗୁଣ୍ଡଦୁଧ ତ ଦେଲ । ଗାଁରେ କୂଅ ଖୋଲି ପାଣି ତ ଦେବ ଆଉ ଦୁଧର ଅଭାବ ରହିବା କାହିଁକି ? ଆଉ ମହୁ, ମହୁଟା ଭାରି ମିଠା । ସେ ମିଠା ଚାଖିବ ପାଇଁ ଆହୁରି ତିନି ତିନିଟା ଯୋଜନା ଦରକାର । ଏକା ଥରକେ ତିନିଟା ଯୋଜନା ପାଇଁ ପନ୍ଦର ବର୍ଷର କାମ ଗୋଟିଏ କାଗଜରେ କରିଦେଲେ ତ ନାଟ ଯାଆନ୍ତା ।"(୬) ସେଦିନ ଜଣେ ଭୋଟର ମୁହଁରେ ଯେଉଁ ବିଦ୍ରୂପର ଭାଷା ଶୁଣା ଯାଇଥିଲା, ଆଜିକା ଭୋଟର ମୁହଁରେ ବି ତାହାର ଅବିକଳ ଉଚ୍ଚାରଣକୁ ବିଚାର କରି ବସିଲେ ନାଟ୍ୟକାର ଶ୍ରୀଯୁକ୍ତ ମହାନ୍ତି ଜଣେ ଦୂରଦର୍ଶୀ ନାଟ୍ୟକାର ଭୂମିକାରେ କିପରି ବିପ୍ଳବବାଦୀ, ତାହା ନିର୍ଭୁଲ ଭାବେ ପ୍ରତିପାଦିତ ହୁଏ । ନାଟ୍ୟକାର ବିବେକ ହାତରେ ବନ୍ଧୁକ ଧରାଇ ଦେଇ ଦୁର୍ନୀତିଗ୍ରସ୍ତ ଶାସକଗୋଷ୍ଠୀ ବିରୁଦ୍ଧରେ ଯେଉଁ ବିପ୍ଳବର ଆହ୍ୱାନ ଶୁଣାଇଛନ୍ତି, ତାହା ଏକ ବିଦ୍ରୋହର ଝଡ଼ ଡାକି ଆଣିବାରେ ଫଳପ୍ରଦ ହେବାର ଦାବି ରଖେ, ଏଥିରେ କୌଣସି ସନ୍ଦେହ ନାହିଁ ।

ଯୁଗାଯନ୍ତ୍ରଣାର ଅଲେଖ୍ୟ ନେଇ 'ଆଜାଦୀ' ନାଟକଟି । ଏଥିରେ ଛଦ୍ମବେଶୀ ସାମାଜିକ ମଲାଙ୍ଗମାନଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରି ଲେଖକ ସାବଧାନୀ ଶୁଣାଇବାକୁ ଭୁଲି ନାହାନ୍ତି । ସ୍ୱାଧୀନତା ପ୍ରାପ୍ତିପରେ ଦିନ, ମାସ, ବର୍ଷ ହୋଇ ଅଗଣିତ ବର୍ଷ ଓ ସମୟ ଅତିବାହିତ ହୋଇ ଯାଇଥିଲେ ମଧ୍ୟ ମଣିଷର ସର୍ବନିମ୍ନ ଆବଶ୍ୟକତା ପୂରଣ ହୋଇପାରିନାହିଁ । ସ୍ୱାଧୀନୋତ୍ତର ଭାରତର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ବ୍ୟବସ୍ଥାର ନଗ୍ନଚିତ୍ରକୁ ନାଟକରେ ରୂପ ଦିଆଯାଇଛି । ସ୍ୱାଧୀନତା ପରବର୍ତ୍ତୀ ସମୟରେ ପାଶ୍ଚାତ୍ୟ ଢ଼ାଞ୍ଚାରେ ଗଢ଼ି ଉଠିଥିବା ଭାରତୀୟ ସଭ୍ୟତା ମଣିଷକୁ ଅନଃସାରଶୂନ୍ୟ ତଥା ବିକଳାଙ୍ଗ କରିଦେଇଛି । ମଣିଷ ସ୍ୱାର୍ଥପର ହୋଇ ନିଜର ମାନସିକତାକୁ ହରାଇ ବସିଛି । ସବୁଆଡ଼େ ସ୍ୱେଚ୍ଛାଚାର, ଶୋଷଣ, ପୀଡ଼ନ ଓ ଦୁର୍ନୀତି । ସବୁଆଡ଼େ ନ୍ୟାୟ ନାମରେ କେବଳ ଅନ୍ୟାୟ ମୁଣ୍ଡଟେକି ଉଠିଛି । ରଘୁବୀର ଜଣେ ସ୍ୱାଧୀନତା ସଂଗ୍ରାମୀ ମାତ୍ର, ସ୍ୱାଧୀନତା ପରବର୍ତ୍ତୀ ସମୟରେ ସେ

ଅବହେଳିତ । ରଘୁବୀର ସ୍ତ୍ରୀ ଆସନ୍ନ ପ୍ରସବା, ମାତ୍ର ତା' ପାଇଁ ସରକାରୀ ଡାକ୍ତରଖାନାରେ ସିଟ୍‌ଟିଏ ମିଳେନି । ରଘୁବୀରର ଭାଇ ରମାନାଥ ଭଲ ଛାତ୍ର ହୋଇଥିଲେ ବି ପଇସା ଅଭାବରୁ ପରୀକ୍ଷା ଦେବାରୁ ବଞ୍ଚିତ ହୁଏ । ଡକ୍ଟର ମିସ୍ ପଟ୍ଟନାୟକ ସେବା କରିବା ନାମରେ ରୋଗୀକୁ ଶୋଷଣ କରି ପଇସା ରୋଜଗାର କରନ୍ତି । ଆଜାଦୀ ସରକାର ବକ୍ତୃତା, ସମ୍ବର୍ଦ୍ଧନା, ସଂଗୀତ, ଅଭିଭାଷଣ ଓ କରତାଳିରେ ହିଁ ସୀମିତ ଯାହାକୁ ସାଧାରଣ ଲୋକ ଶୁଣି ଶୁଣି ଆଜାଦୀ ପାଇଯିବେ ବୋଲି ରଘୁ କହେ । ଏତିକି କୁହାଯାଇପାରେ ଯେ 'ଆଜାଦୀ' ନାଟକ ହେଉଛି ସେହି ସମୟରେ ରଚିତ ହୋଇଥିବା ଓଡ଼ିଆ ନାଟକ କ୍ଷେତ୍ରରେ ଏକ ସଫଳ ବ୍ୟତିକ୍ରମ । କାରଣ ପ୍ରାକ୍ ସ୍ୱାଧୀନତା କାଳରେ ଏହି ଧରଣର ବିଷୟବସ୍ତୁକୁ ନେଇ ଅନେକ ନାଟକ ରଚିତ ହୋଇଛି । କିନ୍ତୁ ସ୍ୱାଧୀନତା ପରେ ସମାଜରେ ଦେଖା ଦେଇଥିବା ଅରାଜକତା ନାଟ୍ୟକାରଙ୍କୁ ବହୁତ ଦୁଃଖ ଦେଇଛି । ଯେଉଁଥିପାଇଁ ନାଟ୍ୟକାର ସିଧାସଳଖ ଜଣେ ସ୍ୱାଧୀନତା ସଂଗ୍ରାମୀକୁ ନାଟକର ନାୟକ କରି ତା'ରି ମାଧ୍ୟମରେ ସ୍ୱାଧୀନତାର ସ୍ୱପ୍ନଭଙ୍ଗ ଜନିତ ହତାଶାକୁ ନାଟକରେ ଉପସ୍ଥାପିତ କରିଛନ୍ତି । ସମ୍ଭବତଃ ସେହି ସମୟରେ ଏହା ହେଉଛି ଗର୍ବ ଏବଂ ଗୌରବର ବିଷୟ ।

ନାଟ୍ୟକାର କମଳଲୋଚନ ମହାନ୍ତିଙ୍କ ଏକ ସଫଳ ପାରିବାରିକ ବିଷୟବସ୍ତୁ ଆଧାରିତ ସାମାଜିକ ନାଟକ ହେଉଛି 'ଭାଇଭଉଣୀ' ପାରିବାରିକ ଜୀବନରେ ଦେଖା ଦେଇଥିବା ବିଭିନ୍ନ ସମସ୍ୟାକୁ ନାଟ୍ୟକାର ଏଥିରେ ରୂପାୟିତ କରିଛନ୍ତି । ଭାଇ ପାଇଁ ଭଉଣୀର ତ୍ୟାଗ ଏବଂ ଉତ୍ସର୍ଗୀକୃତ ଜୀବନ ହିଁ ଏହି ନାଟକର ପ୍ରାଣକେନ୍ଦ୍ର । ନାଟକରେ ପାରିବାରିକ ସ୍ନେହ, ମମତା, ହସକାନ୍ଦର ଦୃଶ୍ୟ ରହିଛି ଏବଂ ତା'ସହିତ କୁଳବଧୂର ମର୍ଯ୍ୟାଦା ସମ୍ପର୍କୀୟ ବିଭିନ୍ନ ବାର୍ତ୍ତା ମଧ୍ୟ ନାଟ୍ୟକାର ସମାଜ ଆଗରେ ଉପସ୍ଥାପିତ କରିଛନ୍ତି ।

କମଳଲୋଚନ ମହାନ୍ତିଙ୍କ 'ମଣିଷ' ନାଟକରେ ମି.ରାୟଙ୍କ 'ରଘୁପତି ରାଘବ ରାଜାରାମ' ଗାନ କରିବା ନାଟ୍ୟକାରଙ୍କ ଗାନ୍ଧିବାଦୀ ଚିନ୍ତାଧାରାର ପରିଚାୟକ । ନାଟକଟିର ବିଷୟବସ୍ତୁରେ ନାଟ୍ୟକାରଙ୍କ ସାମ୍ୟବାଦୀ ସ୍ୱର ଝଙ୍କୃତ ହୋଇଛି । ଏହା ସହିତ ସମାଜରେ ସାମ୍ୟବାଦର ପ୍ରଚଳନ ପାଇଁ ଏଥିରେ ସଙ୍କେତ ଦିଆଯାଇଛି । ଯେଉଁଥିରେ କି ବିପ୍ଳବ ଅଛି କିନ୍ତୁ ବିରୋଧ ନାହିଁ । ବିଜୟ ଅଛି କିନ୍ତୁ ଅହମିକା ନାହିଁ ।

ମିଲ୍ ମାଲିକ ମି.ଦାସଙ୍କ ଭଉଣୀ ତୃପ୍ତି ସହିତ ଶ୍ରମିକ ନେତା ରମେଶର ଘନିଷ୍ଠତା, ପ୍ରତିଶୋଧ କାମନାରେ ରମେଶର ଭଉଣୀ ନନ୍ଦିତାର ଅପହରଣ ଏବଂ ଶେଷରେ ଶ୍ରମିକମାନଙ୍କ ଦାବୀ ନିକଟରେ ମାଲିକ ପକ୍ଷରେ ପରାଜୟ ହେଉଛି ନାଟକର ବିଷୟବସ୍ତୁ । କଳାକାର ଓ ମିଲ୍ ମାଲିକ ଜୀବନର ତାରତମ୍ୟ ମଧ୍ୟ ସ୍ପଷ୍ଟ ହୋଇଉଠିଛି । ଏହି ନାଟକରେ ନାଟ୍ୟକାର ଯେଉଁ ଆଦର୍ଶ ସମାଜ ସଚେତନତା ସୃଷ୍ଟି କରିବାକୁ ଚାହିଁଛନ୍ତି, ତାହାର ସାରମର୍ମ ହେଉଛି ମଣିଷର ସୁଖଭୋଗଠାରୁ ତାର ସ୍ୱାତନ୍ତ୍ରତା ଆଉ ସ୍ୱଧର୍ମ ପାଳନ ଅଧିକ ମୂଲ୍ୟବାନ । ମଣିଷ ଚିନ୍ତାରେ, କାର୍ଯ୍ୟରେ ମଣିଷ ପରି ଆଚରଣ କରୁ, ଏହା ନାଟ୍ୟକାରଙ୍କ କାମନା । ଧନସମ୍ପଦ ତଥା ରକ୍ତପାତଠାରୁ ନିଜକୁ ଦୂରେଇ ରଖି ମଣିଷ ଗଢୁ ପ୍ରେମ ଓ ସ୍ନେହର ଏକ ନୂଆ ଦୁନିଆ । ଏହା ନାଟ୍ୟକାରଙ୍କ ଆହ୍ୱାନ । ମଣିଷ ଜୀବନରେ ସାର୍ଥକତା କେବଳ ନିଜେ ବଞ୍ଚିବାରେ ନାହିଁ, ଅନ୍ୟକୁ ବଞ୍ଚାଇବାରେ ଅଛି । ତେଣୁ ଧନ ଓ କ୍ଷମତା ଲୋଭରେ ଅନ୍ଧ ନହୋଇ ଏବଂ ବୃଥା ସଂଘର୍ଷରେ ନ ମାତି ମନୁଷ୍ୟ ଗଢ଼ିବା ଦରକାର ଏକ ନୂଆ ଦୁନିଆ ଯାହାର ମୂଳଭିତ୍ତି ହେବ ସାମ୍ୟ, ମୈତ୍ରୀ, ପ୍ରେମ ଓ ଅହିଂସା । ଏହା ହେଉଛି ନାଟ୍ୟକାରଙ୍କର ଉଦ୍ଦେଶ୍ୟ, ନାଟ୍ୟକାର ଏହି ନାଟକରେ ଗାନ୍ଧିବାଦ, ସାମ୍ୟବାଦ ଓ ଗଣତନ୍ତ୍ରର ଏକ ତୁଳନାତ୍ମକ ବିଚାର କରିଛନ୍ତି ।

ନାଟ୍ୟକାର କମଳଲୋଚନ ମହାନ୍ତିଙ୍କ 'ସନ୍ତାନ' ନାଟକରେ ନାରୀର ଅସଫଳ ମାତୃତ୍ୱ ଘଟଣା ଉପରେ ଆଲୋକପାତ କରିଛନ୍ତି । ନାଟ୍ୟକାର ନାୟିକା ପ୍ରତିମାର ମାତୃତ୍ୱ ପାଇଁ ଆକୁଳ ଆର୍ତ୍ତନାଦ, ଦୁର୍ଦ୍ଦମନୀୟ ବ୍ୟାକୁଳତା, ମାନସିକ ପ୍ରତିକ୍ରିୟା ଉପରେ ନାଟକର ଭିତ୍ତି ସ୍ଥାପନ କରିଛନ୍ତି । ଭୂତପୂର୍ବ ଜମିଦାରଙ୍କ ବିଧବା ପତ୍ନୀ ରାଧିକାଙ୍କର ଏକମାତ୍ର ନାତି ପ୍ରଶାନ୍ତ, ଯିଏ କି ଜମିଦାର ବଂଶର ଉତ୍ତରାଧିକାରୀ । ପ୍ରଶାନ୍ତ ଶାନ୍ତ ଏବଂ ରୂପବନ୍ତ । ତା'ର ସ୍ତ୍ରୀ ହେଉଛି ପ୍ରତିମା, ମାତ୍ର ସେ ବାଂଝ । ସେଥିପାଇଁ ଜେଜେମାଙ୍କ ଠାରୁ ନାନା ପ୍ରକାର ଭର୍ତ୍ସନା ତାକୁ ସହିବାକୁ ପଡ଼ିଛି । ବାସ୍ତବରେ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ଚରିତ୍ରମାନଙ୍କୁ ଅତି ଦକ୍ଷତାର ସହିତ ଏହି ନାଟକରେ ବିଶ୍ଳେଷଣ କରାଯାଇଛି । ମାନସିକ ଦ୍ୱନ୍ଦ୍ୱ ଭିତରେ ନାଟକଟି ଅଗ୍ରଗତି

କରିଛି । ଏଥିରୁ ନାଟ୍ୟକାରଙ୍କ ଅଭିଜ୍ଞ ଶୈଳୀ ଓ ବଳିଷ୍ଠ ଲେଖନୀର ପରିଚୟ ମିଳିଥାଏ ।

'ମଣିକାଞ୍ଚନ' ନାଟକ ମାଧ୍ୟମରେ ନାଟ୍ୟକାର ହିନ୍ଦୁ ସମାଜରେ ବିବାହ ପ୍ରଥାର କୁପରିଣାମ ଦର୍ଶାଇ ସାମାଜିକ ଜୀବନରେ ପ୍ରେମର ସ୍ୱରୂପ ଉନ୍ମୋଚନ କରିଛନ୍ତି । ଏଠି ଧନୀ ଦରିଦ୍ର, ଜାତି-ଅଜାତିର ବିଚାର ନଥାଏ । କାରଣ ପ୍ରେମ ନିକଟରେ ଧନ-ମାନ-ରୂପର ବିଚାର ନଥାଏ । ଶାଶ୍ୱତୀ ମିଳନର ରାଗିଣୀ ଉଭୟ ଯୁବକ ଯୁବତୀଙ୍କଠାରେ ବୟସର ଚପଳତା ଭିତରେ ଦେଖାଦେବା ସ୍ୱାଭାବିକ । ପ୍ରେମର ନିବେଦନରେ ଯେତେ ଝଡ଼ ଆସିଲେ ମଧ୍ୟ ତାହା ମିଳନର ରାତି ପର୍ଯ୍ୟନ୍ତ ଉଭୟେ ଉଭୟଙ୍କ ପାଇଁ ଜାଗର ଉଜାଗର ରହିଥାନ୍ତି । ଯାହା ପ୍ରମାଣିତ ହୋଇଛି ମଣିଆ ଓ କାଞ୍ଚନ ଜୀବନରୁ । ଭୋଗ ଅପେକ୍ଷା ତ୍ୟାଗର ମହନୀୟତା ପ୍ରେମ ନିକଟରେ ଶ୍ରେଷ୍ଠ । ନାଟ୍ୟକାର ଲକ୍ଷ୍ମୀ ଚରିତ୍ର ମାଧ୍ୟମରେ ଭୋଗ ଓ ତ୍ୟାଗର ଆଦର୍ଶ ଉପରେ ବାଖ୍ୟା କରିଛନ୍ତି । ଏହା ସହିତ ନାଟକର ଅନ୍ୟାନ୍ୟ ଚରିତ୍ରମାନେ ମଧ୍ୟ ଗ୍ରାମୀଣ ଭିତ୍ତିଭୂମିରୁ ଜନ୍ମଲାଭ କରି ସମସ୍ୟାଜନିତ ସଂସାରରେ ଜୀବନ ବିତାଇଛନ୍ତି । ତେଣୁ ହିନ୍ଦୁଧର୍ମର ଅନ୍ଧବିଶ୍ୱାସରେ ଭାସି ନ ଯାଇ ଯୁଗୋପଯୋଗୀ ବିବାହ ସଂସ୍କାର ନିର୍ମାଣ ବାଞ୍ଛନୀୟ । ନଚେତ୍ ମଣିକାଞ୍ଚନ ଭଳି ଦୁଃଖ ଦୁର୍ଦ୍ଦଶାର ସମ୍ମୁଖୀନ ହେବାକୁ ପଡ଼ିବ । ଏହାହିଁ ହେଉଛି ନାଟ୍ୟକାରଙ୍କ ଅଭିମତ ।

କମଳଲୋଚନ ମହାନ୍ତିଙ୍କ ଦ୍ୱାରା ରଚିତ 'ସାବତ ମା' ନାଟକ ହେଉଛି ଏକ ସାମାଜିକ ନାଟକ । ପ୍ରତ୍ୟେକ ଓଡ଼ିଆ ପରିବାର ପାଇଁ ଶିକ୍ଷଣୀୟ ଏବଂ ଏକ ସୁନ୍ଦର ସୃଷ୍ଟି ହେଉଛି 'ସାବତ ମା' ନାଟକର ବିଷୟବସ୍ତୁ । ଏଥିରେ ସନ୍ନିବେଶିତ ହୋଇଥିବା ଆଦର୍ଶ ଚରିତ୍ର ଭାବରେ ପୂର୍ଣ୍ଣ ଓ ସୁନ୍ଦରୀ ଚରିତ୍ର ଦ୍ୱୟ ଅତ୍ୟନ୍ତ ମନଛୁଆଁ ଏବଂ ମାନସିକ ଆଦର୍ଶର ବହୁ ଉଚ୍ଚରେ । ଗଦାଧର ଓ ପୂର୍ଣ୍ଣ ରାମଲକ୍ଷ୍ମଣ ପରି ଦୁଇଭାଇ । ଗଦାଧରଙ୍କ ପତ୍ନୀ ଉମା ପୁତ୍ରବତ୍ ସ୍ନେହ କରୁଥିଲେ ପୂର୍ଣ୍ଣକୁ । କେବଳ ପୂର୍ଣ୍ଣ ନୁହେଁ, ଚାକର ନବାଠାରୁ ଆରମ୍ଭ କରି ଆଚାର ବିକାଳି ପର୍ଯ୍ୟନ୍ତ ସମସ୍ତେ ତାଙ୍କ ସ୍ନେହର ଡୋରିରେ ବନ୍ଧାଥିଲେ । ମାତ୍ର ବିଧିର ବିଧାନ ବିଚିତ୍ର । ପୁଅଟିଏ ଜନ୍ମ କରି ଉମାଦେବୀଙ୍କର ତିରୋଧାନ ହୋଇଯାଏ । ସମସ୍ତେ ଦୁଃଖରେ ଭାଙ୍ଗିପଡ଼ନ୍ତି । ହଠାତ୍ ସୁନାର ସଂସାର ଚୁରମାର ହୋଇଯାଏ । ପରବର୍ତ୍ତୀ ସମୟରେ ସାବତ ମା'ର ପରିବର୍ତ୍ତନ ଘଟେ, ନିଜର କୃତକର୍ମ ପାଇଁ ଅନୁତପ୍ତା ମା'ର ହୃଦୟକୁ ଦେଖି ସମସ୍ତେ ବିଚଳିତ ହୋଇଉଠନ୍ତି । ନାଟକର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ନାଟ୍ୟୋତ୍କଣ୍ଠାକୁ ବଜାୟ ରଖି ଦର୍ଶକଙ୍କୁ କରୁଣ ରସାଣିତ ପରିବେଶରେ ବାନ୍ଧି ରଖିବା ପାଇଁ ନାଟ୍ୟକାରଙ୍କ ଚେଷ୍ଟା ଯଥାର୍ଥରେ ଗ୍ରହଣଯୋଗ୍ୟ । ଦର୍ଶକ ସମ୍ମୁଖରେ ଘଟିଯାଇଥିବା ଘଟଣାଗୁଡ଼ିକ ଅତ୍ୟନ୍ତ ଜୀବନ୍ତ ଓ ବାସ୍ତବ ଯାହାକି ନିଷ୍ଠୁର ପ୍ରାଣରେ ମାନସିକ ସମ୍ବେଦନଶୀଳତା ଜାଗ୍ରତ କରାଇଥାଏ । ଏହା ହେଉଛି ନାଟ୍ୟକାର କମଳଲୋଚନ ମହାନ୍ତିଙ୍କ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ।

ଗ୍ରାମୀଣ ପରିବେଶକୁ ନେଇ ତଥା ବ୍ୟକ୍ତିଗତ ଜୀବନାନୁଭୂତିକୁ ନେଇ ରଚିତ ଏକ ସାମାଜିକ ନାଟକ ହେଉଛି 'ସୁବର୍ଣ୍ଣପୁର' । ଗ୍ରାମୀଣ ସଭ୍ୟତାରେ ଦେଖା ଦେଉଥିବା ଶୋଷଣ ବିରୁଦ୍ଧରେ ଗଣ ଅଭିଯାନର ସ୍ୱରୂପକୁ ଏହି ନାଟକରେ ଦର୍ଶାଯାଇଛି । ଜମିଦାରୀ ପିଆଦା ବିଶିଦାସ ହେଉଛି ନାଟକର ଖଳନାୟକ । ବିଶିଦାସର ଦୁର୍ବୁଦ୍ଧି ଓ କୌଶଳ ବଳରେ ସୁବର୍ଣ୍ଣପୁରର ସମସ୍ତେ ଆକ୍ରାନ୍ତ ହୋଇଥାନ୍ତି । ଦର୍ଶକ 'ବିଶିଦାସ' ପାଇଁ ମୂଳରୁ ଯେଉଁ ଘୃଣା ବ୍ୟଞ୍ଜନାରେ ନାସିକା କୁଞ୍ଚନ କରିଥାଏ, ତାହା ନାଟକର ଉତ୍ତରାର୍ଦ୍ଧରେ ନିଜର ବୁଦ୍ଧି ଓ ବିବେକର ଚମତ୍କାର ସାଲିସ୍ ପାଇଁ ଆଗ୍ରହ ସୃଷ୍ଟି କରିଥାଏ । ନାଟକର ନାୟିକା ହେମ ଏକ ମହୀୟସୀ ନାରୀ । ତା ମୁହଁରେ ସବୁବେଳେ ମାତୃଭୂମି ପ୍ରୀତିର ମମତ୍ୱବୋଧ । ନିଜ ଗାଁ, ଭାଇ, ବନ୍ଧୁ ଓ ପ୍ରେମିକକୁ ନେଇ ସର୍ବଦା ବ୍ୟସ୍ତ । ଏହି ଚେତନା ଭିତରେ ଗାନ୍ଧୀବାଦୀ ପ୍ରେମ-ପରାୟଣ ମନୋବୃତ୍ତି ହିଁ ମୁଖ୍ୟ । ଯେଉଁ ସେବା ବଳରେ ସେ ସମାଜର ଲୋକମାନଙ୍କ ହୃଦୟର ଏକ ନିର୍ମଳତା ଆଶା କରାଯାଇଥାଏ ସେ ପରିବର୍ତ୍ତନ ହେଉଛି କୁସଂସ୍କାର ବିରୁଦ୍ଧରେ ନୀରବତାର ଏକ ଆହ୍ୱାନ । ଅନ୍ୟପକ୍ଷରେ ନାଟକରେ ବାଲ୍ୟବିବାହ ପ୍ରଥା । ଯୌତୁକ ସମସ୍ୟା, ସମାଜର ପ୍ରାଚୀନ ରୁଚିବୋଧ ଓ ଧ୍ୟାନ ଧାରଣା ସମ୍ପର୍କରେ ଗୋଟିଏ ଗୋଟିଏ ଅଭିଯାନ ଆରମ୍ଭ କରାଯାଇଛି । ଏହା ବ୍ୟତୀତ ଜାତୀୟତାବାଦୀ ଚେତନାର ଉଗ୍ରରୂପ ସହିତ ସାମାଜିକ ଚିନ୍ତା ଓ ଚେତନାର ନାଟକଟି ବଳିଷ୍ଠ ହୋଇପଡ଼ିଛି ।

'ପାପପୁଣ୍ୟ' ନାଟକ କମଳଲୋଚନଙ୍କର ଏକ ପ୍ରଚାରଧର୍ମୀ ନାଟକ । ଏହି ନାଟକରେ ପରିବାର ନିୟନ୍ତ୍ରଣ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ଉଦ୍ଦିଷ୍ଟ ତଥା ଦୁଇଟି ପରିବାରକୁ କେନ୍ଦ୍ରକରି

ଗଢ଼ିଉଠିଛି ପାପପୁଣ୍ୟ ନାଟକର କଥାବସ୍ତୁ । ବଡ଼ ଭଉଣୀ ସୀତା ଓ ସୁରେନ୍ଦ୍ରଙ୍କ ପରିବାରର ସଭ୍ୟ ସଂଖ୍ୟା ଆବଶ୍ୟକତା ଠାରୁ ଯଥେଷ୍ଟ ବେଶୀ । ପରିବାର ନିୟନ୍ତ୍ରଣ ଯୋଜନାକୁ ନିଜର କଲ୍ୟାଣବୋଧ ଭାବରେ ଗ୍ରହଣ ନକରି ଏକ ବହୁଜନ ସମସ୍ୟା ବହୁଳ ପରିବାର ସୃଷ୍ଟିକରି ଚାଲିଛନ୍ତି ମୁଖ୍ୟ ନାୟକ ସୁରେନ୍ଦ୍ର । କିନ୍ତୁ ସୁରେନ୍ଦ୍ରର ସାନଭାଇ ସୁକାନ୍ତ ଶିକ୍ଷିତ, ଶୃଙ୍ଖଳ ଏବଂ କର୍ତ୍ତବ୍ୟ ପରାୟଣ ଓ ସଚେତନ ମଣିଷଟିଏ । ସୁରେନ୍ଦ୍ରର ତିନୋଟି ଛୁଆଙ୍କର ଲାଳନପାଳନ କରିବା ପାଇଁ ସଂକଳ୍ପ କରିଛି । ନାଟ୍ୟକାର ଏହି ନାଟକରେ ସୁକାନ୍ତ ଚରିତ୍ରର ମହନୀୟତାକୁ ଅତ୍ୟନ୍ତ ତୀକ୍ଷଣ ସଂକଳ୍ପ ମାଧ୍ୟମରେ ପରିବେଷଣ କରିବା ସହିତ ତାରି ମୁଖରେ ପରିବାର ନିୟନ୍ତ୍ରଣର ବାର୍ତ୍ତାକୁ ଦର୍ଶକମାନଙ୍କ ପାଖରେ ପହଁଞ୍ଚାଇଛନ୍ତି । ଗୋଟାଏ ପଟରେ ପାପ ଏବଂ ଅନ୍ୟ ପଟରେ ପୁଣ୍ୟ ଅର୍ଥାତ୍ ସୁରେନ୍ଦ୍ର ଓ ସୁକାନ୍ତର ଚରିତ୍ରର ମାଧ୍ୟମରେ ନାଟକର ଭାବବସ୍ତୁକୁ ପରିକଳ୍ପନା କରାଯାଇଛି ।

କମଳଲୋଚନଙ୍କର 'ମିସ୍ ମଲ୍ଲିକ' ନାଟକଟି ହେଉଛି ଏକ ପ୍ରୟୋଗବାଦୀ ନାଟକ । ଭାରତର ଗଣତାନ୍ତ୍ରିକ ନୀତିନିୟମକୁ ଉଲଘଂନ କରି ସମାଜର ସମ୍ଭ୍ରାନ୍ତ ଶ୍ରେଣୀୟ ବ୍ୟକ୍ତିମାନେ କିପରି ଦୁର୍ନୀତି, ଭ୍ରଷ୍ଟାଚାର କରି ଚାଲିଛନ୍ତି ତାର ଏକ ନମୁନା ଏହି ନାଟକରେ ଦେଖିବାକୁ ମିଳେ । ସ୍ୱାଧୀନତା ପ୍ରାପ୍ତି ପରେ ପରିବର୍ତ୍ତିତ ସାମାଜିକ ପରିବେଶ ସଂଗ୍ରାମୀ ବ୍ୟକ୍ତିମାନଙ୍କୁ ଅଣନିଃଶ୍ୱାସୀ କରିଦେଇଛି । ସେମାନେ ହତୋତ୍ସାହ ହୋଇ ପଡ଼ିଛନ୍ତି । ସ୍ୱାଧୀନତା ପାଇଁ ଜୀବନ ଦେଇ ଯେଉଁମାନେ ସଂଗ୍ରାମ କରିଥିଲେ, ସରକାରଙ୍କ ନିକଟରୁ ପେନସନ୍ ପାଇବା ପାଇଁ ସେମାନଙ୍କୁ ଦରଖାସ୍ତ ଦେବାକୁ ପଡୁଛି । ତାହା ପୁଣି ପଞ୍ଚାୟତ ସମିତି ମେମ୍ବରଙ୍କ ସୁପାରିଶ କ୍ରମେ ଏହାଠାରୁ ବଳି ଲଜ୍ଜାକର ବିଷୟ ଆଉ କ'ଣ ହୋଇପାରେ । ଏହାବ୍ୟତୀତ ସରକାରୀ ଅର୍ଥକୁ ଆତ୍ମସାତ୍ କରୁଥିବା ଚରିତ୍ରହୀନ ବି.ଡ଼ି.ଓ.ଙ୍କୁ ମଧ୍ୟ ଖୋଲାଖୋଲି ଭାବେ ଚ୍ୟାଲେଞ୍ଜ କରିଛନ୍ତି ନାଟ୍ୟକାର କମଳଲୋଚନ ମହାନ୍ତି । ଏହି ନାଟକ ସତ୍ୟକୁ ପ୍ରକାଶ କରେ, ନେତା ଓ ଅଫିସର ହୋଇ ଯାଇଛନ୍ତି ଗଣତାନ୍ତ୍ରିକ ଭାରତବର୍ଷର ଦୁଇ ସୋଦର ଭାଇ । ଉଭୟଙ୍କ ଚକ୍ରାନ୍ତ ଓ ଶୋଷଣରେ ଜନତା ବିକଳ ଓ ବିଧ୍ୱସ୍ତ । ସମାଜ କଲ୍ୟାଣ ନାମରେ ଚାଲିଛି କେବଳ ବ୍ୟକ୍ତିଗତ ସ୍ୱାର୍ଥ ସାଧନ । ତେଣୁ ନାଟକରେ ନାଟ୍ୟକାର କହିଛନ୍ତି- 'ଏ ଯୁଗର ଧର୍ମ ହେଲା ନିର୍ଲଜତା, ଉଲଗ୍ନତା ହେଲା ସଭ୍ୟତା, ଓ ଅନ୍ୟକୁ ସମ୍ମାନ ନ କରିବା ହେଲା ପ୍ରଗତି ।"(୭) ଏହି ନାଟକ ମାଧ୍ୟମରେ ନାଟ୍ୟକାର ନାରୀଜାତିକୁ ସହାନୁଭୂତି ପ୍ରଦାନ କରିଛନ୍ତି । ପତି ପ୍ରାଣତା ନିରୂପମା ପତି ମଦ୍ୟପ ରାଜେନ୍ଦ୍ରଙ୍କ ନିର୍ଦ୍ଦୟତାର ଯେଉଁ ଚିତ୍ର ଦିଆଯାଇଛି ତାହା ଆଜି ସମଗ୍ର ଭାରତୀୟ ପରିବାରରେ ନିତିଦିନିଆ ଦୃଶ୍ୟ ହୋଇଉଠିଛି ।

'ମିସ୍ ମଲ୍ଲିକ' ନାଟକର ପ୍ରଧାନ ବିଶେଷତ୍ୱ ହେଉଛି ନାଟକୀୟ ଉତ୍କଣ୍ଠା । ପ୍ରତ୍ୟେକ ଦୃଶ୍ୟରେ ଦର୍ଶକ ଉତ୍କଣ୍ଠାର ସହିତ ମଞ୍ଚକୁ ଚାହିଁ ରହିଥାଏ ଅସାମାନ୍ୟ ସୁନ୍ଦରୀ ମିସ୍ ମଲ୍ଲିକଙ୍କୁ ଦେଖିବା ପାଇଁ । କାରଣ ସେହି ସୁନ୍ଦରୀଙ୍କ ପ୍ରେମରେ ପଡ଼ି ରାଜେନ୍ଦ୍ର ତା ପ୍ରିୟତମା ପତ୍ନୀ ନିରୂପମାକୁ ହତାଦର କରିଛି । କିନ୍ତୁ ନାଟକର ଶେଷ ଦୃଶ୍ୟ ପର୍ଯ୍ୟନ୍ତ ମିସ୍ ମଲ୍ଲିକ ଦର୍ଶକ ସାମନାକୁ ଆସିନାହିଁ । ଆସିଛି, ନାଟକ ଶେଷ ହେବାର ମାତ୍ର ଦୁଇ ତିନି ମିନିଟ୍ ପୂର୍ବରୁ, ତାହା ପୁଣି ତା'ର ମୃତଦେହ । ମିସ୍ ମଲ୍ଲିକ ନାଟକର ଉଚ୍ଛବ ଚରିତ୍ର ହେଉଛି ସବୁଠାରୁ ହେଉଛି ବଳିଷ୍ଠ ସୃଷ୍ଟି । ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସେ ଖୋଜିଛି, ପାଇଛି କେବଳ ହତୋତ୍ସାହର କରୁଣବାର୍ତ୍ତା । ସାମ୍ପ୍ରତିକ ସମୟରେ ଗଣତନ୍ତ୍ର ନାଁରେ ଏ ଦେଶର ଯେଉଁ ଫାର୍ସ ଚାଲିଛି, ଯେଉଁ ବ୍ୟଭିଚାର ଚାଲିଛି, ତା'ର ଅବସାନ କେବେ ହେବ ? ଏହି ଅପ୍ରତ୍ୟାଶିତ ଆଶା ହିଁ ଉଚ୍ଛବ ଚରିତ୍ରକୁ ମହାନ କରିଛି । ଯଥାର୍ଥରେ ନାଟକରେ ବଳିଷ୍ଠ ସଂଳାପ ସଂଯୋଜନା ଓ ଉପସ୍ଥାପନା ଶୈଳୀ ପାଇଁ ନାଟ୍ୟକାର ଯଶସ୍ୱୀ ହୋଇ ପାରିଛନ୍ତି ।

'ରାମରହିମ' ନାଟକ କମଳଲୋଚନଙ୍କ ଏକ ସଫଳ ନାଟକ । ହିନ୍ଦୁ-ମୁସଲମାନ ସମସ୍ୟା ଉପରେ କଥାବସ୍ତୁ ଆଧାରିତ । ସବୁ ଧର୍ମର ସାରତତ୍ତ୍ୱ ହେଉଛି ଏକ, ଏପରିକି ସବୁ ଧର୍ମର ଆରାଧ୍ୟ ଦେବତା ମଧ୍ୟ ଏକ, ଈଶ୍ୱର, ଆଲ୍ଲା, ଯୀଶୁ ସମସ୍ତେ ଏକ ଏବଂ ଅଭିନ୍ନ । ମଣିଷ ହେଉଛି କେବଳ ସ୍ୱାର୍ଥପର । ଅର୍ଥ ପାଇଁ, କ୍ଷମତା ପାଇଁ, ପ୍ରତିପତ୍ତି ପାଇଁ ସେ ଧର୍ମରୁ ଧର୍ମକୁ ଅଲଗା କରେ । ନିରୀହ ଜନସାଧାରଣଙ୍କ ରକ୍ତରେ ହୋରି ଖେଳେ । କେଉଁ ପ୍ରାଚୀନ କାଳରୁ ଧର୍ମକୁ ଆଧାର କରି ଏହି ସାମାଜିକ କନ୍ଦଳ ଲାଗି ରହିଛି । କିନ୍ତୁ ନାଟ୍ୟକାର ଏହାକୁ ସ୍ୱୀକାର କରି ନାହାଁନ୍ତି । ଯାହାର ଦୃଷ୍ଟାନ୍ତ ହେଉଛି ନାଟକର ମୁଖ୍ୟ ଚରିତ୍ର 'ଅମୀନ ଚାଚା' । ପାକିସ୍ଥାନୀ ମୁସଲମାନ

ହୋଇ ମଧ୍ୟ ସେ ହିନ୍ଦୁ ବ୍ରାହ୍ମଣ ଘରେ ମାଣବସାର ବ୍ୟବସ୍ଥା କରିଛି । କିନ୍ତୁ ଉଦାର ମହାନ ଋଷିମୁନିଙ୍କ ବଂଶରେ ଜନ୍ମ ହୋଇ ମିଶ୍ର ସାଜିଛି ହିଂସ୍ର ଏବଂ ପଶୁ । ଜଣେ ହିନ୍ଦୁ ବ୍ରାହ୍ମଣ ଆଉ ଜଣେ ସଚ୍ଚା ମୁସଲମାନ । ହେଲେ କାହାରି ଧର୍ମ ଆଚରଣରେ କେହି ବାଧା ଦିଅନ୍ତି ନାହିଁ । ଦୁଇବନ୍ଧୁଙ୍କ ପତ୍ନୀ କଲ୍ୟାଣୀ ଓ ମେହେରୁନ୍ ନିଶା । ଦୁହେଁ ଆସନ୍ନ ପ୍ରସବା । ଦୁହିଁଙ୍କର ଦୁଇଟି ପୁତ୍ର ସନ୍ତାନ ଜାତ ହୋଇଛନ୍ତି, ରାମ ଓ ରହିମ । ହସଖୁସିରେ ସେମାନଙ୍କ ଦିନ ବିତିଯାଇଛି । ଦୁଇ ସମ୍ପ୍ରଦାୟର ଲୋକେ ଯେ କି ଦିନେ ଭାଇଭାଇ ଭଳି ଚଳୁଥିଲେ, ସେମାନେ ରକ୍ତାକ୍ତ ସଂଗ୍ରାମକୁ ଓହ୍ଲାଇ ପଡ଼ନ୍ତି । ନିରୀହ ସାଧାରଣ ଲୋକେ ଏଥିରେ ବଳି ପଡ଼ନ୍ତି । ତା'ର ଶିକାର ହୁଅନ୍ତି ଅଜିଜ୍ ଓ ମେହେରୁନ୍ ନିଶା । ଛୋଟ ପୁଅ ରହିମ୍ କଲ୍ୟାଣୀ କୋଳରେ ସମର୍ପି ଦେଇ ମିହିର ଆଖି ବୁଜେ । ଅମିନ ଚାଚା କମଳେଶଙ୍କୁ ପାଠ ପଢ଼ାଇ ଇଞ୍ଜିନିୟର କରିଛି । କାହାରି ପ୍ରତି ତାର ରାଗ ନାହିଁ, ଈର୍ଷା ନାହିଁ, ଘୃଣା ନାହିଁ, ସତେ ଯେମିତି ଅମିନ ଚାଚା ପ୍ରେମ ଓ ସ୍ନେହର ଅନ୍ୟ ଏକ ରୂପ । କମଳେଶ ଓ ତାଙ୍କ ପତ୍ନୀ କଲ୍ୟାଣୀ ରାମ ଓ ରହିମ୍‌କୁ ମଣିଷ କରିଛନ୍ତି । ସର୍ବ ଧର୍ମର ସମନ୍ୱୟରେ ମାନବ ଧର୍ମ ହେଉଛି ସବୁଠାରୁ ଶ୍ରେଷ୍ଠ ଓ ମହତ୍ତର । ଏହାକୁ ନାଟ୍ୟକାର କମଳଲୋଚନ ମହାନ୍ତି ରାମରହିମ ନାଟକ ମାଧ୍ୟମରେ ପ୍ରମାଣିତ କରିଛନ୍ତି ।

କମଳଲୋଚନଙ୍କ 'ପିପାସା' ନାଟକ ପ୍ରାଚ୍ୟ ଓ ପାଶ୍ଚାତ୍ୟ ସଂସ୍କୃତିର ସଂଘର୍ଷ ନାଟକରେ ଉପଜୀବ୍ୟ ବିଷୟ । ପ୍ରେମ ବିବାହ, ବିବାହ ବିଚ୍ଛେଦ ଓ ପୁନର୍ବିବାହ ପ୍ରଥା ପରି ପାଶ୍ଚାତ୍ୟ ଚିନ୍ତାଧାରାକୁ ନାଟ୍ୟକାର ଗ୍ରହଣ କରି ପାରିନାହାନ୍ତି । ତାଙ୍କ ମତରେ, ପ୍ରେମ ବିବାହ ଚିରସ୍ଥାୟୀ ହୋଇ ରହିପାରେ ନାହିଁ । ପତିପତ୍ନୀ ଉଭୟ ଉଭୟଙ୍କୁ ସନ୍ଦେହ କରନ୍ତି । ସେଠାରୁ ଛାଡ଼ପତ୍ର ପ୍ରସଙ୍ଗ ଉଠିଥାଏ, କିନ୍ତୁ ପାଶ୍ଚାତ୍ୟ ସଂସ୍କୃତିର ଏହି ଚିନ୍ତା ଭାରତୀୟ ବାୟୁମଣ୍ଡଳକୁ ପ୍ରଭାବିତ କରିଛି ସିନା, ଏଠାରେ ସ୍ଥାୟୀ ହୋଇ ରହିପାରି ନାହିଁ । ବିବାହକୁ ଯେଉଁଠି ଜନ୍ମ ଜନ୍ମାନ୍ତରର ସମ୍ପର୍କ ଭାବରେ ସ୍ୱୀକାର କରାଯାଏ, ସେଠି କଣ୍ଟ୍ରାକ୍ଟମେରେଜ୍, ଛାଡ଼ପତ୍ର ବା ପୁନର୍ବିବାହ କଥା ଉଠିବ କେମିତି ? ପାଶ୍ଚାତ୍ୟ ସଂସ୍କୃତି ଭାରତୀୟ ପାଣି ପବନରେ ମିଶିବା ଏତେ ସହଜ ନୁହେଁ । ସୁବ୍ରତ ଓ ତନୁଜାଙ୍କ ଦାମ୍ପତ୍ୟ ଜୀବନରେ ଡ.ମହାନ୍ତି ଝଡ଼ ସୃଷ୍ଟି କରିଛନ୍ତି । ନିଜର ଯୌନ ପିପାସା ମେଣ୍ଟାଇବାକୁ ଉଦ୍ୟମ କରି ଶେଷରେ ଅନୁତପ୍ତ ହୋଇଛନ୍ତି । ଆଧୁନିକ ସମାଜର ଦୋଷ ଦୁର୍ବଳତାକୁ ନାଟ୍ୟକାର ବଡ଼ କଟୁ ଭାଷାରେ ସମାଲୋଚନା କରିଛନ୍ତି । ଛାଡ଼ପତ୍ରର ପରିଣତି କ'ଣ ତାକୁ ଅତି ଚତୁରତାର ସହିତ ନାଟ୍ୟକାର ସମାଜ ଆଗରେ ଖୋଲି ଦେଇଛନ୍ତି । ନାଟକର ଗତି, ପରିଣତି, ଆବେଗ ଓ ଉତ୍କଣ୍ଠା ରକ୍ଷା କରିବାରେ ନାଟ୍ୟକାର ଏହି ନାଟକରେ ନିଜକୁ ପ୍ରତିଷ୍ଠିତ କରି ପାରିଛନ୍ତି । ମନସ୍ତତ୍ତ୍ୱ ସମ୍ପର୍କରେ ସେ ବିଶେଷ ସଚେତନ ନଥିଲେ ମାତ୍ର ଜନତାର ମାନସିକତା ବୁଝିବା ପାଇଁ ସେ ଯଥା ସମ୍ଭବ ପ୍ରୟାସ କରିଛନ୍ତି । ତାଙ୍କ ନାଟକରେ ସମାଜର ଦୋଷ ଦୁର୍ବଳତା ଅସଙ୍ଗତି ଯେଉଁଭଳି ସ୍ପଷ୍ଟ ଭାବରେ ରୂପାୟିତ ହୋଇଛି, ସମାଧାନର ସୂତ୍ର ମଧ୍ୟ ସେହିଭଳି ଭାବରେ ପ୍ରଦତ୍ତହୋଇଛି । ପ୍ରେମ ବିବାହର ବିଫଳତା ସହିତ ଛାଡ଼ପତ୍ର ଯେ ଆମ ସଂସ୍କୃତିରେ ଉଧେଇ ପାରିବ ନାହିଁ ଏପରି ବିଚାର ରଖି ନାଟକ ଶେଷ ହୋଇଛି । ଅପର ପକ୍ଷରେ, ଡ.ମହାନ୍ତିଙ୍କ ପତ୍ନୀ ଅନାଥିନୀ ଦେବୀ ଅଧିକ ଯେ ଯୌତୁକ ଆଣି ବିବାହ କରି ମଧ୍ୟ ସ୍ୱାମୀ ସୋହାଗିନୀ ନ ହୋଇପାରି ପରିଶେଷରେ ଆତ୍ମହତ୍ୟା କରିଛନ୍ତି । ଦୀର୍ଘଦିନର ବିଷାଦ ଭାବନା ମଣିଷକୁ ଆତ୍ମହତ୍ୟା କରିବାକୁ ପ୍ରରୋଚିତ କରେ ବୋଲି ମନସ୍ତତ୍ତ୍ୱବିତ୍‌ମାନେ କହନ୍ତି ।

ନାଟ୍ୟକାର କମଳଲୋଚନଙ୍କ 'ମାତୃମଙ୍ଗଳ କେନ୍ଦ୍ର' ନାଟକ ହେଉଛି ତାଙ୍କର ସାମାଜିକ ନାଟକ । ଏକ 'ମାତୃମଙ୍ଗଳ କେନ୍ଦ୍ର'କୁ ଆଧାର କରି ନାଟକର କଥାବସ୍ତୁ ପରିକଳ୍ପନା । ସାଧାରଣତଃ ମାତୃମଙ୍ଗଳ କେନ୍ଦ୍ରରେ କାମ କରୁଥିବା ଲେଡ଼ି ହେଲଥ୍ ଭିଜିଟରମାନଙ୍କୁ ଆମ ସମାଜ ଘୃଣ୍ୟ ଚକ୍ଷୁରେ ଦେଖେ । କିନ୍ତୁ ସେମାନଙ୍କଠାରୁ ଅଧିକ ମାତ୍ରାରେ ଚରିତ୍ରହୀନ ବାଳିକାମାନେ ପିତାଙ୍କ ଅର୍ଥ ଓ ପ୍ରତିପତ୍ତି ଯୋଗୁଁ କୁଳୀନ ପରିବାରର ବୋହୂ ହୋଇ ଯାଆନ୍ତି । ନାଟ୍ୟକାର ସମାଜର ଏହି ଜଟିଳ ସମସ୍ୟାକୁ ଏହି ନାଟକ ମାଧ୍ୟମରେ ରୂପାୟିତ କରିଛନ୍ତି । ସମାଜର ଧନୀ ଚରିତ୍ର ଭେଦ ଓ ଧନୀକ ଶ୍ରେଣୀର ଲୋକମାନଙ୍କ ଦୃଷ୍ଟିରେ ଦରିଦ୍ରର ଜୀବନ କିପରି ମୂଲ୍ୟହୀନ ତାହା 'ମାତୃମଙ୍ଗଳ କେନ୍ଦ୍ର' ନାଟକରେ ସୁନ୍ଦର ଭାବରେ ବର୍ଣ୍ଣିତ ହୋଇଛି ଏବଂ ଏହା ସହିତ ନାଟ୍ୟକାର କମଳଲୋଚନ ମହାନ୍ତି ଏହି ନାଟକରେ ମାନବବାଦର ଜୟଗାନ କରିଛନ୍ତି ।

'ସୁମିତ୍ରାର ସଂସାର' କମଳଲୋଚନଙ୍କ ଦ୍ୱାରା ରଚିତ ଏକ ସାମାଜିକ ନାଟକ । ଏହି ନାଟକଟି 'ବହୁ କୁଟୁମ୍ବୀ' ସମସ୍ୟା ଉପରେ ଆଧାରିତ । ପରୋକ୍ଷରେ ଏହା ଜନ୍ମ ନିୟନ୍ତ୍ରଣର ପ୍ରଚାର ଉପରେ ପର୍ଯ୍ୟବେସିତ । ନାଟ୍ୟକାର ଏଥିରେ ଅଧିକ ସନ୍ତାନ-ସନ୍ତତି ସମ୍ପନ୍ନ ଏକ କିରାଣୀ ପରିବାରର ଦୁଃଖକୁ ଅତି ଜୀବନ୍ତ ଭାବରେ ଉପସ୍ଥାପନ କରିଛନ୍ତି । ସୁମିତ୍ରା ହେଉଛନ୍ତି ଘରର ଘରଣୀ । ସ୍ୱାମୀ ରାମଚନ୍ଦ୍ର ଜଣେ ଡାଇବେଟିସ୍ ରୋଗୀ । ଭୋକ ବିକଳରେ ପିଲାମାନେ ବାପାଙ୍କ ପାଇଁ ଥିବା ରୁଟିକୁ ଖାଇ ଦିଅନ୍ତି । ଖାଲି ରୁଟି ନୁହେଁ ପାଉଁରୁଟି, ବିସ୍କୁଟ୍, ସାର୍ଟ, ପ୍ୟାଣ୍ଟ ସବୁଥିରେ ଘରେ କଳହ ଲାଗିରହେ । ରାମଚନ୍ଦ୍ରର ସାନଭାଇ ଲକ୍ଷ୍ମଣ । ଭାଇର ଛଅଟି ପିଲାକୁ ସେ ମଣିଷ କରିବ ବୋଲି ସେ ଅବିବାହିତ ରହିଛି । ଏକ ବିୟୋଗାନ୍ତକ ପରିସମାପ୍ତିରେ ନାଟକଟି ଶେଷ ହୋଇଛି ।

କମଳଲୋଚନଙ୍କ ଦ୍ୱାରା ରଚିତ 'ଆମ ଗାଁ' ନାଟକରେ ଗାଁ ଗହଳିର ବିଭିନ୍ନ ସମସ୍ୟାର ଏକ ନିଛକ ଚିତ୍ର ଦିଆଯାଇଛି । ସ୍ୱାଧୀନତା ପ୍ରାପ୍ତିର ବହୁବର୍ଷ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ଗାଁ ଗହଳିରେ ବିକାଶପୂର୍ଣ୍ଣ କାର୍ଯ୍ୟ ହେବା ପରିବର୍ତ୍ତେ ସରଳ ନିଷ୍କପଟ ବ୍ୟକ୍ତିମାନଙ୍କ ଉପରେ ଆଜି ମଧ୍ୟ ମହାଜନର ଦୌରାତ୍ମ୍ୟ, ଶୋଷଣ, ଅତ୍ୟାଚାରରେ କବଳିତ ଓ ଭୀତଗ୍ରସ୍ତ ଜୀବିକା ନିର୍ବାହ କରନ୍ତି । ଜମିବାଡ଼ି ଡ଼ିହ ବିକିବା, ଅନ୍ୟର ପ୍ରରୋଚନାରେ ପଡ଼ି ଜମି ବନ୍ଧକ ଦେବା, ଗାଁର ମେଳଣ, ଜାଲ ଦସ୍ତଖସ୍ତ ସଂଗ୍ରହ, ଝିଅ ବିଦାୟ, ଚାନ୍ଦା ଆଦାୟ ଟଙ୍କା ଆତ୍ମସାତ୍ କରିବା ଇତ୍ୟାଦି ବହୁବିଧ ସମସ୍ୟା ଗ୍ରାମୀଣ ପରିବେଶକୁ କଳୁଷିତ କରିଦେଇଛି । ଅର୍ଥାତ୍ ଆଜି ବି ରକ୍ଷକ ଭକ୍ଷକ ସାଜି ଆମ ଆଗରେ ବାହାସ୍ଫୋଟ ମାରୁଛି । ବ୍ୟାଙ୍କ ଜାତୀୟକରଣ, ସମବାୟ ଆନ୍ଦୋଳନ ଇତ୍ୟାଦି କାର୍ଯ୍ୟକୁ ନାଲି ଫିତାର ଶାସନ ଡୋରିରେ ଦିଲ୍ଲୀ ଠାରୁ ଭୁବନେଶ୍ୱରର ସରକାରୀ ଫାଇଲ୍ ଭିତରେ କେବଳ ପଡ଼ିରହିଛି କିନ୍ତୁ କାର୍ଯ୍ୟକାରୀ ହୋଇପାରୁ ନାହିଁ । ସୁବିଧାବାଦୀ ରାଜନେତାମାନେ ବିକାଶମୂଳକ ବିଭିନ୍ନ ଯୋଜନା ଓ ସ୍ୱାଧୀନତା ନାମରେ ଦେଶକୁ ଉଜାଡ଼ି ଦେଉଛନ୍ତି । ଲୋକେ ସର୍ବନିମ୍ନ ଆବଶ୍ୟକତା ଖାଇବାକୁ ମୁଠେ ଦାନା ଓ ପିନ୍ଧିବାକୁ ଖଣ୍ଡେ କନା ଓ ମୁଣ୍ଡ ଗୁଞ୍ଜିବାକୁ ଆବାସ ପାଇଁ ଆଶାୟୀ ହୋଇ ଉଠୁଥିଲାବେଳେ ଯୋଜନା ଉପରେ ଯୋଜନା ଚାଲିଛି ଏ ଦେଶରେ । ଯୋଜନା କ'ଣ ସେମାନେ ଜାଣନ୍ତିନି ଲେଖକଙ୍କ ମତରେ- "ହେ ପୁଅ, ସେଇଟା ସାପ କି, ବିଲେଇ, ହାତୀ କି ଘୋଡ଼ା, ମୋତେ ସେଥିରୁ କେଏନ ମିଳିବ ? ମୋତେ ଟିକେ ସହ ହୁଅ ।"(୮) ପ୍ରକୃତରେ ଗ୍ରାମୀଣ ସଭ୍ୟତା ଭିତରେ ଥିବା ଏହି ସମସ୍ୟା ଗୁଡ଼ିକ ଅଦ୍ୟାବଧି ମଧ୍ୟ ଦେଖିବାକୁ ମିଳେ । ନାଟ୍ୟକାର ଏହି ଚିରାଚରିତ ସମସ୍ୟାର ରୂପାୟିତ କରିବା ମୂଳରେ ନିଜେ କୃଷି ବିଭାଗର ଜନୈକ ପଦସ୍ଥ ଅଫିସର ହୋଇଥିବା ହେତୁ ଏବଂ କୃଷିକାରୀ ଲୋକଙ୍କ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସି ପାରୁଥିବା ହେତୁ ତଥା ରାଜଧାନୀରେ ବସବାସ କରୁଥିଲେ ହେଁ ଗାଁ ମାଟି ପ୍ରତି ପ୍ରଗାଢ଼ ମମତା ହେତୁ ଅତ୍ୟନ୍ତ ମର୍ମସ୍ପର୍ଶୀ ଭାବରେ ଏହି ସବୁ ସମସ୍ୟାକୁ ଉଠାଇବା ପାଇଁ ସକ୍ଷମ ହୋଇଛନ୍ତି ।

ଏହି ନାଟକରେ ଏକ ସମାଜବାଦୀ କୃଷି ବିକାଶମୂଳକ ସମାଜ ଗଠନ କରିବା ପାଇଁ ନୀରବ ଆହ୍ୱାନ ରହିଛି । ଦିଲ୍ଲୀ ଠାରୁ ପଲ୍ଲୀ ପର୍ଯ୍ୟନ୍ତ ସବୁଜ ବିପ୍ଳବକୁ ତ୍ୱରାନ୍ୱିତ କରିବା ପାଇଁ ଚେଷ୍ଟା କରାଯାଇଛି । ବ୍ୟାଙ୍କ ଗୁଡ଼ିକୁ ଜାତୀୟକରଣ କରାଯାଇ ମୁଣ୍ଡ ଝାଳ ତୁଣ୍ଡରେ ମାରି ଦୁନିଆକୁ ଆହାର ଯୋଗାଉଥିବା ଦେଶର କୃଷକ ମାନଙ୍କୁ ଚଷା ସରଞ୍ଜାମ କିଣିବା ପାଇଁ ଋଣର ବ୍ୟବସ୍ଥା ହୋଇଛି ବୋଲି କେବଳ କୁହାଯାଉଛି, କିନ୍ତୁ ତାହା କାର୍ଯ୍ୟକାରୀ ହେଉ ନାହିଁ । ସରକାରୀ ଫାଇଲ୍ ଭିତରେ କେବଳ ରହିଯାଉଛି । ତେଣୁ ଆବାଳ ବୃଦ୍ଧବନିତା ସଜାଗ ନହେଲେ, ସମସ୍ତଙ୍କ ପ୍ରାଣରେ ସମବେତ ଚେତନା ଜାଗ୍ରତ ନହେଲେ ମହାନ୍ ଭାରତରେ ଗଣତନ୍ତ୍ରର ସ୍ୱର କ୍ଷୀଣ ହେବା ସଙ୍ଗେ ସଙ୍ଗେ ସ୍ୱପ୍ନ ବିଫଳ ହେବ । ଏହି ଚେତନା ଓ ଉଦ୍ୟମକୁ ଗ୍ରାମବାସୀଙ୍କ ଜୀବନରେ ବାସ୍ତବ ରୂପରେଖ ଦେବା ସଙ୍ଗେ ସଙ୍ଗେ କାର୍ଯ୍ୟକାରୀ କରିବା ପାଇଁ ନାଟ୍ୟକାର ଶରତ ଓ କିଶୋର ଚରିତ୍ରର ରୂପାୟନ କରିଛନ୍ତି ।

'ଭାରତ ଆବିଷ୍କାର' ଏକ ଭିନ୍ନ ସ୍ୱାଦର ନାଟକ । ଜଣେ ନିର୍ଭୀକ ସମାଲୋଚକ ତଥା ସମାଜ ସଚେତନ ଶିଳ୍ପୀ ଭାବରେ ନାଟ୍ୟକାର ଆମ ଚତୁଃପାର୍ଶ୍ୱରେ ଘଟି ଯାଉଥିବା ଦୁର୍ନୀତ, ଭ୍ରଷ୍ଟାଚାର ଇତ୍ୟାଦିକୁ ଦମନ କରିବା ପାଇଁ ସଂଳାପ ମାଧ୍ୟମରେ ବ୍ୟଙ୍ଗୋକ୍ତି ପ୍ରକାଶ କରି ନାଟକଟିକୁ ପରିକଳ୍ପନା କରିଛନ୍ତି । ତାଙ୍କର ଦୃଷ୍ଟିଭଙ୍ଗୀ କୌଣସି ନିର୍ଦ୍ଦିଷ୍ଟ ଧାର୍ମିକ, ରାଜନୈତିକ ବା ସାମାଜିକ ସୀମା ସରହଦ ଭିତରେ ନିୟନ୍ତ୍ରିତ ନୁହେଁ ବରଂ ଜଣେ ଉଦାରଚେତା ସୁଦୂରପ୍ରସାରୀ

ଦୃଷ୍ଟି ନିୟନ୍ତ୍ରିତ ଓ ଧର୍ମନିରପେକ୍ଷ ଭାବେ ଆମେ ତାଙ୍କୁ ଦେଖିବାକୁ ପାଇ ପାରିବ ।

ପଣ୍ଡିତ ଜବାହରଲାଲ ନେହେରୁ ତାଙ୍କ ପ୍ରଣିତ 'ଭାରତ ଆବିଷ୍କାର' ପୁସ୍ତକରେ ଭାରତର ଯେଉଁ ମହାନ ସଂସ୍କୃତିମୟ ଐତିହ୍ୟର ବର୍ଣ୍ଣନା କରିଛନ୍ତି । ବର୍ତ୍ତମାନ ସେହି ଐତିହ୍ୟକୁ ଦେଶର ଉତ୍କଟ ଦାରିଦ୍ର୍ୟ, ବେକାର, ଦୁର୍ନୀତି, ପୁଞ୍ଜିବାଦୀ, ଅର୍ଥନୀତି, ଟାଉଟରୀ, ରାଜନୀତି ଓ ଅମଲାତନ୍ତ୍ର ଭ୍ରଷ୍ଟାଚାର ରାକ୍ଷସ ରୂପେ ଗ୍ରାସ କରିଛି । ଆମ ଦେଶରେ ଐତିହ୍ୟ ପରମ୍ପରା, ସଂସ୍କୃତି ପାଶ୍ଚାତ୍ୟ ଦେଶଠାରୁ ଅନେକାଂଶରେ ଭିନ୍ନ । ଅନ୍ୟାନ୍ୟ ସମସ୍ୟା ଅପେକ୍ଷା ଖାଦ୍ୟ ସମସ୍ୟା ହେଉଛି ଆମ ଦେଶରେ ଏକ ପ୍ରଧାନ ସମସ୍ୟା । ଶିଳ୍ପ, ବିଜ୍ଞାନ ଓ ଆର୍ଥିକ ଉତ୍କର୍ଷତାର ଶୀର୍ଷରେ ପହଞ୍ଚିଥିବା ଆମେରିକା ଦେଶର ନାଗରିକ ମି.ଓ୍ୱାଲଟନ୍, ଜନ୍, ଜେନି ଆଦି ସ୍ୱଦେଶରେ ଶାନ୍ତି ଖୋଜି ମଧ୍ୟ ପାଇପାରି ନାହାନ୍ତି । ଅଥଚ ଭାରତ ଭୂମିକୁ ଧାଇଁ ଆସିଛନ୍ତି ସତ୍ୟ ଓ ଶାନ୍ତିର ଅନ୍ୱେଷଣରେ । କିନ୍ତୁ ସେମାନେ ଦେଖିଛନ୍ତି ପୁଣ୍ୟଭୂମି ଭାରତରେ ଅନୀତିର କଳା କର୍ମକୁ । ଅର୍ଥ ପାଇଁ ରସିଦ ଓ ନୀଳମାଧବ ସମସ୍ତ ପ୍ରକାର ନୈତିକତାକୁ ଜଳାଞ୍ଜଳି ଦେବାପାଇଁ କୁଣ୍ଠା ପ୍ରକାଶ କରୁ ନାହାନ୍ତି । ଦୁର୍ନୀତିଗ୍ରସ୍ତ ଭାରତୀୟ ସମାଜର ଏହି ଶାସନ ବ୍ୟବସ୍ଥା ବିଦେଶୀ ଓ୍ୱାଲଟନଙ୍କୁ ଦୁଃଖ ଦେଇଛି । ପାଶ୍ଚାତ୍ୟ ଜଗତର ଚାକଚକ୍ୟ ଓ ଅତ୍ୟାଧୁନିକ ସଂସ୍କୃତିରେ ସେ ଅଣନିଃଶ୍ୱାସୀ ହୋଇ ଶାନ୍ତି ଓ ନିତ୍ୟ ସୁଖ ପାଇବାକୁ ଭାରତ ଭୂଇଁକୁ ଧାଇଁ ଆସିଥିଲେ । ମାତ୍ର ଏଠାରେ ସବୁ ଅନ୍ୟାୟ ଓ ଭ୍ରଷ୍ଟାଚାର ଦେଖି ହତୋତ୍ସାହିତ ହୋଇ ପଡ଼ିଛନ୍ତି । ଯେତେ ଅଭାବ ଅସୁବିଧା, ଦାରିଦ୍ର୍ୟ, ବାଧାବିଘ୍ନ ଆସିଲେ ମଧ୍ୟ ପବିତ୍ର ଗାନ୍ଧି, ବୁଦ୍ଧ ଓ ବିବେକାନନ୍ଦ ଦେଶରେ ଭାରତର ଆତ୍ମା ଯେପରି ଖଣ୍ଡ ବିଖଣ୍ଡିତ ନ ହୁଏ, ସେଥିପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି ଏବଂ ଜାତୀୟ ସଂହତି ରକ୍ଷା କରିବା ପାଇଁ ଚେତାବନୀ ଶୁଣାଇଛନ୍ତି । 'ଭାରତ ଆବିଷ୍କାର' ନାଟକରୁ ନାଟ୍ୟକାର କମଳଲୋଚନ ମହାନ୍ତିଙ୍କ ଗଭୀର ଜାତିପ୍ରାଣତାର ପରିଚୟ ମିଳେ ।

'ଘର ବାହୁଡ଼ା' ଏକ ସମସ୍ୟା ମୂଳକ ନାଟକ । ନାଟକରେ ବହୁକୁଟୁମ୍ବୀ ଚାକିରିଆ ଜୀବନର ଦୁଃଖଦୁର୍ଦ୍ଦଶା କଥା ବର୍ଣ୍ଣନା କରାଯାଇଛି । ସୁରେନ୍ଦ୍ର କୃଷି ବିଭାଗର ମୁଖ୍ୟ କିରାଣୀ । ଛଅଟି ପୁଅ ଝିଅକୁ ନେଇ ସେ ଭୁବନେଶ୍ୱର ସହରରେ ବାସ କରନ୍ତି । ତେଣୁ ଅଭାବର ପିଛା ତାକୁ ଛାଡେ ନାହିଁ । ଏପରିକି ଦୁଇବେଳା ଦୁଇମୁଠା ଖାଇବାକୁ ମଧ୍ୟ ଠିକ୍ ଭାବରେ ମିଳେ ନାହିଁ । ଗାଁରେ ରୁହନ୍ତି ସୁରେନ୍ଦ୍ରଙ୍କ କକା ଅପର୍ତ୍ତି । ସେ ଅବିବାହିତ ଏବଂ ରୋଗୀ, ରଘୁ ନାମକ ତାଙ୍କ ଭଣଜା ସେବା ଶୁଶ୍ରୁଷା କରେ । ସୁରେନ୍ଦ୍ର ତାଙ୍କ ଅଭାବୀ ସଂସାରକୁ ମୁକାବିଲା କରିବା ଲାଗି କକାକୁ କିଛି ଚାଉଳ ମାଗନ୍ତି କିନ୍ତୁ ନିରାଶ ହୋଇ ଫେରିବାକୁ ପଡେ ।

ଗୋଟିଏ ବଡ଼ ପରିବାରର ଦୁଃଖକୁ ନାଟ୍ୟକାର ଏହି ନାଟକରେ ସ୍ପଷ୍ଟ କରି ଦେଇଛନ୍ତି । ସୁରେନ୍ଦ୍ର ନିଜର କୌଣସି ପିଲାମାନଙ୍କୁ ଆକଟ କରିପାରି ନାହିଁ । ମାଉସୀ ଘର ଜନ୍ମଦିନ ଭୋଜି ଖାଇବାକୁ ଯାଇ ତାଙ୍କର ଜିନିଷପତ୍ର ଭଙ୍ଗାରୁଜା କରିବା ସହିତ ରେଡ଼ିଓ ଚୋରି କରିଛନ୍ତି । ଏହିସବୁ ଚିନ୍ତାରେ ସରେନ୍ଦ୍ର ରୋଗଗ୍ରସ୍ତ ହୋଇପଡ଼ିଛନ୍ତି । ଶେଷରେ ସମସ୍ତେ ଗାଁକୁ ଫେରି ଆସିଛନ୍ତି । ନାଟ୍ୟକାର କମଳଲୋଚନ ମହାନ୍ତି ଏହି ନାଟକରେ କୃଷି ଓ କୃଷକର ପ୍ରସଙ୍ଗକୁ ଉପସ୍ଥାପନା କରିବା ସହିତ କୋଠଚାଷ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । 'ଜୟ ଜବାନ୍ ଜୟ କିଶାନ୍' ମନ୍ତ୍ରକୁ ଉପଜୀବ୍ୟ କରି ନାଟକର ବିଷୟବସ୍ତୁକୁ ପରିକଳ୍ପନା କରାଯାଇଛି ।

'କଳାକାର' ନାଟକରେ କଳାକାର ଜୀବନରେ ଥିବା ଦୁଃଖ ଓ ଦୁର୍ଦ୍ଦଶାକୁ ନେଇ ନାଟକର ବିଷୟବସ୍ତୁ ରଚନା କରାଯାଇଛି । ନାନା ଦୁଃଖ, ନିର୍ଯ୍ୟାତନା, ଅଭାବ, ଅନାଟନ, ପାରିବାରିକ ଅଶାନ୍ତି, ନିନ୍ଦା, ଲାଞ୍ଛନା, ପରିକଳ୍ପନା କରିଥାଏ । କଳ୍ପନାର ବିଳାସରେ ଜୀବଜଗତର ମାର୍ମିକ ସତ୍ୟକୁ ଉପଲବ୍ଧି କରି ନିଜର ସୃଷ୍ଟିକୁ ବଳିଷ୍ଠ କରିଥାଏ । ସବୁ ଦେଶରେ ସବୁ କ୍ଷେତ୍ରରେ କବି ଓ କଳାକାରର ଜୀବନ ଯେ ଉପେକ୍ଷିତ ଏହା ପ୍ରାୟ ସର୍ବତ ଦେଖିବାକୁ ମିଳେ । ପାଶ୍ଚାତ୍ୟ ଦେଶମାନଙ୍କରେ କଳାକାରର ସମ୍ମାନ ବଢ଼ିଛି ଓ ସେ ଦେଶମାନଙ୍କରେ ସମାଜ, କବି ଓ କଳାକାରକୁ ଠିକ୍ ରୂପେ ଚିହ୍ନିଛି । କିନ୍ତୁ ଏ ଦେଶରେ ସେ ଅବସ୍ଥାର ବିଶେଷ କିଛି ପରିବର୍ତ୍ତନ ହୋଇ ନାହିଁ । ହିଂସା, ଦ୍ୱେଷ ଓ ଅହମିକାର ଛାୟା ସବୁ କ୍ଷେତ୍ରରେ ବ୍ୟାପି ରହିଛି । ରାଣୀ ଏଲିଜାବେଥଙ୍କ ରାଜତ୍ୱକାଳରେ ଇଂଲଣ୍ଡର ବିଖ୍ୟାତ କବିଗୁରୁ ଏଡ଼ମଣ୍ଡସ୍ପେନ୍ସର ତନରଫେରୀକୁଇନ୍ ମହାକାବ୍ୟର କଳ୍ପନା ବିଳସରେ ସୌନ୍ଦର୍ଯ୍ୟର ଅମରାବତୀ ରଚନା କରି ତହିଁରେ ପ୍ରକୃତିର

ଓ ଜୀବନ ଜାହ୍ନବୀର ଅନାବିଳ ତରଙ୍ଗର ଛବି ଜଗତରେ ଫୁଟାଇଥିଲେ । ବଙ୍ଗୀୟ କବିଗୁରୁ ମାଇକେଲ ମଧୁସୂଦନ ଦତ୍ତଙ୍କ ଅବସ୍ଥା ମଧ୍ୟ ଅନୁରୂପ । ଯେଉଁ ମାଇକେଲଙ୍କର ସୁବର୍ଣ୍ଣମାୟୀ ଲଙ୍କାପୁରୀର ଅତୁଳନୀୟ ଶୋଭା ଓ ବିଭବ ବର୍ଣ୍ଣନା ମୂର୍ତ୍ତିବନ୍ତ ହୋଇ ପାଠକର ମାନସପଟରେ ସବୁବେଳେ ଉଙ୍କି ମାରୁଥିଲା । ସେ ମଧ୍ୟ ଦାରିଦ୍ର୍ୟର କଷାଘାତରେ ପୀଡ଼ିତ ହୋଇ ମୃତ୍ୟୁବରଣ କରିଥିଲେ ।

କଳାକାର ମାଙ୍କଙ୍କର ଏହି ପଟ୍ଟଭୂମି ଉପରେ 'କଳାକାର' ନଟକାର ଅବତାରଣା କରାଯାଇଛି । କଳାକାର ସାମୁଏଲ ପୃଥିବୀ ପ୍ରସିଦ୍ଧ ସୌନ୍ଦର୍ଯ୍ୟର ସୌଧ ନିର୍ମାତା ସମ୍ରାଟ ସାହାଜାହାନଙ୍କର ସ୍ଥାନ ପୂରଣ କରିପାରେ ? ପ୍ରିୟତମା ପତ୍ନୀ ମମତାଜ୍‌ଙ୍କ କାଳ୍ପନିକ ନିର୍ଦ୍ଦେଶରେ ରାଜଦ୍ରୋହୀ ପିତୃଦ୍ରୋହୀ ପୁତ୍ରକୁ ବାତ୍ସଲ୍ୟ ସ୍ନେହରେ ଦୀକ୍ଷିତ ହୋଇ କ୍ଷମା ଦିଏ, କିନ୍ତୁ ଦାରିଦ୍ର୍ୟର କଷାଘାତରେ ଜର୍ଜରିତ ହୋଇ ରୋଗଗ୍ରସ୍ତା ପତ୍ନୀଙ୍କୁ ଔଷଧ ଟିକିଏ ଦେବାପାଇଁ ସମର୍ଥ ହୁଏ ନାହିଁ । ସମାଜ ଓ ଶାସନର ବର୍ବର ତାଡ଼ନରେ ତାପସ ପରି କଳାକାର ନିଜର ପୁତ୍ରକୁ ହରାଇଛି ଏବଂ ଏକମାତ୍ର କନ୍ୟା ନୀଳିମାର କଳାପୂର୍ଣ୍ଣ ପ୍ରାଣରେ କଳାପ୍ରତି ଆଗ୍ରହରେ ବାଧା ସୃଷ୍ଟି କରିଛି । କଳା ପ୍ରେମିକା ମଧୁଲିତା ଜରାଗ୍ରସ୍ତ ଦରିଦ୍ର ନାଟ୍ୟକାର ମନୋରଞ୍ଜନ ଓ ଅଭାବଗ୍ରସ୍ତ ପୁତ୍ର ପତ୍ନୀହରା ସାମୁଏଲକୁ ଅଭାବର ତାଡ଼ନାରୁ ରକ୍ଷା କରିବାକୁ ଯାଇ ବିକ୍ରୟ କରିଛି ନିଜର ରୂପକୁ, ଯେ ଯେଉଁ ଭାବରେ ତାକୁ ଚାହିଁଛି, ତାକୁ ସେହି ରୂପରେ ସେ ଧରାଦେଇଛି । କଳାର ପୂଜାରିଣୀ ଭାବେ ବାଛି ଦେଇଛି ନୀଳିମାକୁ ଓ ତାରି ମାଧ୍ୟମରେ କଳାର ପୂଜାରିଣୀ ହୋଇଛି ଓ ଶେଷରେ ମୃତ୍ୟୁବରଣ କରିଛି । ଏହା ହେଉଛି ଏକ କଳାକାରର ଦୟନୀୟ ଅବସ୍ଥା । ନାଟକର ପ୍ରତ୍ୟେକ ସ୍ତରରେ ଆଦର୍ଶ ଓ ବାସ୍ତବତାର ଜ୍ୱଳନ୍ତ ଚିତ୍ର ବିଦ୍ୟମାନ । ସମ୍ରାଟ ହେଉ ବା ସାଧାରଣ ବ୍ୟକ୍ତି ହେଉ, କଳାକାରର ଜୀବନ ଅଭିଶପ୍ତ, ଏହାହିଁ ଏହି ନାଟକରେ ନାଟ୍ୟକାର ପରିବେଷଣ କରିଛନ୍ତି ।

'ଜୀବନ' ହେଉଛି ଏକ ପାରିବାରିକ ନାଟକ । ସାମାଜିକ ଜୀବନରେ ଦେଖା ଦେଇଥିବା ଏକ ବାସ୍ତବ ଘଟଣାକୁ ନାଟ୍ୟକାର ଏହାର କଥାବସ୍ତୁ ରୂପେ ଗ୍ରହଣ କରିଛନ୍ତି । ବୃଦ୍ଧ ବିପତ୍ନୀକ ରଘୁନାଥଙ୍କ ବଡ଼ବୋହୂ ଉମା ବିଧବା, ବଡ଼ପୁଅ ସୁକାନ୍ତ ଆୟକର ବିଭାଗରେ ଅଫିସର । ସୁକାନ୍ତଙ୍କ ସ୍ତ୍ରୀ ନିରୁପମା ଆତ୍ମଗର୍ବୀ । ସେ ନଣନ୍ଦ ନନ୍ଦିତାଙ୍କୁ ଜଣେ ବୟସ୍କ ଡାକ୍ତରଙ୍କ ହାତରେ ସମର୍ପଣ କରିବାକୁ ଚାହୁଁଥିବା ବେଳେ ନିଜ ଭଉଣୀ ରୀନାକୁ ଜଣେ ସୁନ୍ଦର ଯୁବ ଡାକ୍ତରଙ୍କ ସହ ବିବାହ ଦେବାକୁ ଚାହେଁ । ଡ.ରାୟ ନନ୍ଦିତାକୁ ପସନ୍ଦ କରୁଥିବା ବେଳେ ତାଙ୍କ ପିତା ଯୌତୁକ ଲୋଭରେ ରୀନାକୁ ପସନ୍ଦ କରନ୍ତି । ରୀନା ବିବାହ ଲାଗି ସିଧା ମନେ କରିଦିଏ । ଏହି ସମୟରେ ନିରୁପମାଙ୍କ ପିତାଙ୍କ ଟ୍ରେଜେରୀ ଭାଙ୍ଗି କିଏ ଟଙ୍କା ସବୁ ନେଇଯାଏ । ସବୁଲୋକ ରମେଶକୁ ସନ୍ଦେହ କରନ୍ତି । ନିରୁଦ୍ଦିଷ୍ଟ ରମେଶକୁ ଖୋଜିବାରୁ ଜଣାଯାଏ ସେ ତା'ର ଭଉଣୀର ବାହାଘର ଲାଗି ଡ.ରାୟଙ୍କ ମାଧ୍ୟମରେ ନିଜ ଆଖି ଦୁଇଟିକୁ ବିକ୍ରି କରି ଦେଇଛି । ଏହି ଘଟଣାରେ ସମସ୍ତେ ଦୁଃଖିତ ହୋଇପଡ଼ିଥିବା ବେଳେ ନନ୍ଦିତା ଆତ୍ମହତ୍ୟା କରିଛି ଏବଂ ରମେଶ ପାଗଳ ହୋଇଯାଇଛି । ଏହି ମଧ୍ୟବିତ୍ତ ପରିବାରର ଜୀବନ ଯନ୍ତ୍ରଣା ଅତି ମାର୍ମିକ ଭାବରେ ଏହି ନାଟକରେ ରୂପାୟିତ କରାଯାଇଛି । ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ନାଟକରେ ଜଣେ ସାର୍ଥକ ସ୍ରଷ୍ଟା ଭାବେ ନାଟ୍ୟକାର କମଳଲୋଚନ ମହାନ୍ତି ପରିଚୟ ବହନ କରିଛନ୍ତି । ସମାଜ ଜୀବନର ବାସ୍ତବ ରୂପକୁ ଅନୁଧ୍ୟାନ କରି ସେ ବିଭିନ୍ନ ନାଟକ ପରିକଳ୍ପନା କରିଛନ୍ତି । ଯେଉଁ ନାଟକ ମାଧ୍ୟମରେ ଏକ ସୁସ୍ଥ ସାମାଜିକ ବାତାବରଣ ପ୍ରତିଷ୍ଠା କରିବା ପାଇଁ ଚେଷ୍ଟା କରାଯିବା ସଙ୍ଗେ ସଙ୍ଗେ ଚଳନ୍ତି ସମୟର ବିଭିନ୍ନ ସମସ୍ୟାର ସମାଧାନର ପନ୍ଥା ନିର୍ଦ୍ଧାରଣ କରାଯାଇଛି ।

ନାଟ୍ୟକାର କମଳଲୋଚନଙ୍କ ସମଗ୍ର ନାଟ୍ୟକୃତିକୁ ସୂକ୍ଷ୍ମ ଭାବରେ ଅନୁଧ୍ୟାନ କଲେ କେତୋଟି ନିଷ୍କର୍ଷ ସମ୍ମୁଖକୁ ଆସେ । ନାଟ୍ୟକାରଙ୍କ ନାଟକଗୁଡ଼ିକରେ ସ୍ୱାଧୀନୋତ୍ତର ଭାରତବର୍ଷର ଗଣତନ୍ତ୍ର ଶାସନରେ ରାଜନେତା ଓ ବ୍ୟୁରୋକ୍ରେଟମାନଙ୍କ ଅସାଧୁମେଣ୍ଟ, ସରକାରଙ୍କ ଦ୍ୱାରା କରାଯାଇଥିବା ଯୋଜନାର ବିଫଳତା, ସରକାରୀ ଯୋଜନାରୁ ଅର୍ଥ ଆତ୍ମସାତ କରୁଥିବା ଗାଁ ଟାଉଟରଙ୍କ ଉତ୍ପୀଡ଼ନ, ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀଙ୍କ ଦୁର୍ନୀତି ଦ୍ୱାରା ସାଧାରଣ ନାଗରିକଙ୍କ ଦୁର୍ଦ୍ଦଶା ସମ୍ପର୍କରେ ଦର୍ଶାଯାଇଥିବା ବେଳେ କେତୋଟି ପାରିବାରିକ ନାଟକରେ ପରିବାରର ଗତାନୁଗତିକ ସମସ୍ୟା, ବ୍ୟର୍ଥ ମାତୃତ୍ୱର କରୁଣା କାହାଣୀ, କୁଳରକ୍ଷା ପାଇଁ ପରିବାରର ବୟସ୍କଙ୍କ ଆକୁଳତା, ମଧ୍ୟବିତ୍ତ ପରିବାରର

ସମସ୍ୟା କଥା କୁହାଯାଇଛି । ବହୁ ନାଟକର ସ୍ରଷ୍ଟା ନାଟ୍ୟକାର କମଳଲୋଚନଙ୍କ ଆଭିମୁଖ୍ୟ ତଥା ପ୍ରତିପାଦ୍ୟ କଥାବସ୍ତୁର ବାର୍ତ୍ତା ପ୍ରାୟ ଏକ । ସମୟରେ ଚଳାଚଳ କରୁଥିବା ମଣିଷର ପ୍ରବୃତ୍ତି ଓ କ୍ଷୁଦ୍ର ମନସ୍ତତ୍ତ୍ୱଭିତ୍ତିକ କଥା ବଳିଷ୍ଠ ସଂଳାପ ମାଧ୍ୟମରେ ପ୍ରକାଶ କରିବା ନାଟ୍ୟକାରଙ୍କ ଲେଖନୀର ବୈଶିଷ୍ଟ୍ୟ । କମଳଲୋଚନଙ୍କର ନାଟକାବଳୀ ଅତି ମାତ୍ରାରେ ସମାଜ ସଚେତନ । ସଂସାରର ନିତିଦିନିଆ ସମସ୍ୟା ସବୁକୁ ନେଇ ଗଢ଼ିଉଠିଛି ତାଙ୍କ ନାଟକର କଥାବସ୍ତୁ । ସରଳ ଭାଷାର ଲାଳିତ୍ୟରେ ସେ ଅନେକ କ୍ଲିଷ୍ଟ ଓ ନୀରସ କଥାବସ୍ତୁକୁ ନେଇ ସରସ କରି ରଙ୍ଗମଞ୍ଚରେ ବାଢ଼ିପାରିଛନ୍ତି- ଏହା ଥିଲା ତାଙ୍କର ବିଶେଷତ୍ୱ । ବ୍ୟଙ୍ଗ ବିଦ୍ରୂପ ଓ ହାସ୍ୟରସାତ୍ମକ ସଂଳାପ ମାଧ୍ୟମରେ ସେ ଜନସାଧାରଣଙ୍କ ମଧ୍ୟରେ ସାମାଜିକ ଚେତନା ସୃଷ୍ଟି କରିବାକୁ ଚାହିଁଛନ୍ତି । ରଙ୍ଗମଂଚର ଚାହିଦା ପ୍ରତି ଦୃଷ୍ଟି ରଖି ସେ ତାହାଙ୍କ ନାଟକ ସମୂହରେ ଗୀତନୃତ୍ୟାଦିର ଅବତାରଣା କରିଥିଲେ ହେଁ ତାହାଙ୍କ ନାଟ୍ୟକଳାର ବାସ୍ତବବାଦୀ ଆଭିମୁଖ୍ୟ ସୁସ୍ପଷ୍ଟ । କହିବାକୁ ଗଲେ ନାଟକ ମାଧ୍ୟମରେ ସାମାଜିକ-ଚେତନା ସୃଷ୍ଟି ଏବଂ ମାନବିକ ମୂଲ୍ୟବୋଧର ପ୍ରତିଷ୍ଠା ଥିଲା ତାଙ୍କ ନାଟ୍ୟ-ଜୀବନର ମୂଳମନ୍ତ୍ର । ଓଡ଼ିଆ ନାଟ୍ୟ-ଶିଳ୍ପ ଓ ନାଟ୍ୟ-ସଂସ୍କୃତିକୁ ଋଦ୍ଧିମନ୍ତ କରିବା ଦିଗରେ ତାଙ୍କର ଅଗ୍ରଣୀ ଭୂମିକା ଥିଲା ଏକ ଉଚ୍ଚ ଆଦର୍ଶ ଏବଂ ନାଟ୍ୟ-ଜିଜ୍ଞାସା ଓ ମନୀଷାର କମଳଲୋଚନ ହେଉଛନ୍ତି ମୂର୍ତ୍ତିମନ୍ତ ପ୍ରତୀକ । ନାଟ୍ୟ ସାଧନାର କୀର୍ତ୍ତିମାନ ପ୍ରତିନିଧି ରୂପେ ଏକ ଅବିସ୍ମରଣୀୟ ପ୍ରତିଭା ।

ପ୍ରାନ୍ତଟିକା :

୧. କୁଅଁର, ଦୁର୍ଗାଚରଣ(ସଂ), କମଳଲୋଚନ ପରିକ୍ରମା, ଓଡ଼ିଶା ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ, (ଅନ୍ତର୍ଭୁକ୍ତ) ମୋ ଜୀବନ ମରୁର କେତେକ ପଦଚିହ୍ନ, କମଳଲୋଚନ ମହାନ୍ତି, ପୃ-୨୧୪ ।

୨. ସେହିଠାରେ, ପୃ- ୧୧୦ ।

୩. ମହାନ୍ତି, କମଳଲୋଚନ, କିରାଣୀ, ଦ୍ୱିତୀୟ ମୁଦ୍ରଣ, ଦାସ୍ ବ୍ରଦର୍ସ, ଏଡୁ କେଶନେଲ୍ ପବ୍ ଲିଶର୍ସ, କଟକ, କେତୋଟି କଥା ।

୪. ମହାନ୍ତି, କମଳଲୋଚନ, ସ୍ୱାମୀ ସ୍ତ୍ରୀ, ଓଡ଼ିଶା ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ, ପୃ-୬ ।

୫. କୁଅଁର, ଦୁର୍ଗାଚରଣ (ସଂ), କମଳଲୋଚନ ପରିକ୍ରମା, ଓଡ଼ିଶା ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ, (ଅନ୍ତର୍ଭୁକ୍ତ) ଡାକବଙ୍ଗଳା, ମାୟାଧର ମାନସିଂହ, ପୃ- ୩୩ ।

୬. ମହାନ୍ତି, କମଳଲୋଚନ, ଡାକବଙ୍ଗଳା, ଓଡ଼ିଶା ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ,ପୃ-୧ ।

୭. ଜେନା, ମୁରାରୀ ମୋହନ (ସଂ), କିଛି ଅର୍ଘ୍ୟ କିଛି ଅରଚନା, ଫ୍ରେଣ୍ଡସ୍ ପବ୍ଲିସର୍ସ, ବିନୋଦ ବିହାରୀ, କଟକ, (ଅନ୍ତର୍ଭୁକ୍ତ) ନାଟ୍ୟରଥୀ କମଳଲୋଚନ ଏକ ଦୃଷ୍ଟିପାତ, ବୈଷ୍ଣବ ଚରଣ ସାମଲ, ପୃ-୪ ।

୮. କୁଅଁର, ଦୁର୍ଗାଚରଣ (ସଂ), କମଳଲୋଚନ ପରିକ୍ରମା, ଓଡ଼ିଶା ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ, (ଅନ୍ତର୍ଭୁକ୍ତ) କମଳଲୋଚନଙ୍କ ନାଟ୍ୟସାହିତ୍ୟ ଏକ ଅଧ୍ୟୟନ, କୃଷ୍ଣଚନ୍ଦ୍ର ସୁଆର, ପୃ-୬୭ ।

କଳାଭୂଷଣ ଗବେଷିକା,
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

ISSN -2583-147X(P), **Vol.- 9, Issue No.II, May 2023**
Bastabatara Pariprakash Prachee
Peer Reviewed and Referred Research Journal

'ଆଗ୍ନେୟଗିରିରେ ବଣଭୋଜି' ଉପନ୍ୟାସରେ ଭ୍ରମଣ ପ୍ରସଙ୍ଗ

ପବିତ୍ର ଦାସ

ମାନବ ଜୀବନର ସମଗ୍ର ଜୀବନବୋଧର ବାସ୍ତବ ଓ କଳାତ୍ମକ ରୂପାୟନ ହେଉଛି ଉପନ୍ୟାସ । ଲେଖକୀୟ ଅଭିବ୍ୟକ୍ତି ପ୍ରକାଶର ଏହା ଏକ ବୃହତ୍ତମ କାନଭାସ୍ । କଳେବରଗତ ବିସ୍ତୃତି ଦୃଷ୍ଟିରୁ ଉଭୟ ଭାବ ଓ ଶୈଳୀରେ ବହୁ ପରୀକ୍ଷାନିରୀକ୍ଷା ଘଟିଛି ସାହିତ୍ୟର ଏହି ବୃହତ୍ତମ ବିଭାଗଟିରେ । ସେଥିମଧ୍ୟରୁ ଭ୍ରମଣ ଉପନ୍ୟାସ ଅନ୍ୟତମ । 'ଭ୍ରମଣ ଉପନ୍ୟାସ' କହିଲେ ସାଧାରଣତଃ ଭ୍ରମଣ ପ୍ରସଙ୍ଗ ଆଧାରିତ ଉପନ୍ୟାସକୁ ବୁଝାଇଥାଏ । ଅର୍ଥାତ୍ ଭ୍ରମଣକାରୀର ଭ୍ରମଣଜନିତ କୌତୂହଳକୁ ମାଧ୍ୟମ କରି ଭିନ୍ନ ଦେଶର, ଭିନ୍ନ ପରିବେଶର, ଭିନ୍ନ ପରଂପରା, ବେଶ ପୋଷାକ ଆଦିର ବର୍ଣ୍ଣନା ଚାଲିଥାଏ ତତ୍‌ସହିତ ଆନ୍ତଃ ପ୍ରବାହରେ ଉପନ୍ୟାସର କଥାବସ୍ତୁଟି ନିଜସ୍ୱ ଢଙ୍ଗରେ ବାହ୍ୟ ଦ୍ୱନ୍ଦ୍ୱ, ଆନ୍ତଃଦ୍ୱନ୍ଦ୍ୱ, ଉତ୍କଣ୍ଠା, ସଂଘାତ ଆଦିରେ କ୍ରମଃ ପରିଣତାଭିମୁଖୀ ହେଉଥାଏ । ଏହି ଧରଣର ଉପନ୍ୟାସରେ କାହାଣୀର ଗୁରୁତ୍ୱ ସହିତ ସ୍ଥାନ ବା ପରିବେଶର ଗୁରୁତ୍ୱ ମଧ୍ୟ ପରିଲକ୍ଷିତ ହୋଇଥାଏ । ତେଣୁ ପ୍ରତ୍ୟେକ ଭ୍ରମଣ ଉପନ୍ୟାସର କଥାବସ୍ତୁ ଭିନ୍ନଭିନ୍ନ ହେଲେହେଁ ଜଣେ ଭ୍ରମଣକାରୀର ଭ୍ରମଣ ବୃତ୍ତାନ୍ତ ପ୍ରତ୍ୟେକ କଥାବସ୍ତୁରେ ଆନ୍ତଃସାମ୍ୟ ତିଆରି କରେ । ଏହି ଭ୍ରମଣ ବୃତ୍ତାନ୍ତଜନିତ ଆନ୍ତଃସାମ୍ୟ ହିଁ ଅନ୍ୟ ଉପନ୍ୟାସର କଥା ସଂରଚନାଠାରୁ ଭ୍ରମଣ ଉପନ୍ୟାସର କଥା ସଂରଚନାକୁ ସ୍ୱତନ୍ତ୍ର କରିଥାଏ । ସେହି ଧରଣର ଏକ ଭ୍ରମଣ ଉପନ୍ୟାସ ହେଉଛି ବିଭୂତି ପଟ୍ଟନାୟକଙ୍କ 'ଆଗ୍ନେୟଗିରିରେ ବଣଭୋଜି' (୧୯୮୦) ।

ମାୟାବିନୀ 'ଗୋଆ'ର ଯାଦୁକରୀ ପ୍ରାକୃତିକ ସୌନ୍ଦର୍ଯ୍ୟର ପୃଷ୍ଠଭୂମିରେ ଏହି ଭ୍ରମଣ ଉପନ୍ୟାସଟି ରଚିତ । ଐଶ୍ୱର୍ଯ୍ୟର ଅଳକାପୁରୀ ଛାଡ଼ି ମୋକ୍ଷର ଅନ୍ୱେଷଣରେ ଇଣ୍ଡିଆ ଆସିଥିବା ଜଣେ ମାର୍କିନ୍ ତରୁଣୀ ଓ ଜଣେ ଭାରତୀୟ ପର୍ଯ୍ୟଟକର କାହାଣୀକୁ ନେଇ କଥାବସ୍ତୁଟି ଗତିଶୀଳ ।

ବମ୍ବେରୁ ଗୋଆ ଯାଉଥିବା ବସ୍‌ରେ ଔପନ୍ୟାସିକଙ୍କ ସହିତ ଯୋଡ଼ି ହୋଇଛନ୍ତି ବନ୍ଧୁ ପ୍ରଶାନ୍ତର ଭଉଣୀ ଲିପିକା ଆଉ ତାଙ୍କର ଛୋଟ ପୁଅ ଲର୍ଡ଼ ଏବଂ ଜଣେ ଶ୍ୱେତାଙ୍ଗିନୀ ହିପ୍‌ପିଣୀ । ହିପ୍‌ପିଣୀର ଘର ଲସ୍ ଏଞ୍ଜେଲସ୍‌ରେ । ସେଇ ହିପ୍‌ପିଣୀ ଜଣକ ଔପନ୍ୟାସିକଙ୍କଠାରୁ ମାଗିଥିବା ଚାଳିଶ ଟଙ୍କାରୁ ହିଁ ଆରମ୍ଭ ହୋଇଛି ଉପନ୍ୟାସ କାହାଣୀ । ପରବର୍ତ୍ତୀ ସମୟରେ ସେଇ ଚାଳିଶ ଟଙ୍କା ହିଁ ଲେଖକ ଓ ବିଦେଶିନୀ ହିପ୍‌ପିଣୀ ମଧ୍ୟରେ ସମ୍ପର୍କର ଯୋଗସୂତ୍ର ସ୍ଥାପନ କରିଛି । ସମ୍ପର୍କ ହୋଇଛି ଘନିଷ୍ଠ । ଉପନ୍ୟାସର ମୁଖ୍ୟ ଚରିତ୍ର ଜଣେ ହିପ୍‌ପିଣୀ ହୋଇଥିବା ଯୋଗୁଁ ହିପ୍‌ପି ସଂସ୍କୃତି କ'ଣ ସେ ସମ୍ପର୍କରେ ଅବଧାରଣା ରହିବା ନିତାନ୍ତ ଜରୁରୀ ।

ଇଉରୋପ, ଆମେରିକାରେ ସମାଜର ନିୟମ, ଶୃଙ୍ଖଳା ମାନୁ ନଥିବା ସମାଜ ବିଦ୍ରୋହୀ ଓ ବିଦ୍ରୋହିଣୀମାନଙ୍କୁ ହିପ୍‌ପି ଆଉ ହିପ୍‌ପିଣୀ ବୋଲି କୁହନ୍ତି । ଷାଠିଏ ଦଶକରେ ଯୁକ୍ତରାଷ୍ଟ୍ରରେ ଏକ ଯୁବ ଆନ୍ଦୋଳନ ଭାବରେ ହିପି ଉପ-ସଂସ୍କୃତି ଏହାର ବିକାଶ ଆରମ୍ଭ କରିଥିଲା ଏବଂ ପରେ ସାରା ବିଶ୍ୱରେ ବିକଶିତ ହୋଇଥିଲା । ଏହାର ଉତ୍ପତ୍ତି ୟୁରୋପୀୟ ସାମାଜିକ ଗତିବିଧିରେ ଉନବିଂଶ ଏବଂ ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଯେପରିକି ବୋହିମିଆନ୍, ପୂର୍ବ ଧର୍ମ ଏବଂ ଆଧ୍ୟାତ୍ମିକତାର ପ୍ରଭାବ ସହିତ ଚିହ୍ନିତ ହୋଇପାରେ ।

ଏହା ସିଧାସଳଖ ବିଟ୍ ଜେନେରେସନ୍ ଏବଂ ଭିଏତ୍‌ନାମ ଯୁଦ୍ଧରେ ଆମେରିକାର ଯୋଗଦାନ ଦ୍ୱାରା ପ୍ରଭାବିତ ଏବଂ ଅନୁପ୍ରାଣିତ । ପ୍ରାୟ ୧୯୬୭ରୁ ଏହାର ମୌଳିକତା - ପ୍ରକୃତି ସହିତ ସମନ୍ୱୟ, ସାମ୍ପ୍ରଦାୟିକ ଜୀବନଯାପନ, ବିଶେଷ ଭାବରେ ସଂଗୀତରେ କଳା, ପରୀକ୍ଷଣ, ଯୌନ ପରୀକ୍ଷଣ ଏବଂ ମନୋରଞ୍ଜନକାରୀ ଡ୍ରଗ୍‌ସ୍‌ର ବ୍ୟାପକ ବ୍ୟବହାର - ୧୯୬୦ ଦଶକର ପ୍ରତିବାଦ ସମୟରେ ସାରା ବିଶ୍ୱରେ ବ୍ୟାପିଗଲା, ଯାହା ସହିତ ଘନିଷ୍ଠ ହୋଇ ରହିଲା ଉପ-ସଂସ୍କୃତି । ହିପ୍‌ପି ଅହିଂସା ଏବଂ ପ୍ରେମକୁ ପ୍ରୋତ୍ସାହିତ କରିଥିଲେ । ତାଙ୍କର ଏକ ଲୋକପ୍ରିୟ ବାକ୍ୟ ହେଉଛି "ପ୍ରେମ କର, ଯୁଦ୍ଧ ନୁହେଁ " । ସେଇ ହିପ୍‌ପିଣୀର ଧାରଣା ଐଶ୍ୱର୍ଯ୍ୟର ମାୟା ତ୍ୟାଗ କରି ଜୀବନରେ ପ୍ରକୃତ ସୁଖର ଅନ୍ୱେଷଣରେ ଦିନେ ଗୌତମ ବୁଦ୍ଧ ରାଜପ୍ରସାଦ ଛାଡି ଚାଲିଯାଇଥିଲେ । ପୃଥିବୀର ସେ ହେଉଛନ୍ତି ପ୍ରଥମ ହିପ୍‌ପି । ଯିଶୁ, ଶ୍ରୀକୃଷ୍ଣ ମଧ୍ୟ ଜଣେ ଜଣେ ହିପ୍‌ପି । ସେଥିପାଇଁ ସେଇ ବିଦେଶିନୀ ଚାଲିଆସିଛି ଏ ଭାରତବର୍ଷକୁ ।

ପ୍ରାଚ୍ୟ ଭୂଖଣ୍ଡର ସାମ୍ରାଜ୍ଞୀ ଗୋଆ । ଦିନେ ଯେଉଁ ଅଞ୍ଚଳ ଥିଲା ଗୋଧନ ସମୃଦ୍ଧ ଗୋମନ୍ତକ; ଆଜି ତାହାରି ନାମ ଗୋଆ । ସେଇ ଗୋଆର ରାଜଧାନୀ ହେଉଛି ପାଞ୍ଜିମ୍ । ଗୋଆର ପ୍ରାକୃତିକ ସୌନ୍ଦର୍ଯ୍ୟରେ ଅଭିଭୂତ ହୋଇ ଲେଖକ ବର୍ଣ୍ଣନା କରିଛନ୍ତି, ଉତ୍ତରରେ ମହାରାଷ୍ଟ୍ର, ପୂର୍ବରେ କର୍ଣ୍ଣାଟକ ଆଉ ପଶ୍ଚିମ ଦିଗରେ ଆରବ ମହାସାଗର । ସହରର ବନ୍ଧ ଉପରେ ତିନୋଟି ସମାନ୍ତର ସରଳରେଖା ଭଳି ପୂର୍ବରୁ ପଶ୍ଚିମକୁ ଲମ୍ବିଯାଇଛି ଆରବ ସାଗରର ଜଳରେଖା । ପାହାଡ, ପର୍ବତ, ନଦନଦୀ ଆଉ ସମୁଦ୍ର- ବେଳାକୁ ନେଇ ଗଢ଼ି ଉଠିଛି ଏକଦା ଧୀବର ଅଧ୍ୟୁଷିତ ଅଞ୍ଚଳ ଆଧୁନିକ ଗୋଆ । ଏହାର ୧୦୦ କିଲୋମିଟର ଦୀର୍ଘ ବେଳାଭୂମି ତୀରେ ତୀରେ ଆମ୍ବ, ନଡିଆ, ତାଳ, ଡାଳଚିନି, କାଜୁବାଦାମ୍, ଆଉ ଅନାରସର ଧାଡ଼ି ଧାଡ଼ି ଗଛ । ପ୍ରାଚୀନ ଗିର୍ଜା, ମନ୍ଦିର-ମାଳିନୀ ଏଇ ଛୋଟ ରାଜ୍ୟ ପ୍ରକୃତିର ଅକୃତିମ ସ୍ନେହରେ ଲାବଣ୍ୟମୟୀ । ଗୋଆର ଇତିହାସ ସମ୍ପର୍କରେ ଔପନ୍ୟାସିକ ଖୁବ୍ ସୁନ୍ଦର ଭାବରେ ଆଲୋଚନା କରିଛନ୍ତି, ଗୋଆର ସୌନ୍ଦର୍ଯ୍ୟର ଲୋଭରେ ହିନ୍ଦୁ କଦମ୍ବବଂଶୀୟ ରାଜାଙ୍କଠାରୁ ଆରମ୍ଭ କରି ବାହମନି ସୁଲତାନ, ପୁଣି ଇଂରେଜ, ଡଚ୍, ଆଉ ପର୍ତ୍ତୁଗୀଜ୍ ବଣିକ ଝାମ୍ପ ଦେଇଛନ୍ତି ଗୋଆର ବୁକୁ ଉପରେ । ଶାସନ କରିଛନ୍ତି ଗୋଆବାସୀ ସରଳ ଜନସାଧାରଣଙ୍କୁ, ଶୋଷଣ କରିଛନ୍ତି ତା'ର ପ୍ରାକୃତିକ ସମ୍ପଦକୁ, ଦୀର୍ଘ ଚାରିଶହ ଏକାବନ ବର୍ଷ ବୈଦେଶିକ ଶାସନ ପରେ ୧୯୬୧ ମସିହା ଡିସେମ୍ବର ୧୯ ତାରିଖରେ ପର୍ତ୍ତୁଗୀଜ୍ ଶାସନାଧୀନ ଗୋଆ ସ୍ୱାଧୀନ ଭାରତ ସହିତ ମିଳିତ ହୋଇଛି । ଏଇ ସ୍ୱାଧୀନତା ଆଣିବା ପାଇଁ ପର୍ତ୍ତୁଗୀଜ୍ ସରକାରଙ୍କଠାରୁ ଭାରତୀୟମାନଙ୍କୁ ଲାଠି ମାଡ, ବନ୍ଧୁକର ଗୁଳିରେ ଆହତ ହେବାକୁ ପଡ଼ିଥିଲା । ଯେଉଁଥିରେ ଉପନ୍ୟାସର ନାୟକ ମଧ୍ୟ ଅଂଶ ଗ୍ରହଣ କରିଥିଲେ । ପର୍ତ୍ତୁଗୀଜ୍‌ମାନେ ଆରବ ବ୍ୟବସାୟୀମାନଙ୍କୁ ହଟାଇ ଭାରତବର୍ଷରେ ବ୍ୟବସାୟ କରିବାକୁ ଆସିଥିଲେ । ପରେ ଗୋଆର ମୁସଲମାନ ବାଦଶାହାଙ୍କୁ ହରାଇ ରାଜତ୍ୱ ଆରମ୍ଭ କଲେ । ଓଲ୍‌ଡ୍ ଗୋଆରେ ଥିବା ମନ୍ଦିର, ମସଜିଦ୍ ଭାଙ୍ଗି ଗଢ଼ି ଉଠିଲା ନୂତନ ଗୀର୍ଜା, କାଥେଡ୍ରାଲ୍, ଚାପେଲ୍ । ଛ ହଜାର ମୁସଲମାନମାନଙ୍କୁ ମସ୍‌ଜିଦ୍ ଭିତରେ ବନ୍ଦ ରଖି ନିଆଁ ଲଗେଇଦେଲେ । ପରେ ପରେ ସେଠାରେ ପ୍ଲେଗ୍ ମହାମାରୀ ବ୍ୟାପିବା ଯୋଗୁଁ ପର୍ତ୍ତୁଗୀଜ୍ ସରକାର ପ୍ରାଚୀନ ଗୋଆରୁ ଆଧୁନିକ ପାଞ୍ଜିମ୍ ସହରକୁ ଗୋଆର ରାଜଧାନୀ ଉଠାଇ ଆଣିଥିଲେ ।

ଫେନି ଗୋଆର ନିଜସ୍ୱ ମଦ- ଗୋଆର କଥିତ କୋଙ୍କଣୀ ଭାଷାରେ ଫେନି ବା ଫେଣ ଶବ୍ଦରୁ ଫେନି ଶବ୍ଦର ଉତ୍ପତ୍ତି । ଏଇ ଫେନାୟିତ ମଦ୍ୟ ପ୍ରତି ଆସକ୍ତି ପ୍ରତି ଗୋଆ ଅଧିବାସୀର ରକ୍ତରେ ମିଶି ରହିଛି । ଗୋଆନିଜ୍‌ମାନଙ୍କର L.S.D, Heroin ଭଳି ମାରାତ୍ମକ ନିଶା ଇଂଜେକ୍‌ସନ୍ ବ୍ୟବହାର କରୁଥିବାର ପ୍ରସଙ୍ଗ ସ୍ଥାନିତ । ଏଇ ମାରାତ୍ମକ ନିଶା ସେବନ ପାଇଁ ପରିବାର ମଧ୍ୟରେ ଝଗଡା ହୋଇ କିପରି ସଂପର୍କରେ ତିକ୍ତତା ସୃଷ୍ଟି ହୁଏ ତାହାର ଚିତ୍ର ମଧ୍ୟ ଲିପିକା ଓ ଡାକ୍ତର ଚୌଧୁରୀଙ୍କ ମଧ୍ୟରେ ଦେଖିବାକୁ ମିଳେ । ରାଜନୀତିର ଝଲକ୍ ମଧ୍ୟ ଦେଖିବାକୁ ମିଳେ । ସରକାରଙ୍କ ପର୍ଯ୍ୟଟନ ବିଭାଗ ଯେଉଁ ଦର୍ଶନୀୟ ସ୍ଥାନର ବିବରଣୀ ବହି, ପ୍ରଚାର ପତ୍ର ଛାପୁଛନ୍ତି ସେଥିରେ ଗ୍ରାମାଞ୍ଚଳରେ ଥିବା ଅନେକ ଦର୍ଶନୀୟ ସ୍ଥାନର ନାମ ନାହିଁ । ଏହାର କାରଣ ବିଭିନ୍ନ ଟ୍ରାଭେଲ୍ ଏଜେନ୍ସିମାନଙ୍କର କାରସାଦି । ଗ୍ରାମାଞ୍ଚଳକୁ ବସ୍, ମୋଟର କାର୍ ଯିବାର ସୁବିଧା ନଥିବାରୁ ଏଜେନ୍ସିମାନେ ସରକାରଙ୍କୁ ମୋଟା ଟଙ୍କା ଦେଇ ଗ୍ରାମାଞ୍ଚଳରେ ଥିବା ଦର୍ଶନୀୟ ସ୍ଥାନଗୁଡ଼ିକର ନାମ ରଖେଇ ନାହାଁନ୍ତି ।

କାଲାନ୍‌ଗୁଟେ ବିଚ୍ ହେଉଛି ବେଳାମାଳିନୀ ଗୋଆର ସବୁଠାରୁ ଲାବଣ୍ୟମୟୀ ବେଳାଭୂମି । କାଲାନ୍‌ଗୁଟେ ସମୁଦ୍ର ବେଳାର ଖୁବ୍ ଅଳ୍ପ ଦୂରରେ ଅଞ୍ଜନା । ଅଞ୍ଜନା ସମୁଦ୍ର କୂଳିଆ ଗ୍ରାମର ନାମ । ୟୁରୋପ୍, ଆମେରିକାର ସମାଜ-ବିଦ୍ରୋହୀ, କିଶୋର-କିଶୋରୀ, ତରୁଣ-ତରୁଣୀମାନଙ୍କ ଗ୍ରାମ୍ୟ ଉପନିବେଶ । ଏଠାରେ ହୋଟେଲ୍, ଟୁରିଷ୍ଟ କଟେଜ୍ ଅଳ୍ପ ଟଙ୍କାରେ ମିଳିଯାଏ । ହିପ୍‌ପି, ହିପ୍‌ପିଣୀମାନଙ୍କ ଆଗମନ ଯୋଗୁଁ ସମୁଦ୍ରକୁ ଜାଲ ନେଇ ମାଛ ଧରିବାକୁ ଯାଉଥିବା ଧୀବର, କ୍ଷେତକୁ ଯାଉଥିବା କୃଷକ ନିଜର କୌଳିକ ବ୍ୟବସାୟ ଛାଡ଼ିଦେଇ ଦୋକାନ ଖୋଲି ବସିଲେ । ଚୋରା ନିଶା ବଟିକା, ଫେ’ନି ମଦର କାରବାର ମଧ୍ୟ ଗଢି ଉଠିଲା । ଅଞ୍ଜନାର ଗ୍ରାମୀଣ ସଂସ୍କୃତିରେ ଅନୁପ୍ରବେଶ କଲା ସହରୀ ସଭ୍ୟତାର କୃତ୍ରିମତା, ଜଟିଳତା । ପରେ ବିଦେଶିନୀମାନଙ୍କ ନଗ୍ନତାକୁ ବିରୋଧ କରି ଗ୍ରାମର ଲୋକମାନେ ପ୍ରବେଶ ପଥରେ ଲଗେଇଲେ ନୂତନ ସାଇନ୍ ବୋର୍ଡ଼ । ‘NUDISIM PROHIBITED’ ନଗ୍ନତା ନିଷେଧ । ହିପ୍‌ପିମାନେ ଗୋଆକୁ ବହୁ ସଂଖ୍ୟାରେ ଆସିବା ପରେ ଗୋଆର ପର୍ତ୍ତୁଗୀଜ୍ ପ୍ରଭାବିତ ସଂସ୍କୃତିରେ ବେଶି ଅଦଳବଦଳ ହେଉ କି ନହେଉ ଅର୍ଥନୀତିରେ ପରିବର୍ତ୍ତନ ଦେଖାଦେଇଥିଲା ।

ବିଦେଶୀମାନଙ୍କର ଭାରତୀୟ ଆଧ୍ୟାତ୍ମିକତା ପ୍ରତି ଗଭୀର ସମ୍ମାନ ଦେଖିବାକୁ ମିଳିଛି । ୟୁରୋପ, ଆମେରିକାର ସମାଜ-ବିଦ୍ରୋହୀ ଓ ବିଦ୍ରୋହୀମାନେ ଭାରତ ଆସି ଭାରତୀୟ ସଂସ୍କୃତିକୁ ଆପଣେଇ ହରେକୃଷ୍ଣ ହରେରାମ ସଂକୀର୍ତ୍ତନରେ ମଜ୍ଜି ଯାଇଛନ୍ତି । ଗେରୁଆ ରଙ୍ଗର ଆଣ୍ଠୁଲୁଚା ଲୁଗା, ଛାତି ମୁଣ୍ଡରେ ତିଳକ ଚିତା, ରୁଦ୍ରାକ୍ଷମାଳ ସାଙ୍ଗକୁ ମୃଦଙ୍ଗ ବଜାରେ ତଲ୍ଲୀନ ହୋଇଯାଇଛନ୍ତି । ଏ ଦୃଶ୍ୟ ଦେଖି ଔପନ୍ୟାସିକ ବିମୋହିତ ହୋଇଛନ୍ତି ଏବଂ ଦୁଃଖ ପ୍ରକାଶ କରି କୁହନ୍ତି- “ପାଶ୍ଚାତ୍ୟ ଶିକ୍ଷା ସଭ୍ୟତାର ବିସ୍ତାର ଫଳରେ ଭାରତୀୟମାନଙ୍କ ମନରୁ ଏହି ଧର୍ମଭାବନା କ୍ରମଶଃ ଲୋପ ପାଇ ଯିବାକୁ ବସିଥିବାବେଳେ ପାଶ୍ଚାତ୍ୟ ଦେଶର ଏହି ସମାଜ-ବିଦ୍ରୋହୀମାନେ ସେହି ଆଧ୍ୟାତ୍ମିକ ଚିନ୍ତାକୁ ଆଉଥରେ ଜୀବନ୍ୟାସ ଦେଉଛନ୍ତି ।”(ଆଗ୍ନେୟଗିରିରେ ବଣଭୋଜି, ପୃ- ୩୨୧) ଡ୍ରଗ୍‌ସ, ସେକ୍‌ସ୍, ଆଡ଼ଭେଞ୍ଚର୍ ଛାଡ଼ି ମୋକ୍ଷପ୍ରାପ୍ତିର ସନ୍ଧାନରେ ଆସିଥିବା ବିଦେଶିନୀ ଶେଷରେ ଦୈହିକ ସମ୍ଭୋଗ, କୃତ୍ରିମ ନିଶାର ଲୌକିକ ସ୍ତର ଅତିକ୍ରମ କରି ଏକ ଅଲୌକିକ ଜଗତରେ ପ୍ରବେଶ କରିଛି । ସେ ବୁଝିପାରିଛି ଯେ ଚିଲମର ନଳୀ ତା ପାଇଁ ସୁଖ ଓ ଶାନ୍ତିର ଉତ୍ସ ନୁହେଁ ବୋଲି । ବରଂ ଆଧ୍ୟାତ୍ମିକତାର ବାଟ ଦେଇଗଲେ ଜୀବନରେ ସୁଖ ଓ ଶାନ୍ତି ମିଳିପାରିବ ।

ଉପନ୍ୟାସର ନାୟକ ନିଜେ ଔପନ୍ୟାସିକ । ସେ ଜଣେ ଭ୍ରମଣ ବିଳାସୀ ମଣିଷ । ସେ କୁହନ୍ତି- “ମନ ମୋର ଯାଯାବର । କ୍ୟାଲେଣ୍ଡରରେ ଲମ୍ବା ଛୁଟିର ଚିହ୍ନ ଦେଖିବା ମାତ୍ରେ ମନ ଘର ଛାଡ଼ି ପରିବ୍ରାଜକ । ହାତଠାରି ଡାକେ କେଉଁ ଦୂର ପାହାଡ଼, ନୀଳ ସମୁଦ୍ର, ଡାକ ଦେଇଯାଏ କେଉଁ ଗହନ ଅରଣ୍ୟ, ଦୂର ଜନପଦ । ଦୃଷ୍ଟି ତୃଷାର୍ତ୍ତ ହୋଇଯାଏ, ହୃଦୟ ଅସ୍ଥିର । ମନ ଭିତରେ ଥିବା ଏଇ ଅସ୍ଥିର, ଉଦାସୀ, ଭ୍ରମଣ ବିଳାସୀ, ଭ୍ରମଣ ଯାଯାବର ମତେ ବାଟ କଢ଼ାଇ ନିଏ । କେବେ ଡାକେ ଡାଲ୍ ହ୍ରଦର ଚିତ୍ରିତ ଶିକାରୀ, ଆଉ କେବେ ବନାରସର ମଣି-କର୍ଣ୍ଣିକା ଘାଟ; ଚିତା ଯେଉଁଠି ଅନିର୍ବାଣ ଆଉ କେବେ ହାତ ଠାରି ଡାକେ କାଞ୍ଚନଜଙ୍ଘାର ବର୍ଣ୍ଣିଳ ସୂର୍ଯ୍ୟୋଦୟ; ଆଉ କେବେ କନ୍ୟାକୁମାରୀର ବିବେକାନନ୍ଦ ମେମୋରିଆଲ୍ ରକ୍ ।”(ଆଗ୍ନେୟଗିରିରେ ବଣଭୋଜି, ପୃ- ୨୩୭) ଉପନ୍ୟାସର ନାୟିକା ମାର୍କିନ୍ ତରୁଣୀ ମରଲିନ୍‌ଙ୍କ ଟ୍ରାଜିକ୍ ଡେଥ୍, ଭିଏତନାମ୍ ଯୁଦ୍ଧରେ ହରେଇଥିବା ସୈନିକ- ପ୍ରେମିକ, ହ୍ୱାଇଟ୍ ହାଉସ୍‌ର ଆତ ପ୍ରବଞ୍ଚନାମୂଳକ ରାଜନୀତି, ନିଉୟର୍କ ସହର ଟାଇମ୍ ସ୍କୋୟାର୍‌ର ସେକ୍ସ ମାର୍କେଟ ତା’ର ଆତ୍ମବିଶ୍ୱାସର ମୂଳଚେରକୁ ଦୋହଲାଇ ଦେଇଛି ଏବଂ ଲସଏଞ୍ଜେଲସ୍‌ର ସଜ୍ଜିତ -ସଂସାର ଛାଡ଼ି ଜଣେ ହିପ୍‌ପିଣୀ ହେବା ପାଇଁ ବାଧ୍ୟ କରେଇଛି । ମାର୍କିନ୍ ହିପ୍‌ପିଣୀ ଜଣକ ବମ୍ବେରେ ଆର୍ଥିକ ସମ୍ବଳ ଅଭାବରୁ ଇଣ୍ଡିଆରେ ଦୁଃସ୍ଥ ହୋଇପଡ଼ିଥିବା ଆମେରିକାନ୍‌ମାନଙ୍କ ପାଇଁ ଖୋଲିଥିବା ସାଲଭେସନ୍ ଆର୍ମିର ଦ୍ୱାରସ୍ଥ ନ ହୋଇ, ଦୟା ଆଉ ଦାନ ନନେଇ ଇଣ୍ଡିଆରେ ନିଜର ଖର୍ଚ୍ଚ ଯୋଗାଡ଼ କରିବା ପାଇଁ କିଣ୍ଡାରଗାର୍ଟେନ୍ ସ୍କୁଲର ମାଷ୍ଟ୍ରାଣୀ ହୋଇଛି, ନିଶାଗ୍ରସ୍ତ ହୋଇ ରହୁଥିଲେ ମଧ୍ୟ ତା ପାଟିରୁ ସବୁବେଳେ ଶୁଭେ ମେକ୍ ଲଭ୍ ନୋ ୱାର୍ । ଲିପିକା (ମନସ୍ତତ୍ତ୍ୱ ବି.ଏ ଅନର୍ସ), ସେଇଠାରେ ହିଁ ଆରମ୍ଭ ହୋଇଛି ଏକଦା ଲେଖକଙ୍କ ସହିତ ପଢିଥିବା ଲିପିକାର ବିବାହ ପ୍ରସ୍ତାବ କଥା । ଲିପିକା କିପରି ମନେମନେ ଲେଖକଙ୍କୁ ପସନ୍ଦ କରୁଥିଲେ । ଆଉ ଲେଖକ ଲିପିକାର

ଭାଇ ପ୍ରଶାନ୍ତ ଆଗରେ ବିବାହ ପ୍ରସ୍ତାବକୁ ଅଗ୍ରାହ୍ୟ କରିବାରୁ ଲିପିକାର ମନ କେତେ ଦୁଃଖ ଥିଲା ସେକଥା କହିଛନ୍ତି ଲେଖକଙ୍କର ଆଗରେ । ଲିପିକା ଲେଖକଙ୍କର ପୁସ୍ତକର ଜଣେ ମନମୁଗ୍ଧକର ପାଠିକା । ଅନ୍ୟାନ୍ୟ ଚରିତ୍ରଗୁଡ଼ିକ ମଧ୍ୟରେ ଲିପିକାର ଭାଇ ପ୍ରଶାନ୍ତ(ବ୍ୟାଙ୍କ୍ ଚାକିରି), ପ୍ରଶାନ୍ତର ସ୍ତ୍ରୀ ମୀନା(ଗୃହିଣୀ), ଲିପିକାର ଚାରି ବର୍ଷର ପୁଅ ଲର୍ଡ । ଲିପିକାର ସ୍ୱାମୀ ଜଣେ ଆର୍ମି ଡାକ୍ତର, ଏବଂ ଫର୍ଣ୍ଣାଡିଜ୍ କ୍ଲିନିକ୍‌ର ଡାକ୍ତର ମଧ୍ୟ । ଆହତ ସୈନ୍ୟମାନଙ୍କର ସେବା କରିବା ସହିତ ହିପ୍‌ପି ଓ ହିପ୍‌ପିଣିମାନଙ୍କୁ ନିଶା ଇଞ୍ଜେକସନ୍ ଦେଇ ଟଙ୍କା ରୋଜଗାର କରେ । ପଲ୍ କାଲିଫର୍ଣ୍ଣିଆର ଯୁବକ, ପଲ୍‌ର ସ୍ତ୍ରୀ ରାଧା । ମେରିଓ ଡା ସିଲଭା ଗୋଆର ଜଣେ ମଟୋର ସାଇକେଲ୍ ଚଢାଳୀ ଟୁର୍ ଗାଇଡ୍ । ଔପନ୍ୟାସିକ ଉପନ୍ୟାସର ଚରିତ୍ରମାନେ ଶିକ୍ଷିତ ଯୋଗୁଁ ଦାର୍ଶନିକର କଥା କହିଛନ୍ତି । ଯାହା ଜଣେ ସାଧାରଣ ଲୋକଙ୍କ କ୍ଷେତ୍ରରେ ଦେଖାଯାଏ ନାହିଁ ।

ଭ୍ରମଣ ଉପନ୍ୟାସରେ କଥାବସ୍ତୁ, ଚରିତ୍ର ଓ ପରିବେଶକୁ ଭାଷା ହିଁ ଜୀବନ୍ତ କରିଥାଏ । ଔପନ୍ୟାସିକ ଭ୍ରମଣ ଉପନ୍ୟାସରେ ବିଭିନ୍ନ ସ୍ଥାନର ବର୍ଣ୍ଣନା କରିବା ସମୟରେ ସେହି ସେହି ସ୍ଥାନ ମାନଙ୍କରେ ଲୋକମାନଙ୍କ ଦ୍ୱାରା ବ୍ୟବହୃତ ହେଉଥିବା ଭାଷାର ପ୍ରୟୋଗ କରି ଥାଆନ୍ତି । ପାତ୍ରୋପଯୋଗୀ ସଂଳାପ ଓ ଓଡ଼ିଆ ଭାଷା ସହିତ ଇଂରାଜୀର ଭାଷାର ବ୍ୟବହାର ଦେଖିବାକୁ ମିଳେ । କେତେକ ସ୍ଥାନରେ ଓଡ଼ିଆ, ଇଂରାଜୀ ଏବଂ ହିନ୍ଦୀମିଶା ଶବ୍ଦର ବ୍ୟବହାର ଅଞ୍ଜନା ଗ୍ରାମର ଲୋକ ଏବଂ ହିପ୍‌ପିମାନଙ୍କ ମଧ୍ୟରେ ହୋଇଥିବା କଥୋପକଥନରୁ ଦେଖିବାକୁ ମିଳେ । "ଅଞ୍ଜନା ଗ୍ରାମର ଲୋକ ପ୍ରଶ୍ନ କରିଥିଲେ- କ୍ୟା ଜରୁରତ୍ ସାହେବ୍ ! ହିପ୍‌ପିଣୀମାନଙ୍କ ଉତ୍ତର ଥିଲା- ରହିବା ପାଇଁ ଘର, a room under the sun. ଠହରନେ କେ ଲିୟେ ମକାନ୍ ।"(ଆଗ୍ନେୟଗିରିରେ ବଣଭୋଜି, ପୃ-୩୧୪-୩୧୫)ଏତଦ୍‌ବ୍ୟତୀତ ତତ୍ସମ ଶବ୍ଦ, ଯୁଗ୍ମ ଶବ୍ଦ, ଆରବିକ ଶବ୍ଦର ବ୍ୟବହାର ମଧ୍ୟ ଦେଖିବାକୁ ମିଳେ ।

ପ୍ରାୟତଃ ଭ୍ରମଣ ଉପନ୍ୟାସ ଆତ୍ମକଥନ ଶୈଳୀରେ ଲିଖିତ । ଏହି ଉପନ୍ୟାସଟି ମଧ୍ୟ ପ୍ରଥମ ପୁରୁଷୀୟ ଶୈଳୀରେ ଲେଖାଯାଇଛି । ଔପନ୍ୟାସିକ ନିଜର ଆବେଗ, ଅନୁଭୂତିକୁ ଭ୍ରମଣ ଉପନ୍ୟାସରେ ମୁଖ୍ୟ ନାୟକ ରୂପେ ବିବେଚିତ କରିଥାନ୍ତି । ତେଣୁ ଏହି ଧରଣର ଉପନ୍ୟାସଗୁଡିକରେ 'ମୁଁ', 'ମୋର', 'ମତେ', ପରି ସର୍ବନାମ ପଦର ବ୍ୟବହାର ଔପନ୍ୟାସିକ କରିଛନ୍ତି । ଏଥିରେ କାହାଣୀ, ଚରିତ୍ରକୁ ଜୀବନ୍ତ ଓ ପରିବେଶକୁ ବାସ୍ତବ କରିବା ପାଇଁ ବର୍ଣ୍ଣନାତ୍ମକ ଶୈଳୀ ଏବଂ ଫ୍ଲାସବ୍ୟାକ୍ ଶୈଳୀର ବ୍ୟବହାର ମଧ୍ୟ କରିଛନ୍ତି ।

ଏହି ଉପନ୍ୟାସରେ ଔପନ୍ୟାସିକ ଗୋଆର ଇତିହାସ, ସମାଜ, ସଂସ୍କୃତି, ଲୋକକଥା, କିମ୍ବଦନ୍ତୀ, ପ୍ରାକୃତିକ ସୌନ୍ଦର୍ଯ୍ୟ ଆଦିକୁ ଖୁବ୍ ସୁନ୍ଦର ଭାବରେ ଉପସ୍ଥାପନ କରିଛନ୍ତି । ଯାହାକୁ ପାଠ କରି ଜଣେ ପାଠକ ଆରମ୍ଭରୁ ଶେଷଯାଏଁ ବାନ୍ଧି ହୋଇ ରହିବା ସହିତ ଉଭୟ ଭ୍ରମଣ ଓ ଉପନ୍ୟାସର ସ୍ୱାଦ ମଧ୍ୟ ପାଇଥାଏ । ତେଣୁ ଏହି ଉପନ୍ୟାସଟିକୁ ବିଭୂତି ପଟ୍ଟନାୟକଙ୍କର ଏକ ସଫଳ ଭ୍ରମଣ ଉପନ୍ୟାସ ବୋଲି କହିପାରିବା ।

ଗବେଷକ,
ଓଡ଼ିଆ ବିଭାଗ,
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ-୩

RNI No. : ODIODI/2015/64435 • P.R. No. : CK(C)/96/2022-2024 • www.pracheenews.com

ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡ଼ଃ. ବିଭୁଦତ୍ତ ଖଣ୍ଡାୟତରାୟ